# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଜୁଲାଇ ୨ /୨୦୧୯ (୧୬ ପୃଷ୍ଠା) Rayagada, Tuesday, July 2 / 2019 ★

୯ମ ଭାଗ ୧୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଆକ୍ସନ ପାଇଁ ପ୍ରସିଦ୍ଧି ପାଇଛି**

ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଥିବା କହିଛନ୍ତି ବଲିଉଡ ଅଭିନେତା ଅକ୍ଷୟ କୁମାର। ୦୨

୧୫

**ଭାରତୀୟ ଦଳରେ ମୟଙ୍କ**

ଆଘାତଜନିତ ସମସ୍ୟା ଲାଗି ଚଳିତ ଆଇସିସି ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ବିଜୟ ଶଙ୍କରଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।



# ଅପରେଶନ ପାଇଁ ଡିସେମ୍ବର ଯାଏ ଅପେକ୍ଷା

ନିର୍ମଳ ପଣ୍ଡା

କଟକ ଅଫିସ,୧ ।୭

**ବଦଳିପାରୁନି କଟକ ଶିଶୁଭବନର ଦୁଃସ୍ଥିତି**

- ଦିନକୁ ୫ରୁ ଅଧିକ ଶିଶୁଙ୍କ ମୃତ୍ୟୁ
- ୨ବର୍ଷ ଧରି ଜରୁରିକାଳୀନ ଓଟି ବନ୍ଦ
- ୬ବର୍ଷ ହେଲା ଆସିନି ନୂଆ ଯନ୍ତ୍ରପାତି




୨୦୧୫ ଅଗଷ୍ଟ ଶେଷ ସପ୍ତାହରେ କଟକ ଶିଶୁଭବନ ଜାତୀୟ ଗଣମାଧ୍ୟମର ଆକର୍ଷଣରେ ରହିଥିଲା। କାରଣ ଗୋଟିଏ ସପ୍ତାହରେ ଏହି ପ୍ରିମିୟର ସ୍ୱାସ୍ଥ୍ୟାନୁଷ୍ଠାନରେ ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ତତ୍କାଳୀନ ଶିଶୁଭବନ ଅଧୀକ୍ଷକ, ପ୍ରଶାସନିକ ଅଧିକାରୀ ଓ କେତେଜଣ ଡାକ୍ତରଙ୍କୁ ବଦଳି କରାଯାଇଥିଲା। ହସ୍ପିଟାଲର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ସହାୟତା ମାଗିଲେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେତେବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଶିଶୁଭବନ ଶିଶୁମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୪ବର୍ଷ ବିତିଛି। ହେଲେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିନାହିଁ। ପୂର୍ବଭଳି ଶିଶୁ ମୃତ୍ୟୁହାର ଅପରିବର୍ତ୍ତିତ ରହିଥିବା ବେଳେ ରୋଗୀମାନେ ଚିକିତ୍ସା ପାଇବା ପାଇଁ ହୀନସ୍ତା ହେଉଛନ୍ତି।

୪୧୬ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲର ଆଉଟ୍‌ଡୋରକୁ ଦୈନିକ ୪୫୦ରୁ ୫୦୦ ରୋଗୀ ଆସୁଥିବା ବେଳେ ଇନ୍‌ଡୋରରେ ୬୦ରୁ ୭୦ ରୋଗୀ ଭର୍ତ୍ତି ହେଉଛନ୍ତି। ବର୍ଷକୁ ଏଠାରେ ପ୍ରାୟ ୧୫୦୦ ଅପରେଶନ କରାଯାଉଥିବାବେଳେ ସେଥିରୁ ୪୦୦ ନବଜାତ ଶିଶୁ ରହିଛନ୍ତି। କିନ୍ତୁ ହସ୍ପିଟାଲର ଜରୁରିକାଳୀନ ଓଟି ୨ବର୍ଷ ହେବ ବନ୍ଦ ରହିଛି। ଓଟି ବନ୍ଦ ରହିବା ପଛର କାରଣ ହେଉଛି ଯନ୍ତ୍ରପାତି ଓ ନିଶ୍ଚେତକ ଡାକ୍ତରଙ୍କ ଅଭାବ। ୬ବର୍ଷ ହେଲା ମେଡିକାଲ ପକ୍ଷରୁ ଯନ୍ତ୍ରପାତି ପାଇଁ ସରକାରଙ୍କୁ ବାରମ୍ବାର ତାଲିକା ଦିଆଯାଉଥିବା ବେଳେ ତାହା ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍ଏମ୍‌ସିଏଲ୍)ରେ ପଡ଼ି ରହିଥିବା ଶିଶୁଭବନର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି। ଏଭଳି ସ୍ଥିତିରେ କଳଙ୍କି ଲଗା ପୁରୁଣା ଯନ୍ତ୍ରପାତିରେ ଅପରେଶନ କରାଯାଉଥିବା ସମ୍ପୃକ୍ତ ଡାକ୍ତର ଜଣକ କହିଛନ୍ତି। ମୁଖ୍ୟତଃ ଜରୁରିକାଳୀନ ଓଟି ବନ୍ଦ ରହିଥିବାରୁ ଗୋଟିଏ ଓଟି ଉପରେ ସମସ୍ତ ରୋଗୀଙ୍କୁ ନିର୍ଭର କରିବାକୁ ପଡୁଛି। ଫଳରେ ଅପରେଶନ ପାଇଁ ରୋଗୀଙ୍କୁ ଅପେକ୍ଷା କରିବାକୁ କୁହାଯାଇ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ସମୟ ଦିଆଯାଇଥିବା ଜଣାପଡ଼ିଛି।

ଶିଶୁଭବନ ଭିତ୍ତିଭୂମିକୁ ନେଇ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏଠାରେ ଶିଶୁ ମୃତ୍ୟୁହାରରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ଆସିନାହିଁ। ୨୦୧୭ରେ ଶିଶୁଭବନରେ ୨୦୫୪ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୧୮ରେ ୨୧୩୧ ଓ ୨୦୧୯ ମେ ସୁଦ୍ଧା ୮୬୬ଜଣଙ୍କ ପ୍ରାଣହାନି ହୋଇଛି। ଏହି ହାରରେ ଦେଖିଲେ ମାସକୁ ୧୭୭ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟୁଥିବାବେଳେ ଦିନକୁ ମୃତ୍ୟୁହାର ୫ରୁ ଅଧିକ ରହୁଛି। ୨୦୧୫ ଅଗଷ୍ଟ ୨୯ରେ ଶିଶୁଭବନରେ ୨୪ଘଣ୍ଟାରେ ୧୦ଜଣ ଶିଶୁଙ୍କ ମୃତ୍ୟୁକୁ ନେଇ ତୁମ୍ୱିତୋଫାନ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ବି ଗୋଟିଏ ଦିନରେ ୧୦ଜଣ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଦେଖାଯାଇଛି। ଉଦାହରଣ ଭାବେ ଗତ ଜୁନ ୩ରେ ଶିଶୁଭବନରେ ୧୦ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଭିନ୍ନ ସଂକ୍ରାମକ ରୋଗ ଯୋଗୁ ବର୍ଷର ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଶିଶୁ ମୃତ୍ୟୁହାର ଅଧିକ ରହେ। ୨୦୧୭ ଜୁଲାଇରେ ଶିଶୁଭବନରେ ୧୯୬ ରେଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଗଷ୍ଟରେ ୧୯୫, ସେପ୍ଟେମ୍ବରରେ ୧୯୬, ଅକ୍ଟୋବରରେ ୧୯୦ଜଣଙ୍କ ପ୍ରାଣହାନି ହୋଇଥିଲା। ସେହିପରି ୨୦୧୮ ଜୁଲାଇରେ ୧୭୯, ଅଗଷ୍ଟରେ ୨୨୫, ସେପ୍ଟେମ୍ବରରେ ୨୨୪ ଓ ଅକ୍ଟୋବରରେ ୧୯୮ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇବର୍ଷକୁ ତୁଳନା କଲେ ଶିଶୁମୃତ୍ୟୁ ବୃଦ୍ଧି ପାଉଛି। ଚଳିତବର୍ଷ ଏହି ସଂକ୍ରାମକ ସମୟ ଆରମ୍ଭ ହୋଇଯାଇଥିବାବେଳେ ଶିଶୁଭବନର ଦୁର୍ବଳ ସ୍ଥିତିକୁ ନେଇ ଚିନ୍ତା ଘାରିଛି।

ଭିତ୍ତିଭୂମି ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ପଚରାଯିବାରୁ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କୁହନ୍ତି, ୧୧୭ କୋଟି ଟଙ୍କା ବ୍ୟୟରେ ଶିଶୁଭବନ ପରିସରରେ ୭ମହଲା କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଅନେକ ସମସ୍ୟାର ସମାଧାନ ହୋଇଯିବ। ଏହାବାଦ୍ ନିଶ୍ଚେତକ ଡାକ୍ତର ଅଭାବ ଯୋଗୁ ଜରୁରିକାଳୀନ ଓଟି ବନ୍ଦ ରହୁଥିବା ଡାକ୍ତର ଶତପଥୀ ସ୍ୱୀକାର କରିଥିଲେ।

### ଶିଶୁଙ୍କୁ ବିଷ ଦେଇ ମା'ଙ୍କ ଆତ୍ମହତ୍ୟା ଘଟଣା

# ବାଚସ୍ପତିଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧।୭(ବ୍ୟୁରୋ)

- ଭୋକର ଭୂଗୋଳ ମାଲକାନଗିରି
- ବିଧାନସଭାରେ ସରକାରଙ୍କୁ ଘେରିଲେ ବିରୋଧୀ

ରାଜ୍ୟରେ କେହି ଗରିବ ରହିବେ ନାହିଁ। ଭୋକ ଉପାସରେ କାହାରିକୁ ମରିବାକୁ ଦିଆଯିବନାହିଁ। ଏମିତି ଅନେକ ପ୍ରତିଶ୍ରୁତି ଦିଆଯାଉଛି। ଯୋଜନା ପରେ ଯୋଜନା କରାଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଏହାସତ୍ତ୍ୱେ ମାଲକାନଗିରି ଜିଲା ପାଲଟିଛି ଭୋକର ଭୂଗୋଳ। ଏବେ ବି ଏହି ଜିଲାର ଅନେକେ ଅଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି କି ଦାରିଦ୍ର୍ୟର କଷାଘାତରେ ଗରିବ ଆଦିବାସୀ ମା' ନିଜ ଶିଶୁକୁ ବିଷ ଦେଇ ହତ୍ୟା କରିବାକୁ ପଛାଉନାହାନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ। ଜଣେ ଆଦିବାସୀ ମହିଳା ନିଜ ପିଲାଙ୍କ ମୁହଁରେ ମୁଠେ ଆହାର ଦେଇ ନ ପାରି ରବିବାର ବିଷ ପିଆଇ ଦେଇଥିଲେ। ଏହା ପରେ ନିଜେ ବିଷ ପାଇ ଆତ୍ମହତ୍ୟା କରିଥିଲେ। ସୌଭାଗ୍ୟବଶତଃ ୨ ଶିଶୁ ବଞ୍ଚି ଯାଇଛନ୍ତି। ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଉଭୟେ ଚିକିତ୍ସାଧୀନ ଅଛନ୍ତି ଓ ସେମାନେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ତେବେ ଭୋକରେ ଆଉଟୁପାଉଟୁ ହେଉଥିବା ପରିବାରଙ୍କ କରୁଣ କାହାଣୀ ରାଜ୍ୟ ପାଇଁ ଲଜ୍ଜା ଆଣିଦେଇଛି। ଏହାକୁ ନେଇ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ପରିସ୍ଥିତିକୁ ଦେଖି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ମାଲକାନଗିରି ଜିଲାପାଳଙ୍କ ସହ କଥା ହୋଇ ତଦନ୍ତ ପାଇଁ ବାଚସ୍ପତି ରାଜସ୍ୱ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ବିଧାନସଭାରେ ଏଭଳି ସ୍ପର୍ଶକାତର ବିଷୟ ଉଠାଇଥିଲେ ମାଲକାନଗିରି ଭାଜପା ବିଧାୟକ ଆଦିତ୍ୟ ମାଢ଼ୀ। ଶୂନ୍ୟକାଳରେ ସେ ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ ଜଣେ ଆଦିବାସୀ ମହିଳା ନିଜର ୨ ଛୁଆଙ୍କୁ ବିଷ ଦେବା ଓ ନିଜେ ଆତ୍ମହତ୍ୟା କରିବା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଯକ୍ଷ୍ମାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତାଙ୍କ ଦୁଇ ପିଲାଙ୍କୁ ଦିନକୁ ମୁଠାଏ ଖାଇବାକୁ ଦେଇପାରୁ ନ ଥିଲେ। ପଞ୍ଚାୟତ ଅଫିସଠାରୁ ଦେଢ଼ କି.ମି. ମଧ୍ୟରେ ତାଙ୍କର ଏକ ଭଙ୍ଗାଦଦରା ପଲିଥିନ ଘର ଥିଲେ ମଧ୍ୟ କୌଣସି ସରକାରୀ ବାବୁଙ୍କର ସେଠାରେ ଆଖି ପଡି ନ ଥିଲା। ସମ୍ପୃକ୍ତ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ମିଳିପାରିଲା ନାହିଁ। ଯକ୍ଷ୍ମାରେ ଛଟପଟ ହେଉଥିଲେ ବି ତାଙ୍କୁ ସ୍ୱାସ୍ଥ୍ୟସେବା ଟିକେ ମିଳିଲା ନାହିଁ। ରାଜ୍ୟ ସରକାର ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ କଥା କହୁଛନ୍ତି। ବାସ୍ତବରେ ତାହା ଗରିବ ଆଦିବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ସେହି ଗରିବ ମହିଳାଙ୍କୁ ରାଶନ କାର୍ଡ ମିଳିଥିଲେ ମଧ୍ୟ ୪ ବଦଳରେ ୨ ଜଣଙ୍କ ପାଇଁ ୧୦ କେଜି ଚାଉଳ ମିଳୁଥିଲା। ଏଥିରେ ସେ କିପରି ବଞ୍ଚିଥାଆନ୍ତେ। ଏହି ଘଟଣାର ତଦନ୍ତ ହେଉ ବୋଲି ମାଢ଼ୀ ଦାବି କରିଥିଲେ। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗକୁ ଅତି ସମ୍ବେଦନଶୀଳ କହିବା ସହ ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଉକ୍ତ ପ୍ରସଙ୍ଗରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଗରିବ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ବେଳେ ଆଦିବାସୀମାନେ ପେଟକୁ ମୁଠେ ଖାଇବାକୁ ପାଉନାହାନ୍ତି। ମାଲକାନଗିରି ଘଟଣା ଭଳି ଦୁର୍ଭାଗ୍ୟ କ'ଣ ହୋଇପାରେ ବୋଲି ସେ ପ୍ରଶ୍ନ କରିଥିଲେ। ସରକାରଙ୍କୁ କଟାକ୍ଷ କରି କହିଥିଲେ, ନବୀନବାବୁଙ୍କ ବେଳା ଭଲ ପଡ଼ିଛି। ସ୍କୁଲ୍ ଘର ଖଣ୍ଡେ କରି ନ ଥିବା ନବୀନବାବୁ ୫ଥର ମୁଖ୍ୟମନ୍ତ୍ରୀ ହେଲେଣି। ଯେତେଥର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ପଛେ ଗରିବଙ୍କ ପାଇଁ କାମ କରନ୍ତୁ ବୋଲି ରାଉତରାୟ କହିଥିଲେ।

# ଖାତକୁ ବସ୍ ଖସି ୩୫ ମୃତ



ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

**ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ସହାୟତା**

ଶ୍ରୀନଗର,୧।୭

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ସିର୍ଗୱାରି ଅଞ୍ଚଳରେ ଏକ ମିନିବସ୍ ଖାତ ଭିତରେ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଗୁରୁତରଙ୍କୁ ବିମାନ ଯୋଗେ ଜମ୍ମୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଏବଂ ଓମାର ଅବଦୁଲ୍ଲା ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ସୋମବାର ସକାଳ ପ୍ରାୟ ୭ଟା ୩୦ରେ ମିନିବସ୍‌ଟି କେଶୱାନ୍‌ରୁ କିସ୍ତୱାର ଅଭିମୁଖେ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା। କିସ୍ତୱାର ଡେପୁଟି କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ କହିବାନୁଯାୟୀ ଦୁର୍ଘଟଣାବେଳେ ୨୮ ସିଟର ମିନିବସ୍‌ରେ ୫୨ଜଣ ଯାତ୍ରୀ ଥିଲେ। ଅଧିକ ଯାତ୍ରୀ ପରିବହନ, ଜୋର୍‌ରେ ଗାଡ଼ି ଯିବା ଓ ଖରାପ ପାଗ ଯୋଗୁ ସମସ୍ୟା ଦେଖାଦେଇ ଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ରାଜ୍ୟପାଳ ସତ୍ୟପାଲ ମଲିକ ଗଭୀର ଶୋକ ବ୍ୟକ୍ତ କରିଥିବାବେଳେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁପଯୁକ୍ତ ଗାଡ଼ି ଓ ଅଣତାଲିମପ୍ରାପ୍ତ ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟପାଳ ପରିବହନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ଗତ ଜୁନ୍ ୨୭ରେ ମୋଗଲ ରୋଡ୍ ନିକଟରେ ଏକ ମିନିବସ୍ ଖାତରେ ଖସିପଡ଼ିବାରୁ ଏକ ଘରୋଇ କମ୍ପ୍ୟୁଟର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ୧୧ ଛାତ୍ରୀଛାତ୍ର ପ୍ରାଣ ହରାଇଥିଲେ।

# ସମସ୍ତ ସହାୟତା ଯୋଗାଇଦେବ ପ୍ରଶାସନ

ମାଲକାନଗିରି, ୧।୭(ଡି.ଏନ.ଏ.)

**ପିଲାଙ୍କୁ ବିଷଦେଇ ମା'ର ଆତ୍ମହତ୍ୟା ଘଟଣା**

ମାଲକାନଗିରି ଜିଲାରେ ରବିବାର ଜଣେ ମାଆ ନିଜ ପିଲାଙ୍କୁ ବିଷଦେଇ ନିଜେ ବିଷପିଇ ଆତ୍ମହତ୍ୟା କରିବା ଘଟଣା ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ସମ୍ପୃକ୍ତ ପରିବାରକୁ ପ୍ରଶାସନ ସମସ୍ତ ସହାୟତା ଯୋଗାଇ ଦେବ ବୋଲି ବିଡିଓ ଡ. ଗୁଣନିଧି ନାୟକ କହିଛନ୍ତି। ସେ କହିଛନ୍ତି ଯେ, ଗୌଡଗୁଡା ଗ୍ରାମର ମୁକା ମାଡ଼କାମୀଙ୍କ ସ୍ତ୍ରୀ ସୀତା ନିଜ ୨ ପିଲାଙ୍କୁ ବିଷ ଦେଇ ନିଜେ ବିଷ ଖାଇ ଦେଇଥିଲେ। ଫଳରେ ସୀତାଙ୍କ ମୃତ୍ୟୁ ହୋଇଥିଲା। ସୌଭାଗ୍ୟବଶତଃ ୨ ଶିଶୁ ବଞ୍ଚିଯାଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ସେମାନେ ସୁସ୍ଥ ହେବା ପରେ ଜିଲା ଶିଶୁ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରାଯାଇ ଉଭୟଙ୍କୁ ଶିଶୁ ଗୃହରେ ରଖି ସେମାନଙ୍କ ପାଠପଢା, ଖାଦ୍ୟପେୟ ପୋଷାକ ଆଦି ସମସ୍ତ ଦାୟିତ୍ୱ ଜିଲା ପ୍ରଶାସନ ବହନ କରିବ। ସୀତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ପ୍ରଶାସନ ୨ ହଜାର ଟଙ୍କା ପ୍ରଦାନ କରିଛି। ସୀତାଙ୍କ ନାମରେ ଗୋଟିଏ ରାଶନ କାର୍ଡ ଥିଲା। ସେ ପ୍ରତି ମାସରେ ୧୦ କେଜି ଚାଉଳ ପାଉଥିଲେ। ତାଙ୍କ ଶ୍ୱଶୁରଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହୋଇଛି। ଏମଜିଏନଆରଇଜିଏସ ଜବ୍‌କାର୍ଡ ଦ୍ୱାରା ୨୦୧୮-୧୯ରେ ଏହି ପରିବାର ୬୫ ଦିନ କାର୍ଯ୍ୟ କରିଛନ୍ତି। ସୀତାଙ୍କ ମିଳିତ ପରିବାର ନାମରେ ୧୬ ଏକର ୫୦ ଡେସିମିଲ୍ ଜମି ରହିଛି। ସେଥିରୁ ୧୨ ଏକର ୫୦ ଡେସିମିଲ୍ ଜଳସେଚିତ ଜମି ରହିଛି ବୋଲି ବିଡିଓ ନାୟକ କହିଛନ୍ତି।

ଅନ୍ୟପକ୍ଷରେ କେତେକ ଗ୍ରାମବାସୀ କହିଛନ୍ତି ଯେ, ସୀତାଙ୍କ ଶ୍ୱଶୁର ସାନା ମାଡ଼କାମୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳିଥିଲେ ମଧ୍ୟ ମାଲକାନଗିରି ଜିଲାରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବିବାହ ପରେ ନିଜ ମାଆବାପାଙ୍କଠାରୁ ଅଲଗା ହୋଇ ରୁହନ୍ତି। ସୀତା ଏବଂ ତାଙ୍କ ସ୍ୱାମୀ ମୁକା ଏକ ଛୋଟ ଭଙ୍ଗା ଘରେ ବର୍ଷବର୍ଷ ଧରି ରହୁଥିଲେ। ସେମାନେ ରହୁଥିବା ଘରର ପଛ ଭାଗର କାନ୍ଥ ଭାଙ୍ଗି ଯାଇଥିଲା। ପଲିଥିନ ଢାଙ୍କି ସମସ୍ତେ ଚଳୁଥିଲେ। ଘରର ଜମିବାଡିର ଆୟ ଏମାନେ ପାଉ ନ ଥିଲେ। ଯକ୍ଷ୍ମାରେ ୨ ମାସ ତଳେ ମୁକାଙ୍କ ମୃତ୍ୟୁ ପରେ ପରିବାର ଚଳାଇବା ଚିନ୍ତାରେ ସୀତା ଭାଙ୍ଗି ପଡିଥିଲେ। ଶେଷରେ ସେ ପିଲାଙ୍କୁ ବିଷଦେଇ ନିଜେ ବିଷ ପିଇବା ପରି ଚରମ ନିଷ୍ପତ୍ତି ନେଇଥିଲେ। ସରକାରୀ ସହାୟତା ଭାବେ ସୀତାଙ୍କୁ କେବଳ ଗୋଟିଏ ରାଶନ କାର୍ଡ ମିଳିଥିଲା। ଏହି କାର୍ଡରେ ସରକାରଙ୍କ ଖାଦ୍ୟ ନିରାପତ୍ତା ଆଇନ ଅନୁଯାୟୀ ଜଣେ ସଦସ୍ୟକୁ ୫ କେଜି ଚାଉଳ ପ୍ରତିମାସରେ ମିଳିବା ନିୟମ ରହିଛି। ଏହି ଅନୁସାରେ ସୀତାଙ୍କ ୪ ଜଣିଆ ପରିବାରଙ୍କୁ ୨୦ କେଜି ଚାଉଳ ବଦଳରେ ମାତ୍ର ୧୦ କେଜି ଚାଉଳ ମିଳୁଥିଲା ବୋଲି ଗ୍ରାମବାସୀ କହିଛନ୍ତି।

**ଆଜିର ମନ୍ତବ୍ୟ**

"ସ୍ୱାଧୀନତା ପରଠାରୁ ଜମ୍ମୁ-କଶ୍ମୀରକୁ କଂଗ୍ରେସ ଅଣଦେଖା କରିଆସୁଥିଲା। ଆମେ ଏହାକୁ ଶକ୍ତି ଦେଇଛୁ।

-ଅମିତ ଶାହ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଗୃହ ମୂଲ୍ୟ ଅଭିବୃଦ୍ଧି ୩.୬%ରେ ପହଞ୍ଚିଛି।

-ଭାରତୀୟ ରିଜର୍ଭ ବ୍ୟାଙ୍କ

**ଆଜିର ସମ୍ପାଦକୀୟ**

ସାଙ୍ଗ ନ ହେଲେ ଶତ୍ରୁ


NECC NATIONAL EGG CO-ORDINATION COMMITTEE 01.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 101 | 159 | 169 |
| BDK | 100 | 158 | 168 |
| BLS | 100 | 158 | 168 |
| ANG | 102 | 161 | 171 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers










“ବିହାରରେ ଏନ୍‌ସେଫାଲାଇଟିସ୍ ଜନିତ ଶିଶୁମୃତ୍ୟୁକୁ ନେଇ ରାଜନୀତି କରାଯିବା ଅନୁଚିତ। ସରକାର ଏଥିରେ କୌଣସି ଅବହେଳା ପ୍ରଦର୍ଶନ କରିନାହାନ୍ତି।
- ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ




## ସଂକ୍ଷେପରେ

### ଫିଲ୍ମ ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା

**ବାଘ୍‌ପତ୍,୧୭(ପି.ଟି.):** ଉତ୍ତରପ୍ରଦେଶର ବାଘ୍‌ପତ୍ ଜିଲାସ୍ଥିତ ଜିମାନା ଗ୍ରାମରେ ସୋମବାର ଜଣେ ଆଞ୍ଚଳିକ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ସଂସାର ସିଂ (୭୦) ବୋଲି ପୋଲିସ କହିଛି। ଅଭିଯୁକ୍ତ ଜୀବନଙ୍କୁ ପୋଲିସ ଗିରଫ କରିଥିବା ଏସ୍‌ପି ଶୈଳେଶ କୁମାର ପାଣ୍ଡେ କହିଛନ୍ତି। ପାରିବାରିକ କଳହକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ସଂସାରଙ୍କ ପୁତୁରା ୨୦ ବର୍ଷ ତଳେ ଜୀବନଙ୍କ ବାପାଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ବିବାଦ ଉଗ୍ରରୂପ ନେଇଥିଲା। ଏବେ ଏହି ଘଟଣାତ ପୋଲିସ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ସଂସାର ସିଂ ପଶ୍ଚିମ ଉତ୍ତର ପ୍ରଦେଶର ଜଣେ କଳା ପେମୀ। ଚଳଚ୍ଚିତ୍ର ‘ଧକଡ଼ ଛୋରା’, ‘କିଷାନ୍’, ‘ଭଗୱାନ୍’ ଓ ଅନ୍ୟ କେତେକ ଫିଲ୍ମରେ ତାଙ୍କର ଅତୁଳନୀୟ ଅବଦାନ ରହିଛି।

### ଦୁର୍ନୀତି ମାମଲାରେ ଜର୍ଦ୍ଦାରି ଗିରଫ



**ଲାହୋର,୧୭ (ପି.ଟି.):** ଏକ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରିଙ୍କୁ ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସୋମବାର ଗିରଫ କରାଯାଇଛି। ଜର୍ଦ୍ଦାରି ବହୁ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ଏବେ ନ୍ୟାସନାଲ ଆକାଉଣ୍ଟିବିଲିଟି ବ୍ୟୁରୋ (ଏନ୍‌ଏବି) ହେପାଜତ୍‌ରେ ଅଛନ୍ତି। ଇସ୍‌ଲାମାବାଦ୍ ହାଇକୋର୍ଟରେ ସେ କରିଥିବା ମଧ୍ୟବର୍ତ୍ତିକାଳୀନ ଜାମିନ୍ ଆବେଦନ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ଗିରଫ କରାଯାଇଛି। ପାର୍କ ଲେନ୍ ମାମଲାରେ ଏନ୍‌ଏବି ତାଙ୍କୁ ରିମାଣ୍ଡରେ ନେବାର ସମ୍ଭାବନା ରହିଛି। ଦୁର୍ନୀତି ଯୋଗୁ ଜର୍ଦ୍ଦାରିଙ୍କ ରାଜନୈତିକ କ୍ୟାରିୟର ଶେଷ ହୋଇଥିବା କୁହାଯାଉଛି।

## ■ ମୁମ୍ବାଇରେ ପ୍ରବଳ ବର୍ଷା: ଜନଜୀବନ ଅସ୍ତବ୍ୟସ୍ତ

# ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ

**ମୁମ୍ବାଇ,୧୭(ପି.ଟି.)**





ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଫଳରେ ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ମୁମ୍ବାଇ ସମେତ ଥାନେ, ପାଲଘର ଓ ଏହାର ଆଖପାଖ ଅଞ୍ଚଳରେ ଆଉ ୩ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଲୋକଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ଚେମ୍ବୁର ସମେତ ଅନ୍ୟ କେତେକ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଛି। ସେହିପରି ହିନ୍ଦ୍‌ମାତା, ପାରେଲ, ଲାଲବାଗ୍, ସେନାପତି ବାପଟ ରୋଡରେ ପାଣି ଜମି ରହିଛି। ୧୨ଟି ସ୍ଥାନରେ କାନ୍ଥ ଭୁଶୁଡ଼ିଥିବା ଜଣାପଡ଼ିଛି। ମୁମ୍ବାଇରେ ଦୁଇଦିନରେ ୫୪୦ ମିଲିମିଟର ବର୍ଷା ହୋଇଥିବା ମ୍ୟୁନିସିପାଲ କମିଶନର ପ୍ରବୀଣ ପରଦେଶୀ କହିଛନ୍ତି। ସହରରେ ବର୍ଷାଜନିତ ଦୁର୍ବିପାକ ପାଇଁ ସେ ଜଳବାୟୁ ପରିବର୍ତ୍ତନ ଓ ଭୌଗୋଳିକ ସ୍ଥିତିକୁ ଦାୟୀ କରିଛନ୍ତି।

ସିଓନ ଏବଂ ମାଟୁଙ୍ଗା ଷ୍ଟେଶନ ମଧ୍ୟରେ ରେଳଧାରଣା ବୁଡ଼ିଯାଇଥିବାରୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ଦାଦରର ହିନ୍ଦ୍‌ମାତା ଅଞ୍ଚଳରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲୁଥିବାରୁ ସେଥିରେ ପିଲାମାନେ ସନ୍ତରଣ କରୁଥିବା ଦେଖିବାକୁ ମିଳିଛି। ପାଣି ନ କମିବା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ନ ଚଳାଇବାକୁ ବିଏମ୍‌ସି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଟ୍ରେନ ଚଳାଚଳରେ ବିଳମ୍ବ ଯୋଗୁ ବିଭିନ୍ନ ଷ୍ଟେଶନରେ ପ୍ରବଳ ଗହଳି ଦେଖାଯାଇଛି। ପାଲଘର ଜିଲାରେ ପ୍ରବଳ ବର୍ଷା ସାଙ୍ଗକୁ ପୁନେର ଲୋନାଭାଲା ହିଲ୍‌ଷ୍ଟେଶନରେ ରେଳଲାଇନ କ୍ଷତିଗ୍ରସ୍ତ ହୋଇଥିବାରୁ ସକାଳେ ୨୭ଟି ଦୂରଗାମୀ ଟ୍ରେନ୍ ଚଳାଚଳକୁ ବାତିଲ କରିଦିଆଯାଇଥିଲା। ସେହିପରି କେତେକ ସ୍ଥାନରେ ରେଳଲାଇନ ପାଣିରେ ବୁଡ଼ି ରହିଥିବାରୁ ଅନ୍ୟ କେତେକ ଟ୍ରେନ୍‌ର ଚଳାଚଳକୁ ସଂକ୍ଷିପ୍ତ କରାଯାଇଥିଲା। ସେହିପରି କରଜାଟ ଏବଂ ଲୋନାଭାଲା ମଧ୍ୟବର୍ତ୍ତୀ ପଶ୍ଚିମଘାଟ ସେକ୍ସନ୍‌ରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହେବାରୁ ଉକ୍ତ ଲାଇନରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ମୁମ୍ବାଇ ଓ ପୁନେ ମଧ୍ୟରେ ଯାତାୟାତ କରୁଥିବା ସଟଲ୍ ଟ୍ରେନଗୁଡ଼ିକର ଚଳାଚଳ ମଧ୍ୟ ବ୍ୟାହତ ହୋଇଥିଲା। ସୋମବାର ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ ବର୍ଷା ଯୋଗୁ କାର୍ଯ୍ୟରେ ଯୋଗ ଦେଇପାରି ନାହାନ୍ତି। ରାସ୍ତାରେ ପଟ୍‌ହୋଲ୍ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ଦୈନନ୍ଦିନ ୱେଷ୍ଟର୍ନ ଏକ୍ସପ୍ରେସ୍ ହାଇୱେରେ ଯାତାୟାତ କରୁଥିବା ଜଣେ ବ୍ୟକ୍ତି କହିଛନ୍ତି।

### କାବୁଲରେ ତାଲିବାନର ଆକ୍ରମଣ
## ବିସ୍ଫୋରଣରେ ୩୪ ମୃତ

**କାବୁଲ,୧୭(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ସକାଳେ ଶକ୍ତିଶାଳୀ ବିସ୍ଫୋରଣରେ ୩୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୮ ଆହତ ହୋଇଛନ୍ତି। ଏଥିପାଇଁ ତାଲିବାନ୍ ନିଜକୁ ଦାୟୀ କରିଛି। ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ କାତାରଠାରେ ଆମେରିକା ଏବଂ ତାଲିବାନ୍ ପ୍ରତିନିଧି ଦଳ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ଜାରି ରହିଥିବା ସମୟରେ ଏହି ଆକ୍ରମଣ କରାଯାଇଛି। ତାଲିବାନ୍ ଉଗ୍ରପନ୍ଥୀମାନେ ପ୍ରଥମେ ବିସ୍ଫୋରକ ଭର୍ତ୍ତି ଏକ କାର୍‌କୁ ଉଡାଇଦେବା ସହିତ ନିରାପତ୍ତାରକ୍ଷୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣସ୍ଥଳ ନିକଟରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଶାଖା କାର୍ଯ୍ୟାଳୟ, ସ୍ପୋର୍ଟସ ଷ୍ଟାଡିୟମ୍, ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟର ଶାଖା ଏବଂ ଅନ୍ୟାନ୍ୟ ଅଟ୍ଟାଳିକା ରହିଛି। ଏକ ନିର୍ମାଣାଧୀନ କୋଠାର ପ୍ରବେଶ ପଥରେ ପ୍ରଥମେ ବିସ୍ଫୋରଣ କରାଯିବାପରେ ଆତଙ୍କବାଦୀମାନେ ଏହା ଭିତରେ ପ୍ରବେଶ କରିଥିଲେ ଏବଂ ଏଥିରେ ଥିବା ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣରେ ପ୍ରତିରକ୍ଷା ମନ୍ତ୍ରଣାଳୟର କେତେକ ଅଫିସର ଏବଂ ନିରାପତ୍ତା କର୍ମଚାରୀ ନିହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ କିଛି କିଲୋମିଟର ପର୍ଯ୍ୟନ୍ତ ଶୁଭାଯାଇଥିଲା।

## ■ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଅବଧି ବଢ଼ିଲା

# ପ୍ରସ୍ତାବ ରାଜ୍ୟ ସଭାରେ ଗୃହୀତ

**ନୂଆଦିଲ୍ଲୀ,୧୭(ପି.ଟି.)**



■ ବିଜେଡି, ଏସ୍‌ପିର ସମର୍ଥନ
■ ସଂରକ୍ଷଣ (ସଂଶୋଧନ) ବିଲ୍‌କୁ ମଞ୍ଜୁରୀ

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବ ସୋମବାର ରାଜ୍ୟସଭାରେ ଗୃହୀତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଉକ୍ତ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ରାଷ୍ଟ୍ରପତି ଶାସନ ମିଆଦ ବଢ଼ାଇବା ଆବଶ୍ୟକ ପଡୁଛି ବୋଲି ସେ କହିଥିଲେ। ପ୍ରସ୍ତାବକୁ ବିଜେଡି ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ସମର୍ଥନ ଜଣାଇଥିଲେ। ଜୁଲାଇ ୩ରୁ ଆଉ ୬ ମାସ ପାଇଁ ଲାଗୁ ହେବାକୁ ଥିବା ରାଷ୍ଟ୍ରପତି ଶାସନ ପ୍ରସ୍ତାବ ଗତ ଶୁକ୍ରବାର ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

ବିଧାନସଭା ନିର୍ବାଚନ ବିଳମ୍ବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବାରୁ ଶାହ କହିଥିଲେ, ପୂର୍ବରୁ କେବେ ରମଜାନ ମାସରେ ଜମ୍ମୁ-କଶ୍ମୀରରେ ନିର୍ବାଚନ ହୋଇ ନଥିଲା। ଜୁନ୍ ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଏବଂ ଅକ୍ଟୋବର ପର୍ଯ୍ୟନ୍ତ ବକରୱାଲ ସମ୍ପ୍ରଦାୟ ପର୍ବତାରୋହଣରେ ଯାଉଥିବାରୁ ଏହା ପରେ ନିର୍ବାଚନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି।

ସେହିପରି ରାଜ୍ୟ ସଭାରେ ଶାହ ଆଣିଥିବା ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୧୯ ମଧ୍ୟ ବାଚନିକ ଭୋଟରେ ଗୃହୀତ ହୋଇଯାଇଛି। ଏହି ବିଲ୍ ମଧ୍ୟ ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିଲା।

### ପାକିସ୍ତାନ ଜେଲ୍‌ରେ ୨୬୧ ଭାରତୀୟ ବନ୍ଦୀ

**ଇସ୍‌ଲାମାବାଦ୍,୧୭(ପି.ଟି.):** ପାକିସ୍ତାନ ଜେଲ୍‌ରେ ଏବେ ୨୬୧ ଭାରତୀୟ ବନ୍ଦୀ ଅଛନ୍ତି। ସୋମବାର ପାକିସ୍ତାନ ପକ୍ଷରୁ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତାଲିକା ହସ୍ତାନ୍ତର କରାଯାଇଛି। ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି, ୨୦୦୮ ମେ ୨୧ ରାଜିନାମା ଅନୁଯାୟୀ ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ୨୬୧ ଜଣଙ୍କ ମଧ୍ୟରେ ୨୦୯ ମତ୍ସ୍ୟଜୀବୀ ଅଛନ୍ତି। ଅନୁରୂପଭାବେ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ସେଠାରେ ବନ୍ଦୀଥିବା ପାକିସ୍ତାନ ନାଗରିକଙ୍କ ତାଲିକା ପ୍ରଦାନ କରିବ ବୋଲି ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି। ଚୁକ୍ତିରେ ଜାନୁୟାରୀ ପହିଲାରୁ ଜୁଲାଇ ପହିଲା ମଧ୍ୟରେ ପ୍ରତି ଦୁଇବର୍ଷରେ ଥରେ ଉଭୟ ଦେଶ ପରସ୍ପରକୁ ବନ୍ଦୀ ତାଲିକା ପ୍ରଦାନ କରିବେ।

## ୧୨ ଜେୟୁଡ଼ି ଓ ଜେଇଏମ୍ ସଦସ୍ୟଙ୍କୁ ଜେଲ ଦଣ୍ଡାଦେଶ

**ଲାହୋର,୧୭ (ପି.ଟି.)**

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ଆତଙ୍କବିରୋଧୀ ଅଦାଲତ (ଏଟିସି) ନିଷିଦ୍ଧ ଜାମାତ୍ ଉଦ୍ ଦାୱା (ଜେୟୁଡ଼ି) ଓ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ୧୨ ସଦସ୍ୟଙ୍କୁ ସୋମବାର ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଅଭିଯୋଗ ଏମାନଙ୍କ ବିରୋଧରେ ରହିଥିଲା। ପଞ୍ଜାବ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆତଙ୍କବିରୋଧୀ ଅଦାଲତରେ ହାଜର କରିବା ପରେ ଶୁଣାଣି ହୋଇଥିଲା। ଜେୟୁଡ଼ିର ୪ ସଦସ୍ୟ ଘର ଅଲି, ଜୁନୈଦ୍ ଇର୍ଶାଦ, ଇଜାଜ୍ ଅହମଦ ଓ ଅବଦୁଲ ଖଲିକ୍‌ଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡ ସହ ଜରିମାନାଦେଶ ଦିଆଯାଇଛି। ସେହିଭଳି ୮ ସ୍ଥାନୀୟ ଜେଇଏମ୍ ସଦସ୍ୟଙ୍କୁ ଏଟିସି ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଇଫ୍‌ତିକାର ଅହମଦ, ମୋହମ୍ମଦ ଅଜମଲ, ବିଲାଲ ମକ୍କି, ଅବରାର୍ ଅହମଦ ଓ ଇର୍ଫାନ୍ ଅହମଦ, ହାଫିଜୁଲ୍ଲାହ, ମଜହର ନୱାଜ ଓ ଅବଦୁଲ ଲତିଫ୍। ଅନ୍ତର୍ଜାତୀୟ ଚାପ ବଢ଼ିବାରୁ ପାକିସ୍ତାନ ଏଭଳି ଆତଙ୍କନିରୋଧୀ ଅଭିଯାନ ଚଳାଇଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ଇମ୍ରାନ୍ ଖାନ୍ ସରକାର ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଗିରଫ କରିଥିବା ପ୍ରକାଶ। ଏମାନଙ୍କ ମଧ୍ୟରେ ଜେଇଏମ୍ ମୁଖ୍ୟ ମାସୁଦ ଆଝାରଙ୍କ ପୁଅ, ଭାଇ ମଧ୍ୟ ସାମିଲ ଅଛନ୍ତି।

### [ଇତିହାସର ଆଇନାରେ]

#### ଜୁଲାଇ ୨ର ପ୍ରମୁଖ ଘଟଣା

୧୯୪୦ ଜୁଲାଇ ୨ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କୋଲକାତାରେ ଗିରଫ କରାଯାଇଥିଲା। ୧୮୯୭ ଜାନୁୟାରୀ ୨୩ରେ ଜନ୍ମିତ ସୁଭାଷ ଭାରତର ଜଣେ ଜାତୀୟତାବାଦୀ ନେତା ଥିଲେ। ତାଙ୍କର ପ୍ରଗାଢ଼ ଦେଶପ୍ରେମ ତାଙ୍କୁ ଭାରତର ବୀର ନାୟକର ପରିଚୟ ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ବିୟୋଗ ଏବେ ବି ରହସ୍ୟଜନକ ହୋଇ ରହିଛି।

୨୦୧୩ ଜୁଲାଇ ୨ରେ ଇଣ୍ଡୋନେସିଆରେ ଭୂକମ୍ପ ଯୋଗୁ ୪୨ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪୨୦ ଆହତ ହୋଇଛନ୍ତି। ଇଣ୍ଡୋନେସିଆର ସୁମାତ୍ରା ଦୀପରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ଥିଲା ୬.୧। ସୁମାତ୍ରାର ଉତ୍ତରଭାଗରେ ହୋଇଥିବା ଭୂକମ୍ପରେ ପାଖାପାଖି ୪,୩୦୦ ବାସଗୃହ ଭାଙ୍ଗିରୁଜି ଯାଇଥିଲା।

### ବୈବାହିକ ବଳାତ୍କାରକୁ ଛାଡ଼ପତ୍ରର କାରଣ ଭାବେ ନେବାକୁ ଆବେଦନ

## ହସ୍ତକ୍ଷେପ ଲାଗି ସୁପ୍ରିମକୋର୍ଟ ମନାକଲେ

**ନୂଆଦିଲ୍ଲୀ,୧୭**

ସ୍ତ୍ରୀଙ୍କ ଇଚ୍ଛା ବିରୋଧରେ ଯୌନସମ୍ପର୍କ ରଖିବା (ବୈବାହିକ ବଳାତ୍କାର)କୁ ଛାଡ଼ପତ୍ରର କାରଣ ଭାବେ ଗ୍ରହଣ କରିବା ଲାଗି ଆଇନ ଆଣିବା ଏବଂ ଏଭଳି ଘଟଣାରେ ଏତଲା ଦାଏର ଲାଗି ଗାଇଡଲାଇନ୍ସ ସ୍ପଷ୍ଟ କରିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଅନୁରୂପ ମାମଲା ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ଥିବାରୁ ସେଠାରେ ଆବେଦନ କରିବା ନିମନ୍ତେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀ ଆଇନଜୀବୀ ଅନୁଜା କପୁରଙ୍କୁ କହିଛନ୍ତି।

ବୈବାହିକ ବଳାତ୍କାର ଓ ବୈବାହିକ ଅପରାଧକରଣ ରୋକିବା ପାଇଁ କୌଣସି ଆଇନ ନାହିଁ। ଏହା ସତ୍ତ୍ୱେ ବିବାହରେ ମହିଳାମାନଙ୍କ ମର୍ଯ୍ୟାଦା ରକ୍ଷା ଲାଗି ସୁପ୍ରିମକୋର୍ଟ ସମସ୍ତଙ୍କ କଲ୍ୟାଣ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିପକ୍ଷଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ଉଚିତ। ତେଣୁ ସର୍ବୋଚ୍ଚ ଅଦାଲତ ଆବେଦନର ଶୁଣାଣି କରି ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ପିଟିଶନର ଯୁକ୍ତି ବାଢ଼ିଥିଲେ। ବୈବାହିକ ଜୀବନରେ ବଳାତ୍କାର ରୋକିବା ସମୟର ଆବଶ୍ୟକତା ବୋଲି ସେ କହିଥିଲେ। କାରଣ ଏହା ମଧ୍ୟ ମହିଳାଙ୍କ ମୌଳିକ ତଥା ଆଇନଗତ ଅଧିକାରର ଉଲ୍ଲଂଘନ ବୋଲି ଭାବିବା ଲଗି ମହିଳାମାନଙ୍କ ପାଇଁ ସମୟ ଆସିଛି ବୋଲି ଆବେଦନକାରୀ କହିଛନ୍ତି।

## ■ ଅଧ୍ୟକ୍ଷ ପଦ ଛାଡ଼ିବା ନିଷ୍ପତ୍ତିରେ ରାହୁଲ ଅଟଳ

# ମନାଇବାରେ ୫ ମୁଖ୍ୟମନ୍ତ୍ରୀ ବିଫଳ

**ନୂଆଦିଲ୍ଲୀ,୧୭(ଆଇଏଏନ୍‌ଏସ୍)**



ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଫେରୁଛନ୍ତି।

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡିବା ନିଷ୍ପତ୍ତିରେ ରାହୁଲ ଗାନ୍ଧୀ ଅଟଳ ରହିଛନ୍ତି। ସୋମବାର ତାଙ୍କୁ ମନାଇବାକୁ ଉଦ୍ୟମ କରି ୫ କଂଗ୍ରେସ ମୁଖ୍ୟମନ୍ତ୍ରୀ ୯୦ ମିନିଟ ଧରି ଆଲୋଚନା କରିବା ସହ ବିଫଳ ହୋଇଛନ୍ତି। ନିର୍ବାଚନରେ ପରାଜୟ ନୂଆ କଥା ନୁହେଁ ବୋଲି ସେମାନେ ରାହୁଲଙ୍କୁ ବୁଝାଇଥିଲେ। ରାହୁଲ ଆମ କଥା ଶୁଣିଛନ୍ତି ଏବଂ ଠିକ୍ ସମୟରେ ନିଷ୍ପତ୍ତି ନେବେ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗଣମାଧ୍ୟମକୁ କହିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ସେ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ ସେମାନଙ୍କ ପଦରୁ ଇସ୍ତଫା ଦେବା ଲାଗି ପ୍ରସ୍ତାବ ଦେଇଥିଲେ ବୋଲି ଗେହଲଟ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ତେବେ ଦଳ ନେତୃତ୍ୱ ନିଷ୍ପତ୍ତି ହାଇକମାଣ୍ଡ ନେବେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ରାହୁଲଙ୍କୁ ଭେଟିଥିଲେ। ରାହୁଲ ତାଙ୍କ ନିଷ୍ପତ୍ତି ସ୍ପଷ୍ଟ କରିଦେଇଥିବା ପାର୍ଲାମେଣ୍ଟରେ ଖବରଦାତାମାନଙ୍କୁ କହିଛନ୍ତି।

### ଜାପାନୀ ଏନ୍‌ସେଫାଲାଇଟିସ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି

**ଗୁଆହାଟୀ,୧୭(ଆଇଏଏନ୍‌ଏସ୍)**

ଆସାମରେ ଜାପାନୀ ଏନ୍‌ସେଫାଲାଇଟିସରେ ୨୧ ଜଣଙ୍କର ମୃତ୍ୟୁ ଘଟିଲାଣି। ପରିସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ସଞ୍ଜୀବ କୁମାରଙ୍କ ନେତୃତ୍ୱରେ ସେଠାକୁ ଏକ ଟିମ୍ ପଠାଇଛି। ଏହି ଟିମ୍‌ରେ ଜୀବାଣୁ ଓ ଭୂତାଣୁ ଜନିତ ରୋଗ ନିୟନ୍ତ୍ରଣ ଜାତୀୟ କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଗତ ତିନି ମାସରେ ଆସାମରେ ମୋଟ ୬୯ ଜାପାନୀ ଏନ୍‌ସେଫାଲାଇଟିସ୍ ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଶିଶୁମାନଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ବୟସ୍କଙ୍କ ଲାଗି ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା ସଞ୍ଜୀବ କୁମାର କହିଛନ୍ତି।

## ■ ସଙ୍କଟ ଆଡ଼କୁ ମୁହାଁଉଛି କୁମାରସ୍ୱାମୀ ସରକାର

# ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା

**ବେଙ୍ଗାଲୁରୁ,୧୭(ଆଇଏଏନ୍‌ଏସ୍)**


କର୍ଣ୍ଣାଟକ ବିଧାନସଭାରୁ ୨ ଜଣ କଂଗ୍ରେସ ବିଧାୟକ ଇସ୍ତଫା ଦେବା ଫଳରେ ଏଚ୍.ଡି. କୁମାରସ୍ୱାମୀ ସରକାର ସଙ୍କଟ ଆଡ଼କୁ ମୁହାଁଉଛି। ବିଦ୍ରୋହୀ ବିଧାୟକ ରମେଶ ଜରକିହୋଲି ଏବଂ ଆନନ୍ଦ ସିଂ ସୋମବାର ସେମାନଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ତାଙ୍କୁ କ୍ୟାବିନେଟରୁ ବାଦ୍ ଦେଇ କଂଗ୍ରେସ ଦଳ ତାଙ୍କ ବରିଷ୍ଠତାକୁ ଅଣଦେଖା କରିଥିବା ଜରକିହୋଲି ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ଜରକିହୋଲି ଗୋକକ୍ ଆସନରୁ ବିଧାୟକ ଅଛନ୍ତି।

ସେହିପରି ବିଜୟନଗରର କଂଗ୍ରେସ ବିଧାୟକ ଆନନ୍ଦ ସିଂ ସୋମବାର ତାଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ପାଖକୁ ପଠାଇଥିଲେ। ଅନ୍ୟପକ୍ଷରେ କୌଣସି ଇସ୍ତଫାପତ୍ର ପାଇ ନ ଥିବା ବାଚସ୍ପତି କହିଛନ୍ତି। ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ତାଙ୍କ ଇସ୍ତଫାର କାରଣ ସମ୍ପର୍କରେ ଜଣାଇବେ ବୋଲି ଆନନ୍ଦ କହିଛନ୍ତି। ବେଲାରୀରେ ୩୬୬୭ ଏକର ଜମି ଜେଏସ୍‌ଡବ୍ଲୁ ଷ୍ଟିଲ୍ କମ୍ପାନୀକୁ ବିକ୍ରି ଲାଗି ମେଣ୍ଟ ସରକାରଙ୍କ ଯୋଜନାକୁ ବିରୋଧ କରି ଆନନ୍ଦ ଇସ୍ତଫା ଦେଇଥିବା କୁହାଯାଉଛି। କିଛିଦିନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ସେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ଜମି ବିକ୍ରିର ପ୍ରତିବାଦ କରିଥିଲେ। ଦଳ ଅପେକ୍ଷା ଜିଲା ସ୍ୱାର୍ଥର ସୁରକ୍ଷା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଆନନ୍ଦ ଭାଜପାରେ ଯୋଗଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଗତବର୍ଷ କଂଗ୍ରେସ ଦଳରେ ମତଭେଦ ଚରମ ସୀମାରେ ପହଞ୍ଚିଥିବାବେଳେ ଆନନ୍ଦ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନଥିଲା। ଗତ ଜାନୁୟାରୀରେ ବେଙ୍ଗାଲୁରୁ ଉପକଣ୍ଠର ଏକ ରିସୋର୍ଟରେ ତାଙ୍କର ଅନ୍ୟତମ କଂଗ୍ରେସ ବିଧାୟକ ଜେ.ଏନ୍. ଗଣେଶଙ୍କ ସହ ଧସ୍ତାଧସ୍ତି ହୋଇଥିଲା ଏବଂ ସେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କଂଗ୍ରେସର ଆଉ ୬ ବିଧାୟକ ଦଳ ବିରୋଧରେ ବିଦ୍ରୋହ ଯୋଜନା କରୁଥିବା ଖବର ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ନ୍ୟୁଜର୍ସିରେ କାଳଭୈରବେଶ୍ୱର ମନ୍ଦିରର ଶିଳାନ୍ୟାସ ପାଇଁ ଆମେରିକା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଟୁଇଟ୍ କରି ଏଥିଲାଗି ଭାଜପାକୁ ଦାୟୀ କରିଛନ୍ତି। ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଗୈରିକ ଦଳ ଦିବାସ୍ୱପ୍ନ ଦେଖୁଥିବା ସେ କହିଛନ୍ତି। ତେବେ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ଅଭିଯୋଗକୁ ପୂର୍ବରୁ ଅସ୍ୱୀକାର କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ସଭାପତି ବି.ଏସ୍.ୟେଦ୍ୟୁରପ୍ପା କଂଗ୍ରେସରୁ ଅଧିକ ବିଧାୟକ ଇସ୍ତଫା ଦେବେ ବୋଲି ପୂର୍ବାନୁମାନ କରିଛନ୍ତି। ମେଣ୍ଟକୁ ନେଇ ୨୦ ବିଧାୟକ ଅସନ୍ତୁଷ୍ଟ ରହିଛନ୍ତି। ଆଗକୁ କ'ଣ ହେଉଛି ଦେଖିବାକୁ ଅପେକ୍ଷା କରିବୁ ବୋଲି ସେ କହିଛନ୍ତି। ଦୁଇ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟ ବିଧାନସଭାରେ ଭାଜପାର ୧୦୪ ବିଧାୟକ ଥିବାବେଳେ କଂଗ୍ରେସର ୭୮ ଓ ଜେଡିଏସ୍‌ର ୩୭ ବିଧାୟକ ରହିଛନ୍ତି। ଜଣେ ବିଏସ୍‌ପି ଏବଂ ଜଣେ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରକୁ ସମର୍ଥନ ଦେଉଛନ୍ତି।

## ‘ସୂର୍ଯ୍ୟବଂଶୀ’ରେ ଅକ୍ଷୟଙ୍କ ଷ୍ଟଣ୍ଟ

**ମୁମ୍ବାଇ:** ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦୀର୍ଘ ୩ ଦଶନ୍ଧି ଧରି ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛି ବୋଲି ବଲିଉଡ ଅଭିନେତା ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ୫୧ ବର୍ଷୀୟ ଏହି କଳାକାର ୧୯୯୧ରେ ‘ସୌଗନ୍ଧ’ରୁ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆକ୍ସନ୍ ଷ୍ଟାରଙ୍କ ମଧ୍ୟରୁ ଅକ୍ଷୟ କୁମାର ଅନ୍ୟତମ। ‘ଖିଲାଡି’ ସିରିଜ୍‌ରେ ତାଙ୍କ ଭିନ୍ନ ରୁଚିର କଳାର ପରିଚୟ ମିଳିଥାଏ। ‘ଖିଲାଡି’, ‘ମେଁ ଖିଲାଡି ତୁ ଅନାଡି’, ‘ସବ୍‌ସେ ବଡା ଖିଲାଡି’, ‘ଖିଲାଡିଓଁ କା ଖିଲାଡି’, ‘ଇଣ୍ଟରନ୍ୟାଶନାଲ ଖିଲାଡି’, ‘ଖିଲାଡି ୪୨୦’ ଏବଂ ‘ଖିଲାଡି ୭୮୬’ ଆଦି ସିରିଜରେ ଅକ୍ଷୟଙ୍କ କଳାତ୍ମକ ପ୍ରଦର୍ଶନର ପରିଚୟ ଦେଖିବାକୁ ମିଳେ।



ଅକ୍ଷୟ ବର୍ତ୍ତମାନ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ‘ସୂର୍ଯ୍ୟବଂଶୀ’ରେ ଅଭିନୟ କରୁଛନ୍ତି। ଅଭିନୟ ଆରମ୍ଭରୁ ଆକ୍ସନ ତାଙ୍କର ଜୀବନ ରେଖା ବୋଲି ସେ କହିଛନ୍ତି। ‘ସୂର୍ଯ୍ୟବଂଶୀ’ରେ କିଛି ଷ୍ଟଣ୍ଟ କରିଥିବାର ଭିଡିଓ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ଅକ୍ଷୟ ତାଙ୍କର ଦୀର୍ଘ ଦିନର ସହଯୋଗୀ କାଟ୍ରିନା କୈଫ୍‌ଙ୍କ ସହିତ ‘ସୂର୍ଯ୍ୟବଂଶୀ’ରେ ଏକତ୍ର ହେବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ୨୦୨୦ ମାର୍ଚ୍ଚ ୨୭ରେ ରିଲିଜ ହେବାର ଅଛି।




# ଢେଙ୍କାନାଳରେ ଯୋଡ଼ାଶିଶୁ ଜନ୍ମ

**ଢେଙ୍କାନାଳ ଅଫିସ/ କଟକ ଅଫିସ,୧୭**

ଚିକିତ୍ସା ବିଜ୍ଞାନର ଚମତ୍କାରିତା ଯୋଗୁ ଅସ୍ତ୍ରୋପଚାର ପରେ ଆରୋଗ୍ୟ ଲାଭ କରିଛନ୍ତି କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ। ଏହାକୁ ନେଇ ଚର୍ଚ୍ଚାର ଅବସାନ ହୋଇ ନ ଥିବାବେଳେ ଏବେ ଢେଙ୍କାନାଳରେ ଜନ୍ମ ନେଇଛନ୍ତି ଶରୀର ଯୋଡ଼ି ହୋଇ ରହିଥିବା ଯାଆଁଳା ଶିଶୁକନ୍ୟା। ଅବସ୍ଥା ଗୁରୁତର ଥିବାରୁ ନବଜାତକଙ୍କୁ କଟକ ଶିଶୁଭବନ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ପରୀକ୍ଷାରୁ ଉଭୟଙ୍କ ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିବା ପରେ ଚିନ୍ତାରେ ପଡ଼ିଛନ୍ତି ପରିବାର ଏବଂ ଡାକ୍ତର।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରସବ ଲାଗି ଭର୍ତ୍ତି ହୋଇଥିଲେ ପରଜଙ୍ଗ ଥାନା ଖାଲପାଳ ଗ୍ରାମର ପ୍ରଦୀପ ବେହେରା (୩୧)ଙ୍କ ସ୍ତ୍ରୀ ରେଣୁବାଳା (୨୫)। ତାଙ୍କର ୬ବର୍ଷର ଏକ ପୁତ୍ର ସନ୍ତାନ ରହିଥିବାବେଳେ ଏହା ଥିଲା ତାଙ୍କର ଦ୍ୱିତୀୟ ଗର୍ଭ। ମଧ୍ୟାହ୍ନ ୧୨ଟା ୫୫ରେ ସେ ଉକ୍ତ ଯୋଡ଼ା ଶିଶୁଙ୍କୁ ଜନ୍ମ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପ୍ରସନ୍ନଜିତ କର ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଇଥିଲେ। ଉଭୟଙ୍କ ଅସ୍ୱାଭାବିକ ଶାରୀରିକ ଗଠନକୁ ନେଇ ଚିନ୍ତାରେ ପଡ଼ିଥିଲେ ଡାକ୍ତର। କାରଣ ଯୋଡ଼ା ଶିଶୁଙ୍କ ଛାତିରୁ ନାଭି ଯାଏ ଯୋଡ଼ି ହୋଇରହିଛି। ଉଭୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଛି। ସେମାନଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଏସ୍‌ଏନ୍‌ସିୟୁ ପ୍ରକୋଷ୍ଠରେ ରଖାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବାରୁ ଉଭୟଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ଶିଶୁ ବିଭାଗ ବିଶେଷଜ୍ଞ ଡା. ସନ୍ତୋଷ ସାହୁ କୁହନ୍ତି, ନବଜାତ ଶିଶୁ କନ୍ୟା ଦୁହିଁଙ୍କ ଛାତିରୁ ପେଟ ଯାଏ ଯୋଡ଼ି ହୋଇରହିଛି। ସାଲାଇନ ଓ ଅକ୍ସିଜେନ ଦିଆଯିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଥିଲା। ସର୍ଜରି ଆବଶ୍ୟକ ଥିବାରୁ ସେମାନଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର କୁହନ୍ତି, କଟକ ଶିଶୁ ଭବନ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏ ନେଇ କଟକ ଶିଶୁ ଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କୁହନ୍ତି, ଯୋଡ଼ାଶିଶୁଙ୍କ ଶାରୀରିକ ଗଠନ ଅତ୍ୟନ୍ତ ଜଟିଳ। ଗୋଟିଏ ହୃତ୍‌ପିଣ୍ଡ ଥିବାରୁ ସର୍ଜରି କରିବା ମଧ୍ୟ ସହଜ ହେବନାହିଁ। ଯଦି ବା ସର୍ଜରି କରାଯାଏ, ତେବେ ଏଥିରେ ଆରୋଗ୍ୟ ଲାଭ କରିବା ସମ୍ଭାବନା କମ୍। ପ୍ରାଥମିକ ପର୍ଯ୍ୟାୟରେ ମେଡିସିନ ଏବଂ ସର୍ଜରି ବିଭାଗ ଡାକ୍ତରଙ୍କ ମିଳିତ ତତ୍ତ୍ୱାବଧାନରେ ନବଜାତକଙ୍କ ଚିକିତ୍ସା ଚାଲିଛି। ମଙ୍ଗଳବାର ଏଥିପାଇଁ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଗଠନ କରାଯିବ। ଆବଶ୍ୟକ ଅନୁଯାୟୀ ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଅସ୍ତ୍ରୋପଚାର ସଫଳତାର ସହ ଦିଲ୍ଲୀ ଏମ୍‌ସରେ କରାଯାଇଛି। ପ୍ରଦୀପ ଜଣେ ଜେସିବି ଚାଳକ। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ସେତେଟା ସ୍ୱଚ୍ଛଳ ନୁହେଁ। ଏପରି ସ୍ଥିତିରେ ଝିଅଙ୍କ ଚିକିତ୍ସା ଲାଗି ସହାୟତାର ହାତ ବଢ଼ାଇବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

### ଶରୀର ଦୁଇ, ହୃଦୟ ଏକ



- ପେଟରୁ ଛାତି ଯାଏ ଯୋଡ଼ି ହୋଇରହିଛି
- ବିରଳ ଶାରୀରିକ ଗଠନ, ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- କଟକ ଶିଶୁ ଭବନରେ ଭର୍ତ୍ତି କରାଗଲା
- ଚିକିତ୍ସା ତଦାରଖ କରିବେ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ

# ଆଜି ନବଯୌବନ ଦର୍ଶନ

**ପୁରୀ ଅଫିସ, ୧୭**

ଶେଷ ହୋଇଛି ମହାପ୍ରଭୁଙ୍କ ୧୪ ଦିନର ଅଣସର। ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନରେ ଦଇତାପତିମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ଦାରୁବିଗ୍ରହଙ୍କ ନବଯୌବନ ଦର୍ଶନ ମିଳିବ। ଅନ୍ୟପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ରଥ ନିର୍ମାଣ କାର୍ଯ୍ୟ। ବୁଧବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଗୁରୁବାର ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଳା ତଥା ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ପରିମାଣିକ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଗତବର୍ଷ ଅପେକ୍ଷା ଏଥର ୫୦ ଟଙ୍କା ବୃଦ୍ଧି କରାଯାଇଛି। ସୋମବାର ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ପରିମାଣିକ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପ୍ରାୟ ୫ହଜାର ଟିକେଟ ବିକ୍ରି ଲାଗି ସ୍ଥିର ହୋଇଛି। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ଟିକେଟଧାରୀ ଦର୍ଶନ କରିବେ। ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରକାଠ ନିକଟରୁ ସର୍ବସାଧାରଣ ବା ସାହାଣମେଳା ଦର୍ଶନ ହେବ। ଏହି ସମୟରେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରିବେ।

- ଅପରାହ୍ନ ୨ଟାରେ ଫିଟିବ ଅଣସର ତାଟି
- ସାଢେ ୨ଟାରେ ପରିମାଣିକ ଦର୍ଶନ
- ସାଢେ ୩ଟାରେ ସାହାଣମେଳା ଦର୍ଶନ

## ଖଳି ଲାଗିହେଲେ ମହାପ୍ରଭୁ

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖଳିଲାଗି ହୋଇଛି। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ରଙ୍କ ସୂଚନା ମୁତାବକ, ରବିବାର ରାତିରେ ମହାପ୍ରଭୁଙ୍କ ଘଣା କଟାଯାଇଥିଲା। ଏହାପରେ ପ୍ରଧାପନ ବୁଣାଟ ହୋଇ ଘଣାଲାଗି କରାଯାଇଥିଲା। ପାଟରା ସେବକଙ୍କଠାରୁ ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ ଓ ଶ୍ରୀପୟର)ରେ ଲାଗି କରାଯାଇଥିଲା। ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢିବା ପରେ ଅଣସର ଶୁଦ୍ଧ ସୁଆରଙ୍କ ଘରୁ ଖଳି ହାଣ୍ଡି ଅଣାଯାଇ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ଏହାପରେ ଶ୍ରୀମୁଖ ଓଡା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଅଣାଯାଇଥିବା ଖଡ଼ି ଲାଗି କରାଯାଇଥିଲା।

ADMISSION GUIDANCE 2019-20
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR-752054
Permitted by Govt. of Odisha & Affiliated to Utkal University

+3 SCIENCE (Hons.) (Physics, Chemistry, Mathematics, Zoology, Botany)
+3 COMMERCE (Hons.) (Accounting & Management)
+3 ARTS (Hons.) (Economics, English, Poltical Sc., Psychology & Sociology)

SPECIAL FEATURES
- Expert & Experienced Facultymembers
- E-Library with DELNET
- Doubt Clearing Classes
- Scholarship for SC & ST Students
- Transport Facilities
- Spoken English
- Separate Furnished Hostel both Boys & Girls

Apply to SAMS Contact: 9778899990 / 9778899991 / 9438767679
Visit us: www.niisinst.com | Email: niisadmission2019@gmail.com



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ମାଆ ନିଜ ପିଲାଙ୍କୁ ବିଷଦେଇ ଆତ୍ମହତ୍ୟା କରିବା ଘଟଣା

# ୨ ଶିଶୁ ବିପଦମୁକ୍ତ

**ମାଲକାନଗିରି,୧୭(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଗୌଡଗୁଡା ଗ୍ରାମରେ ଅଭାବ ଅନଟନ ଯୋଗୁ ନିଜ ୨ ପିଲାଙ୍କୁ ବିଷଦେଇ ନିଜେ ବିଷପିଇ ଦେଇଥିଲେ ମାଆ। ବିଷକ୍ରିୟା ଯୋଗୁ ମାଆ ସୀତାଙ୍କ ମୃତ୍ୟୁ ଘଟିଥିଲା ବେଳେ ୨ ଶିଶୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଡାକ୍ତର ସନ୍ତୋଷ ମିଶ୍ର, ଡାକ୍ତର ପ୍ରେମରାମ ଦେଉରି, ଫର୍ମାସିଷ୍ଟ ରବିନ୍ଦ୍ର କୁମାର ପାତ୍ର ତୁରନ୍ତ ଚିକିତ୍ସା କରି ସେମାନଙ୍କ ଜୀବନ ପ୍ରତି ଥିବା ବିପଦକୁ ଟାଳି ଦେଇଥିଲେ। ଏବେ ଶିଶୁଦ୍ୱୟ ବିପଦମୁକ୍ତ ବୋଲି ଉଭୟ ଡାକ୍ତର କହିଛନ୍ତି। ଡାକ୍ତର ଏବଂ କର୍ମଚାରୀଙ୍କ ସମୟାନୁବର୍ତ୍ତୀ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ମାଲକାନଗିରି,୧୭(ଡି.ଏନ.ଏ.**

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମରେ ରବିବାର ଜଣେ ମାଆ ତାଙ୍କ ୨ ଶିଶୁଙ୍କୁ ବିଷ ଦେଇ ନିଜେ ବିଷ ପିଇ ଆତ୍ମହତ୍ୟା କରିବା ଘଟଣାର ତଦନ୍ତ ଲାଗି ସୋମବାର ଜିଲାପାଳ ମନୀଷ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ, ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଗୌଡଗୁଡା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଏହାର ରିପୋର୍ଟ ସେମାନେ ଜିଲାପାଳଙ୍କୁ ଦେବେ। ରିପୋର୍ଟ ଅନୁଯାୟୀ ଜିଲାପାଳ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ।



ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡଗୁଡ଼ା ଗ୍ରାମରେ ରହୁଥିବା ସୀତାଙ୍କ ବାସଗୃହ ।

# ଆହୁରି ଦୁଇଦିନ ବର୍ଷିବ

- ୧୨ ଜିଲାକୁ ଏଲୋ ୱାର୍ନିଂ
- ଚାନ୍ଦବାଲିରେ ସର୍ବାଧିକ ୬୭ ମିମି ବର୍ଷା
- ଜୁନ୍‌ରେ ବର୍ଷା ପରିମାଣ ୩୧ ପ୍ରତିଶତ କମ୍

**ଭୁବନେଶ୍ୱର, ୧୭(ବ୍ୟୁରୋ)**

ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ରବିବାରଠାରୁ ଆରମ୍ଭ ହୋଇଥିବା ବର୍ଷା କେତେବେଳେ ଛେରୁଛି ତ' ଆଉ କେତେବେଳେ ଝିପିଝିପି ହେଉଛି। ସୋମବାରସୁଦ୍ଧା ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଅଞ୍ଚଳ ସବୁଠି ବର୍ଷା ଲାଗି ରହିଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଇତିମଧ୍ୟରେ ୱେଲ୍‌ମାର୍କ ଲୋ ପ୍ରେସରର ରୂପ ନେଇସାରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଫଳରେ ୩ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ଉତ୍ତର ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଭାରତୀୟ ପାଣିପାଗ ବିଭାଗ ୧୨ ଜିଲାକୁ ଏଲୋ ୱାର୍ନିଂ ଜାରି କରିଛି। ଉକ୍ତ ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ବର୍ଷା ସମୟରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବୋହିବ। ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର ବଢ଼ିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବନ୍ୟା ଓ ଜଳବନ୍ଦୀ ସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ ଜିଲାପାଳମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଚାନ୍ଦବାଲିରେ ସର୍ବାଧିକ ୬୭ ମିଲି ମିଟର (ମିମି) ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ବାଲେଶ୍ୱରରେ ୪୫ମିମି, ପାରାଦୀପରେ ୨୨ମିମି, କଟକରେ ୨୧.୨ମିମି, ସୁନ୍ଦରଗଡ଼ ଓ ମାଲକାନଗିରିରେ ୧୪ମିମି, କେନ୍ଦୁଝରରେ ୧୨ମିମି, ଭୁବନେଶ୍ୱର ୧୦.୩ମିମି, ଅନୁଗୋଳ ଓ ବାରିପଦାରେ ୧୦ମିମି, ଝାରସୁଗୁଡ଼ା ୯ମିମି, ସମ୍ବଲପୁର ୭ମିମି, ତାଳଚେରରେ ୬ମିମି, ଫୁଲବାଣୀରେ ୨.୨ମିମି, ଗୋପାଳପୁର ଓ ସୋନପୁରରେ ୨ମିମି ଓ ପୁରୀରେ ୦.୧ମିମି ବର୍ଷା ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି। ବିଳମ୍ବରେ ମୌସୁମୀ ଆସିବା ଓ ଆରମ୍ଭରୁ ବର୍ଷା ନ ହେବା ଯୋଗୁ ଲୋକେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିଲେ। ଏବେ ବର୍ଷା ଯୋଗୁ ସେଥିରୁ ଆଶ୍ୱାସ୍ତି ମିଳିଥିଲେ ମଧ୍ୟ ବର୍ଷା ଲାଗି ରହିବା ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ରାଜଧାନୀରେ ବର୍ଷାର ଦୃଶ୍ୟ।

### କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ କରାଇବା ମାମଲା

# ଝାରପଡ଼ା ଜେଲ୍‌ରେ ରହିଲେ ପାଟଣାଗଡ଼ ବିଧାୟକ

**ଭୁବନେଶ୍ୱର,୧୭ (ବ୍ୟୁରୋ)**

ନିମ୍ନମାନର ରାସ୍ତା କାମକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରାଇବା ମାମଲାରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ଜାମିନ ଆବେଦନର ଶୁଣାଣି ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହୋଇଥିଲା। ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବିଧାୟକ ମେହେର ଓ ଅଭିଯୋଗକାରୀମାନେ ନିଜ ପକ୍ଷ ରଖିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ ମଲ୍ଲିକ ଉଭୟ ପକ୍ଷରୁ ଶୁଣିବା ପରେ ମାମଲାର ବିଚାର ପରି ପରବର୍ତ୍ତୀ ଶୁଣାଣି ଆସନ୍ତା ୫ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେପର୍ଯ୍ୟନ୍ତ ବିଧାୟକ ଝାରପଡ଼ା ଜେଲ୍‌ରେ ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେବା ପରେ ତାଙ୍କୁ ସେଠାକୁ ପଠାଇ ଦିଆଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଜେଲ୍ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦେଶ ଦିଆଯାଇଛି।

ବିଧାୟକ ମେହେର ଦର୍ଶାଇଥିଲେ ଯେ, ଯେଉଁ ଦଫା ବଳରେ ତାଙ୍କୁ ଗିରଫ କରାଯାଇଛି, ସେଥିମଧ୍ୟରୁ କେବଳ ୫୩୫ ଦଫାକୁ ଛାଡିଦେଲେ ଅନ୍ୟସବୁ ଜାମିନ ଯୋଗ୍ୟ। ସେ ଜଣେ ଲୋକ ପ୍ରତିନିଧି ହୋଇଥିବାରୁ ପଳାତକ କାର୍ଯ୍ୟ କରିବେ ନାହିଁ। ବିଧାନସଭା ଚାଲିଥିବାରୁ ସେଠାରେ ଲୋକଙ୍କ ସମସ୍ୟା ପହଞ୍ଚାଇବା ନେଇ ଉପସ୍ଥିତ ରହିବା ଆବଶ୍ୟକତା ରହିଛି। ସେ କୋର୍ଟର ସମସ୍ତ ସର୍ତ୍ତକୁ କଡ଼ାକଡ଼ି ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲିସେ ଆବେଦନରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବର ଓ ତାଙ୍କ ସ୍ତ୍ରୀ ତଥା ମାମଲାର ଅଭିଯୋଗକାରୀ ମଧ୍ୟ କୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ। ସେମାନଙ୍କୁ ଅନେକ ଅଜଣା ମୋବାଇଲ୍ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସୁଛି। ବିଧାୟକଙ୍କୁ ଜାମିନ ମିଳିଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେମାନେ କହିଥିଲେ।

ଗତ ମାସରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଏକ ରାସ୍ତା କାମ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଥିଲା। ବିଧାୟକ ମେହେର ଲୋକଙ୍କ ସହ ସେଠାରେ ପହଞ୍ଚି କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜୟକାନ୍ତଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଯନ୍ତ୍ରୀ ଜଣକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକଙ୍କୁ ଗିରଫ ଦାବି ଜୋର୍ ଧରିଥିଲା। ଗତ ୨୪ ତାରିଖରେ ନୂଆପଡାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଅନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଜୁଲାଇ ୧ ତାରିଖରେ ଭୁବନେଶ୍ୱର ହେବାକୁ ଧାର୍ଯ୍ୟ କରିଥିଲେ। ଜେଲରେ ବିଧାୟକ ଅସୁସ୍ଥ ହେବାପରେ ୨୫ ତାରିଖଠାରୁ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ଅପରାହ୍ନରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇ ପାଟଣାଗଡ଼ ଜେଲ୍‌କୁ ପଠାଇ ଦିଆଯାଇଥିଲା।

### ୮ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

# ଆଜିଠୁ ମିଳିବ ଆଡମିଟ୍ କାର୍ଡ

**କଟକ ଅଫିସ,୧୭**

ଆସନ୍ତା ୮ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା। ଏଥିପାଇଁ ଆଡମିଟ୍ କାର୍ଡ ମଙ୍ଗଳବାରଠାରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ୱେବସାଇଟ www.bseodisha.ac.inରେ ଉପଲବ୍ଧ ହେବ। ଏହାକୁ ପରୀକ୍ଷାର୍ଥୀ ଡାଉନଲୋଡ କରିପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ସମାନ ଦିନରେ ଆରମ୍ଭ ହେବ। ଏହି ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ଜୁଲାଇ ୩ରେ ୱେବସାଇଟରେ ଉପଲବ୍ଧ ହେବ ବୋଲି ଡ. ମହାନ୍ତି କହିଥିଲେ। ସୂଚନାଥାଉ କି, ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୮ରୁ ୧୪ ତାରିଖ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୭,୬୧୬ଜଣ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଓ ୫୫ଟି ପରୀକ୍ଷା କେନ୍ଦ୍ରରେ ୯୦୩୩ଜଣ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟ୍‌ରେ ନିଜ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ମଧ୍ୟ ସୂଚନା ପାଇପାରିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଭାଗ୍ୟ ସ୍ଥାନକୁ ଛଅଟି ଗ୍ରହ ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା ନିଶ୍ଚିତ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବାର ପ୍ରଯତ୍ନ କରିବା ଦିଗରେ ସଫଳତା ପାଇପାରିବେ। ମଙ୍ଗଳଙ୍କ ବଳହୀନତା କାରଣରୁ ଶାରୀରିକ କ୍ଳାନ୍ତି ଓ ଅବସାଦ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟିକରିବା ଆଶଙ୍କା ରହିଛି।

**ବୃଷ**
ମୁଖଭାବରେ ଚତୁଃଗ୍ରହଯୋଗ ଆପଣଙ୍କ ପ୍ରଭାବଶାଳୀ ପ୍ରକାଶଭଙ୍ଗୀ, ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବା ସହ ପରିବାରରେ, କର୍ମକ୍ଷେତ୍ରରେ, ସଭାସମିତିରେ ଆପଣ ବହୁଚର୍ଚ୍ଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ମିଥୁନ**
ରାଶିରେ ଏକାଧିକ ଗ୍ରହ ଶାରୀରିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରାଇପାରନ୍ତି। କିନ୍ତୁ ବିବାଦୀୟ ସ୍ଥିତି, ମାଲିମକଦ୍ଦମା, ସଙ୍ଗଠନ, ପରିଜନ ସହ ଯାତ୍ରା କ୍ଷେତ୍ରରେ ସଫଳତା ନିଶ୍ଚିତ। ଜମିଜମା କିମ୍ବା ଗୃହ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ,ସହଯୋଗର ଅଭାବ ରହିବନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ସନ୍ତୋଷ ଲାଭ କରିପାରନ୍ତି।

**କର୍କଟ**
ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ କର୍ମମୁଖର କରାଇ ଅବସର ଦେଇ ନ ପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ଆପଣଙ୍କ ବ୍ୟବହାରରେ ରୁକ୍ଷତା ବନ୍ଧୁଙ୍କ ମନଦୁଃଖର କାରଣ ହୋଇପାରେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଦୁଶ୍ଚିନ୍ତା ସାୟାହ୍ନେ ଦୂରହେବ। କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବା ସୂଚନା ରହିଛି।

**ସିଂହ**
ଆଜିର ଅନୁକୂଳ ଗ୍ରହ ସ୍ଥିତି ଆପଣଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟିକରି ବନ୍ଧୁପ୍ରିୟ କରାଇବ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦି ଫିକର କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ,ପ୍ରଶାସନ ଏଜେନ୍ସିଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ଦଶମ ସ୍ଥାନରେ ଏକାଧିକ ଗ୍ରହ ଆପଣଙ୍କ କର୍ମକ୍ଷେତ୍ରକୁ ଚଳଚଞ୍ଚଳ କରାଇବେ। ବୃହସ୍ପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟିଫଳରେ ପରିବାର,ବନ୍ଧୁମିଳନ, ସଭାସମିତି, ଆନୁଷ୍ଠାନିକ କାମ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। କିନ୍ତୁ ଚିତ୍ରା ନକ୍ଷତ୍ର କୌଣସି କଥାକୁ ଭଲ ରୂପେ ବିଚାର ନ କରି କାମକଲେ ସମସ୍ୟା ଭିତରକୁ ଟାଣିହୋଇଯିବେ।

**ତୁଳା**
ପକ୍ଷୀର ଡେଣା ପରି ଦୁଇ, ତିନି ଓ ନଅ, ଦଶମ ସ୍ଥାନରେ ଗ୍ରହମାନେ ଆପଣଙ୍କୁ ଧନ, ସମ୍ମାନ, ଉଚ୍ଚ ପଦବୀ ଓ ବିଶିଷ୍ଟ ବନ୍ଧୁମାନଙ୍କ ସଙ୍ଗଲାଭ କରାଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ଚିନ୍ତା କରିବାକୁ ପଡ଼ିବନାହିଁ । ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ଆଶା ରହିଛି।

**ବିଛା**
ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ଭଲମନ୍ଦର ମିଶ୍ରିତଫଳ ପ୍ରଦାନ କରିବ। ଅଷ୍ଟମଭାବସ୍ଥ ଗ୍ରହ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ଲାଗିବ ନାହିଁ । ପାରିବାରିକ ପ୍ରତିରୋଧ ଆପଣଙ୍କ କାମକୁ ଦୀର୍ଘସମୟଧରି ବିଶେଷ ବିଶୃଙ୍ଖଳିତ କରି ରଖିବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ଧନୁ**
ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯାତ୍ରାରେ ଦ୍ୱନ୍ଦ୍ୱ, ବିବାଦରେ ପରାଜୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଜନିତ ଚିନ୍ତା ସୃଷ୍ଟିକରେ। କର୍ମାଧିପ ଅଷ୍ଟମସ୍ଥାନରେ ଥିବାରୁ ଅପମାନଜନକ ବ୍ୟବହାର ମନରେ ଆଘାତ ସୃଷ୍ଟି କରିବ । କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ କରିପାରିବେ।

**ମକର**
ଷଷ୍ଠ ଓ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରୁ ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟହାନି ଓ ଅର୍ଥସଙ୍କଟ ମାନସିକ ସ୍ଥିତିକୁ ବିପନ୍ନ କରିବ। କିନ୍ତୁ ତୃତୀୟାଧିପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**କୁମ୍ଭ**
ଆଜିର ଗ୍ରହ ପ୍ରଭାବରେ ଆପଣ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟିକଲେ ମଧ୍ୟ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ମୀନ**
ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭତ୍ୱ ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ସମସ୍ୟାର କାରଣ ହୋଇପାରେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟେକ ଅସୁବିଧାଜନକ ପରିସ୍ଥିତିକୁ ସୁଧାରିନେବାରେ ସମର୍ଥ ହେବେ।

ଆଜି ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ, ରଥଯାତ୍ରାର ଅଧିବାସ କର୍ମ, ଆଷାଢ଼ ଅମାବାସ୍ୟା ମଙ୍ଗଳବାର, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, ହୋମିଓପ୍ୟାଥିକର ଜନକ ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ୯ ।୦୭ମି. ପରେ ଆରଦ୍ରା ନକ୍ଷତ୍ର ହେବ, ଅମାବାସ୍ୟାର ଶ୍ରାଦ୍ଧ,କନ୍ୟାରାଶିର ଘାତଚନ୍ଦ୍ର,ମକର ରାଶିର ଘାତବାର , ଅମାବାସ୍ୟାର ନିଶା ପାଳନ। ଦିବା ଘ୮ ।୨୮ମି. ମଧ୍ୟେ ଘ୧୦ ।୦୭ମି. ଗତେ, ଘ୧୧ ।୪୬ ମଧ୍ୟେ ଅମୃତବେଳା।

classifieds Everyday
0674-2580101, 2549302



SALE

2BHK flat near Garage Chhak, Bhubaneswar NH-side buyer. 8763449127. D-65659

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Residential plot-Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

Gharabari yellowzone stitiban plot available at Malipada mainroad 500 meters from SUM Hospital, DAV School, Bhubaneswar 1600/-sqft. 9777063609. D-66156

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**BDA**ର **Southcity**ରେ ନିର୍ମିତ ବୃହତ୍ତମ **IIT Arugul**ଠାରେ ପିଚୁରାସ୍ତା ଏବଂ **Electric** ସୁବିଧାଥାଇ ଘରବାରି **plot** ଶସ୍ତାରେ କିଣନ୍ତୁ। **7978773097.** D-66719

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste** ଘରବାରି ପାଚେରି ପ୍ଲଟ ପିଚୁରୋଡ **side**ରେ ଅରଗୁଲ **Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

ଘରବାରୀ **demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ **2400sqft. 13,20,000/-9437306208.** D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। **9438432164.** D-66718



Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674-2597822. D-66589

Full body massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Kajal ayurvedic massage club fully relaxed by smart lady, home service available. 9937637219. D-66916

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଜିଲ୍ଲା ଚିଠି କେନ୍ଦ୍ରାପଡ଼ା

# କାଳ ସାଜିଛି ଚିଙ୍ଗୁଡ଼ି ଘେରି

କୃଷିଭିତ୍ତିକ ଅର୍ଥନୀତିରେ ସମୃଦ୍ଧ କେନ୍ଦ୍ରାପଡ଼ା ଜିଲାରେ ଚାଷ ଜମି କମିବାରେ ଲାଗିଛି। ଚାଷ ଜମି ସହ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ବିଭିନ୍ନ ନାଳ ଓ ଯୋର ଆଦି ଚିଙ୍ଗୁଡି ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି। ଏଥିଯୋଗୁ ଦୁର୍ଦ୍ଦିନରେ ଥିବା ଧାନ ଓ ପରିବା ଚାଷୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ମାତ୍ର ଚିଙ୍ଗୁଡି ଘେରିକୁ ମୁଖ୍ୟ ବ୍ୟବସାୟ କରି ମାଲାମାଲ ହେଉଥିବା ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ସେମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରି ଦେଶ ବିଦେଶକୁ ପ୍ରାୟ ୧୧ ପ୍ରକାର ଚିଙ୍ଗୁଡି ରପ୍ତାନି କରୁଛନ୍ତି। ସେହି ଲାଭ ଟଙ୍କାରୁ ସ୍ଥାନୀୟ ପ୍ରଶାସକ, ରାଜନେତା ଓ ବନବିଭାଗ କର୍ମଚାରୀଙ୍କ ହାତ ଚିକ୍କଣ ହେଉଛି। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ୪ ରାଜସ୍ୱ ସର୍କଲର ମୋଟ ୩୭୮ ଏକର ଜମିରେ ବେଆଇନ ଭାବେ ୭୦୩ ଚିଙ୍ଗୁଡ଼ି ଘେରି ରହିଛି। ରଙ୍ଗଣୀ ରାଜସ୍ୱ ସର୍କଲର ୬ଗ୍ରାମର ୨୫୧ ଏକର ଜମିରେ ୨୪୧, ତାଳଚୁଆର ୫ଟି ହାମଲେଟ ଗ୍ରାମର ୩୯ ଏକର ଜମିରେ ୩୮୫ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ସେହିପରି ରିଘାଗଡ଼ ରାଜସ୍ୱ ସର୍କଲର ୬ ଗ୍ରାମର ୭୪ ଏକର ଜମିରେ ୬୯, ଗୁପ୍ତି ରାଜସ୍ୱ ସର୍କଲର ୨ଟି ଗ୍ରାମର ୧୪ ଏକର ଜମିରେ ୮ଘେରି ରହିଛି। ତେବେ ବାସ୍ତବ ତଥ୍ୟ ଭିନ୍ନ। କେବଳ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ୫୦ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଜମି ଚିଙ୍ଗୁଡି ଘେରି ମାଲିକଙ୍କ ହାତକୁ ଚାଲିଯାଇଥିବା ବେଳେ ରାଜନଗର, ମହାକାଳପଡା ଓ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ଚିଙ୍ଗୁଡି ଘେରି ବୃଦ୍ଧି ପାଇବାରେ ଲାଗିଛି। ଏହି ଚାଷ ଏବେ କେବଳ କେନ୍ଦ୍ରାପଡ଼ା ଜିଲାବାସୀଙ୍କର ହୋଇ ରହିନାହିଁ। ବହୁ ବାଂଲା ଅନୁପ୍ରବେଶକାରୀ ସ୍ଥାନୀୟ ଅଞ୍ଚଳରେ ରହି ଚିଙ୍ଗୁଡି ଘେରି ନିର୍ମାଣ କରି ଲୋକଙ୍କୁ ନାକେଦମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏସବୁ ଘେରି ଉଚ୍ଛେଦ ନେଇ ସ୍ଥାଣୁତା ପ୍ରକାଶ ପାଇବା ପରେ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ହାଇକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଜିଲାର ବିଭିନ୍ନ ଅଞ୍ଚଳରେ ବଢି ଚାଲିଥିବା ଘେରିଗୁଡିକୁ ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଜିଲା ପ୍ରଶାସନ ନାମକୁ ମାତ୍ର ଘେରି ଉଚ୍ଛେଦ କରୁଥିବା ଅଭିଯୋଗ ହୋଇଛି। ଏସବୁ ଘେରିର ଗୋଟିଏ ପାର୍ଶ୍ୱ ବନ୍ଧରୁ ପ୍ରାୟ ୫ରୁ ୧୦ ଫୁଟ ଚଉଡା ଘେରି ଭାଙ୍ଗି ଦିଆଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଉଛି। ଏହା ଘେରି ମାଲିକଙ୍କ ଉପରେ କୌଣସି ଫରକ ପକାଉନାହିଁ। ଭଙ୍ଗାଯିବାର ଗୋଟିଏ ଦିନ ପରେ ପୁନର୍ବାର ଘେରି ବନ୍ଧ ନିର୍ମାଣ କରି ପୂର୍ବପରି ଚିଙ୍ଗୁଡି ଚାଷ କରାଯାଉଛି। ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ମୁହାଣରେ ଥିବା ବିସ୍ତୃତ ଲୁଣା ଜଙ୍ଗଲ ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ। ସମୁଦ୍ରର ଲୁଣି ପାଣି ଏହି ଅଞ୍ଚଳକୁ ମାଡ଼ି ଆସି ପୁଣି ଫେରିଯାଏ। ଏହି ପାଣିକୁ ଘେରି ମାଧ୍ୟମରେ ଅଟକାଯାଇ ଅଥବା ନାଳ ଖୋଳି ଘେରି ନିକଟକୁ ଅଣାଯାଇ ସେଥିରେ ଚିଙ୍ଗୁଡ଼ି ଚାଷ କରାଯାଏ। ଏହି ଚାଷ ପାଇଁ ଚିଙ୍ଗୁଡ଼ି ବ୍ୟବସାୟୀମାନେ ଭିତରକନିକା ଜାତୀୟ ଉଦ୍ୟାନର ନିଷିଦ୍ଧାଞ୍ଚଳକୁ ସୁରକ୍ଷିତ ମନେକରି ସେଠାରେ ଚାଷ କରି ଆସୁଥିଲେ। ଏବେ ସେହି ନିଷିଦ୍ଧାଞ୍ଚଳରେ ଧାନ ଓ ଅନ୍ୟାନ୍ୟ ପରିବା ଚାଷ କରାଯାଉଛି। ମାତ୍ର ଚିଙ୍ଗୁଡି ଚାଷ ଯୋଗୁ ଜମିରେ ନାଳ, ଯୋର, ମାହାରା ଆଦିର ଲୁଣି ପାଣି ମାଡି ଯାଉଛି। ଫଳରେ ଧାନ ଚାଷ ନଷ୍ଟ ହେଉଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଭିତରକନିକାର ହେନ୍ତାଳ ବଣ, ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀ ଉପରେ ପଡୁଛି। ଏଥିଯୋଗୁ ଆଗାମୀ ଦିନରେ ଭିତରକନିକାର ଜୈବବିବିଧତା ନଷ୍ଟ ହେବ। ସେଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ହରାଇବାର ଆଶଙ୍କା ରହିଛି।

– ଜଗନ୍ନାଥ ଧଳ

# ପୋଲିସ ସାଜିଲା ଲୁଟେରା

**ପଦ୍ମପୁର,୧୭(ଡି.ଏନ.ଏ.)**

■ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ଲୁଟ୍‌ପାଟ

■ ହାବିଲଦାରଙ୍କ ସମେତ ୩ ଗିରଫ



ବୁଡ଼େନ ଥାନା

ବରଗଡ଼ ଜିଲା ପୋଲିସର ଖାକିରେ ପୁଣି କଳାଦାଗ। ଏଥର ବୁଡ଼େନ ଥାନାର ପୋଲିସ ହାବିଲଦାର ଶ୍ୟାମସୁନ୍ଦର ଦୀପଙ୍କ ଅପକର୍ମ ପଦାକୁ ଆସିଛି। ହାବିଲଦାର ଦୀପ ଓ ଅନ୍ୟ ୪ଜଣ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ବିରିପାଲି ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ଘରକୁ ଯାଇ ଲୁଟ୍‌ପାଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବୁଡ଼େନ ପୋଲିସ ହାବିଲଦାର ଦୀପଙ୍କ ସମେତ ବୁଡ଼େନ ଥାନା ଦର୍ଲିଗୁଡ଼ା ଗ୍ରାମର ଆଡ଼ଭୋକେଟ୍ ମାଣିକ ଦାଶ, ସୁଦାମ ବରିହାଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍ଷ୍ମଣଙ୍କ ଏତଲା କ୍ରମେ ସେମାନଙ୍କ ବିରୋଧରେ ବୁଡ଼େନ ଥାନାରେ ଏକ ମାମଲା(ନଂ.୫୨/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଏହି ମାମଲାରେ ଅନ୍ୟ ୨ଜଣ ସମ୍ପୃକ୍ତ ଥିବାରୁ ପୋଲିସ ତନାଘନା ଚଳାଇବା ସହିତ ବ୍ୟବହୃତ ଜାଇଲୋ ଗାଡ଼ିକୁ ଜବତ କରିବା ପାଇଁ ଉଦ୍ୟମ ଜାରି ରଖିଛି।

ପୋଲିସ ସୂଚନା ଅନୁସାରେ, ଗତ ୨୪ତାରିଖ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଏକ ଜାଇଲୋ ଗାଡ଼ିରେ ବିରିପାଲି ଗ୍ରାମର ଲକ୍ଷ୍ମଣଙ୍କ ଘରକୁ ଯାଇ ନିଜକୁ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ବୋଲି ପରିଚୟ ଦେଇଥିଲେ। ହାବିଲଦାର ଦୀପ ପୋଲିସ ପୋଷାକରେ ଥିବାରୁ ଲକ୍ଷ୍ମଣ ସେମାନଙ୍କୁ ପୋଲିସ ସ୍କ୍ୱାଡ୍ ବୋଲି ଭାବି ନେଇଥିଲେ। ଅଭିଯୁକ୍ତମାନେ ଘର ଯାଞ୍ଚ କରିବା ଆଳରେ ଲକ୍ଷ୍ମଣଙ୍କ ଘରେ ଥିବା ନଗଦ ୨୦ହଜାର ଟଙ୍କା, ସୁନା ଗହଣା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇ ପଳାଇଥିଲେ। ଘଟଣାଟି ପଦାକୁ ଆସି ନ ଥିଲା ଏବଂ ପୋଲିସ ଭୟରେ ଲକ୍ଷ୍ମଣ ମଧ୍ୟ ଚୁପ୍ ଥିଲେ। ମାତ୍ର ଏକଥା ପ୍ରଘଟ ହେବା ପରେ ସେ ଏ ନେଇ ଏତଲା ଦେଇଥିଲେ। ଏତେଦିନ ଧରି ଲକ୍ଷ୍ମଣ କାହିଁକି ଏତଲା ଦେବାକୁ ଭୟ କରୁଥିଲେ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ କଫ୍ ସିରପ ତଥା ନିଶା କାରବାରର ଲିଙ୍କ୍ ରହିଛି। ଅନ୍ୟପକ୍ଷେ ଏତଲା ନ ଦେବା ପାଇଁ ପୋଲିସ ପକ୍ଷରୁ ଚାପ ପଡିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ବିଗତ ଦିନରେ ବରଗଡ଼ ଟାଉନ ଥାନା, ସଦର ଥାନା ଏବଂ ଗାଇସିଲେଟ୍ ଥାନାର କେତେକ ପୋଲିସ କର୍ମଚାରୀ ସ୍ପେଶାଲ ସ୍କ୍ୱାଡ୍ ନାମରେ ଲୁଟ୍‌ପାଟ୍ କରିଥିଲେ । ଏପରି ଅଭିଯୋଗରେ ସେମାନେ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ଅନ୍ୟପକ୍ଷେ ଭେଡ଼େନ ଥାନାରେ ମାଖନୁ ବାଗ ହତ୍ୟା ଘଟଣା ରାଜ୍ୟବ୍ୟାପୀ ଜିଲା ପୋଲିସକୁ ବଦନାମ କରିସାରିଛି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

**ଜୟପାଟଣା,୧୭(ଡି.ଏନ.ଏ.)**

ରବିବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ କୁହୁରୀଗୁମା ଗ୍ରାମରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହାର ୨୪ ଘଣ୍ଟା ନ ପୁରୁଣୁ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଜୟପାଟଣା ବ୍ଲକ୍ ବାଣ୍ଡିଗାଁ ପଞ୍ଚାୟତ ଅନ୍ତର୍ଗତ ନାଇକାଣିଗୁମା ଗ୍ରାମରେ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ଶାନ୍ତି ଶବର (୨୫)। ଶାନ୍ତିଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରିଥିବା ଜୟପାଟଣା ଥାନାରେ ତାଙ୍କ ମା' ଅଭିଯୋଗ କରିଛନ୍ତି। ଏ ନେଇ ଭାରତୀୟ ଦଣ୍ଡବିଧି ଆଇନର ୩୦୨ରେ ଏକ ମାମଲା (ନଂ. ୧୭୪/୧୯) ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତ ଦୁର୍ବଳ ଶବର (୩୦)ଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୟପାଟଣା ବ୍ଲକ୍ ଅନ୍ତର୍ଗତ ବାଣ୍ଡିଗାଁ ପଞ୍ଚାୟତର ନାଇକାଣିଗୁମା ଗ୍ରାମରେ ଦୁର୍ବଳ ଏବଂ ତାଙ୍କ ସ୍ତ୍ରୀ ଶାନ୍ତି ରହୁଥିଲେ। ରବିବାର ରାତି ପ୍ରାୟ ୨ଟା ବେଳେ ଶାନ୍ତି ଫୋନ୍ ଯୋଗେ ତାଙ୍କ ସ୍ୱାମୀ ତାଙ୍କୁ ମାଡ଼ ମାରୁଥିବା ନେଇ ମା' ମଥୁରାଙ୍କୁ ଜଣାଇଥିଲେ। ସୋମବାର ସକାଳେ ଶାନ୍ତିଙ୍କ ମୃତଦେହ ଘରେ ପଡ଼ିଥିଲା। ପଡ଼ୋଶୀ ଲୋକଙ୍କଠାରୁ ଖବର ପାଇ ଶାନ୍ତିଙ୍କ ପରିବାରବର୍ଗ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଜୟପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ସମ୍ପର୍କୀୟ ପିଉସୀଙ୍କୁ ହତ୍ୟା

**କନ୍ଧମାଳ,୧୭ (ଡି.ଏନ.ଏ.)**

ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ଜଣେ ନାବାଳିକାଙ୍କୁ ହତ୍ୟା କରାଯାଇଛି। ଏଭଳି ଏକ ଘଟଣା ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳରେ ଘଟିଛି । ଅଭିଯୁକ୍ତ ଫେରାର ଅଛନ୍ତି ।

ପୋଲିସ ସୂଚନା ଅନୁସାରେ, ରବିବାର ଅପରାହ୍ନ ୫ଟାରେ ଅଭିଯୁକ୍ତ ଘରେ ଥିବାବେଳେ ତାଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ଦୂର ସମ୍ପର୍କୀୟ ପିଉସୀ ତାଙ୍କ ଘରକୁ ଟିଭି ଦେଖିବାକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ତାଙ୍କୁ ଆଶାଳୀନ ବ୍ୟବହାର କରିଥିଲେ । ହେଲେ ନାବାଳିକା ସେଠୁ ଖସି ଆସି ପରିବାର ଲୋକଙ୍କୁ କିଛି କହି ନ ଥିଲେ । ରାତି ୨ଟା ସମୟରେ ନାବାଳିକା ଜଣକ ତାଙ୍କ ଆଈଙ୍କ ପାଖରେ ଶୋଇଥିବା ବେଳେ ଅଭିଯୁକ୍ତ ସେଠାକୁ ଯାଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଛୁରିରେ ତାଙ୍କ ବେକକୁ କାଟି ଦେଇ ଫେରାର ହୋଇ ଯାଇଥିଲେ। ନାବାଳିକଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ତାଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ସୋମବାର ଅପରାହ୍ନରେ ହସ୍ତାନ୍ତର କରିଛି । ଏ ନେଇ କନ୍ଧମାଳ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୧୫/୧୯) ରୁଜୁ ହୋଇଛି । ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

■ ଭଡ଼ା ବୃଦ୍ଧି ଦାବିରେ ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

# ସଡ଼କ ପଥରେ କୋଇଲା ପରିବହନ ବନ୍ଦ

**ତାଳଚେର,୧୭(ନି.ପ୍ର.)**

ଭଡ଼ା ବୃଦ୍ଧି ଦାବିରେ ତାଳଚେର ଟ୍ରକ୍ ମାଲିକମାନେ ରବିବାର ମଧ୍ୟରାତ୍ରିରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ତାଳଚେର କୋଲ୍‌ଫିଲଡ୍‌ସରୁ ଟ୍ରକ୍ ଯୋଗେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସମସ୍ତ କ୍ଷେତ୍ରରେ ଦରବୃଦ୍ଧି ଘଟିଥିବା ବେଳେ ଭଡ଼ା ବୃଦ୍ଧି କରାଯାଉ ନ ଥିବାରୁ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ଲାଗି ରହିଥିଲା। ସେମାନେ ୩ ବର୍ଷ ହେଲା ଭଡା ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଟ୍ରକ୍ ମାଲିକ ସଂଘ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ୩ରୁ ୪ ହଜାର ଟ୍ରକ୍ ମାଲିକ ସାମିଲ ହୋଇଛନ୍ତି। ଆରଟିଓ ରିପୋର୍ଟ ଅନୁସାରେ ଗାଡ଼ି ପରମିଟ୍, ଫିଟନେସ୍, ଟ୍ୟାକ୍ସ, ଇନସ୍ୟୁରାନ୍ସ ଖର୍ଚ୍ଚ ଆଦିକୁ ଦୃଷ୍ଟିରେ ରଖି ସରକାର କି.ମି. ପିଛା ନୂତନ ଭଡ଼ା ଧାର୍ଯ୍ୟ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।


**NIMAPARA AUTONOMOUS COLLEGE**

**ADMISSION TO POST GRADUATE COURSE IN GEOLOGY, COMMERCE AND ODIA**

Notice No.68 Date: 29.06.2019

Online applications are invited from the candidates for admission to Post Graduate course in Geology, Commerce & Odia for the session 2019.

The details of forms prospects are available in the college website www.nimaparacollege.org.in. The last date for submission of forms is 15.07.2019. Applicant can collect the form from the college office by depositing of Rs.500/- in the college counter during office hour.

**LECTURER WANTED IN GEOLOGY & MATHEMATICS.**

Candidate having 56% mark and above mark in PG Level may attend walk in interview on 08.07.2019 in the office of the undersigned at 11.00 A.M.

Sd./- PRINCIPAL

**SALE**

DAMAGED STRUCTURAL MATERIALS, STOCK OF VARIOUS NATURE AVAILABLE FOR SALE AT BHUBANESWAR /CUTTACK. OFFER INVITED WITH 10% EMD IN SEALED COVER TO BE SENT WITHIN 7 DAYS TO

SNM CONSULTANTS
1/1A, VANSITTART ROW
B.B.D.BAG
KOLKATA – 700001
MOB: 9830871642

JOINTLY DEVELOPED BY
GOVT. OF INDIA & GOVT. OF ODISHA

**STATE INSTITUTE OF HOTEL MANAGEMENT, BALANGIR**

Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org

**ADMISSIONS OPEN**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |


# ଦୂରଦର୍ଶନରେ ରଥଯାତ୍ରାର ସିଧା ପ୍ରସାରଣ

**ଭୁବନେଶ୍ୱର, ୧୭(ବ୍ୟୁରୋ)**

ଦୂରଦର୍ଶନରେ ଆସନ୍ତା ୪ତାରିଖ ଦିନ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ସକାଳ ୮ଟା ୩୦ରୁ ରଥଟଣା ଶେଷ ପର୍ଯ୍ୟନ୍ତ, ଡିଡି ନ୍ୟାଶନାଲରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ଡିଡି ଭାରତୀ, ଡିଡି ଇଣ୍ଡିଆ ଓ ଡିଡି ବଙ୍ଗଳାରେ ସକାଳ ସାଢ଼େ ୮ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ପ୍ରସାରଣ ହେବ। ଓଡ଼ିଆ, ହିନ୍ଦୀ, ଇଂଲିଶ, ସଂସ୍କୃତ ତଥା ବଙ୍ଗଳା ଭାଷାରେ ଧାରା ବିବରଣୀ ସହ ପ୍ରସାରଣ କରାଯିବ। ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର ଦ୍ୱାରା ଶ୍ରୀଗୁଣ୍ଡିଚା ଯାତ୍ରାର ୱେବ୍‌କାଷ୍ଟ http://rathajatra.nic.in/rathjatra.htmlରେ ପ୍ରସାରିତ ହେବ। ସେହିପରି www.youtube.com/c/ddodisha ମାଧ୍ୟମରେ ରଥଯାତ୍ରାର ଲାଇଭ୍ ଷ୍ଟ୍ରିମିଙ୍ଗ କରାଯିବ। ହ୍ୱାଟ୍‌ସଆପ୍ ମାଧ୍ୟମରେ ଦର୍ଶକଙ୍କ ରଥଯାତ୍ରା ସମ୍ବନ୍ଧୀୟ ଜିଜ୍ଞାସା ତଥା ପ୍ରଶ୍ନର ଉତ୍ତର ବିଶେଷଜ୍ଞଙ୍କ ଦ୍ୱାରା ସିଧା ପ୍ରସାରଣ ସହ ସଂଯୋଗ କରାଯିବ। ଦର୍ଶକଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଶ୍ନୋତ୍ତରୀ ବ୍ୟବସ୍ଥା ହେବ। ୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଏବଂ ସନ୍ଧ୍ୟା ୬ଟାରେ ଡିଡି ନ୍ୟାଭନୋଲରେ ହିନ୍ଦୀରେ ରଥଯାତ୍ରା ପ୍ରସ୍ତୁତି ପର୍ବର ପ୍ରସାରଣ ହେବ। ସେହିପରି ଓଡ଼ିଆରେ ୩ ତାରିଖ ସକାଳ ସାଢ଼େ ୮ଟା ଓ ରାତି ୧୦ଟାରେ ପ୍ରସାରଣ ହେବ।

ସେହିପରି ୧୨ତାରିଖ ଦିନ ସକାଳ ୯ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ବାହୁଡ଼ା ଯାତ୍ରାର ସିଧା ପ୍ରସାରଣ ହେବ। ୧୩ ତାରିଖ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ସୁନାବେଶ, ୧୪ ତାରିଖ ସନ୍ଧ୍ୟା ୬ଟାରୁ ଅଧରପଣା, ୧୫ ତାରିଖ ଅପରାହ୍ନ ୪ରୁ ନୀଳାଦ୍ରିବିଜେର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ୨ତାରିଖ ଦିନ ସକାଳ ସାଢ଼େ ୮ଟା ଓ ରାତି ସାଢ଼େ ୮ଟାରେ ଗଜପତି ମହାରାଜଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପର ପ୍ରସାରଣ ହେବ ବୋଲି ସୋମବାର ଦୂରଦର୍ଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୋଗ୍ରାମ ହେଡ୍ ନିଳାଦ୍ରୀ ମୋହନ ଶତପଥୀ, ଡେପୁଟି ଡାଇରେକ୍ଟର ଜେନେରୋଲ(ଇଞ୍ଜିନିୟର) ଧ୍ରୁବ ନନ୍ଦ, ଭିଡିଓ ଏକ୍‌ଜିକ୍ୟୁଟିଭ୍ ପାର୍ଥସାରଥୀ ମିଶ୍ର, ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦିପ୍ତୀ ମିଶ୍ର ଓ ପ୍ରବୋଧ କୁମାର ପଟ୍ଟନାୟକ, ସିନିୟରଆଡ଼ମିନିଷ୍ଟ୍ରେଟିଭଅଫିସର ନୃପଲାଲ ଚାନ୍ଦ, ଡାଇରେକ୍ଟର ଇଞ୍ଜିନିୟରିଂ ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।


**ଜନ୍ମଦିନ ଶୁଭେଚ୍ଛା**



**Happy Birthday to "PUTY"**

ଆଜି ୯ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

Best Wishes From: Papin, Mama, Unguda, Oh My God, Jeja, Maa, Chini & Swain Family

ଧ-୧୩୨୧୬

**CLASSIFIED DISPLAY**

**ADMISSION OPEN**

**INDUSTRIAL SAFETY ENGINEERING**

**DURATION - ONE YEAR**

**10TH/10+2/+3, ITI, DIPLOMA/DEGREE**

**Approved by Bharat Sevak Samaj, Govt. of India**

Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.

**EEURO MARITIME ACADEMY**

(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575



# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ମେଘନାଦ ବରାଳ**

ବାଟଗାଁ, କାମାକ୍ଷାନଗର
ଆବିର୍ଭାବ: ୦୧।୦୯।୧୯୫୭
ତିରୋଧାନ: ୨୨।୦୬।୨୦୧୯

ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ।

ଧ-୬୬୮୦୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଲକ୍ଷ୍ମୀ ସାଇଁ**

ଆବିର୍ଭାବ - ୨୧.୦୪.୧୯୨୦
ତିରୋଧାନ- ୨୩.୦୬.୨୦୧୯
ତିନିଘରିଆ, କଟକ-୪

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ- ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ ।

ଧ-୬୬୫୯୨


# ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କୁ କଟୁରିରେ ଆକ୍ରମଣ

**ନିଆଳି, ୧୭(ଡି.ଏନ୍.ଏ.)**

**ଛାତ୍ରୀଛାତ୍ର ଆତଙ୍କିତ**



ନିଆଳି ଥାନା ଅନ୍ତର୍ଗତ ବିନିଶିପୁର ପଞ୍ଚାୟତ ଆମ୍ବପଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନରେ ପାଠପଢ଼ା ଚାଲିଥିବାବେଳେ ଆତଙ୍କ ଖେଳିଯାଇଥିଲା। କାରଣ ବିଭୂତି ମହାନ୍ତି(୪୩) ନାମକ ଜଣେ ଯୁବକ କଟୁରି ଧରି ଶ୍ରେଣୀ ଗୃହରେ ପଶି ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ହାଣି ପକାଇଥିଲେ। ଏଥିରେ ଶୁଚିସ୍ମିତାଙ୍କ ଦୁଇହାତ, ମୁଣ୍ଡ, ବେକ ଓ ପିଠିରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଆହତ ଶିକ୍ଷୟିତ୍ରୀଙ୍କ ଖୁଡୀ ନିଆଳି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୫୩/୧୯) ରୁଜୁ କରି ଆକ୍ରମଣକାରୀ ବିଭୂତିଙ୍କୁ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୪୦ ମିନିଟ୍‌ରେ ଏହି ଘଟଣା ଘଟିଥିଲା। ଆକ୍ରମଣ ପରେ ଶୁଚିସ୍ମିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରେଣୀଗୃହରେ ଅଚେତ ହୋଇପଡିଥିଲେ। ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇ ଚିତ୍କାର କରିବାରୁ ଘଟଣାସ୍ଥଳରେ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ପହଞ୍ଚି ଯାଇଥିଲେ। ଏମାନଙ୍କୁ ଦେଖି ବିଭୂତି ଦୌଡି ପଳାଇଯାଇଥିଲେ। ଶୁଚିସ୍ମିତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଚାଟିଛକ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଚାଟିଛକ ବଜାରରେ ବିଭୂତିଙ୍କୁ ଲୋକମାନେ କାବୁ କରିବା ସହ ନିର୍ଘୁମ ପିଟିଥିଲେ। ପୋଲିସ ପହଞ୍ଚି ବିଭୂତିଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ବିଭୂତି କାହିଁକି ଆକ୍ରମଣ କଲେ ସେ ସମ୍ପର୍କରେ ଜଣାପଡିନାହିଁ। ତାଙ୍କୁ ପଚରାଉଚରା କରାଯାଉଛି।


**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**

2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ

ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ

ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



**ବାବା କମାଲ ଖାନ୍** (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ

ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?

9810599425 9971793786






**ପ୍ଲେ-ୱିନ୍® କ୍ୟାପ୍‌ସୁଲ**




**ଏକ୍ସଟ୍ରା ଟାଇମିଂ ପାଇଁ**

ଗୁପ୍ତରୋଗ ଏବଂ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ସମସ୍ୟା, ନପୁଂସକତା ଭଳି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦାକୁ ଦୁର୍ବଳ ଇନ୍ଦ୍ରିୟରେ ମାଲିସ୍ କରିବା ପାଇଁ ବ୍ୟବହାର କରନ୍ତୁ ଏବଂ ଉପରୋକ୍ତ ସମସ୍ତ ସମସ୍ୟାରୁ ମୁକ୍ତି ପାଇ ବୈବାହିକ ଜୀବନର ଭରପୂର ଆନନ୍ଦ ନିଅନ୍ତୁ।

**ଜୋଶ୍, ଶକ୍ତି ଓ ଏକ୍ସଟ୍ରା ଟାଇମିଂ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ**

ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
www.playwincapsule.com
SS : Mahendra Pharma / ODD
Trade Enquiry : 8291288119 / 8657520093

# ସାଙ୍ଗ ନ ହେଲେ ଶତ୍ରୁ

ଉତ୍ତର କୋରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୩୦ ଜୁନ୍, ୨୦୧୯ରେ ପାଦ ଦେବା ପରେ ସମଗ୍ର ବିଶ୍ୱରେ ଚହଳ ପଡ଼ିଯାଇଛି। ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ସୀମା ବା ଅଣସାମରିକ ମଣ୍ଡଳ (ଡିଏମ୍‌ଜେଡ୍) ଅତିକ୍ରମ କରି ପ୍ୟୋଙ୍ଗ୍‌ୟାଙ୍ଗ୍ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ସାକ୍ଷାତ୍ କରିବାରେ ଟ୍ରମ୍ପ୍ ହେଉଛନ୍ତି ଦାୟିତ୍ୱରେ ଥିବା ପ୍ରଥମ ଆମେରିକା ରାଷ୍ଟ୍ରପତି। ଉଲ୍ଲେଖଯୋଗ୍ୟ ଯେ, ଡିଏମ୍‌ଜେଡ୍ ହେଉଛି କୋରିଆ ଉପଦ୍ୱୀପକୁ ଦୁଇ ଭାଗରେ ବିଭକ୍ତ କରୁଥିବା ସୀମା, ଯାହା ଅସ୍ତ୍ରବିରତି ଅଞ୍ଚଳ ଭାବେ ଜଣାଶୁଣା। ସିଓଲରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସହ ଭେଟଘାଟ ପରେ ଟ୍ରମ୍ପ୍ ଯେତେବେଳେ ଉତ୍ତର କୋରିଆରେ ପାଦ ଥାପି କିମ୍‌ଙ୍କ ସହ କରମର୍ଦ୍ଦନ କଲେ, ଏହା ବିଶ୍ୱ କୂଟନୈତିକ ଦୁନିଆକୁ ଦୋହଲାଇ ଦେଇଛି। ୧୯୫୦ରେ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇ ୧୯୫୩ରେ ଶେଷ ହୋଇଥିଲା। ଆର୍ମିଷ୍ଟାଇସ୍ ବଳରେ କୋରିଆ ଯୁଦ୍ଧର ଅବସାନ ଘଟିବା ପରଠାରୁ ଉତ୍ତର କୋରିଆ ଓ ଆମେରିକାର କୌଣସି ନେତା ଡିଏମ୍‌ଜେଡ୍‌ରେ ଏକାଠି ହୋଇ ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୧୭ରେ ଉତ୍ତର କୋରିଆ ବାରମ୍ବାର ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିବା ପରେ ୱାଶିଂଟନ ସହ ପ୍ୟୋଙ୍ଗ୍‌ୟାଙ୍ଗ୍‌ର ତିକ୍ତତା ବୃଦ୍ଧି ପାଇଥିଲା। ହେଲେ ୨୦୧୮ ଜୁନ୍‌ରେ ଦୁଇ ନେତା ସିଙ୍ଗାପୁରରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଅନୁରୂପ ଭାବେ ଫେବୃୟାରୀ ୨୦୧୯ରେ ଭିଏତ୍‌ନାମ ରାଜଧାନୀ ହାନୋଇଠାରେ ଉଭୟଙ୍କ ମଧ୍ୟରେ ଦେଖାସାକ୍ଷାତ୍ ହୋଇଥିଲା। ଏହା ସତ୍ତ୍ୱେ ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇପାରି ନାହିଁ। ବିଶେଷଜ୍ଞଙ୍କ ମତରେ ଟ୍ରମ୍ପ୍ ଯେଭଳି ଭାବେ ନିଜ ଆଡୁ ସମ୍ପର୍କ ବୃଦ୍ଧି ସକାଶେ ସୂତ୍ରପାତ କଲେ, ତାହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ଦିଗରେ ନୂଆ ଦିଗ ଉନ୍ମୋଚନର ସମ୍ଭାବନା ସୃଷ୍ଟି କରିଛି।

ଏକଜିଦିଆ ଓ ଆକ୍ରମଣାତ୍ମକ ଚରିତ୍ରର ବ୍ୟକ୍ତିଦ୍ୱୟ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ୍ ଓ କିମ୍ ଜଙ୍ଗ୍ ଉନ୍। ସେମାନଙ୍କ କାର୍ଯ୍ୟକଳାପକୁ ନିଜ ଦେଶ ସମେତ ବିଶ୍ୱସ୍ତରରେ ନିନ୍ଦା କରାଯାଇଆସୁଛି। ଅନ୍ତର୍ଜାତୀୟ ସ୍ତରରେ ଟ୍ରମ୍ପ୍‌ଙ୍କୁ ଯେତେ ନାପସନ୍ଦ କରାଯାଉଥିଲେ ମଧ୍ୟ କିମ୍‌ଙ୍କୁ ଭେଟି ସେ ଶାନ୍ତିର ଯେଉଁ ବୀଜବପନ କଲେ, ତାହା ଅନ୍ୟ ବିବାଦଗ୍ରସ୍ତ ରାଷ୍ଟ୍ର ପ୍ରତି ନୂଆ ସନ୍ଦେଶ ଦେବ ବୋଲି କୁହାଯାଇପାରିବ। ପ୍ରତ୍ୟେକେ ସାମାନ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇପାରିଲେ ବୃହତ୍ ଓ ସାମୂହିକ ମଙ୍ଗଳ ପାଇଁ ପଥ ଉନ୍ମୁକ୍ତ ହୋଇଯିବା ସ୍ୱାଭାବିକ।

ଏଭଳି ପ୍ରଚ୍ଛଦପଟରେ ଭାରତର କୂଟନୈତିକ ଯାତ୍ରା ଉପରେ ଦୃଷ୍ଟି ଦିଆଯାଇପାରେ। ନୂଆଦିଲ୍ଲୀ ଏବେ ବି ୧୯୫୦ ଦଶକର କୂଟନୀତି ଆପଣାଇ ଅନ୍ୟ ଉପରେ ବିଜୟ ଲାଭ କରିବାକୁ ପ୍ରୟାସ ଚଳାଇଲା ଭଳି ମନେହେଉଛି। କିନ୍ତୁ ବାସ୍ତବତା ହେଉଛି, ଭାରତର ଅର୍ଥନୈତିକ ପରିସ୍ଥିତିକୁ ଦେଖିଲେ ତାହା ଯୁଦ୍ଧ ସକାଶେ ପ୍ରସ୍ତୁତ ଥିବା ଭଳି ମନେହେଉ ନାହିଁ। ଆଧୁନିକ ଯୁଗରେ ଯୁଦ୍ଧ କେବେହେଲେ ସ୍ୱଳ୍ପ ସମୟରେ ମୀମାଂସିତ ହେବ ନାହିଁ। ଭାରତର ସବୁଠାରୁ ବଡ଼ କୂଟନୈତିକ ବିଫଳତା ତା'ର ପଡ଼ୋଶୀ ଦେଶମାନଙ୍କ ସହିତ ଅପଡ଼ ହେବାରେ ପରିଲକ୍ଷିତ ହେଉଛି। ଏବେ ମଧ୍ୟ ନୂଆଦିଲ୍ଲୀର କୂଟନୀତି-ଆମ ସହ ବନ୍ଧୁତ୍ୱ ସ୍ଥାପନ କର, ନ ହେଲେ ତୁମେ ଶତ୍ରୁ-ରେ ଅଟକିଯାଇଛି। ଫଳରେ ଭାରତ କଳା ଧଳା ସ୍ତରରେ ରହିଯାଉଛି। ପଡ଼ୋଶୀ ଦେଶ ସହ ଉତ୍ତମ ସମ୍ପର୍କ ରହିପାରୁ ନ ଥିବାରୁ ସବୁ ସୀମାରୁ ବିପଦ ଲାଗି ରହିଛି। ସୀମାନ୍ତରେ ପ୍ରତିଦିନ ଭାରତୀୟ ଯବାନଙ୍କ ପ୍ରାଣହାନି ଘଟୁଥିବା ବେଳେ ଜମ୍ମୁ ଓ କଶ୍ମୀରଠାରୁ ଅରୁଣାଚଳ ପ୍ରଦେଶ ଯାଏ ଥିବା ଭାରତୀୟ ଭୂଖଣ୍ଡର କିଛି କିଛି ଅଞ୍ଚଳକୁ ଚାଇନା ପ୍ରାୟ ମାଡ଼ି ଚାଲିଛି। ସେଥିପାଇଁ ଆମ ଦେଶର କୂଟନୀତିକୁ ପୁନର୍ବିଚାର କରାଯିବା ଆବଶ୍ୟକ।


# ନିଖିଳର କବି କାଳିନ୍ଦୀଚରଣ

ଡ. ହୃଷୀକେଶ ମଲ୍ଲିକ

ଗତ ଶତାବ୍ଦୀର ଓଡ଼ିଆ ଗଦ୍ୟ ଓ କବିତାରେ କାଳିନ୍ଦୀଚରଣ ହେଉଛନ୍ତି ଏକ ସଶକ୍ତ ଉଚ୍ଚାରଣ। ୧୯୨୦ ମସିହା ପରେ, ଅର୍ଥାତ୍ ସତ୍ୟବାଦୀ ଯୁଗର ଜାତୀୟତାବାଦୀ ସୋପାନଟି ଅତିକ୍ରମ କଲାପରେ ଓଡ଼ିଆ କବିତାରେ ଯେଉଁ ନୂଆ ଯୁଗଟି ଆସେ, ସେହି ଯୁଗର ଅତ୍ୟତମ ପ୍ରମୁଖ ବିନ୍ଧାଣି ସେ। 'ମାଟିର ମଣିଷ' ଉପନ୍ୟାସ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟରେ ସେ ଯେପରି ଏକ ଦିଗବାରେଣୀ, 'ମନେ ନାହିଁ', 'କ୍ଷଣିକ ସତ୍ୟ' ଓ 'ମହାଦୀପ' ଭଳି କବିତାଗ୍ରନ୍ଥ ରଚନା କରି ଓଡ଼ିଆ କବିତାରେ ସେହିପରି ଭିନ୍ନ ଏକ ବୁନିଆଦିର ନିର୍ମାତା। ତାଙ୍କ ତାରୁଣ୍ୟ ଭାରତୀୟ ରାଜନୀତିର ଏପରି ସମୟଖଣ୍ଡରେ ଉଦ୍ଦୀପିତ, ଯେତେବେଳେ କି 'କଂଗ୍ରେସ'ରେ ପ୍ରବେଶ କରୁଛି 'ସମାଜବାଦ'। ଏହି ସମୟକୁ ପୁଣି ଓଡ଼ିଶାରେ ଅଭ୍ୟୁଦୟ ଘଟୁଛି କମ୍ୟୁନିଷ୍ଟ ଚିନ୍ତନର। ରାଜାରାଜୁଡ଼ାଙ୍କ ଏକଚ୍ଛତ୍ର ସ୍ଥିତି ବିପକ୍ଷରେ ଦାନା ବାନ୍ଧୁଛି ମେହନତି ମଣିଷର ପ୍ରତିବାଦୀ ସ୍ୱର। ଯଦିଓ କାଳିନ୍ଦୀଙ୍କ ପ୍ରାଥମିକ କବିତା ଥିଲା 'ସ୍ୱପ୍ନ' ଓ 'ଯୌବନ'ର ନିରାଜନା; କିନ୍ତୁ ତା'ର ସମାନ୍ତରାଳରେ ଉଧାଉଥିଲା ଓଡ଼ିଆ କବିତାରେ ଏକ ସାମ୍ୟବାଦୀ ଚେତନାର ଅଭୀକତା। ଈଶ୍ୱର ନୁହେଁ, ଈଶ୍ୱରଙ୍କଠୁଁ ନିରାଶ ହୋଇ ମୁହଁ ଫେରାଉଥିବା ନିରାଶ୍ରୟୀ ମଣିଷର ଅଭିଷେକ ଓଡ଼ିଆ କବିତାରେ ରଚିଥିଲା ମାନବବାଦର ଏକ ନୂଆ ଯୁଗ। ଏପରି ଏକ ସନ୍ଧିକ୍ଷଣରେ କାଳିନ୍ଦୀ ଓଡ଼ିଆ କବିତାରେ ଆବିର୍ଭୂତ ହୋଇ, ଓଡ଼ିଆ କବିତାର ଯେଉଁ ବିନୀତ ଓ କାନ୍ଦୁରା ଯୁଗଟିକୁ ବାଟ ବଢ଼େଇ ଆଣିଥିଲେ ସତ୍ୟବାଦୀର ସାହିତ୍ୟସାଧକମାନେ, ତାକୁ ପ୍ରଦାନ କରିଥିଲେ ପ୍ରତିବଦ୍ଧତାର ନିଶଙ୍କ ବଜ୍ର-କବଚ।

କାଳିନ୍ଦୀ ଐତିହ୍ୟ ସୂତ୍ରରୁ ପାଇଥିଲେ ଓଡ଼ିଆ କାବ୍ୟଭାଷାର ଯେଉଁ ଖାନ୍‌ଦାନି, ତାକୁ ଆଧାର କରି ଗଢ଼ିଥିଲେ ନିଜସ୍ୱ ଏକ କାବ୍ୟଧାରା, ଯହିଁରେ 'ମଣିଷ' ଥିଲା କେନ୍ଦ୍ରରେ। ଅଙ୍ଗେନିଭା ଅନୁଭୂତିକୁ ସେ ଦେଇଥିଲେ କାବ୍ୟଭାଷାର ଗୌରବ। 'ଗାନ୍ଧାରୀର ଆଶୀର୍ବାଦ' ଓ 'ପାସୋରି ଦେଲିରେ ଶିମୁଳିପାଳ' କବିଙ୍କର ଦୁଇ ଅମର କାବ୍ୟକୃତି। ଏଥିରେ ଅଛି 'ଆଦର୍ଶ' ଓ 'ଜୀବନର ତାଜାପଣ'। ଦେହକୁ କସ୍ମିନ୍‌କାଳେ ଅସ୍ୱୀକାର ନ କରି ମଧ୍ୟ ଜୀବନକୁ ଛୁଇଁଛନ୍ତି ମହାକାଶୀ ଉଚ୍ଚତାରେ। 'ଯୌବନ' ତାଙ୍କ କବିତାର ଯଦିଓ ପାଦପ୍ରଦୀପ, କିନ୍ତୁ ସେହି ପ୍ରଦୀପରେ ଆଲୋକିତ ନିଖିଳବିଶ୍ୱର ସାମଗ୍ରିକତା। ମଣିଷ ଆଖିର ଏପରି ବୁନ୍ଦାଏ ଲୁହ ନାହିଁ, ଯାହା ତାଙ୍କ କବିତାର ଶବ୍ଦ ଦେଇ ଝରିଯାଇନାହିଁ। ଦୀନଦୁଃଖୀର ଏପରି ଟୋପାଏ ସ୍ୱେଦ ନାହିଁ, ଯାହା ତାଙ୍କ କବିତାର ଅତି ସୁକୁମାର ଶବ୍ଦଙ୍କୁ ବି ଝାଳେଇ ଦେଇନାହିଁ। ତାଙ୍କର ପ୍ରତ୍ୟେକଟି ପରିଣତ କବିତାରେ ରାତିଶେଷର ଦୂର ଆଡ଼ବଂଶୀ ପରି ଶୁଭିଛି ଖଟିଖିଆର ନିରୁପାୟ ଦୀର୍ଘଶ୍ୱାସ। ଗାଁ ମହାଜନର ଅତ୍ୟାଚାରରେ ନିପୀଡ଼ିତ ସର୍ବହରାର

ଜୟନ୍ତୀ ଉପଲକ୍ଷେ



ଦୁର୍ଦ୍ଦଶାକୁ ରୂପ ଦେବାକୁ ଯାଇ କାଳିନ୍ଦୀ ତାଙ୍କର 'ଚାଷୀର ଭାଗ୍ୟ' (ମହାଦୀପ) କବିତାରେ ଲେଖିଛନ୍ତି:

''କିଣିଥିଲା ଛଡ଼ାଟିଏ, ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା, ତାଗିଦା କରିଛି ସୁଧ!
ଜମିଦାରି ପିଆଦାକୁ, ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା, ସତାରିବ ମାସେ ଖାଲି।''

ରାଜନୀତିରେ ଭୋଟ୍ ବେଳ ଆସିଲେ ଗାଁ ଗାଁରେ କେତେ ସଭା ହୁଏ, କେତେ ମିଠା ମିଠା ବୋଧନା ଦିଆଯାଏ; ଅଥଚ ଭୋଟ୍ ସରିଲେ କାଣିଆ କିଏ ନା କପିଳା କିଏ? ଗରିବର ଭାଗ୍ୟ ଯେଉଁ ଡିମିରେକୁ ସେଇ ଡିମିରେ। ରାଜନୀତିର ଏଇ ଚିରାଚରିତ ପ୍ରବଞ୍ଚନାକୁ କାଳିନ୍ଦୀ ରୂପ ଦିଅନ୍ତି ଏହିପରି ତାଙ୍କ କବିତାରେ-''ଆପଣା ବରାଦ ଆପେ, କରିବାକୁ ହେବ ଆଜି/ଗଲାଣି ସେ ବେଳକାଳ, କରିବାକୁ ହାଁ ଜୀ ହାଁ ଜୀ!/କରିବାକୁ ହେବ ରଡ଼ି, ନାହିଁ ନାହିଁ ନାହିଁ ଯାହା/କରାମତି ଦେଖାଇବ, କେଡ଼େ ଘାସକଟା ଦାଆ!'' (ଚାଷୀର ଭାଗ୍ୟ, ମହାଦୀପ)। ପ୍ରବଞ୍ଚକଙ୍କ ବିରୋଧରେ ଉତ୍ତୋଳିତ ହୋଇଥିଲା କି ଆଗରୁ ଚାଷୀର ଏ ତୃଷାର୍ତ୍ତ ଘାସକଟା ଦାଆ କାଳିନ୍ଦୀଙ୍କ ପୂର୍ବରୁ, ଏତେ ଅ'ଣ ଉପ୍ରୋଧ?

'ଚାଳଘର', 'ବ୍ୟଥାର ସାଧନ' ଓ 'ଯାଦୁଘର' ଭଳି କବିତା ରଚନା କରି କାଳିନ୍ଦୀ ଓଡ଼ିଆ କବିତାରେ ସାଧାରଣ ଜନତାର ସ୍ୱରକୁ ଏପରି ଶାଣିତ କରିଯାଇଛନ୍ତି ଯେ, ତାହା ଆଜି ସୁଦୂର ଅନ୍ତରୀକ୍ଷରେ ବି ପ୍ରତିଧ୍ୱନିତ ହେଉଛି ରହି ରହି। ସମକାଳର 'କଟକ'ର ରାଜନୈତିକ ବିରୂପତାକୁ କାଳିନ୍ଦୀ ଯେପରି ପ୍ରତ୍ୟକ୍ଷ କରି ଆଙ୍କିଛନ୍ତି ତାଙ୍କ କବିତାରେ, ତା'ର ବିକଳ୍ପ ଖୋଜିଲେ ତାଙ୍କ ସମଧର୍ମା ସହକବିଙ୍କ କବିତାରେ କ୍ୱଚିତ୍ ମିଳେ। ଯଥା: ''ସୁବିଧାବାଦର ଫିଟାଇ ନୂତନ ରାହା/କାମଠାରୁ ବଡ଼ ହୋଇଅଛି କରତାଳି/ ସବୁଠାରୁ ବଳି ଖବରକାଗଜ-ମାୟା/କଟକେ କେବଳ ରାଜନୀତି ଆଜିକାଲି।'' (କଟକ-ରାଜନୀତି)। ୧୯୪୦ରେ ଲେଖୁଛନ୍ତି କବି ତାଙ୍କର ଏ କବିତା, ଯେତେବେଳେ ସେ ନିଜେ ବି ଉଣା ଅଧିକେ ରାଜାଶ୍ରିତ ବା ଶାସନର ଅଂଶୀଦାର, ବେତନଭୁକ୍।

ଦଳିତ, ଲାଞ୍ଛିତ ଓ ସର୍ବହରାଙ୍କୁ ନେଇ ଓଡ଼ିଆରେ ୧୯୪୦ ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ଅନେକ କବିତା ଲେଖାଯାଇଛି, କିନ୍ତୁ ଖୁବ୍ କମ୍ କବି ତାଙ୍କ କବିତାରେ ଗୋଟିପଣେ ଦଳିତ, ଲାଞ୍ଛିତ ଓ ସର୍ବହରାର ହାହାକାର ଭିତରେ ନିଜକୁ ମିଳାଇ ଦେଇଛନ୍ତି, ଯେପରି କରିଛନ୍ତି କାଳିନ୍ଦୀଚରଣ। ଖୁବ୍ କମ୍ କବିତାରୁ ଶୁଭୁଛି 'ବ୍ୟକ୍ତିସତ୍ତା'ର 'ସମଗ୍ର'ରେ ବିସର୍ଜନର ଏ ଅଶ୍ରୁଧ୍ୱନି- ''ଦଳିତ ପୀଡ଼ିତ ମୋ' ତହୁଁ ଅଧିକ କିଏ?/ମୋ ତହୁଁ ଉଷ୍ଣ ନିଃଶ୍ୱାସ ଢାଳିଦିଏ/ ବୁହାଏ ମୋ' ତହୁଁ ଅଧିକ କିଏ ବା ଝାଳ/ ରୁଧିର କାହାର ମୋ' ତହୁଁ ତୀବ୍ର ଲାଲ?/ମଣିଷ ପାଖରେ ବନ୍ଧୁତା କଲେ ଯାଇ/ ସେହି ଛୁରି ଲୋଡ଼ା ନିଜକୁ ରଖିବା ପାଇଁ। ('ମୋ ବାଣୀ', 'ଛୁରିଟିଏ ଲୋଡ଼ା')। ୧୯୩୯ରେ କାଳିନ୍ଦୀ ଲେଖୁଛନ୍ତି ଏ କବିତା, ଯେତେବେଳେ ସାରା ଦେଶ ମାତିଛି ଏକ ବିବର୍ତ୍ତନର ସନ୍ଧାନରେ। ଲକ୍ଷ୍ୟ କରିବାର କଥା ଯେ, କାଳିନ୍ଦୀଙ୍କ କବିତାରେ 'ଛୁରି' ଏଠି 'ଲୁହା'ର ଶାଣଦିଆ ଛୁରି ନୁହେଁ, ଏ 'ଛୁରି' ବନ୍ଧୁତାର, ସମନ୍ୱୟର ଓ ପରକୁ ଆପଣେଇ ନେବାର ଉତ୍ସବମୟତା। ଦେବତାର ଦୁଆରେ ଦରିଦ୍ରର ଡାକବାଜି ଫେରି ଆସୁଛି, ଅଥଚ କବି କହୁଛନ୍ତି, ଏ ପ୍ରତ୍ୟାଖ୍ୟାନରେ ଦେବତାର ଟେକ ରଖିବାକୁ କାଟିଦେବାକୁ ହେବ ନିଜର ବେକ।

କାଳିନ୍ଦୀଙ୍କ କବିତାରେ ଆଉ ଏକ ଲକ୍ଷ୍ୟ କରିବାର କଥା ଯେ, ସେ ତାଙ୍କ କବିତାରେ 'ଶଳା' ଓ 'ଶାଳୀ' ପରି ଇତରୋଚିତ ଶବ୍ଦର ପ୍ରୟୋଗ କରିଥିଲେ ବି କଦାପି ଏ ଶବ୍ଦସବୁକୁ ପ୍ରତିପକ୍ଷ ବିରୋଧରେ ମର୍ଯ୍ୟାଦାହୀନ ଭାବେ ନିୟୋଜିତ କରିନାହାନ୍ତି। 'କିଏ ଶଳା ସଇତାନ'(୧୯୪୪) ଶୀର୍ଷକ ତାଙ୍କର ଏକ ଚର୍ଚ୍ଚିତ କବିତାର ଏଇ ପଙ୍‌କ୍ତିକୁ ଲକ୍ଷ୍ୟ କରନ୍ତୁ- ''ଜନ୍ମ ଆମର ମଣିଷ କୁଳରେ/ନାହିଁ ଇଜ୍ଜତ ମାନ/ଆମ ଝିଅବୋହୂ ସବୁରି ଶାଳୀ ହେ/ଆମେ ଶଳା ସଇତାନ।'' 'ଶଳା' ଓ 'ଶାଳୀ' ଶବ୍ଦ ଏଠି ନିଜ ପ୍ରତି 'ଆତ୍ମଧିକ୍କାର', ଯଦିଓ କବିତାର ଶେଷ ପର୍ଯ୍ୟାୟରେ ସେ କହନ୍ତି 'ବଳେ ଜଣାଯିବ କିଏ ଶଳା ସଇତାନ' ବୋଲି। ପ୍ରତି ଯୁଗର ପ୍ରତ୍ୟେକ ପ୍ରତିଭାବାନ କବି ସ୍ଥିତ ଭାଷାର ନବନିର୍ମାଣ କରିଥାନ୍ତି। କାଳିନ୍ଦୀ ତାହା ତ କରିଛନ୍ତି, କିନ୍ତୁ ଏଥି ସହିତ ନିଜର ସକଳ ନିଷ୍ଠା ଦେଇ ସେ ଉତ୍ର ବାଗ୍‌ଦେବୀଙ୍କର ଯେଉଁ ଚାମର ସେବା କରିଯାଇଛନ୍ତି, ତାହା ଓଡ଼ିଆ କବିତାରେ ଅବଶ୍ୟ ଦୁର୍ଲଭ।

ଓଡ଼ିଆ ଭାଷାର ଅପାଠୁଆ, ଅପାଠୋଇଙ୍କ ତୁଣ୍ଡରୁ ଶବ୍ଦ ଛଡ଼େଇଆଣି ନିଜ କବିତାକୁ ଯେପରି ନିକ କରି ଗଢ଼ିଯାଇଛନ୍ତି କାଳିନ୍ଦୀଚରଣ, ତା'ର ପଟାନ୍ତର କେବଳ ଓଡ଼ିଆ ଭାଷାରେ ନୁହେଁ, ତାଙ୍କ ସମକାଳୀନ ଭାରତର ଅନ୍ୟ କବିତାରେ ମଧ୍ୟ ବିରଳ। କବିଙ୍କର ଆଜି ପବିତ୍ର ଜନ୍ମତିଥି। ଏ ଅବକାଶରେ ମହାର୍ଘ ଏହି କବିଙ୍କର ଗୋଟିଏ କବିତାଂଶ ଉଦ୍ଧାର କରି ତାଙ୍କୁ 'ଧରିତ୍ରୀ' ଓ ସମଗ୍ର ଓଡ଼ିଆ ଜାତିର ଶ୍ରଦ୍ଧାଞ୍ଜଳି ବାଢ଼ିଦେବା ହିଁ ହେବ ତାଙ୍କ ପ୍ରତି ଓଡ଼ିଆ ଭାଷାର କାମ୍ୟ କୃତଜ୍ଞତା- ''ମୃତ୍ୟୁ ପରେ କି ସୁଖ ଅଛି/କି ଅବା ବିଭୀଷିକା/ କଳ୍ପନାର ରାଇଜେ ବୁଲ କାହିଁ?/ନିଭିଲେ ଥରେ ନ ଜଳେ ଆଉ/ ଜୀବନ-ଦୀପଶିଖା/ଜୀବନ ପରେ ନାହିଁରେ କିଛି ନାହିଁ!'' ('ଅମର ଆଶା', 'ମନେ ନାହିଁ')

ମୋ-୯୮୫୩୨୮୭୭୫୫

# ମୁଁ କ'ଣ ସତରେ ବୋକା



ସୁଧାକର ଦାସ

ମତେ ପିଲାଦିନେ ସମସ୍ତେ କହୁଥିଲେ ବୋକା। ଅରୁଆ ଧାନ ଗୋଟେ ବିଲରେ ଆଉ ଉଷୁନା ଧାନ ଆଉ ଗୋଟେ ବିଲରେ ଫଳେ ବୋଲି ମୁଁ ବି.ଏ. ପଢିବା ପର୍ଯ୍ୟନ୍ତ ଜାଣିଥିଲି। ଗାଁ ସାର୍‌ଙ୍କ ପାଖରୁ ଟ୍ୟୁଶନ ସାରି ଫେରିବା ବାଟରେ ମୋ ସାଙ୍ଗ ଅଭୟ ଘରକୁ ଯାଇ ତାଙ୍କ ପିଣ୍ଡାରେ ଜଳୁଥିବା ଲଣ୍ଠନ ପାଖରେ ମୋ ଲଣ୍ଠନଟା ରଖିଦେଇ ପଚାରୁଥିଲି ଆରେ ଏତେ ଲଣ୍ଠନ କାହିଁକି ଜଳେଇଛୁ ବଡ଼ବୋଉ?

ମତେ ଅଧିକାଂଶ ଦିନ ଘିଅଭାତ ଖାଇବାକୁ ଭଲ ଲାଗେ। ବୋଉ ବି ଏକଥା ଜାଣେ। ଦିନେ ଦିନେ ଘିଅ ନ ଥିବା ବେଳେ, ବୋଉ ମୋ ଭାତରେ ମରା ନଡିଆ ତେଲ ପକେଇଦେଇ କହେ ଏଇଟା ମଇଁଷି ଘିଅ। ମୁଁ ପରମ ସନ୍ତୋଷରେ ଖାଇଦିଏ। ଏ କଥାଟା ମୁଁ ବଡ଼ ହେଲା ପରେ ଜାଣିଲି।

ମାଟ୍ରିକ ପରୀକ୍ଷା ଦେବାବେଳେ ମୋ ସିଟ୍ ଥିଲା ଠିକ୍ ଡୋର୍ ପାଖାପାଖି। ସ୍କ୍ୱାଡ୍ ଆସିଲା ବୋଲି ହଲ୍ଲା ହେଇଯିବା ପରେ ପଛରେ ବସି କପି କରୁଥିବା ପିଲା ସବୁ କପିଗୁଡା ଡୋର୍ ଆଡକୁ ପକେଇଦେଲେ ଆଉ ମତେ କାଳେ ସ୍କ୍ୱାଡ୍ ବାଲା ଧରିବେ ବୋଲି ମୁଁ ମୋ ସିଟରୁ ଉଠିପଡି ସବୁଗୁଡା କପି ବାରଣ୍ଡା ଆଡକୁ ପାଦରେ ଠେଲୁଥିବା ବେଳେ ସ୍କ୍ୱାଡ୍ ବାଲା ମତେ ଆସି ଧରି ମୋ ଆଡ୍‌ମିଟ କାର୍ଡ ନେଇଗଲେ। ବେଳ ଭଲ ସେମାନେ ମୋ ଖାତା ଚେକ୍ କରି କ'ଣ ବୁଝିଲେ କେଜାଣି ମତେ ମାଲ୍‌ପ୍ରାକ୍ଟିସରେ ବୁକ୍ କଲେନି। ମୁଁ ବଞ୍ଚିଗଲି।

କଲେଜରେ ପଢ଼ିବା ବେଳେ, ଯୋଗମାୟା ମତେ ହିଁ କଣେଇ କଣେଇ ଚାହେଁ ଓ ହସେ ବୋଲି ବିଶ୍ୱାସ ଦେଇ ମୋ ସାଙ୍ଗମାନେ ମୋ'ଠୁ ଆଲୁଦମ୍ ଦହିବରା ଖା'ନ୍ତି ଆଉ ସିଗାରେଟ୍ ଟାଣନ୍ତି। ୟୁ ଆର୍ ଏ ଜୁଏଲ କହି ବର୍ଷ ସାରା ପାଠ ନ ପଢି ମଉଜମସ୍ତିରେ ଟାଇମ୍ ବିତେଇଥିବା ସାଙ୍ଗମାନେ ମୋ ନୋଟ୍‌ବୁକ୍ ନେଇ ଘୋଷି ପକାନ୍ତି କି କପି କରିଦିଅନ୍ତି ଆଉ ରେଜଲ୍ଟ ବାହାରିଲା ବେଳକୁ ମୋ ମାର୍କ ଆଉ ସେମାନଙ୍କର ମାର୍କ ପ୍ରାୟ ପାଖାପାଖି ଥାଏ।

ବହୁତ ଚେଷ୍ଟା, ଅନେକ ପରୀକ୍ଷା ଦେବା ପରେ ଚାକିରିଟେ ନ ମିଳିବାରୁ ମୋ ସାଙ୍ଗର ବଡ଼ଭାଇ, ଯାହାଙ୍କର ଅନେକ ରାଜନୈତିକ ପତିଆରା, ତାଙ୍କ ମାଧ୍ୟମରେ ସରକାରୀ ଚାକିରିଟେ ପାଇବି ବୋଲି ଭରସାରେ ତାଙ୍କ ହାତକୁ ତିନି ଲକ୍ଷ ଟଙ୍କା ଟେକି ଦିଏ, ଯାହା ଆଜି ଯାଏ ଅନାଦେୟ ହେଇ ରହିଯାଇଛି। ମୁଁ ତୁମକୁ ସାରା ଜୀବନ ଅପେକ୍ଷା କରିବି ବୋଲି ବାରମ୍ବାର ମତେ କହିଥିବା ଅର୍ପିତା ତା' ଶେଷ ଚିଠିରେ ମତେ ଲେଖିଥିଲା ମୁଁ ସିନା ଅନ୍ୟତ୍ର ବାହା ହେଇ ଯାଉଛି, ହେଲେ ତୁମ ପରି ହୃଦୟଟେ ମୁଁ ସାରା ସଂସାରରେ ପାଇବିନି। ସାରା ଜୀବନ ତମେ ହିଁ ମୋ' ପ୍ରିୟତମ ହୋଇ ରହିବ, ତୁମକୁ ନେଇ ପ୍ରେମ କରିହୁଏ, ସଂସାର ନୁହେଁ। ବାହାଘର ପରେ ମୁଁ ମୋ ସ୍ତ୍ରୀ ହାତକୁ ଦରମା ଗଣ୍ଡାକ ଟେକି ଦେଉଥିଲି। ଗାଁରେ କେବେ ଭୋଜିଭାତ ପଡିଲେ ପତ୍ନୀ କହୁଥିଲା ତା' ହାତ ପୂରା ଖାଲି। ଅଗତ୍ୟା ଜିପିଏଫ୍‌ରୁ ଟଙ୍କା କାଢୁଥିଲି, ନ ହେଲେ ଧାରକରଜ। ହେଲେ ମୋ ପତ୍ନୀ ବର୍ଷକୁ ବେଶ୍ ପଇସା ସୁନାହୀରା କିଣିବାରେ ଖର୍ଚ୍ଚ କରୁଥିଲା ଆଉ ତା' ବଡ଼ଭିଣୋଇ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହେଇଥିବାରୁ ତାଙ୍କ ପିଲାମାନଙ୍କର ସମସ୍ତ ଖର୍ଚ୍ଚ ଉଠଉଥିଲା।

ମୋ ପିଲାମାନେ ବଡ଼ ହେଉଥିଲେ। ତାଙ୍କ ହାତରେ କେବେ ବହି ଧରିବା ଦେଖେନି। ମୋବାଇଲ ନ ହେଲେ କମ୍ପ୍ୟୁଟର୍। ପଚାରିଲେ କୁହନ୍ତି, ଏବେ ପାଠ ସବୁ ଇଣ୍ଟର୍‌ନେଟ୍‌ରେ। କିଛି ଭିତରି କଥା ପଚାରିଲେ, ପତ୍ନୀ ଗର୍ଜନ କରି ମାଡିଆସେ- ବହିପତ୍ର ନ କିଣି ସେମାନେ କେତେ ପଇସା ତମର ସେଭ୍ କରୁଛନ୍ତି? ତମେ କିଛି ବୁଝିନ ସେ ସବୁ। ପାଠପଢାର ଧାରା ବଦଳିଗଲାଣି। ତମେ ଗଲ, ତମ ଚା' ଥଣ୍ଡା ହେଉଛି।

ମୋ ପତ୍ନୀ ଏବେ ସବୁବେଳେ କୁହେ ତମେ ଏତେ ବୋକା ଲୋକ! ଫଳ, ପନିପରିବା ଯିଏ ଯାହା ଧରେଇଦେଲା, କମ୍ ପଇସାରେ ମିଳୁଛି ବୋଲି ଧରି ଘରକୁ ପଳେଇ ଆସିଲ? ପୁଅଝିଅ କୁହନ୍ତି- ବାପା, ତମେ ସତରେ ବଡ଼ ବୋକା। ପ୍ରତି ମାସରେ ଅନାଥାଶ୍ରମ, ବାଳାଶ୍ରମ, ମନ୍ଦିର ଏସବୁକୁ ପଇସା ପଠେଇବା କ'ଣ ଦରକାର? ସେତିକି ପଇସା ତମେ ସେୟାର୍ ମାର୍କେଟରେ ଲଗଉନ, କେତେ ଲାଭ ମିଳିବ ଦେଖିବ। ମତେ ବୋକା ବୋଲି କହୁଥିବା ଓ ଭାବୁଥିବା ସମସ୍ତଙ୍କୁ ମୁଁ ବେଳେବେଳେ ମନେ ପକାଏ। ମୋ' ବୋଉ, ମୋ କଲେଜ ସାଙ୍ଗ, ଅର୍ପିତା ଦାସ, ମୋ ପତ୍ନୀ ଓ ମୋ ପିଲାମାନେ, ଯୋଉମାନେ ମତେ ନିହାତି ବୋକା ବୋଲି ଆଜି ଯାଏ ଭାବି ଆସିଛନ୍ତି। ମୋ ସରଳପଣରେ ମୁଁ ଯଦି ବୋଉର ସ୍ନେହକୁ ସତ ମାନିନେଲି, ମୋ ନିଛନ୍ଦ ମନରେ ଯଦି ସାଙ୍ଗମାନଙ୍କୁ ବିଶ୍ୱାସ କରିଗଲି, ହତାଶାର ଶିକାର ହୋଇ ଭରସା କରି ଚାକିରି ପାଇଁ ଯଦି ସାଙ୍ଗର ଭାଇ ହାତକୁ ୩ ଲକ୍ଷ ଟଙ୍କା ଟେକିଦେଲି, ଉଚ୍ଛୁଳା ଭାବାବେଗ ଆଉ ପ୍ରଗାଢ଼ ପ୍ରେମରେ ଯଦି ଅର୍ପିତାକୁ ଭଲପାଇଲି, ସାଂସାରିକ ମୋହରେ ମୋ ପତ୍ନୀ ଓ ପିଲାମାନଙ୍କୁ ବିଶ୍ୱାସ କରିଗଲି, ମଲ୍‌କୁ ନ ଯାଇ ରାସ୍ତାକଡ ପରିବାବିକାଳିଠୁ କିଛି ପନିପରିବା କିଣି ଆଣିଲି, ସଂସାରରେ ଅନାଥ ଓ ଅସହାୟଙ୍କ ପାଇଁ ମୋ ନିଜ ଆୟର କିଛି ଅଂଶ ଦାନ କରିଦେଲି ତେବେ ଏହା କ'ଣ ମୋର ସତରେ ବୋକାମି? ଆଉ ପ୍ରତିଥର ଏମାନଙ୍କ ଭାବନା ବିଷୟରେ ଭାବିବାବେଳେ ଉପସଂହାରରେ ଗୋଟିଏ ପ୍ରଶ୍ନ ମୋ ମନକୁ ଆସେ, ମୁଁ କ'ଣ ସତରେ ବୋକା?

ମୋ- ୯୪୩୭୨୭୪୮୫୭

## ଏଇ ଭାରତରେ

ଆସାମ ତିନସୁକିଆର ୪୦ବର୍ଷୀୟ ଡି. କ୍ରିଷ୍ଣ କୁମାର ସ୍କୁଟରରେ ମା'ଙ୍କୁ ୧୭ଟି ତୀର୍ଥସ୍ଥଳ ଭ୍ରମଣ କରାଇବାକୁ ବାହାରି ପଡିଛନ୍ତି। ପାଖାପାଖି ୪୦,୩୮୦ କିଲୋମିଟର ଭ୍ରମଣ କରିବାର ଲକ୍ଷ୍ୟ ରଖିଛନ୍ତି କ୍ରିଷ୍ଣ କୁମାର। ଏଥିସହ ସେ ନେପାଳ ଓ ଭୁଟାନର କିଛି ତୀର୍ଥସ୍ଥଳ ମଧ୍ୟ ଭ୍ରମଣ କରିବେ। ଏଥିପାଇଁ ତାଙ୍କୁ ଦେଢ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଆଧୁନିକ ଯୁଗର ଏହି ଶ୍ରବଣକୁମାର ତାଙ୍କର ୭୦ ବର୍ଷୀୟା ମା' ଚୁଡ଼ରତ୍ନାଙ୍କୁ ବିଭିନ୍ନ ତୀର୍ଥସ୍ଥାନ ବୁଲାଇବାକୁ ବାହାରିଥିବା ବେଳେ ମା' ତାଙ୍କର ଏଭଳି ପୁଅ ପାଇ ବେଶ୍ ଗର୍ବିତ ବୋଲି କହିଛନ୍ତି। ୨୦୧୮ ଜାନୁୟାରୀ ୧୬ରୁ ଏମାନେ ଯାତ୍ରା ଆରମ୍ଭ କରିଥିବା ବେଳେ ଇତିମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କର୍ନାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୋଆ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ସିକିମ, ନେପାଳ ଓ ଭୁଟାନ ଭ୍ରମଣ କରିସାରି ଏବେ ଆସାମରେ ପହଞ୍ଚିଛନ୍ତି। ଏହାପରେ ସେ ଅରୁଣାଚଳ ପ୍ରଦେଶର ପର୍ଶୁରାମ କୁଣ୍ଡ ଗସ୍ତ କରିବେ।

# ଅମୃତର ନାଭି

ଡ. ଲାବଣ୍ୟଚନ୍ଦ୍ର ସାହୁ

ଗାଈ ବା ଗାଭୀକୁ ବେଦରେ ଅମୃତର ନାଭି କୁହାଯାଇଛି- ''ମାତା ରୁଦ୍ରାଣାଂ ଦୁହିତା ବସୂନାଂ ସ୍ୱସାଦିତ୍ୟାନାମମୃତସ୍ୟ ନାଭିଃ।'' ଅର୍ଥାତ୍ ଗାଈ ହେଉଛି ରୁଦ୍ରଗଣଙ୍କ ମାତା, ବସୁମାନଙ୍କର ପୁତ୍ରୀ, ଆଦିତ୍ୟମାନଙ୍କର ଭଗ୍ନୀ ଏବଂ ଦୁଗ୍ଧ, ଦଧି ଓ ଘୃତ ରୂପକ ଅମୃତର ସୃଜନସ୍ଥଳୀ। ଭାରତୀୟ ସଂସ୍କୃତିରେ ଗୋସେବାକୁ ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ବିଚାର କରାଯାଉଥିଲା। ଦୈନିକ ଅଗ୍ନିହୋତ୍ର ବା ହୋମ ପାଇଁ ଘୃତ ଅନିବାର୍ଯ୍ୟ ଥିଲା। ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ପଞ୍ଚାମୃତ ଏବଂ ପ୍ରାୟଶ୍ଚିତ୍ତ କ୍ରିୟାରେ ପଞ୍ଚଗବ୍ୟର ଆବଶ୍ୟକତା ପଡ଼ିଥାଏ। ପୁରାଣ, ସଂହିତାରେ ଗୋମାତାକୁ ସର୍ବଦେବମୟୀ କୁହାଯାଇ ଗାଈର ଗୋବର ଓ ମୂତ୍ରକୁ ମଧ୍ୟ ପବିତ୍ର ମନେ କରାଯାଉଥିଲା। ପ୍ରାଚୀନ ରାଜାମାନଙ୍କ ସମ୍ପଦ କହିଲେ ଗୋସମ୍ପଦକୁ ବୁଝାଉଥିଲା। ଏଣୁ ଦୁର୍ଯ୍ୟୋଧନଙ୍କ ଭଳି ଅଭିମାନୀ କ୍ଷତ୍ରିୟ ବୀର ପାଣ୍ଡବଙ୍କ ଅଜ୍ଞାତବାସ କାଳରେ ଧେନୁ ହରଣ ପାଇଁ ବିରାଟ ରାଜ୍ୟ ଆକ୍ରମଣ କରିଥିଲେ। ଜମଦଗ୍ନି ଆଶ୍ରମରୁ କାମଧେନୁ ହରଣ କଥା ପୁରାଣରେ ରହିଛି।

ମହାଭାରତରେ ଭୀଷ୍ମ, ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି ଯେ, ଗାଈ, ଭୂମି, ବିଦ୍ୟା- ଏହି ୩ଟି ଦାନର ଫଳ ଅମାପ। ଭୂମିର ଉର୍ବରତା ଓ ବାତାବରଣ ଶୁଦ୍ଧି ନିମିତ୍ତ ଗାଈ ବଞ୍ଚିଥିବା ବେଳେ ଉପକାରୀ ଓ ମୃତ୍ୟୁ ପରେ ମଧ୍ୟ ତାହାର ସର୍ବାଙ୍ଗ ଉପଯୋଗ ହୋଇଥାଏ। ପ୍ରାଚୀନ ପୁରାଣରେ ଦୂରତାକୁ 'ଧେନ୍ୱନ୍ତର'ରେ ମପାଯାଉଥିଲା, ଯଥା-ଲିଙ୍ଗରାଜ ମନ୍ଦିରଠାରୁ ମେଘେଶ୍ୱର ୧୭୦୦ ଧେନ୍ୱନ୍ତରରେ ଅବସ୍ଥିତ। ଗୋଟିକ ପରେ ଗୋଟିଏ ଗାଈକୁ ଠିଆକରି ଦୂରତା ମପାଯାଉଥିଲା। ହଜିଯାଇଥିବା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ହେଉଥିବା ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ରିସର୍ଚ୍ଚ ଅର୍ଥରେ ବ୍ୟବହୃତ ହେଉଛି। ଆଜି ବୁଢୀ ଓ ରୋଗଣା ଗୋରୁ ପ୍ରତି ଅବହେଳା ଓ ମାଂସାର୍ଥେ ଚାଲାଣକୁ ନେଇ ବିବାଦ ଦେଖାଦେଉଛି। ହିନ୍ଦୁ ସଂସ୍କୃତିରେ 'ଗାଈ' ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ।

ଶ୍ରାବସ୍ତୀ, ୩୫, ବସନ୍ତ ବିହାର, ଭୁବନେଶ୍ୱର

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ଦେଖାଯିବ ଏହିନାଗେ
ଧନୀ ସାଉ ଦୋକାନରୁ
ସେଥିଲାଗି ଫୁସୁଲାଏ
ନାହିଁ ତାର ଭାବନା ତ
ଚକେ ଗଲେ ବାରହାତ।
ଦି'ଅଣା ହୋଇଛି ବାକି
ଦେବା ପାଇଁ ମିଛ ସାକ୍ଷୀ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨ ଜୁଲାଇ ୧୯୯୪

- ମରିଟାନିଆ ଏୟାର ୱେଜର ଏକ ଫେବର-୨୮ ବିମାନ ଆଜି ତିଜ୍‌କମା ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୦ ଯାତ୍ରୀ ମୃତ।
- ବାଣିଜ୍ୟ ସଂକ୍ରାନ୍ତ ବିବାଦର ସମାଧାନ ପାଇଁ ଭାରତ ଉଦ୍ୟମଶୀଳ ଥିବା ଦୃଷ୍ଟିରୁ ଆମେରିକା ସରକାର ନୂଆଦିଲ୍ଲୀ ବିରୋଧରେ ସ୍ୱତନ୍ତ୍ର-୩୦୧ ଆଇନ ବଳରେ ବାଣିଜ୍ୟ କଟକଣାକୁ ଏକବର୍ଷ ପାଇଁ ସ୍ଥଗିତ କରିଛି।
- ଡ୍ରଗ୍‌ସ ସେବନ ଅଭିଯୋଗରେ ଆର୍ଜେଣ୍ଟିନା ଫୁଟବଲ ଦଳ କ୍ୟାପଟେନ ଡିଏଗୋ ମାରାଡୋନା ଚଳିତ ବିଶ୍ୱକପର ଅବଶିଷ୍ଟ ମ୍ୟାଚରୁ ବାଦ ପଡିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | B | 1 | | | | | 3 | | 5 | 6 | 2 | | | 4 |
| | E | 3 | 6 | | | | 7 | | | 8 | | 9 | | |
| 7 | | | | | 8 | 9 | 5 | | | | | | | |
| 2 | | | | | 3 | | | 8 | | | E | | 7 | A |
| 0 | D | | A | | | 4 | 6 | | | | | | | |
| | C | D | | 2 | | | | | 0 | 5 | | | | 1 |
| | | | | | 6 | | | C | 4 | | | | | |
| 4 | A | | | | E | 3 | | | | 2 | | | C | B |
| 3 | 2 | | | | 1 | | D | | C | | | | | |
| | 6 | | | D | 0 | A | | 5 | | | | | E | |
| | | | E | | C | D | A | | | | | | 4 | |
| E | | B | 8 | 3 | | C | 9 | 6 | | | | | | |
| | 0 | | 1 | 9 | | | 2 | 4 | 7 | | C | | A | E |
| | | | | | 4 | 8 | | | | D | | | | 3 |
| | | | | A | 2 | | | | | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 7 | 6 | 5 | D | E | B | 0 | 1 | 3 | 4 | 8 | 9 | A |
| E | A | 8 | 7 | 9 | 1 | 3 | 5 | 4 | 0 | 2 | D | B | C | 6 |
| 6 | 3 | B | 8 | 0 | C | D | 7 | A | 5 | 9 | E | 1 | 2 | 4 |
| 4 | 1 | 5 | 3 | E | 2 | 8 | 6 | 9 | A | B | C | D | 0 | 7 |
| 0 | 9 | D | B | A | 4 | 1 | 2 | C | 8 | 7 | 6 | 3 | E | 5 |
| B | 4 | 0 | E | 3 | 6 | C | 9 | 1 | 7 | A | 5 | 2 | D | 8 |
| 1 | 7 | E | 5 | 8 | 9 | 0 | D | 2 | C | 4 | B | A | 6 | 3 |
| 8 | 6 | 3 | D | 7 | 0 | A | 4 | B | 2 | 1 | 9 | C | 5 | E |
| 5 | C | A | 2 | 1 | B | 7 | E | 8 | 6 | D | 3 | 0 | 4 | 9 |
| 2 | D | 9 | 4 | C | A | 5 | 3 | 6 | E | 8 | 0 | 7 | 1 | B |
| A | 0 | 2 | 9 | B | 5 | 4 | C | 3 | D | 6 | 7 | E | 8 | 1 |
| D | B | 1 | 0 | 6 | 7 | 2 | A | 5 | 9 | E | 8 | 4 | 3 | C |
| 9 | 8 | 6 | 1 | D | 3 | B | 0 | E | 4 | C | A | 5 | 7 | 2 |
| 7 | E | C | A | 4 | 8 | 6 | 1 | D | 3 | 5 | 2 | 9 | B | 0 |
| 3 | 5 | 4 | C | 2 | E | 9 | 8 | 7 | B | 0 | 1 | 6 | A | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହ୍ରାସ ପାଉଛି ଶିକ୍ଷାର ମାନ

ମହାଶୟ,

ଶିକ୍ଷା ମନୁଷ୍ୟର ମୌଳିକ ଅଧିକାର- ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁ ପାଠ ପଢିବା ଏବଂ ବିଦ୍ୟାଳୟକୁ ଯିବାକୁ ବାଧ୍ୟତାମୂଳକ କରାଯାଇଛି। ୨୦୦୯ ଶିକ୍ଷା ଅଧିନିୟମରେ ମଧ୍ୟ ସମସ୍ତ ବର୍ଗର ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା ହେଉଛି। ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ ଓ ପୋଷାକପତ୍ର ସବୁ ସରକାର ଯୋଗାଇବା ସତ୍ତ୍ୱେ ସରକାରୀ ସ୍କୁଲରେ ବେଶି ପିଲା ପଢୁନାହାନ୍ତି। ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ଦେଖାଯାଉଛି। ସର୍ବଶିକ୍ଷା ଅଭିଯାନ ଦ୍ୱାରା ଶିକ୍ଷାର ମୂଲ୍ୟ ବୃଦ୍ଧି ହେଉନାହିଁ। ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ପିଲାମାନଙ୍କୁ ଲାଞ୍ଚଖୋର କରୁଛନ୍ତି। ଉପସ୍ଥାନ ବଢିବା ପାଇଁ ପ୍ରୋତ୍ସାହନ ଦିଆଯିବ, ୧ କି.ମି. ଦୂରରୁ ଆସିଲେ ଗସ୍ତଖର୍ଚ୍ଚ ମିଳିବ। କିନ୍ତୁ ଶିକ୍ଷାର ମାନ କେତେ ବଢ଼ୁଛି ତାହା ଦେଖିବାର କଥା।

ବାଳକୃଷ୍ଣ ଷଡ଼ଙ୍ଗୀ, ରାମଚନ୍ଦ୍ରପୁର, ରଣପୁର, ନୟାଗଡ଼

### ପଲିଥିନ କଟକଣା

ଧରିତ୍ରୀ(୧୬।୬)ର ଫଟୋ ଖବରରୁ ବରଗଡ଼ରେ ପଲିଥିନ ନିଷିଦ୍ଧ ଘୋଷଣା ପରେ ଜଣେ ବାଳିକା ଟିଫିନ ବକ୍ସ ଓ ବ୍ୟାଗ୍ ଧରି ଜଳଖିଆ ନେବା ପାଇଁ ହୋଟେଲକୁ ଆସିଛନ୍ତି ଦେଖି ଖୁସି ଲାଗିଲା। ପଲିଥିନ ନିଷିଦ୍ଧ ବହୁ ପୂର୍ବରୁ କରାଯିବା କଥା। କାରଣ ଯେପରି ଭାବେ ଗାଁ ସହର ସବୁ ପଲିଥିନ ଆବର୍ଜନାରେ ପୂର୍ଣ୍ଣ ହୋଇଯାଉଛି ଅବସ୍ଥା ଅସମ୍ଭାଳ ହୋଇପଡିବ। ଏଣିକି ଘରୁ କନା ବ୍ୟାଗ୍ ନେଇ ଲୋକେ ବାହାରନ୍ତୁ।

କୁବେର ଚନ୍ଦ୍ର ଜୋଷୀ, ଡୁଙ୍ଗୁରିପାଲି, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘରୋଇ ହସ୍ପିଟାଲରେ ରୋଗୀ ସେବାକୁ ନେଇ ଉଦ୍‌ବେଗ



■ ତଦନ୍ତ ପାଇଁ କମିଟି ଗଠନ କରିବାକୁ ଦାବି
■ କଳିଙ୍ଗ ହସ୍ପିଟାଲରେ ମୋତେ ଅପମାନିତ କରାଯାଇଛି: ମୋହନ ମାଝି

ଭୁବନେଶ୍ୱର, ୧୭(ବ୍ୟୁରୋ)

ଭୁବନେଶ୍ୱରରେ ଥିବା ଘରୋଇ ହସ୍ପିଟାଲଗୁଡ଼ିକ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି। ସରକାରଙ୍କଠାରୁ ବିନା ମୂଲ୍ୟରେ ଜମି ନେଇ ହସ୍ପିଟାଲ କରିଥିବା ସଂସ୍ଥାଗୁଡିକ ଜଣେହେଲେ ଗରିବ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସେବା ଦେଉନାହାନ୍ତି। ଚୁକ୍ତି ଅନୁଯାୟୀ ୨୫ ପ୍ରତିଶତ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ ବ୍ୟବସ୍ଥା ରହିଥିବା ବେଳେ କୌଣସି ଗରିବ ରୋଗୀ ଏହି ସୁବିଧା ପାଉନାହାନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ ରୋଗୀସେବା ନାଁରେ ଲୋକଙ୍କୁ ଶୋଷଣ କରିଚାଲିଛନ୍ତି। ସରକାରଙ୍କର ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ରହୁନାହିଁ। ଏ ନେଇ ସୋମବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କଳିଙ୍ଗ, ଆପୋଲୋ, ସମ୍ ଭଳି ଘରୋଇ ହସ୍ପିଟାଲରେ ରୋଗୀମାନେ ନିର୍ଯାତନାର ଶିକାର ହେଉଛନ୍ତି। ତୁରନ୍ତ ଏଥିପାଇଁ ଏକ କମିଟି ଗଠନ କରାଯାଇ ହସ୍ପିଟାଲଗୁଡ଼ିକର ତଦନ୍ତ କରାଯାଉ। ସ୍ୱାସ୍ଥ୍ୟମନ୍ତ୍ରୀ ଏ ନେଇ ଗୃହରେ ଏକ ବିବୃତି ରଖନ୍ତୁ ବୋଲି ବିରୋଧୀ ସଦସ୍ୟମାନେ ଦାବି କରିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କଳିଙ୍ଗ ହସ୍ପିଟାଲ ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଶୁକ୍ରବାର ଆପୋଲୋ ହସ୍ପିଟାଲରେ ମୃତଦେହ ଛାଡ଼ିବା ପାଇଁ କିପରି ଟଙ୍କା ଦାବି କରାଯାଇଥିଲା, ସେ ବିଷୟରେ ବିରୋଧୀ ଦଳ ନେତା ବିଧାନସଭାରେ ଉଠାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରୋଗୀଙ୍କ ମୃତ୍ୟୁ ଘଟିବା ପରେ କୌଣସି ପରିସ୍ଥିତିରେ ମୃତଦେହ ଅଟକ ରଖାଯାଇ ପାରିବନାହିଁ। ଏହାସତ୍ତ୍ୱେ ରାଜଧାନୀର ବିଭିନ୍ନ ଘରୋଇ ହସ୍ପିଟାଲରେ ଟଙ୍କା ନ ଦେବା ଯାଏ ମୃତଦେହକୁ ଦୀର୍ଘସମୟ ଧରି ଛଡ଼ାଯାଉନାହିଁ। ଶନିବାର କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ବାସୁଦେବ ବାରିକଙ୍କ ପୁଅ ସଚିନ ୨୨ ବର୍ଷରେ ପ୍ରାଣ ହରାଇଥିଲେ ମଧ୍ୟ ଦୀର୍ଘସମୟ ଧରି ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇ ନ ଥିଲା। ବକେୟା ଟଙ୍କା ଡିପୋଜିଟ୍ କରି ନ ଥିବାରୁ ମୃତଦେହକୁ ଦୀର୍ଘସମୟ ଧରି ଛାଡ଼ି ନ ଥିଲେ। ଏ ବିଷୟରେ ସେହି ବ୍ୟକ୍ତି ମୋତେ ଜଣାଇବା ପରେ ମୁଁ କଳିଙ୍ଗ ହସ୍ପିଟାଲ ଡିଜିଏମ୍‌ଙ୍କୁ ଫୋନ୍ କରି ମୃତଦେହ ଛାଡ଼ିବା ପାଇଁ ଅନୁରୋଧ କରିଥିଲି। ମାତ୍ର ସେ ମୋତେ ଦୁର୍ବ୍ୟବହାର କରିଥିଲେ। ପଇସା ଦାଖଲ ନ କଲେ ମୃତଦେହ ଛଡ଼ାଯିବନାହିଁ। ଏହା ବିଧାନସଭା ନୁହେଁ ବୋଲି ପାଲଟା ଧମକ ଦେଇଥିବା ମୋହନ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଜଣାଇବା ପରେ ତଦନ୍ତ କରିବା ପାଇଁ ଏକ ୪ଜଣିଆ କମିଟି ଗଠନ କରାଯାଇଛି ବୋଲି କହିଥିଲେ।

ବାସୁଦେବ ତାଙ୍କ ପୁଅକୁ ଗତ ମେ' ୨୯ରେ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାର ଠିକ୍ ମାସକ ପରେ ଅର୍ଥାତ୍ ଜୁନ୍ ୨୯ ତାରିଖରେ ତାଙ୍କ ପୁଅର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦରେ ସେ ଧାରକରଜ ଓ ଜମିବାଡ଼ି ବିକ୍ରିକରି ୭ ଲକ୍ଷ ୬୦ ହଜାର ଟଙ୍କା ଜମା ଦେଇଥିଲେ। ଏହା ସତ୍ତ୍ୱେ ସେ ତାଙ୍କ ପୁଅକୁ ହରାଇଥିଲେ। ଏହା ପରେ ଆହୁରି ଅଧିକ ଟଙ୍କା ଜମା ନ କଲେ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହ ଛାଡିବେ ନାହିଁ ବୋଲି କହିଥିଲେ। ଯଦି ଏଭଳି ଘଟଣା ଘରୋଇ ହସ୍ପିଟାଲଗୁଡ଼ିକରେ ଘଟି ଚାଲିବ, ତେବେ ଆମକୁ କେହି କ୍ଷମା ଦେବେନାହିଁ। ଘରୋଇ ହସ୍ପିଟାଲଗୁଡିକରେ ଗରିବ ଲୋକଙ୍କୁ କିଭଳି ସେବା ମିଳିପାରିବ, ସେନେଇ ରାଜ୍ୟ ସରକାର ଏକ ସଂସ୍କାରମୂଳକ ପଦକ୍ଷେପ ନିଅନ୍ତୁ। ଅଫିସରସ୍ତରରେ ଏକ କମିଟି ଗଠନ କରାଯାଉ। ବାଚସ୍ପତି ଏ ନେଇ ଏକ ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଘରୋଇ ହସ୍ପିଟାଲର ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ବିପିଏଲ କାର୍ଡ ଥାଇ ମଧ୍ୟ ଲୋକେ ସେବା ପାଇପାରୁନାହାନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ କଳିଙ୍ଗ ହସ୍ପିଟାଲରେ ରୋଗୀସେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ, ସରକାର ରୋଗୀସେବା ଉଦ୍ଦେଶ୍ୟରେ ଘରୋଇ ହସ୍ପିଟାଲକୁ ୧ ଟଙ୍କାରେ ଜମି ଯୋଗାଇ ଦେଇଥିଲେ। ଭରସା ଥିଲା, ସେମାନେ ୩୦ ପ୍ରତିଶତ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବେ। ମାତ୍ର ଏବେ ତାହାର ବିପରୀତ ଦେଖିବାକୁ ମିଳୁଛି। ଶୁଣିବାକୁ ମିଳୁଛି ଯେ, ଗତ ୩ ମାସ ତଳେ ଏହି ହସ୍ପିଟାଲକୁ ତାମିଲନାଡୁର ଜଣେ ବ୍ୟକ୍ତିଙ୍କୁ ୨ଶହ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି। କାହା ଅନୁମତି ନେଇ ଏ ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି, କିଏ ପଇସା ନେଇଛନ୍ତି, ସେ ବିଷୟରେ ସରକାର ଜବାବ ଦେବା ଦରକାର। ଆହୁରି ମଧ୍ୟ ରୋଗୀଙ୍କୁ ଭେଣ୍ଟିଲେଟରରେ ରଖି ହସ୍ପିଟାଲ କର୍ତ୍ତୃପକ୍ଷ ପଇସା ଲୁଟୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

## ରାଜ୍ୟରେ ମୁଣ୍ଡ ପିଛା ଋଣ ୧୭ ହଜାର

ଭୁବନେଶ୍ୱର, ୧୭(ବ୍ୟୁରୋ)

ରାଜ୍ୟବାସୀ ବର୍ତ୍ତମାନ ଋଣଭାରରେ ବୁଡି ରହିଛନ୍ତି। ଏପରିକି ଛୁଆଟିଏ ଜନ୍ମ ହେଉ ହେଉ ମୁଣ୍ଡଭାର ତାକୁ ମୁଣ୍ଡାଇବାକୁ ପଡୁଛି। ରାଜ୍ୟ ସରକାର ଏମିତି ତଥ୍ୟ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ଥିଲା ୭୯,୮୬୬.୦୮ କୋଟି ଟଙ୍କା। ଅର୍ଥାତ୍ ସରକାରଙ୍କ ହିସାବ ଅନୁଯାୟୀ ଏହା ମୁଣ୍ଡ ପିଛା ୧୭ ହଜାର ଟଙ୍କାରୁ ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୩,୫୮୪ କୋଟି ଟଙ୍କାର ଋଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପଟେ ୪,୭୦୭ କୋଟି ଟଙ୍କା ଶୁଝିବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି। ସେହି ଅନୁଯାୟୀ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ପୂର୍ବ ଋଣ ସହ ୧୮,୮୭୭ କୋଟି ଟଙ୍କା ଯୋଡ଼ି ହୋଇଯିବ। ସୋମବାର କେନ୍ଦୁଝର ବିଧାୟକ ମୋହନ ମାଝୀ ପଚାରିଥିବା ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ଋଣ ଆହରଣ ସୀମା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ୩ ପ୍ରତିଶତ ହେବ। ଏନେଇ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ କରିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ୨୦୦୫-୦୬ଠାରୁ କ୍ରମାଗତଭାବେ ପ୍ରତ୍ୟେକ ବର୍ଷ ରାଜସ୍ୱ ବଳକା ସୃଷ୍ଟି କରିଆସୁଛନ୍ତି। ତେଣୁ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣଭାବେ ପୁଞ୍ଜି ଖର୍ଚ୍ଚ ପାଇଁ ବିନିଯୋଗ କରାଯାଉଛି। ୨୦୧୭-୧୮ରେ ସରକାର ୧୪,୪୧୯. ୪୧ କୋଟି ଟଙ୍କା ଋଣ କରିଥିବା ବେଳେ ୨୫,୬୭୪.୧୮ ପୁଞ୍ଜି ଖର୍ଚ୍ଚ କରିଥିଲେ। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୯,୯୩୬.୩୦ ହଜାର କୋଟି ଟଙ୍କା ଋଣ କରିଥିବା ବେଳେ ୨୮,୭୮୯.୧୩ ପୁଞ୍ଜି ଖର୍ଚ୍ଚ କରିଛନ୍ତି।

ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୩୧ ମାର୍ଚ୍ଚ ୨୦୧୯ ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କ ଠାରୁ ୭୮୩୬.୫୪ କୋଟି ଟଙ୍କା, ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ୯୧୭୨.୯୯ କୋଟି ଟଙ୍କା, ଖୋଲା ବଜାରରୁ ୨୮,୦୩୦.୯୦ କୋଟି, ଭାରତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ୧୩୦୯୨.୨୯ କୋଟି, ଜୀବନ ବୀମା ନିଗମରୁ ୦.୪୭ କୋଟି, ସାଧାରଣ ବୀମା ନିଗମରୁ ୬.୩୬ କୋଟି, ଜାତୀୟ ସମବାୟ ଉନ୍ନୟନ ନିଗମରୁ ୭.୩୦ କୋଟି, ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଓ ଅନ୍ୟାନ୍ୟରୁ ୧୧୦.୭୧ କୋଟି, ଭବିଷ୍ୟନିଧି ପାଣ୍ଠିରୁ ୨୧,୬୦୮.୫୨ କୋଟି ଟଙ୍କା ଋଣ କରିଛନ୍ତି।

## ବିଧାନସଭା ସ୍ଥାୟୀ କମିଟି ଅଧ୍ୟକ୍ଷ, ସଦସ୍ୟଙ୍କ ନାଁ ଘୋଷିତ

■ ବାଚସ୍ପତି କଲେ ଘୋଷଣା
■ କିଶୋର, ପ୍ରଦୀପ, ସୁବ୍ରତ, ଅଶ୍ୱିନୀ ପ୍ରମୁଖ ଅଧ୍ୟକ୍ଷ

ଭୁବନେଶ୍ୱର, ୧୭(ବ୍ୟୁରୋ)

ବିଧାନସଭାର ୧୦ ସ୍ଥାୟୀ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୋମବାର ଗୃହରେ ଘୋଷଣା କରିଛନ୍ତି। ଏହି ଅଧ୍ୟକ୍ଷମାନେ ହେଉଛନ୍ତି- କିଶୋର ମହାନ୍ତି, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ନରସିଂହ ମିଶ୍ର, ପ୍ରଦୀପ ଅମାତ, ମୋହନ ମାଝି, ଦେବୀ ପ୍ରସାଦ ମିଶ୍ର ଏବଂ ସୁବ୍ରତ ତରାଇ। ପ୍ରତି କମିଟିରେ ଅଧ୍ୟକ୍ଷଙ୍କ ସମେତ ୧୨ ଜଣ ସଦସ୍ୟ ରହିଛନ୍ତି। ବିଧାନସଭା ସ୍ଥାୟୀ କମିଟି ନଂ-୧ ସ୍ୱରାଷ୍ଟ୍ର, (ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ) ଏବଂ ଆଇନ ବିଭାଗ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୨ ଜଳସମ୍ପଦ, କୃଷି(କୃଷକ ସଶକ୍ତୀକରଣ) ମତ୍ସ୍ୟ ଏବଂ ପଶୁସମ୍ପଦ ଉନ୍ନୟନ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୩ ପୂର୍ତ୍ତ, ପର୍ଯ୍ୟଟନ(ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି), ଗୃହ ଏବଂ ନଗର ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୪ ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ବିଜ୍ଞାନ ଓ କାରିଗରି(ଇଲେକଟ୍ରୋନିକ୍ସ , ସୂଚନା ଓ ପ୍ରଯୁକ୍ତିବିଦ୍ୟା) ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୫ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି) (ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ) ବିଭାଗ ପାଇଁ କାର୍ଯ୍ୟ କରିବ।

କମିଟି ନଂ-୬ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୭ ଶିଳ୍ପ, ଇସ୍ପାତ ଓ ଖଣି, ବାଣିଜ୍ୟ, ପରିବହନ, ଜଙ୍ଗଲ ଓ ପରିବେଶ ଏବଂ (ଯୋଜନା ଓ ସଂଯୋଜନା) ଏବଂ (ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା)ଙ୍କ ପାଇଁ କାର୍ଯ୍ୟ କରିବ। ଅନୁରୂପଭାବେ କମିଟି ନଂ-୮ ଏସ୍‌ଟି, ଏସ୍‌ସି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ, ଶ୍ରମ ଏବଂ ସରକାରୀ କର୍ମଚାରୀଙ୍କ ରାଜ୍ୟ ବୀମା, ସାଧାରଣ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ପାଇଁ କାର୍ଯ୍ୟ କରିବ। ୯ ନଂ କମିଟି(ପଞ୍ଚାୟତିରାଜ ଓ ପାନୀୟଜଳ) ଏବଂ ଗ୍ରାମ ଉନ୍ନୟନ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୧୦ ଶକ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା(ଏବଂ ଅବକାରୀ) ବିଭାଗ ପାଇଁ କାର୍ଯ୍ୟ କରିବ। ବାଚସ୍ପତି ପାତ୍ର ପ୍ରତ୍ୟେକ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାଁ ମଧ୍ୟ ଘୋଷଣା କରିଥିଲେ।

# ମୁଲତବୀ ପ୍ରସ୍ତାବକୁ ନେଇ ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୧୭(ବ୍ୟୁରୋ)

କୃଷି ଓ କୃଷକଙ୍କ ମୁଲତବୀ ପ୍ରସ୍ତାବ କାହିଁକି ଗ୍ରହଣ କରାଗଲାନାହିଁ, ଏହାର ଜବାବ ଦିଆଯାଉ ତା'ପରେ ଗୃହ ଚାଲିବ। ସୋମବାର ପ୍ରଶ୍ନୋତ୍ତର ଆରମ୍ଭରୁ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅଚଳ ହୋଇଯାଇଥିଲା।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ନିଜ ଆସନ ନିକଟରେ ଛିଡ଼ାହୋଇ କୃଷି ଓ କୃଷକଙ୍କ ସମସ୍ୟା ନେଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା, କାହିଁକି ତାହା ଗ୍ରହଣ କରାଗଲାନାହିଁ କହି ଗୃହର ମଧ୍ୟଭାଗକୁ ମାଡ଼ିଆସିଲେ। ତାଙ୍କ ସହିତ ରମେଶ ଜେନା, ମହମ୍ମଦ ମୋକିମଙ୍କ ସମେତ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି କଂଗ୍ରେସ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଏହାର କୌଣସି ପ୍ରଭାବ କଂଗ୍ରେସ ସଦସ୍ୟଙ୍କ ଉପରେ ପଡ଼ି ନ ଥିଲା। ବାଚସ୍ପତି ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ପଚାରିଥିବା ପ୍ରଶ୍ନ ନଂ.୧୨୧ର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଡାକିଥିଲେ। ମନ୍ତ୍ରୀ ହଟ୍ଟଗୋଳ ମଧ୍ୟରେ ଉତ୍ତର ଦେଇଥିଲେ। ପାଟିତୁଣ୍ଡ ନ କମିବାରୁ ବାଚସ୍ପତି ଗୃହକୁ ୧୦ଟା ୩୪ରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ୧୧ଟା ୪୬ରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



କୃଷି ଓ କୃଷକ ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟକୁ ନେଇ ବିଧାନସଭାରେ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ।

### ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

## ରାଜ୍ୟର ଅଧା ଜିଲା ମାଓବାଦୀ ପ୍ରଭାବିତ

ଭୁବନେଶ୍ୱର,୧୭(ବ୍ୟୁରୋ)

ରାଜ୍ୟର ଅଧା ଜିଲା ମାଓବାଦୀ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଶ୍ରେଣୀ ବିଭାଗ ଅନୁଯାୟୀ କୋରାପୁଟ ଏବଂ ମାଲକାନଗିରି ଅତ୍ୟନ୍ତ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲା। ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଧାନସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ଉତ୍ତର ରଖିଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନ ନଂ-୨୫୫ର ଉତ୍ତର ଦେଇ ସୋମବାର ରାଷ୍ଟ୍ରମନ୍ତ୍ରୀ ମିଶ୍ର ଏହି କଥା କହିଛନ୍ତି। ଗତ ୬ ବର୍ଷ ଅର୍ଥାତ ୨୦୧୪ରୁ ୨୦୧୯ ମଧ୍ୟରେ ମାଓବାଦୀମାନେ ମୋଟ ୧୦୫ ସାଧାରଣ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅନ୍ୟପକ୍ଷେ ସୁରକ୍ଷା ବାହିନୀ ସହିତ ଗୁଳି ବିନିମୟ ଏବଂ ଅନ୍ୟାନ୍ୟ ଘଟଣାରେ ୮୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରେ ଉଲ୍ଲେଖ କରାଯାଇଛି।

ରାଜ୍ୟରେ ଡକାୟତି, ଲୁଣ୍ଠନ ଏବଂ ବଳାତ୍କାର ପରି ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି। ରାଜ୍ୟ ସରକାର ବିଧାନସଭାରେ ରଖିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ୨୦୧୮ରେ ୫୫୮ଟି ଡକାୟତି ମାମଲା ହୋଇଛି। ଏହା ପୂର୍ବ ବର୍ଷ ଅର୍ଥାତ ୨୦୧୭ରେ ଡକାୟତି ସଂଖ୍ୟା ୫୩୪ ରହିଥିଲା। ସେହିପରି ଗତବର୍ଷ ୨୧୨୫ଟି ଲୁଣ୍ଠନ ମାମଲା ହୋଇଥିବା ଜଣାପଡିଛି। ୨୦୧୭ରେ ୨୦୪୮ଟି ଲୁଣ୍ଠନ ମାମଲା ସଙ୍ଘଠିତ ହୋଇଥିଲା। ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ମଧ୍ୟ ବୃଦ୍ଧି ପାଇଛି। ୨୦୧୮ରେ ରାଜ୍ୟରେ ୨୫୦୨ ବଳାତ୍କାର ମାମଲା ହୋଇଥିବା ସ୍ୱରାଷ୍ଟ୍ର ବିଭାଗ ସ୍ୱୀକାର କରିଛି। ଏହା ପୂର୍ବ ବର୍ଷ ରାଜ୍ୟରେ ୨୨୨୧ଟି ବଳାତ୍କାର ମାମଲା ହୋଇଥିବା ଗୃହରେ ତଥ୍ୟ ରଖାଯାଇଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା-୨୫୯ର ଉତ୍ତର ଦେଇ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ଏହା କହିଛନ୍ତି।

■ ବିଧାନସଭାରେ ଉଠିଲା ପଶ୍ଚିମ ଓଡ଼ିଶା ହାଇକୋର୍ଟ ବେଞ୍ଚ୍ ପ୍ରସଙ୍ଗ

# ସରକାର ଆଇନ ଅନୁଯାୟୀ ପ୍ରସ୍ତାବ ଦେଉନାହାନ୍ତି

### ହାଇକୋର୍ଟରେ ଅଚଳାବସ୍ଥା ଦୂର କରିବାକୁ ଦାବି

ଭୁବନେଶ୍ୱର,୧୭(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ ଏବଂ ହାଇକୋର୍ଟରେ ଚାଲିଥିବା ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘ ୮ ମାସ ହେବ ପଶ୍ଚିମ ଓଡ଼ିଶାରେ ଏସ୍‌ଡିଜେଏମ୍ କୋର୍ଟରୁ ଆରମ୍ଭକରି ଜିଲା କୋର୍ଟ ପର୍ଯ୍ୟନ୍ତ ସବୁଠି ଅଚଳାବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ ସରକାର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଲାଗି ପଦକ୍ଷେପ ନିଅନ୍ତୁ ଏବଂ ଲୋକଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଶୂନ୍ୟକାଳରେ ଦାବି ଉଠାଇଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ରାଜ୍ୟରେ ଆଇନର ଶାସନ ନାହିଁ କି ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଉନାହିଁ। ରାଜ୍ୟରେ ଅରାଜକତା ବ୍ୟାପିଲାଣି। ବର୍ଷ ବର୍ଷ ଧରି ମକଦ୍ଦମା ତଳକୋର୍ଟରୁ ଆରମ୍ଭକରି ହାଇକୋର୍ଟ ଯାଏ ପଡ଼ିରହିଛି। ପିଢ଼ି ପରେ ପିଢ଼ି ମାମଲା ଗଡ଼ିଚାଲିଛି। ଓକିଲମାନେ ଷ୍ଟ୍ରାଇକ୍ କରୁଛନ୍ତି। ରାଜ୍ୟରେ ଏକ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ ବିବୃତି ଦିଅନ୍ତୁ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ ପାଇଁ କି ପଦକ୍ଷେପ ନେଇଛନ୍ତି, ତାହା ସ୍ପଷ୍ଟ କରନ୍ତୁ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କର କୌଣସି ଆପତ୍ତି ନାହିଁ ବୋଲି କହୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର କହୁଛନ୍ତି ଯେ, ରାଜ୍ୟ ସରକାର ଆଇନ ଅନୁଯାୟୀ କେନ୍ଦ୍ରକୁ ଚିଠି ଲେଖୁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଓ ଯଶୋବନ୍ତ ସିଂହଙ୍କ ରିପୋର୍ଟ ଆଧାରରେ ରାଜ୍ୟ ସରକାର କାହିଁକି ଚିଠି ଲେଖୁନାହାନ୍ତି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଲୋକଦେଖାଣିଆ ଭାବେ କେବଳ ଚିଠି ଲେଖି ସରକାର ବସିଯାଉଛନ୍ତି। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଉକ୍ତ ଅଧିବେଶନ କାଳରେ ଯେକୌଣସି ଦିନ ଗୃହରେ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ନରସିଂହ ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ ଯେ, ଦୀର୍ଘ ୮ ମାସ ହେଲା ତଳ କୋର୍ଟରୁ ଜିଲା କୋର୍ଟ ପର୍ଯ୍ୟନ୍ତ ବନ୍ଦ ରହିଛି। ଲୋକେ ନ୍ୟାୟ ପାଇପାରୁନାହାନ୍ତି। ଶନିବାର ରାଜ୍ୟ ସରକାର ଏ ନେଇ ଏକ କମିଟି ଗଠନ କରିଛନ୍ତି। ଆମେ ଗୃହ ବିଭାଗର ଅତିରିକ୍ତ ସଚିବଙ୍କୁ ଦେଖାକରିଥିଲୁ। ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାରେ ଆମର କିଛି ଆପତ୍ତି ନାହିଁ । ତେବେ ଦକ୍ଷିଣ ଓଡ଼ିଶାର ଜୟପୁରଠାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାକୁ ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ୩ଟି କୋର୍ଟକୁ ବର୍ଜନ କରାଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, କଲେଜିୟମ ଅନୁଯାୟୀ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଆମ ରାଜ୍ୟରୁ କାହାରିଙ୍କୁ ବିଚାରପତି ଭାବେ ନିଯୁକ୍ତ କରାଯାଉନାହିଁ। ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଉଛି ବୋଲି ଓକିଲମାନେ ଦାବି କରୁଛନ୍ତି। ଏଥିଯୋଗୁ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ ଆଇନ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

## ବିଧାୟକଙ୍କୁ ମିଳିବ ରଥଯାତ୍ରା ପାଇଁ କର୍ଡନ ପାସ୍

ବିଧାନସଭାରେ ଘୋଷଣା କଲେ ବାଚସ୍ପତି

ଭୁବନେଶ୍ୱର,୧୭(ବ୍ୟୁରୋ)

ଆସନ୍ତା ୪ ତାରିଖରେ ଶ୍ରୀଜୀଉଙ୍କ ରଥଯାତ୍ରା ପାଳନ ହେବ। ଏହି ରଥଯାତ୍ରାରେ ଯୋଗଦେବାକୁ ଚାହୁଁଥିବା ବିଧାୟକମାନଙ୍କୁ କାର ଓ କର୍ଡନ ପାସ୍ ଦିଆଯିବ। ସେମାନେ ବିଧାନସଭା ସଚିବଙ୍କ ନିକଟରୁ ପାସ୍ ସଂଗ୍ରହ କରିପାରିବେ। ସୋମବାର ଏହା ଘୋଷଣା କରିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ବିଧାୟକମାନଙ୍କୁ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେପରି କୌଣସି ସମସ୍ୟା ନ ହେବ, ସେଥିଲାଗି ଏଭଳି ବ୍ୟବସ୍ଥା କରାଯାଇଛି।

## ପ୍ରଶ୍ନକାଳରେ ବିରୋଧୀ ଦଳ ନେତା, ଉପନେତା, ମୁଖ୍ୟ ସଚେତକ ଅନୁପସ୍ଥିତ

ଭୁବନେଶ୍ୱର,୧୭(ବ୍ୟୁରୋ)

ଗୃହରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚନା ହୋଇଥାଏ। ଏହି ସମୟରେ ବିରୋଧୀ ଦଳର ମୁଖ୍ୟ ଭୂମିକା ରହିଥାଏ। ତେବେ ଦୁଇଦିନ ଧରି ଗୃହ ବନ୍ଦ ହେବା ପରେ ସୋମବାର ଖୋଲିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହ ଚାଲିବାବେଳକୁ ବିରୋଧୀ ଦଳ ନେତା, ଉପନେତା କିମ୍ବା ମୁଖ୍ୟ ସଚେତକଙ୍କର ଦେଖା ନ ଥିଲା। ପ୍ରଶ୍ନୋତ୍ତର ଶେଷହେବା ପରେ ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ଏବଂ ମୁଖ୍ୟ ସଚେତକ ମୋହନ ମାଝି ବିଧାନସଭାକୁ ଆସିଥିଲେ। ପରେ ଶୂନ୍ୟକାଳ ଓ ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୋଲାଭରମ୍ କାର୍ଯ୍ୟ ବନ୍ଦ ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୧୭(ବ୍ୟୁରୋ)

ପୋଲାଭରମ ପ୍ରକଳ୍ପର କାର୍ଯ୍ୟ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ପୋଲାଭରମ୍ ନିର୍ମାଣ ପୂର୍ବରୁ ଏହାକୁ ନେଇ ଚାଲିଥିବା ବିବାଦ ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଯଦି ପ୍ରକଳ୍ପକୁ ନେଇ ରହିଥିବା ସମସ୍ୟାର ସମାଧାନ ନ ହୁଏ, ତେବେ ଏହା ଓଡ଼ିଶା ଏବଂ ଓଡିଆ ଲୋକଙ୍କ ସ୍ଥାୟୀ କ୍ଷତିର କାରଣ ପାଲଟିବ। ଏହି ପ୍ରକଳ୍ପ ଯଦି କାର୍ଯ୍ୟକାରୀ ହୁଏ, ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜମି ଜଳମଗ୍ନ ହେବ। ସର୍ବୋପରି ପ୍ରକଳ୍ପ ହେଲେ ବହୁ ଗ୍ରାମବାସୀ ବିସ୍ଥାପିତ ହେବାକୁ ବାଧ୍ୟ ହେବେ। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଓଡିଶାର ମାଲକାନଗିରି ଜିଲା ବିଶେଷକରି ଆଦିମ ଅଧିବାସୀମାନେ ବହୁଳ ଭାବେ ପ୍ରଭାବିତ ହେବେ। ତେଣୁ ସୁପ୍ରିମକୋର୍ଟରେ ପଡି ରହିଥିବା ମାମଲା ଗୁଡିକର ସମାଧାନ ନ ହେବା ଯାଏ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହୁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିପରି ଏ ସଂକ୍ରାନ୍ତୀୟ ବିଧିବଦ୍ଧ ସଂକଳ୍ପ ନ ଆସିବା ପୂର୍ବରୁ ଯଦି ପ୍ରକଳ୍ପକୁ ଅନୁମତି ଦିଆଯାଏ ତା'ହେଲେ ଏହା ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ଉପରେ ସ୍ଥାୟୀ ଆଘାତ ପହଞ୍ଚାଇବ ବୋଲି ନବୀନ ଚିଠିରେ ଜଣାଇଛନ୍ତି। ଓଡିଶା, ତେଲେଙ୍ଗାନା ଏବଂ ଛତିଶଗଡରେ ଜମି, ଜଙ୍ଗଲ ଏବଂ ଅଧିବାସୀଙ୍କ କ୍ଷତି ନ ହେବାଭଳି ପ୍ରକଳ୍ପର ମଡେଲ ବଦଳାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରକୁ ପୂର୍ବରୁ ଦେଇଥିବା ଚିଠି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଓଡିଶା ବାରମ୍ବାର ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ର କେବେହେଲେ ଏ ଦିଗରେ କର୍ଣ୍ଣପାତ କରିନାହିଁ। ନବୀନ ଆହୁରି କହିଛନ୍ତି ଯେ, ପ୍ରଭାବିତ ଥିବା ଅଞ୍ଚଳରେ ଜନଶୁଣାଣି କରିବା ପରିବର୍ତ୍ତେ ଆନ୍ଧ୍ର ପ୍ରଦେଶ ସରକାର ଦ୍ରୁତଗତିରେ କାର୍ଯ୍ୟ କରିଚାଲିଛନ୍ତି। ଅନ୍ୟପଟେ ମାଲକାନଗିରିରେ ବିନା ଜନଶୁଣାଣିରେ ପୋଲାଭରମ୍ ପ୍ରକଳ୍ପକୁ ୨୫ ଅକ୍ଟୋବର ୨୦୦୫ରେ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଥିଲା ବୋଲି ନବୀନ କହିଛନ୍ତି। ଯଦି ଥରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଏ ତେବେ ପରବର୍ତ୍ତୀ ସମୟରେ ଏହାର ରୂପରେଖ ପରିବର୍ତ୍ତନ କରାଯାଇପାରିବ ନାହିଁ। ଅନ୍ୟପଟେ ଏଯାବତ୍ ଓଡିଶାରେ ଜନଶୁଣାଣି ହୋଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ ପରିବେଶ ଓ ଜଙ୍ଗଲ କେନ୍ଦ୍ରମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ସେ ହର୍ଷ ବର୍ଦ୍ଧନଙ୍କୁ ଅନୁରୋଧ କରିଥିଲେ। ଏହାପରେ ଓଡିଶାର ସ୍ୱାର୍ଥ ଦୃଷ୍ଟିରୁ କୌଣସି ଅଗ୍ରଗତି ଘଟି ନ ଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିକଟରେ ପରିବେଶ ମନ୍ତ୍ରଣାଳୟ ପୋଲାଭରମ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶକୁ ଆଉ ଦୁଇବର୍ଷ ବୃଦ୍ଧି କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏନେଇ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଗରମ ତେଲରେ ପଡ଼ି ଜଣେ ଗୁରୁତର

ପାରଳାଖେମୁଣ୍ଡି, ୧୭ (ସ୍ୱ.ପ୍ର.): ହୋଟେଲ୍‌ରେ କାମ କରିବା ସମୟରେ ଗରମ ତେଲ ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ପାରଳାଖେମୁଣ୍ଡି ନୂଆବସ୍‌ଷ୍ଟାଣ୍ଡ ନିକଟସ୍ଥ ମଣିକଣ୍ଠ ହୋଟେଲରେ କାର୍ଯ୍ୟରତ ଶିବଶଙ୍କର ମିଶ୍ର(୨୭) ସୋମବାର ସକାଳେ କୌଣସି କାରଣରୁ ଗରମ ତେଲ କଡ଼େଇରେ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

### ନୂତନ ସଭାଗୃହ ଉଦ୍‌ଘାଟିତ



ପାରଳାଖେମୁଣ୍ଡି, ୧୭ (ସ୍ୱ.ପ୍ର.) : ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ତୃତୀୟ ମହଲାରେ ଏକ ନୂତନ ସଭାଗୃହ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଅନୁପମ ସାହା ରିବନ କାଟି ଏହାର ଉଦ୍‌ଘାଟନ କରିଥିଲେ । ଏଠାରେ ପ୍ରାୟ ୧୫୦ରୁ ଅଧିକ ଜଣ ବସିପାରିବେ। ଏହି ଆଧୁନିକ ସଭାଗୃହ ହେବା ଦ୍ୱାରା କାର୍ଯ୍ୟାଳୟ ବାହାରେ ଅନୁଷ୍ଠିତ ହେଉଥିବା ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇପାରିବ ବୋଲି ଜଣାପଡିଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସ୍ୱଧାଦେବ ସିଂ, ସୀମାଞ୍ଚଳ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତଥିଲେ ।

### ଆଦର୍ଶବିଦ୍ୟାଳୟରେ ଡାକ୍ତର ଦିବସ ପାଳିତ



ଗୁମ୍ମା, ୧୭ : ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ରାକେଶ କୁମାର ବେହେରା ଯୋଗ ଦେଇ ଭବିଷ୍ୟତରେ ଛାତ୍ରୀଛାତ୍ରମାନେ କିପରି ଜଣେ ଜଣେ ଆଦର୍ଶ ଡାକ୍ତର ହୋଇ ବାହାରିବେ ଏବଂ ଏଥିପାଇଁ କେତେ ପରିଶ୍ରମ କରିବାକୁ ହେବ ସେନେଇ ବୁଝାଇବା ସହ ସେମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ଉତ୍ସାହ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କେଦାରନାଥ ଦାସଙ୍କ ସମେତ ଅନୁଷ୍ଠାନର କର୍ମଚାରୀମାନେ ଉପସ୍ଥିତ ଥିଲେ । ଶେଷରେ ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

### କାମ ସରିଲାଣି ରାସ୍ତାରୁ ହଟୁନି ମେଶିନ୍



ପାରଳାଖେମୁଣ୍ଡି, ୧୭ (ସ୍ୱ.ପ୍ର.) : ରଥଯାତ୍ରାକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ସ୍ଥିତ ରାଜଦାଣ୍ଡ ରାସ୍ତା କିଛି ଦିନ ହେଲା ମରାମତି ହୋଇଛି। ହେଲେ ମରାମତି କାର୍ଯ୍ୟ ଶେଷ ହୋଇଥିଲେ ମଧ ପିଚୁରାସ୍ତାକୁ ସମତୁଲ ପାଇଁ ବ୍ୟବହୃତ ମେଶିନ୍(ଗାଡ଼ି)ଟିକୁ ସେଠାରୁ ନ ନେଇ କଲେଜ ଛକ ନିକଟରେ ରଖାଯାଇଛି। ଫଳରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଏହି ରାସ୍ତାଦେଇ ପ୍ରତିଦିନ ଶହ ଶହ ଯାନବାହାନ ଯାତାୟାତ କରୁଥିବାବେଳେ ସ୍କୁଲ ଏବଂ କଲେଜକୁ ମଧ ସଂଯୋଗ କରୁଛି। ତେବେ ବିନାକାରଣରେ ଏଠାରେ ମେସିନ୍‌ଟି ପଡିରହି ଟ୍ରାଫିକ ସମସ୍ୟାକୁ ଜଟିଳ କରୁଛି । ତେଣୁ ଏଠାରୁ ମେସିନ୍‌ଟିକୁ ତୁରନ୍ତ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି।

# ଅବ୍ୟବସ୍ଥାରେ ରାଙ୍ଗଡ଼ା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ



ଭଙ୍ଗା ପାଚେରି ପୁନଃନିର୍ମାଣ ହୋଇପାରିନି।





ରାଙ୍ଗଡ଼ା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ।

## ଅସୁରକ୍ଷିତ ହଷ୍ଟେଲ୍ ଛାତ୍ରୀ

ଗୁମ୍ମା, ୧୭ : ଗୁମ୍ମା ବ୍ଲକ୍ ଅନ୍ତର୍ଗତ କେସିପୁର ନିକଟ ରାଙ୍ଗଡ଼ାସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ବହୁ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ବହୁ ପୁରାତନ ଏହି ଅନୁଷ୍ଠାନଟି ବିରାଟ ଭୂପୃଷ୍ଠ ଉପରେ ନିର୍ମାଣ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ଦିଗରେ ଅନୁଷ୍ଠାନ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଏପରିକି କାର୍ଯ୍ୟରତ କର୍ମଚାରୀଙ୍କୁ ୬ମାସ ହେଲା ଦରମା ମିଳି ନ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଅନୁଷ୍ଠାନରେ ପ୍ରକାଶ ଯେ, ଅନୁଷ୍ଠାନରେ ୧୦୪ଟି ସିଟ୍ ରହିଥିବାବେଳେ ମାତ୍ର ୬୪ଟି ସିଟ୍ ପୂରଣ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅନୁଷ୍ଠାନର ଚାରିପାର୍ଶ୍ୱ ଜଙ୍ଗଲ ଘେରି ରହିଥିବା ବେଳେ ପାଚେରି ଭାଙ୍ଗିଯାଇଛି। ତିତ୍‌ଲି ବାତ୍ୟା ପ୍ରଭାବରେ ଅନୁଷ୍ଠାନର ପାଚେରିଟି ଭାଙ୍ଗିଯାଇଥିଲା। ହେଲେ ବାତ୍ୟାର ୮ମାସ ବିତିଯାଇଥିବାବେଳେ ପାଚେରି ନିର୍ମାଣ ହୋଇପାରିନାହିଁ। ଫଳରେ ଅନୁଷ୍ଠାନ ପରିସରରେ ରହିଥିବା ଛାତ୍ରୀନିବାସଟି ଦୀର୍ଘଦିନ ଧରି ଅସୁରକ୍ଷିତ ହୋଇପଡ଼ିଛି। ତେବେ ଏଥିପ୍ରତି ଅନୁଷ୍ଠାନର ଅଧକ୍ଷ ଇଂ. ସମା ଓରାମଙ୍କ ଗୁରୁତ୍ୱ ନାହିଁ ।

ଅଧକ୍ଷଙ୍କ ଏଭଳି ମନମୁଖି କାର୍ଯ୍ୟ ଯୋଗୁ ଅନୁଷ୍ଠାନର ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଏପରି ଅନେକ ଅଭିଯୋଗକୁ ନେଇ ସ୍ଥାନୀୟ ପ୍ରତିନିଧି ଅନୁଷ୍ଠାନର ଅଧକ୍ଷଙ୍କୁ ପଚାରିବାରେ, ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଭବିଷ୍ୟତରେ ହଷ୍ଟେଲ୍ ପାଚେରି ପୁନଃ ନିର୍ମାଣ ନହେଲେ ମଧ ଛାତ୍ରୀମାନେ ସୁରକ୍ଷିତ ରହିବେ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ତେବେ କୌଣସି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ହେଲେ ପାଚେରି ପୁନଃନିର୍ମାଣ ତ ଦୂରର କଥା, ଅନୁଷ୍ଠାନର କର୍ମଚାରୀମାନେ ୬ମାସ ହେଲା ଦରମା ପାଇନଥିବା ଜଣାପଡ଼ିଛି। କର୍ମଚାରୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ବଢୁଥିବା ଜଣାପଡ଼ିଛି। ତେଣୁ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରୁ ଘର ଖାଇ**
**ପାଣ୍ଡବ ଘର ଚିନ୍ତା କରଇ ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କିଣିଲି ଯେତେ ବିକିଲି ସେତେ**
**ଘରକୁ ଫେରିଲି ଶୁଖିଲା ହାତେ ।**

ଜୀବନର ଏହା ହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୬୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ



କାର୍ଯ୍ୟକ୍ରମରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଉପସ୍ଥିତ ଅଛନ୍ତି।

ପାରଳାଖେମୁଣ୍ଡି, ୧୭ (ସ୍ୱ.ପ୍ର.) : ଗଜପତି ଜିଲାପାଳ ଅନୁପମ ସାହା ସୋମବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି କରିଛନ୍ତି। ମୋଟ ୬୦ଟି ଅଭିଯୋଗର ଶୁଣାଣି କରି ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତା ପାଇଁ ଘୋଷଣା କରିଥିବାବେଳେ ଅନ୍ୟ ଏକ ଅଭିଯୋଗରେ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ରାଶି ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏସ୍‌ପି ସାରା ଶର୍ମା, ଅତିରିକ୍ତ ଜିଲାପାଳ ସ୍ୱଧାଦେବ ସିଂ, ସିଡିଏମ୍‌ଓ ଗୁନୁରାଣୀ ପଟ୍ଟନାୟକ, ପାରଳାଖେମୁଣ୍ଡି ଏସଡିପିଓ ଠାକୁର ପ୍ରସାଦ ପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବନମହୋତ୍ସବ ପାଳିତ



ବନବିଭାଗ କର୍ମଚାରୀଙ୍କ ଗହଣରେ ଛାତ୍ରମାନେ ବୃକ୍ଷ ରୋପଣ କରୁଛନ୍ତି।

ପାରଳାଖେମୁଣ୍ଡି, ୧୭ (ସ୍ୱ.ପ୍ର.) ଗଜପତି ଜିଲା ବନ ବିଭାଗ ପକ୍ଷରୁ ସହର ଉପକଣ୍ଠସ୍ଥ ବି. ସୀତାପୁର ଗ୍ରାମରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କେତେ ଜରୁରୀ ଏବଂ ଏହାଦ୍ୱାରା ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ରୋପଣ କରିବା ପାଇଁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବନାଞ୍ଚଳ ଅଧିକାରୀ ଏମ୍. ନରସିଂହମ୍ମାଙ୍କ ନେତୃତ୍ୱରେ ବନକର୍ମଚାରୀ ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମଧ ୭୦ତମ ବନମହୋତ୍ସବ ପାଳିତ ହୋଇଯାଇଛି । ଏଠାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ASHIRWAD FINANCE
ଆଶୀର୍ବାଦ ଫାଇନାନ୍ସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
7669001525

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

DHANLAXMI FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-୨୫ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE 09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା ।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଟାୱାର ସୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India
Call / SMS Now 7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

See Color Display Classified on every Tuesday & Friday

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୃହକଳହ, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଉଚ୍ଚାଟନ।
ମିଆଁ ମଲଖାନ ଜୀ
8860596444
8860599820

ଖୋଲା ଚାଲେଞ୍ଜ ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ– ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
9899587663
8743922900

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
-ମାର୍ଟିନ ଲୁଥର



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

କୋରାପୁଟ,୧୭(ସ୍ୱ.ପ୍ର)- ପାରିବାରିକ କଳହକୁ କେନ୍ଦ୍ରକରି କୋରାପୁଟ ସଦର ଥାନା ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବଣ୍ଡାଲିଟିମାଲିଗୁଡା ଗ୍ରାମରେ ରବିବାର ରାତିରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରାମା ପରଜା(୨୦) । ତାଙ୍କ ସ୍ୱାମୀ କୃଷ୍ଣ ପରଜା କୌଣସି କାମରେ କୋରାପୁଟ ଯାଇଥିବା ବେଳେ ସେ ଘରେ ଆତ୍ମହତ୍ୟା କରିଥିଲେ । ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏଥିସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ବନ ମହୋତ୍ସବ



ଦାମନଯୋଡ଼ି,୧୭(ଡି.ଏନ୍.ଏ.): କୋରାପୁଟ ଜିଲା ନାଲ୍କୋ ଶିଳ୍ପାଞ୍ଚଳ ଏବଂ ମାଥାଲପୁଟଠାରେ ବନ ମହୋତ୍ସବ ଅବସରରେ ଚାରା ରୋପଣ କରାଯାଇଥିଲା। ନାଲ୍କୋର ଇଡି ଇଂ ରବିଶଙ୍କର ଦାସ, ମହାପ୍ରବନ୍ଧକ (ଏଚ୍ ଆଣ୍ଡ ଏ) ରାଜୀବ କୁମାର ମିଶ୍ର, ଏଜିଏମ୍ ଶଶାଙ୍କ ଶେଖର ସାହୁ, ଉପ ମହାପ୍ରବନ୍ଧକ ଅମରେଶ କୁମାର ମିଶ୍ର, ଯୁବରେଡ୍‌କ୍ରସ ଛାତ୍ରୀଛାତ୍ର ଏବଂ ମାଥାଲପୁଟ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇ ଚାରା ରୋପଣ କରିଥିଲେ । ବୃକ୍ଷ ହିଁ ଜୀବନ । ଗୋଟିଏ ଲୋକଙ୍କୁ ଗୋଟିଏ ଗଛ ଏଭଳି ସଚେତନତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୃଷ୍ଟି କରାଯାଇଥିଲା । ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ବନିକରଣର ଆବଶ୍ୟକ ବୋଲି ଅତିଥିମାନେ ସୂଚନା ଦେଇଥିଲେ । ଗଛକୁ ନ କାଟିବା ଓ ଯେଉଁ ଗଛ ଲଗାଇଛନ୍ତି ତାହାର ଯତ୍ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

### ୬୯ ଅଭିଯୋଗ ଶୁଣିଲେ ଜିଲାପାଳ

କୋରାପୁଟ,୧୭(ସ୍ୱ.ପ୍ର)- କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ୬୯ ଟି ଅଭିଯୋଗ ଶୁଣିଥିଲେ । ଏହି ଶୁଣାଣିରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲି ଆମ୍ମା, ଜଗନ୍ନାଥ ପ୍ରସାଦ ରାୟଗୁରୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ରାସ୍ତାଘାଟ, ଜମି , ନିଖୋଜ ସମସ୍ୟା ଆଦି ନେଇ ଅଭିଯୋଗ ହୋଇଥିଲା ।

### ଚଢ଼ାଦରରେ ମଦ ବିକ୍ରି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର,୧୭ ( ନି.ପ୍ର): କୋରାପୁଟ ଜିଲା ଜୟପୁର ସହରରେ ଥିବା ସରକାରୀ ମଦ ଦୋକାନରେ ଏମଆରପି ମୂଲ୍ୟଠାରୁ ଚଢା ଦରରେ ମଦ ବିକ୍ରୟ କରାଯାଉଛି । ଏନେଇ ଅବକାରୀ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜୟପୁର ସହରର କେତେକ ଯୁବକ ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

କୋରାପୁଟ ଜିଲାରେ ବିଭିନ୍ନ ସରକାରୀ ମଦ ଦୋକାନଗୁଡିକରେ ଏମଆରପି ମୂଲ୍ୟଠାରୁ ଚଢା ଦରରେ ମଦ ବିକ୍ରୟ କରାଯାଉଛି । ଦୋକାନରେ ଏମଆରପି ଚାର୍ଟ ଲଗାଯାଉ ନାହିଁ । ଠିପି ଖୋଲି ଗ୍ଲାସରେ ବ୍ୟବସାୟ ଜାରି ରଖିଛନ୍ତି । ବିନା ବିଲରେ ବ୍ୟବସାୟ କରୁଛନ୍ତି । ବିଲ୍ ମାଗିଲେ ସିଧା ସିଧା ମନା କରୁଛନ୍ତି, ନଚେତ୍ ଜାଲ ବିଲ୍ ଦେଉଛନ୍ତି । ମଦ କଳାବଜାର ହେବା ସହ ପେଟି ପେଟି ମଦ ଗାଁ ଗହଳିରେ ପହଞ୍ଚାଇ ଗାଁ ଲୋକଙ୍କ ଦ୍ୱାରା ବେନିୟମ ଭାବେ ବିକ୍ରି କରାଯାଉଛି। ବିୟର ବୋତଲ ମୂଲ୍ୟ ୧୨୦ ଟଙ୍କା ଥିବାବେଳେ ଦୋକାନୀ କିନ୍ତୁ ୧୪୦ ଟଙ୍କା ନେଉଛନ୍ତି । ଅବକାରୀବିଭାଗ ହୋଟେଲ, ମଦ ଦୋକାନ, ବାରରୁ ମାସକୁ ମାସ ବଟି ନେଉଥିବାରୁ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି । ତେଣୁ ଏହାକୁ ବନ୍ଦ କରିବାକୁ ସ୍ଥାନୀୟ ଯୁବକ ଦାବି କରିଛନ୍ତି । ଦୀର୍ଘ ବର୍ଷ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ବଦଳି କରିବାକୁ ଜୟପୁରବାସୀ ଦାବି କରିଛନ୍ତି । ଅଭିଯୋଗ ପାଇ ଉପ ଜିଲାପାଳ ବେହେରା କହିଛନ୍ତି ଯେ, ଚଢା ଦରରେ ବିକ୍ରି ହେବା ଓ ପାନ,ଚା ଦୋକାନ, ହୋଟେଲ ମଦ ବିକ୍ରି ହେବା ନେଇ ଅଭିଯୋଗ ପାଇଛି । ତୁରନ୍ତ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଦାବିପତ୍ରର ନକଲ କୋରାପୁଟ ଜିଲାପାଳ, ଅବକାରୀ ସଚିବଙ୍କୁ ପ୍ରଦାନ କରିଛନ୍ତି ।

■ ଦକ୍ଷତା ପ୍ରଶିକ୍ଷଣକୁ ଯାଇ ଚୈତନ୍ୟ ନିଖୋଜ

# ଉଦ୍ଧାର ନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମାବାପା

କୋରାପୁଟ,୧୭(ସ୍ୱ.ପ୍ର)



ଜିଲାପାଳଙ୍କ ନିକଟରେ ପରିବାର ଲୋକେ ଅଭିଯୋଗ କରୁଛନ୍ତି ।

ମାନସିକ ବିକୃତ ନିଖୋଜ ପୁଅକୁ ଉଦ୍ଧାର ନେଇ ବୃଦ୍ଧା ମାଆ ଓ ବାପା ସୋମବାର କୋରାପୁଟ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଏକ ଅଭିଯୋଗପତ୍ର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରିଛନ୍ତି । ବ୍ଲକ ପ୍ରଶାସନ ଜରିଆରେ ଦକ୍ଷତା ପ୍ରଶିକ୍ଷଣ ପାଇଁ ଭୁବନେଶ୍ୱର ଯାଇ ପୁଅ ନିଖୋଜ ହୋଇଯାଇଥିବା ସେମାନେ ଅଭିଯୋଗ କରିଛନ୍ତି ।

କୋରାପୁଟ ବ୍ଲକ ମହାଦେଇପୁଟ ପଞ୍ଚାୟତ ଦଳେଇପୁଟ ଗ୍ରାମର ରମେଶ ରଥଙ୍କ ଏକ ମାତ୍ର ପୁଅ ଚୈତନ୍ୟ ରଥ । ସେ ମାନସିକ ବିକାରଗ୍ରସ୍ତ । ସୋମବାର ପୁଅ ନିଖୋଜ ନେଇ ଅଭିଯୋଗ କରିବାକୁ ରମେଶ ଓ ଜାନକୀ ପ୍ରଥମେ କୋରାପୁଟ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ବିଡିଓ ନ ଥିବାରୁ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଚାଲିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇଥିଲେ । ଗତ ୧୮ ତାରିଖରେ ଚୈତନ୍ୟ କୋରାପୁଟ ବ୍ଲକ ପ୍ରଶାସନ ଜରିଆରେ ଦକ୍ଷତା ପ୍ରଶିକ୍ଷଣ ପାଇଁ ଭୁବନେଶ୍ୱର ଯାଇଥିଲେ । ସେଠାରେ ସେ ନିଖୋଜ ହୋଇଯାଇଥିଲେ । ଏନେଇ ଦୀର୍ଘ ୫ ଦିନ ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର ପୁଅ ନିଖୋଜ ନେଇ ସେମାନଙ୍କୁ ଜଣାଇଥିବା ଚୈତନ୍ୟଙ୍କ ମା ଜାନକୀ ସୋମବାର ଜିଲାପାଳଙ୍କୁ ଜଣାଇଛନ୍ତି । ମୋ ପୁଅକୁ ତୁରନ୍ତ ଖୋଜି ଆଣ, ନହେଲେ ମୁଁ ମରିଯିବି ବୋଲି ଜାନକୀ କହିଛନ୍ତି । ପରେ ଜିଲାପାଳ ଚୈତନ୍ୟଙ୍କୁ ଖୋଜିବା ଲାଗି ଜିଲା ଶ୍ରମ ବିଭାଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଚୈତନ୍ୟ ଗତ ୨୦ ତାରିଖରୁ ନିଖୋଜ ହୋଇଥିଲେ ହେଁ ଜିଲା ପ୍ରଶାସନ କାହିଁକି ୨୪ ତାରିଖରେ ଘଟଣା ସମ୍ପର୍କରେ ତାଙ୍କ ପରିବାରକୁ ଜଣାଇଲେ ବୋଲି ଗ୍ରାମର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି । ତୁରନ୍ତ ନିଖୋଜ ଚୈତନ୍ୟଙ୍କୁ ଖୋଜି ଆଣ, ନ ହେଲେ ଆମେ ଗ୍ରାମବାସୀ ଅନଶନ କରିବୁ ବୋଲି ଚେତାବନୀ ଦେଇଛନ୍ତି ।

ଏନେଇ ଜିଲା ସମାଜ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କୁ ପଚାରିବାରୁ, ଗତ ଫେବୃୟାରୀରେ କୋରାପୁଟରେ ଆୟୋଜିତ ପରାମର୍ଶ କର୍ମଶାଳାରେ ଚୈତନ୍ୟ ଯୋଗ ଦେଇଥିଲେ । ଦକ୍ଷତା ବୃଦ୍ଧିନିମନ୍ତେ ଭୁବେନେଶ୍ୱର ଯିବାକୁ ରାଜି ହୋଇଥିବାରୁ ଗତ ୧୮ ତାରିଖରେ ଡିଡିଆରସି ଦଳ ସହ ଟ୍ରେନ ଯୋଗେ ଭୁବନେଶ୍ୱର ଯାଇଥିଲେ । ଗତ ୨୦ ତାରିଖ ସନ୍ଧ୍ୟାରେ ଚୈତନ୍ୟ କିଛି କିଣାକିଣି କରିବାକୁ ଯାଇ ଆଉ ଫେରି ନ ଥିଲେ ବୋଲି କହିଛନ୍ତି । ଏନେଇ ଗତ ୨୧ ତାରିଖରେ ଭୁବନେଶ୍ୱର ଏୟାରପୋର୍ଟ ଥାନାରେ ନିଖୋଜ ନେଇ ଏତଲା ଦିଆଯାଇଥିବା ଏନସିଏସଡିସିଏର ଅଧିକାରୀ କପିଳେଶ୍ୱର ବଡି ପ୍ରକାଶ କରିଛନ୍ତି । ତେବେ ପ୍ରଶ୍ନ ଉଠୁଛି , ୨୦ ତାରିଖ ସନ୍ଧ୍ୟାରେ ଚୈତନ୍ୟ ନିଖୋଜ ହୋଇଥିଲେ ମଧ୍ୟ ଉକ୍ତ ଅନୁଷ୍ଠାନ କଣ ପାଇଁ ତାଙ୍କ ପରିବାର ନଚେତ ଜିଲା ପ୍ରଶାସନକୁ ଖବର ଦେଲେ ନାହିଁ। ତାହା ଏବେ ତଦନ୍ତ ସାପେକ୍ଷ । ବିନା ଏସ୍କର୍ଟରେ କିପରି ସେ ବାହାରକୁ ଗଲେ ଓ ଏଥିପାଇଁ କିଏ ଦାୟୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

# ରୋଗୀଙ୍କୁ ଭାରରେ ନେଲେ ପରିବାର ଲୋକେ

ନନ୍ଦପୁର,୧୭(ଡି.ଏନ.ଏ)

ଗ୍ରାମକୁ ଗମନାଗମନର ସୁବିଧା ନ ଥିବାରୁ ଜଣେ ରୋଗୀଙ୍କୁ ତାଙ୍କ ପରିବାର ଲୋକେ ଭାର କରି ୪ କିଲୋମିଟର ବୋହି ନେଇଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ନନ୍ଦପୁର ବ୍ଲକ ରାଇସିଂ ପଞ୍ଚାୟତ କିଂଜରବା ଗ୍ରାମରେ ।

ଗ୍ରାମର ସୁକୁ ହନ୍ତାଳଙ୍କ ପୁଅ ମୋତି ହନ୍ତାଳ (୧୬)ଙ୍କୁ ଜ୍ୱର ହୋଇଥିଲା । ଧୀରେ ଧୀରେ ସେ ଅଧିକ ଗୁରୁତର ହେବାରୁ ପରିବାର ଲୋକେ କୌଣସି ଉପାୟ ନ ପାଇ ଭାର କରି ୪ କିଲୋମିଟର ବୋହି ଆଣିଥିଲେ । ପରେ ଏକ ବୋଲେରା ଭଡା କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସରକାର ପ୍ରତି ଗ୍ରାମକୁ ରାସ୍ତା ସହ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ସ୍ୱାଧୀନତାର ୭୦ ବର୍ଷ ପରେ ମଧ ଏହି ଗ୍ରାମକୁ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ । ଖରା ଦିନେ ଏହି ଗ୍ରାମକୁ ଯିବା ସମ୍ଭବ । କିନ୍ତୁ ବର୍ଷା ଦିନେ ଏହା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥାଏ । ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡି ଗାଁକୁ ଯିବା ସମ୍ଭବ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ବର୍ଷ ହେଲା ରାସ୍ତା ନେଇ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣୁ ନ ଥିବା କହିଛନ୍ତି । ତୁରନ୍ତ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ଦାବି କରିଛନ୍ତି ।



ରୋଗୀଙ୍କୁ ଭାରରେ ଡାକ୍ତରଖାନା ନିଆଯାଉଛି ।

■ ରଥଯାତ୍ରାରେ ସଂସ୍କାର ଆଣିବା ନେଇ ପ୍ରଶାସନର ପଦକ୍ଷେପ

# ରଥରେ ଅଶ୍ଳୀଳ ବୋଲି ବନ୍ଦ

ଜୟପୁର,୧୭ (ନି.ପ୍ର)

ଜୟପୁରରେ ଚଳିତବର୍ଷଠାରୁ ରଥ ଉପରେ ଡାହୁକଙ୍କ ଅଶ୍ଳୀଳ ବୋଲିକୁ ବନ୍ଦ କରିଛି ପ୍ରଶାସନ । ରଥଯାତ୍ରାରେ ଡାହୁକଙ୍କ ଅଶ୍ଳୀଳ ଇଙ୍ଗିତ ଓ ଉଚ୍ଚାରଣ ଉତ୍ସାହିତ ଯୁବପିଢିକୁ ବାଦ ଦେଲେ ବହୁ ଭକ୍ତଙ୍କ ଭାବନାକୁ ଆଘାତ ଦେଉଥିଲା । ତେଣୁ ଚଳିତ ବର୍ଷ ରଥଯାତ୍ରାରେ ସଂସ୍କାର ଆଣିବା ପାଇଁ ପ୍ରଶାସନ ଏହି ପଦକ୍ଷେପ ନେଇଛି । ରଥ ଯାତ୍ରା ପ୍ରସ୍ତୁତି ବୈଠକରେ ମଧ୍ୟ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ଅଶ୍ଳୀଳ ବୋଲି ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ ।

ଯୁବତୀ, ମହିଳା, ବରିଷ୍ଠ ନାଗରିକ, ସରକାରୀ କର୍ମଚାରୀ, ପୋଲିସ ଉପସ୍ଥିତିରେ ଏହିପରି ନିନ୍ଦନୀୟ ପ୍ରଥା ଏଠାରେ ବର୍ଷ ବର୍ଷ ଧରି ଚାଲି ଆସିଛି । ପରିବାର ସଦସ୍ୟଙ୍କ ସହିତ ରଥ ଯାତ୍ରା ଦେଖିବାକୁ ଲୋକେ ପସନ୍ଦ କରୁ ନ ଥିଲେ । ଏହାକୁ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ଗୀତା ପ୍ରକାଶ ମିଶ୍ର, ଗଙ୍ଗାଧର ନନ୍ଦ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୂର୍ବରୁ ରଥର ଓଜନ ଅଧିକା ରହୁଥିଲା । ବଡଦାଣ୍ଡର ଅବସ୍ଥା ଠିକ୍ ନ ଥିବାରୁ ରଥ ଗଡିବାରେ ସମସ୍ୟା ଉପୁଜୁଥିଲା ।



ରଥ କାର୍ଯ୍ୟ ଚାଲିଛି ।

ତେଣୁ ରଥକୁ ଆଗକୁ ଟଣାଯାଉଥିବା ବେଳେ ପଛରୁ ହାତୀ ଦ୍ୱାରା ଠେଲା ଯାଉଥିଲା । କିନ୍ତୁ ବର୍ତ୍ତମାନ ରାସ୍ତା ଘାଟ ପକ୍କା ହୋଇ ସାରିଥିବା ବେଳେ ରଥର ଓଜନ ମଧ୍ୟ କମିଛି । ସହଜରେ ରଥ ଗଡିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରାଯାଇଛି । ତଥାପି ଅଶ୍ଳୀଳ ବୋଲି ପରମ୍ପରାକୁ ବଜାୟ ରଖିବା ଦୁର୍ଭାଗ୍ୟ ଜନକ ବୋଲି ବରିଷ୍ଠ ନାଗରିକମାନେ ଯୁକ୍ତି କରିଛନ୍ତି । ବିଶ୍ୱ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି କୋରାପୁଟ ଶାବର ଶ୍ରୀକ୍ଷେତ୍ର ଯାଏଁ ଏହି ପରମ୍ପରା ଆଉ ଦେଖିବାକୁ ମିଳୁ ନାହିଁ । ହେଲେ ଜୟପୁରରେ କାହିଁ ସେହି ପରମ୍ପରା ଚାଲୁଛି ଦେବୋତ୍ତର ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇ ଆସୁଥିଲା । ଏ ନେଇ ଉପଜିଲାପାଳ ଲୋକନାଥ ଦଳ ବେହେରା ଙ୍କୁ ପଚାରିବାରୁ, ଚଳିତ ରଥ ଯାତ୍ରା ପ୍ରସ୍ତୁତି ବୈଠକରେ ଅଶ୍ଳୀଳ ବୋଲି ବନ୍ଦ କରାଯିବା ନେଇ ନିଷ୍ପତ୍ତି ହୋଇଛି । ଯାତ୍ରାରେ ସଂସ୍କାର ଆଣିବା ପାଇଁ ପ୍ରଶାସନ ପଦକ୍ଷେପ ନେଇଛି ବୋଲି କହିଛନ୍ତି ।

### ଆଜି ନେତ୍ର ଉତ୍ସବ
#### ହୋମଯଜ୍ଞ ପାଇଁ ପ୍ରସ୍ତୁତି ଶେଷ

ଜୟପୁର,୧୭(ଡି.ଏନ.ଏ)

ଗୁରୁବାର ଗୁଣ୍ଡିଚା ଯାତ୍ରା । ଅଣସର ଗୃହରୁ ତିନି ଠାକୁର ସୁସ୍ଥ ହେବା ପରେ ମଙ୍ଗଳବାର ନେତ୍ର ଉତ୍ସବ ଓ ନବଯୌବନ ଉତ୍ସବ ଅନୁଷ୍ଠିତ ହେବ । ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ତିନି ଠାକୁର । ଏଥିନେଇ ରାଜାରାଜୁଡା ସମୟରୁ ପ୍ରତିଷ୍ଠା ହୋଇଥିବା ଜୟପୁର, ପୁରୁଣାଗଡ, ବାଟଜଗନ୍ନାଥପୁର ଏବଂ ବାରିଣିପୁଟ, ଆମ୍ବାଗୁଡା ଗ୍ରାମଠାରେ ତିନି ଠାକୁରଙ୍କ ହୋମଯଜ୍ଞ ଏବଂ ପୂଜାର୍ଚ୍ଚନା ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି । ଜୟପୁର ମୁଖ୍ୟମନ୍ଦିରଠାରେ ଅପରାହ୍ନ ୩ ଟାରୁ ପୂଜାକାର୍ଯ୍ୟ ଆରମ୍ଭ ହେବ । ଏଥିସହିତ ରାତି ୮ଟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଦେବୋତ୍ତର ବିଭାଗ ପକ୍ଷରୁ ସମସ୍ତ ଆୟୋଜନ କରାଯାଇଛି । ଗୁରୁବାରଠାରୁ ଆସନ୍ତା ଏକାଦଶୀ ତିଥି ୧୦ ଦିନ ପର୍ଯ୍ୟନ୍ତ ତିନି ଠାକୁର ରଥ ଏବଂ ଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ଦର୍ଶନ ଦେବେ । ସେହିପରି ରଥ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାଯୋଗ୍ୟ ଯେ, ପରମ୍ପରା ଏବଂ ରାଜାରାଜୁଡା ସମୟରୁ ଜୟପୁର ସହରରେ ଗୁରୁବାର ଗୁଣ୍ଡିଚାଯାତ୍ରା ଦିନ ପହଣ୍ଡି ଏବଂ ଏହାର ପରଦିନ ରଥଟଣା ହୋଇଥାଏ । ସେହିପରି ତିନି ଠାକୁର ବଡ ରଥରେ ଏବଂ ସାନରଥରେ ପତିତପାବନ ବିରାଜମାନ ହୋଇଥାଆନ୍ତି ।

■ ୨୫୯ ଦୋକାନ ଉପରେ ଚଢ଼ାଉ

# ୨୮୪ କେଜି ପଲିଥିନ ଜବତ

ଜୟପୁର,୧୭ (ନି.ପ୍ର)

ଜୟପୁର ସହରରେ ବେଆଇନ ଭାବେ ପଲିଥିନ କାରବାର ଜୋରସୋରରେ ଚାଲିଛି । ଏହାକୁ ରୋକିବା ଲାଗି ଏକ ଟିମ୍ ୫ ଦିନ ହେବ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ଏହି ଟିମ୍ ଚଢାଉ କରି ୫୦ ମାଇକ୍ରୋନରୁ କମ୍‌ଥିବା ବେଆଇନ ପଲିଥିନକୁ ଜବତ କରିଛି । ୫ ଦିନ ମଧ୍ୟରେ ୨୫୯ ଟି ଦୋକାନ ଉପରେ ଚଢାଉ କରାଯାଇ ୨୮୪ କେଜି ପିଲିଥିନ ଜବତ କରାଯାଇଛି । ଏମାନଙ୍କଠାରୁ ୫୪୦୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସୋମବାର ସହରର କେବିଏସଡି ରୋଡ, ତାରିଣି ଛକ, ଜୟନଗର, କୁମ୍ଭାରସାହି, ପ୍ରସାଦରାଓପେଟା ଜେଲ ରୋଡ ଆଦି ସ୍ଥାନରେ ଥିବା ୭୯ଟି ଦୋକାନ, ହୋଟେଲରେ ଚଢାଉ କରାଯାଇଥିଲା । ସେଥିମଧ୍ୟରୁ ୩୧ଟି ଦୋକାନରୁ ପଲିଥିନ ଜବତ କରାଯାଇଥିବା ବେଳେ ୬୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିପରି ରବିବାର ସହରର ପାରାବେଢା, ଏମ.ଜିରୋଡ, ମୁଖ୍ୟ ରାସ୍ତାରେ ଥିବା ୪୯ଟି ଦୋକାନ ଉପରେ ଚଢାଉ କରାଯାଇ ୩୧ଟି ଦୋକାନରୁ ପଲିଥିନ ଜବତ କରାଯାଇଥିଲା । ଏଥିସହ ୯୧୦୦ ଟଙ୍କା ଜବତ କରାଯାଇଛି । ଏହି ଚଢାଉରେ ଜୟପୁର ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ । ଏହି ଟିମ୍‌ରେ ଟାଉନ ପୋଲିସ, ବନ ବିଭାଗ, ପୌରପରିଷଦ, ମେଡିକାଲ କର୍ମଚାରୀ ରହିଛନ୍ତି ।



ଏକ ହୋଟେଲରେ ଚଢାଉ କରାଯାଉଛି ।

■ ଚେନ୍ନାଇରେ ଦାଦନ ଶ୍ରମିକ ନିଖୋଜ

# ଜିଲା ପ୍ରଶାସନର ସହଯୋଗ ଲୋଡିଲେ ସ୍ତ୍ରୀ

କୋରାପୁଟ,୧୭(ସ୍ୱ.ପ୍ର)

କୋରାପୁଟ ସଦର ଥାନା ଅନ୍ତର୍ଗତ ପରଜା ସୁକୁ ଗ୍ରାମର ଦୁର୍ଯ୍ୟୋଧନ ମୁଦୁଲି ଦାଦନ ଶ୍ରମିକ ଭାବେ ଖଟିବାକୁ ଚେନ୍ନାଇ ଯାଇ ନିଖୋଜ ହୋଇଯାଇଛନ୍ତି । ତାଙ୍କୁ ଖୋଜି ଆଣିବା ନେଇ ତାଙ୍କ ସ୍ତ୍ରୀ ସୁନ୍ଦରୀ ସୋମବାର ଜିଲାପାଳ ଓ ସଦର ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଦୁର୍ଯ୍ୟୋଧନ, ଗୁରୁ ମୁଦୁଲି, ଶିବ ମୁଦୁଲି ଗତ ମେ ୨୨ ତାରିଖରେ କୋରାପୁଟର ସନୁ ନାଗ ନାମକ ଜଣେ ଦଲାଲ ଜରିଆରେ ଦାଦନ ଖଟିବାକୁ କୋରାପୁଟରୁ ଏକ ବସ ଯୋଗେ ବିଶାଖାପାଟଣା ଯାଇଥିଲେ । ସେଠାରୁ ଟ୍ରେନ ଯୋଗେ ଚେନ୍ନାଇ ଯାଇଥିଲେ । ପୂର୍ବରୁ ସେଠାରେ ଥିବା ଗ୍ରାମର ରାମଚନ୍ଦ୍ର ମୁଦୁଲି, ଲେମ୍ବୁ ମୁଦୁଲି, ରତୁ ଦିଶାରୀଙ୍କ ସହ ଏମାନେ ମିଶି ଏକ ସ୍ଥାନରେ କାମ କରୁଥିଲେ । ସମ୍ପୃକ୍ତ ସଂସ୍ଥା ପକ୍ଷରୁ ସେମାନଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦିଆଯାଉଥିଲା । ନିର୍ଯାତନା ଅସହ୍ୟ ହେବାରୁ ସେମାନଙ୍କ ମଧ୍ୟରୁ ୫ ଜଣ ସେଠାରୁ ଖସି ଗ୍ରାମକୁ ଚାଲି ଆସିଥିଲେ । ହେଲେ ଦୁର୍ଯ୍ୟୋଧନ ଫେରି ପାରି ନ ଥିଲେ । ତେଣୁ ତାଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ତାଙ୍କ ସ୍ତ୍ରୀ ସୁନ୍ଦରୀ ଜିଲାପାଳଙ୍କ ନିକଟରେ ଗୁହାରି କରିବା ସହ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଏହି ଘଟଣାର ତଦନ୍ତ କରିବା ପାଇଁ ଜିଲା ସହକାରୀ ଶ୍ରମ ଅଧିକାରୀ ପ୍ରଶନ୍ନ କୁମାର ପାଣିଗ୍ରାହୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।



ଅଭିଯୋଗ କରିବାକୁ ଆସିଥିବା ସୁନ୍ଦରୀ ଓ ପରିବାର ଲୋକେ ।

■ ବିମାନଘାଟି ସମ୍ପ୍ରସାରଣ ଲାଗି ଜମି ଅଧିଗ୍ରହଣ ପ୍ରସଙ୍ଗ

# ବକେୟା ଟଙ୍କା ପାଇବାରୁ ବଞ୍ଚିତ ଜମି ମାଲିକ

ଜୟପୁର, ୧୭( ନି.ପ୍ର)



ଗ୍ରାମବାସୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି ।

ଜୟପୁର ବିମାନଘାଟି ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା । ହେଲେ ଲୋକେ ବର୍ତ୍ତମାନ ପର୍ଯ୍ୟନ୍ତ ସେମାନଙ୍କ ବକେୟା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏନେଇ ସୋମବାର ସୌରାଗୁଡା ଗ୍ରାମର କେତେକ ଜମି ମାଲିକ ପୁଣି ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ଅଧା ଟଙ୍କା ପ୍ରଦାନ କରିବାକୁ ଦାବି କରିଛନ୍ତି ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରକାର ନେଇଥିବା ଜମିରେ ଆମେ ଚାଷ ବାସ କରି ଜୀବିକା ନିର୍ବାହ କରୁଥିଲୁ । କିନ୍ତୁ ଜମି ଅଧିଗ୍ରହଣ ହେବାପରେ ଆଉ କିଛି ଚାରା ନାହିଁ । ୨୦୦୧୭ ଡିସେମ୍ବର ୧୯ ତାରିଖରେ ଜମି ମୂଲ୍ୟର ଅଧା ଟଙ୍କା ବ୍ୟାଙ୍କ ପାସ ବୁକରେ ଜମା ହୋଇଥିଲା । ଇତିମଧ୍ୟରେ ଦେଢ ବର୍ଷ ବିତିଯାଇଥିଲେ ମଧ୍ୟ ଆଉ ବଳକା ଟଙ୍କା ମିଳିନାହିଁ । ଆମମାନଙ୍କ ଘର ଭାଙ୍ଗିଯାଇଛି । ବର୍ଷା ଦିନ ଆରମ୍ଭ ହୋଇଗଲା । ବଳକା ଟଙ୍କା ମିଳିଲେ ଘର କାମ କରିବୁ ବୋଲି କହିଛନ୍ତି ସୌରାଗୁଡା ଗ୍ରାମର ରତ୍ନ ମଣି ସୌରା, ଯଶୋଦା ସୌରା. ଲକ୍ଷ୍ମୀ ସୌରା, ଡାଳିମ୍ବ ସୌରା, ସାବିତ୍ରି ସୌରା । ରତ୍ନକ୍ଷ୍ମଣିଙ୍କୁ ୩ ଲକ୍ଷ ୩୨ ହଜାର ଟଙ୍କା, ଯଶୋଦାଙ୍କୁ ୯ ଲକ୍ଷ ୯୬ ହଜାର, ଲକ୍ଷ୍ମୀଙ୍କୁ ୧ ଲକ୍ଷ ୯୯ ହଜାର, ଡାଳିମ୍ବଙ୍କୁ ୩ ଲକ୍ଷ ୩୨ ହଜାର ଓ ସାବିତ୍ରୀଙ୍କୁ ୯ ଲକ୍ଷ ୯୬ ହଜାର ଟଙ୍କା ମିଳିଛି । ଆଉ ବଳକା ଟଙ୍କା ମିଳି ନାହିଁ । ଅନ୍ୟ ୯ ଜଣ ଜମି ମାଲିକ ମଧ୍ୟ ବଳକା ଟଙ୍କା ପାଇ ନାହାନ୍ତି । ଗତ ୧୭ ତାରିଖରେ ଉକ୍ତ ଗ୍ରାମବାସୀ ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏନେଇ ଅଭିଯୋଗ କରିଥିଲେ । ସମସ୍ତ ଟଙ୍କା ବ୍ୟାଙ୍କରେ ଜମା ହୋଇଛି । ବ୍ୟାଙ୍କ ପରିଚାଳକଙ୍କ ସହ ସାକ୍ଷାତ ପାଇଁ ଉପଜିଲାପାଳ ଲୋକନାଥ ଦଳବେହେରା ଗ୍ରାମବାସୀଙ୍କୁ କହିଥିଲେ । ପରେ ଜମି ମାଲିକମାନେ ବ୍ୟାଙ୍କ ପରିଚାଳକଙ୍କୁ ସାକ୍ଷାତ କରିଥିଲେ । ଜିଲାପାଳଙ୍କ ସହ କଥା ହୋଇ ଗ୍ରାମକୁ ଯାଇ ଲୋକଙ୍କ ସହ ଆଲୋଚନା କରିବି ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ କହିଥିଲେ । ଇତିମଧ୍ୟରେ ୧୫ ଦିନ ବିତି ଯାଇଥିଲେ ମଧ୍ୟ ଶାଖା ପରିଚାଳକଙ୍କ ଦେଖା ମିଳିନାହିଁ । ତେଣୁ ବାଧ୍ୟ ହୋଇ ପୁଣି ଉପଜିଲାପାଳଙ୍କୁ ଭେଟିବାକୁ ଆସିଛୁ ବୋଲି ଗ୍ରାମବାସୀ କହିଛନ୍ତି । ଅଭିଯୋଗ ଶୁଣିବା ପରେ ଉପଜିଲାପାଳ ବେହେରା କହିଛନ୍ତି ଯେ, ଜମି ମାଲିକମାନେ ଦେଇଥିବା ଦାବିପତ୍ରକୁ ବ୍ୟାଙ୍କକୁ ପଠାଇ ଶାଖା ପରିଚାଳକଙ୍କୁ ତୁରନ୍ତ ଟଙ୍କା ପ୍ରଦାନ କରିବାକୁ କହିବି ।

ସୂଚନାଯୋଗ୍ୟ ଯେ, ବିମାନଘାଟି ସମ୍ପ୍ରସାରଣ ପାଇଁ ସୌରାଗୁଡା ଗ୍ରାମର ୧୪.୦୫ ଏକର ଓ ଗଗନାପୁର ଗ୍ରାମର ୦.୨୬ ଏକର ଜମି ଅଧିଗ୍ରହଣ ହୋଇଥିଲା । ଏହି ଜମିର ୧୪ ଜଣ ମାଲିକାନାଙ୍କୁ ଡକାଇ ଆପତ୍ତି ଅଭିଯୋଗ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏମାନଙ୍କ ଜମି ୨୦୧୭ରେ ଅଧିଗ୍ରହଣ କରାଯାଇଥିଲା । ଜୟପୁର ବିମାନଘାଟିଟି ୫୯ ଏକର ଜମିରେ ଠିଆ ହୋଇଥିବା ବେଳେ ଏଥିରେ ୫୦/୭୦ ସିଟି ବିଶିଷ୍ଟ ବିମାନ ଚଳାଚଳ ନେଇ ଏହାର ରନୱେକୁ ସଂପ୍ରସାରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ସମ୍ପ୍ରସାରଣ ନେଇ ଆଉ ୨୮.୪୮୦ ଏକର ଜମିର ଆବଶ୍ୟକତା ଥିଲା ,ଯଦ୍ୱାରା ୧୪ ଏକର ସରକାରୀ ଜମି ଏବଂ ୧୪ ଏକର ଘରୋଇ ଜମି ଅଧିଗୃହୀତ ହୋଇଥିଲା ।

## ସଂକ୍ଷେପରେ

### ପ୍ରତି ସୋମବାର ବ୍ଲକରେ ହେବ ଜନଶୁଣାଣି

କୋଷାଗୁମୁଡା, ୧।୭(ଡି.ଏନ.ଏ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତି ସୋମବାର ଏହି ଜନଶୁଣାଣି ଅନୁଷ୍ଠିତ ହେବ। ଏଥିରେ ସାଧାରଣ ଲୋକଙ୍କ ଅଭିଯୋଗ, ପାନୀୟ ଜଳଯୋଗାଣ, ନଳକୂପ ମରାମତି, ପେନସନ , ବିଧବା ଭତ୍ତା, ଭିନ୍ନକ୍ଷମ ସହାୟତା, ଆବାସ ଯୋଜନା ନେଇ ଅଭିଯୋଗର ଶୁଣାଣି ହେବ। ଏଥିରେ ସମ୍ପୃକ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜସ୍ୱ ବିଭାଗର ଅଭିଯୋଗ ଶୁଣାଣି କରିବେ। କାର୍ଯ୍ୟକ୍ରମରେ ଏଏସଆଇ ଲଳିତ କୁମାର ପଣ୍ଡା ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ତେନ୍ତୁଳିଖୁଣ୍ଟି,୧।୭(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ତଥା ପୂର୍ବତନ ସରପଞ୍ଚ ମଦନ ମୋହନ ସିଂଙ୍କ ସୋମବାର ମୃତ୍ୟୁ ଘଟିଛି। ତାଙ୍କୁ ବିଶାଖାପାଟଣା ଡାକ୍ତରଖାନାରୁ ନବରଙ୍ଗପୁର ଆଇସିୟୁକୁ ଅଣାଯିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ନବରଙ୍ଗପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ କିଛି ସମୟ ତାଙ୍କ ମୃତଦେହ ରଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେ ତେନ୍ତୁଳିଖୁଣ୍ଟି ସମବାୟ ସମିତିରୁ କର୍ମ ଜୀବନ ଆରମ୍ଭ କରିଥିଲେ। ୧୯୯୬ରୁ ୨୦୦୦ ପର୍ଯ୍ୟନ୍ତ ସେ ପୂଜାରିଗୁଡା ପଞ୍ଚାୟତର ସରପଞ୍ଚ ରହିଥିଲେ। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା ମହିଳା କଂଗ୍ରେସ ସଭାପତି ପି. ନାଗରତ୍ନମ, ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ଏମପି ପ୍ରଦୀପ ମାଝି, ନାରାୟଣ ପାତ୍ର, ପୂର୍ବତନ ବିଧାୟକ ଭୂଜବଳ ମାଝି, ଜିଲା ଆଦିବାସୀ କଂଗ୍ରେସ ସେଲ ସଭାପତି ଅଖିଳ ଭଦ୍ରା, ଅବଦୁଲ ଫିରୋଦ, ପ୍ରହ୍ଲାଦ ହିଆଲ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ରାଇଘର ଆରଆଇଙ୍କ ଅବସର



ରାଇଘର,୧।୭(ଡି.ଏନ.ଏ)- ରାଇଘର ଆରଆଇ କିଶୋର ଚନ୍ଦ୍ର ପଣ୍ଡା ରବିବାର ଅବସର ନେଇଛନ୍ତି। ସେ ୩।୭।୧୯୭୯ରେ ପ୍ରଥମେ ଚକବନ୍ଦୀରେ ଜଗତସିଂପୁରରେ ଚାକିରୀ କରିଥିଲେ। ୩୦।୭।୦୯ ରେ ନବରଙ୍ଗପୁର ଜିଲାରେ ଏଆରଇ ଭାବେ ଯୋଗ ଦେଇଥିଲେ। ୯।୯।୨୦୧୯ ରେ ରାଇଘର ଆରଆଇ ଭାବେ ନିଯୁକ୍ତି ପାଇଥିଲେ। ରାଇଘର ତହସିଲଦାର ଦେବୀ ପ୍ରସାଦ ଟାଲି ପଣ୍ଡାଙ୍କୁ ସୋମବାର ପ୍ରୋଭିଜନାଲ ପ୍ରଦାନ କରିଥିଲେ।

### କଲେଜ ଛାତ୍ରୀଙ୍କୁ ଅପହରଣ ମାମଲା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧।୭(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଇଲାକାର ଏକ କଲେଜରେ ଯୁକ୍ତ ୨ରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଟିମ୍ ଗିରଫ କରିଛି । ସୋମବାର ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମୁନା ସେଠୀଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ଛାତ୍ରୀ ଜଣକ ଗତ ଏପ୍ରିଲ ୨୫ ତାରିଖ ଅପରାହ୍ନରେ ତାଙ୍କ ଗାଁ ନିକଟ ଏକ ବଜାରକୁ ଗିପ୍ଟ କିଣିବା ପାଇଁ ଯାଇଥିଲେ । କିନ୍ତୁ ରାତି ଯାଏ ଘରକୁ ଫେରି ନ ଥିଲେ । ନିଖୋଜ ଘଟଣାର ୪ ଦିନ ପରେ ଛାତ୍ରୀଙ୍କ ବାପା ଏପ୍ରିଲ ୨୮ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ନଂ. ୮୭/୧୯ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଜଣକ ଛାତ୍ରୀଙ୍କୁ ତାମିଲନାଡୁ ନେଇ ଯାଇଥିଲେ। ରବିବାର ସନ୍ଧ୍ୟା ୫ଟାରେ ଅଭିଯୁକ୍ତ ତାଙ୍କ ଗାଁକୁ ଫେରୁଥିବା ଖବର ପାଇ ପୋଲିସ ତାଙ୍କୁ କୌଶଳକ୍ରମେ ସ୍ଥାନୀୟ ବସ୍ଷ୍ଟାଣ୍ଡରୁ ଗିରଫ କରିଥିଲା ।

# ରିଲାଏନ୍ସ ଟାୱାର ସାମଗ୍ରୀ ସହ ଟ୍ରକ ଗାଏବ ଘଟଣା: ୬ ଗିରଫ

ନବରଙ୍ଗପୁର,୧।୭(ବି.ପ୍ର.)



ଗିରଫ ଅଭିଯୁକ୍ତମାନେ।

- ଛତିଶଗଡ ରାୟପୁର ପର୍ଯ୍ୟନ୍ତ ଲମ୍ବିଛି ଚେର
- ୨୬ କାର୍ଟୁନ ଟାୱାର ସାମଗ୍ରୀ ଜବତ
- ମୁଖ୍ୟ ଅଭିଯୁକ୍ତ ଫେରାର

ଏକ ଟ୍ରକରେ ରିଲାଏନ୍ସ ଟାୱାର ସାମଗ୍ରୀ ଆସୁଥିବା ବେଳେ ଏହାକୁ ହାଇଜାକ କରି ଗାଏବ କରିବା ଘଟଣାରେ ନବରଙ୍ଗପୁର ଓ ପାପଡାହାଣ୍ଡି ପୋଲିସ ୬ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଜୟପୁର ସଦର ଥାନା ଅଧିନ ବାଡନିପୁଟ ଗାଁର ସନ୍ତୋଷ ଦୋରା(୨୫), ଉମରି ଗାଁର ରାଜେଶ ଖିଲ(୨୩), ସୁରଜ ବାଘ(୨୦), କୋରାପୁଟ ଗାଁର ରାଜେଶ ହରିଜନ ଓରଫ ବୁଲୁ(୨୦), ସୁବାଷ ହରିଜନ(୨୩) ଓ ବୈପାରିଗୁଡା ଥାନା ଅଧିନ କର୍ଣ୍ଣ ହରିଜନ(୨୩) ବୋଲି ପାପଡାହାଣ୍ଡି ଏସଆଇ ପଞ୍ଚାନନ ପରିଡା ଓ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ସୂଚନା ଦେଇଛନ୍ତି । ରବିବାର ଜୟପୁରରୁ ସେମାନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଗତ ୧୨ ତାରିଖରେ ଚେନ୍ନାଇ ଏଆରସି ଟ୍ରାନ୍ସପୋର୍ଟରୁ ରିଲାଏନ୍ସ ଟାୱାରର ବିଭିନ୍ନ ସାମଗ୍ରୀ ଉତ୍ତର ପ୍ରଦେଶର ଲକ୍ଷ୍ନୌକୁ ଟ୍ରକ (ନଂ. ୟୁପି୭୨ଏଲ୯୮୯୪) ଯୋଗେ ଆସୁଥିଲା । ଟ୍ରକକୁ ପାପଡାହାଣ୍ଡି ଥାନା ଅଧିନ ମୈଦଲପୁର ନିକଟରେ ଗୋଟିଏ କାର ଓ ୩ଟି ବାଇକରେ ଉପରୋକ୍ତ ଯୁବକମାନେ ଆସି ଅଟକାଇଥିଲେ । ଡ୍ରାଇଭର ଜବର ସିଂଙ୍କୁ ମାଡ ମାରିଥିଲେ। ଡ୍ରାଇଭର ଓ ହେଲପର ଉମେଶ କୁମାରଙ୍କୁ କାରରେ ଜୟପୁର ନେଇ ଯାଇଥିଲେ । ଡ୍ରାଇଭରଙ୍କ ଏଟିଏମ ନେଇ ୫୦ ହଜାର ଟଙ୍କା ଉଠାଇଥିଲେ। ଟ୍ରକକୁ ମେଳା ନିକଟ ଭଇରାଗୁଡା ଠାରେ ରଖିଥିଲେ । କର୍ଣ୍ଣ ଜଣେ ଡ୍ରାଇଭର ହୋଇଥିବାରୁ ସେ ଟ୍ରକକୁ ଛତିଶଗଡ ରାୟପୁର ନେଇ ଯାଇଥିଲେ। ସେଠାରେ କାବୁଲ ଖରା ଓ ଟିକନ ଟ୍ରକକୁ ନେଇ ସୁନୀଲଙ୍କ ଗ୍ୟାରେଜରେ ରଖିଥିଲେ। ଟିକନ ହେଉଛି ସୁନୀଲଙ୍କ ମାମୁଁ ଓ ଟିକନଙ୍କ ସାଙ୍ଗ ହେଉଛି କାବୁଲ। ଇତି ମଧ୍ୟରେ ଡ୍ରାଇଭରକୁ ଅଟକ ରଖି ଯୁବକମାନେ ଟ୍ରକ ମାଲିକଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ । ଏହି ଘଟଣାରେ ଟ୍ରକ ଡ୍ରାଇଭର ଜବର ସିଂ ପାପଡାହାଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ତାହାର ତଦନ୍ତ ଆରମ୍ଭ କରିଥିଲା । ଏଟିଏମରୁ ଟଙ୍କା ଉଠାଣ ଓ ଟ୍ରକ ମାଲିକଙ୍କୁ ଟଙ୍କା ମାଗିବା ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ରାୟପୁର ଠାରେ ପୋଲିସ ପହଞ୍ଚି ଟ୍ରକ ଜବତ କରିବା ସହ ଅନ୍ୟ ସହଯୋଗୀ ଓ ମାଷ୍ଟର ମାଇଣ୍ଡକୁ ଗରିଫ ପାଇଁ ଚେଷ୍ଟା କରିଥିଲା । ତେବେ ସୁନୀଲଙ୍କ ଗ୍ୟାରେଜରେ ରଖାଯାଇଥିବା ଟ୍ରକକୁ ପୋଲିସ ପହଞ୍ଚିବା ପୂର୍ବରୁ ଗାଏବ କରି ଦିଆଯାଇଥିଲା । ଗ୍ୟାରେଜରେ ୨୬ କାର୍ଟୁନ ଟାୱାର ସାମଗ୍ରୀ ରହିଥିଲା । ତାହାକୁ ଜବତ କରି ସେଠାରେ ଏଆରସି ଟ୍ରାନ୍ସପୋର୍ଟକୁ ଜିମା ଦେଇଥିଲେ । ସୁନୀଲ କରିଥିବା ଗ୍ୟାରେଜରେ ଆଉ ଏକ ଟ୍ରକ ରହିଥିଲା ତାହାର ଇଞ୍ଜିନ ନ ଥିଲା । ଏନେଇ ନିକଟସ୍ଥ ଥାନାରେ ଜଣାଇ ଉକ୍ତ ଗ୍ୟାରେଜକୁ ସିଜ୍ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ କାବୁଲି ଖରା, ଟିକନ ଓ ସୁନୀଲ ଫେରାର ରହିଛନ୍ତି । ଏହି ଟ୍ରକ ଗାଏବ ଘଟଣାରେ ୧୬ ଜଣ ସମ୍ପୃକ୍ତ ରହିଥିବା ବେଳେ କାବୁଲି ଏହାର ମାଷ୍ଟର ମାଇଣ୍ଡ ବୋଲି ପୋଲିସ କହିଛି। ଟ୍ରକ କେଉଁ ସ୍ଥାନରେ ରଖାଯାଇଛି ତାହାର ସନ୍ଧାନ ଇତି ମଧ୍ୟରେ ପୋଲିସ ପାଇଛି । ଟ୍ରକକୁ ଜବତ କରିବା ପାଇଁ ଉଦ୍ୟମ ଚଳାଇଛି । ତେବେ ଗିରଫ ୬ ଜଣଙ୍କ ମଧ୍ୟରୁ ସନ୍ତୋଷ ଏବଂ ସୁବାଷଙ୍କ ନାମରେ ଜୟପୁର ଥାନାରେ ବିଭିନ୍ନ ମାମଲା ରହିଛି । ଅନ୍ୟ ମାନଙ୍କ ନାମରେ କେଉଁ ଥାନାରେ କିଛି ଅପରାଧିକ ମାମଲା ରହିଛି କି ନାହିଁ ତହା ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ତାରିକ ଅହମ୍ମଦ କହିଛନ୍ତି । ଏନେଇ ଥାନାରେ ନଂ ୭୬/୧୯ ଏକ ମାମଲା ରୁଜୁ ହୋଇଛି। ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ପାପଡାହାଣ୍ଡି ଥାନା ଏସଆଇ ପଞ୍ଚାନନ ପରିଡା, ସିବାଜୀ ପଣ୍ଡା, ରାଧା ବାରିକ, କନେଷ୍ଟେବଲ ଅନୀଲ ପୃଷ୍ଟୀ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

## ମିଟର ରିଡର କର୍ମଚାରୀ ସଂଘର ବୈଠକ

# ଏସ୍ଏଚ୍‌ଜିଙ୍କୁ ମିଟର ରିଡିଂ ଦାୟିତ୍ୱ ଦିଆଯିବା ନିଷ୍ପତ୍ତିକୁ ବିରୋଧ

## ନିଷ୍ପତ୍ତିରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ





ବୈଠକରେ ମିଟର ରିଡର ସଂଘର ସଦସ୍ୟମାନେ।

ନବରଙ୍ଗପୁର,୧।୭(ବି.ପ୍ର.)

ଅଲ ଓଡିଶା ମିଟର ରିଡର ଆସୋସିଏଶନର ଏକ ଜରୁରୀ ବୈଠକ ନବରଙ୍ଗପୁର ସୌରାସାହି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସଂଘର ରାଜ୍ୟ ସଭାପତି ତପନ କୁମାର ଅଗସ୍ତି, ସଭାପତି ସୁରେଶ ଚନ୍ଦ୍ର ବେହେରା, ଅରୁଣ ବିଷୋୟୀ, କେଶରୀ ବାତ୍ରା, ଉପେନ୍ଦ୍ର ବେହେରା. ଦୀପକ ଭଦ୍ରା, ଦାମୋଦର ଦଳେଇ, ସଂଜୟ ମାଝୀ ଓ ସତାନନ୍ଦ ଖରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ବୈଠକରେ ସମସ୍ତ ବିଦ୍ୟୁତ ଯୋଗାଣ ସଂସ୍ଥାରେ କାର୍ଯ୍ୟରତ ମିଟର ରିଡର କର୍ମଚାରୀ ମାନେ ଯୋଗ ଦେଇଥିଲେ । ମିଟର ରିଡର ଭାବେ କାମ କରୁଥିବା ବେଳେ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ସରକାର ମିଟର ରିଡିଂ କାର୍ଯ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ନେଇଛନ୍ତି । ଏହାକୁ ତୀବ୍ର ବିରୋଧ କରାଯାଇଥିଲା । ମିଟର ରିଡିଂ ଏକ ସ୍ଥାୟୀ କାର୍ଯ୍ୟ ହୋଇଥିବା ବେଳେ ସରକାର ଉକ୍ତ କାମକୁ ବେଆଇନ ଭାବେ ବିଭିନ୍ନ ଏଜେନ୍ସି ଦ୍ୱାରା କରାଉଛନ୍ତି । ଗତ ୧୫ ବର୍ଷ ଧରି ଉକ୍ତ ଏଜେନ୍ସିରେ ମିଟର ରିଡର ଭାବେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ସେହି ଏଜେନ୍ସିମାନେ ମାନସିକ ଓ ଶାରୀରିକ ନିର୍ଯାନତା ଦେଇ ଆସୁଛନ୍ତି। ନିର୍ଯାତନାକୁ କର୍ମଚାରୀମାନେ ସହ୍ୟ କରି ରହିଥିଲେ ହେଁ ବର୍ତ୍ତମାନ ଛଟେଇ କରିବାକୁ ନିଷ୍ପତ୍ତି ନିଆଯାଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ ବିରୋଧ କରାଯାଇଛି । । ମିଟର ରିଡର ଭାବେ ୬ ହଜାର କର୍ମଚାରୀ ରାଜ୍ୟରେ କାମ କରୁଛନ୍ତି । ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଟର ରିଡିଂ ଦାୟିତ୍ୱ ଦେବା ଦ୍ୱାରା କର୍ମଚାରୀ ତଥା ତାଙ୍କ ପରିବାର ୩୦ ହଜାର ସଦସ୍ୟ ପରୋକ୍ଷରେ ପ୍ରଭାବିତ ହୋଇ ବେରୋଜଗାର ହୋଇଯିବେ ବୋଲି ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି । ସରକାର ତାଙ୍କ ନିଷ୍ପତ୍ତିର ପୁନଃ ବିଚାର କରି ମଟର ରିଡିଂ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନଦେବାପାଇଁ ଅନୁରୋଧ କରିଥିଲେ । ଏନେଇ ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଯଦି ସରକାର ତାଙ୍କ ନିଷ୍ପତ୍ତିର ପୁନଃ ବିଚାର ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କହିଥିଲେ ।

# ଶ୍ରମିକଙ୍କୁ ମିଳୁନି ମଜୁରି

ନବରଙ୍ଗପୁର,୧।୭(ଡି.ଏନ.ଏ.)



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନେ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ଗାଁରେ ଶ୍ରମିକମାନେ ଏମଜିଏନଆରଇଜିଏସ ଯୋଜନାରେ କାମ କରିବା ପରେ ପ୍ରାପ୍ୟ ପାଇନଥିବା ନେଇ ସୋମବାର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି । ୨୦ ଜଣ ହିତାଧିକାରୀଙ୍କ ବିଜୁ ପକ୍କାଘର ଓ ଇନ୍ଦିରା ଆବାସ ଯୋଜନାର ଏମଜିଏନଆରଇଜିଏସ ମଜୁରୀ ଟଙ୍କା ମିଳି ନ ଥିବା ଅଭିଯୋଗ କରିଛନ୍ତି । ଘର କାମ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ଶ୍ରମର ପ୍ରାପ୍ୟ ମିଳୁନାହିଁ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ଅନେକ ଥର ଲିଖିତ ଭାବେ ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ କରିଛନ୍ତି । ଏନେଇ ମଜୁରୀ ପ୍ରଦାନ ପାଇଁ ତେନ୍ତୁଳିଖୁଣ୍ଟି ବିଡିଓଙ୍କୁ କହିବେ ବୋଲି ଜିଲାପାଳ କହିଥିଲେ ।

### ପୋଖରୀ ନିଲାମକୁ ନେଇ ଉତ୍ତେଜନା

ଆସିକା,୧।୭(ଡି.ଏନ୍.ଏ.)

ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମରେ ଥିବା ସରବନ୍ଧକୁ ପଞ୍ଚାୟତ ପକ୍ଷରୁ ଏକ ସ୍ୱୟଂସହାୟିକା ଗୋଷ୍ଠୀକୁ ମାଛ ଚାଷ ଲାଗି ନିଲାମ ଦିଆଯିବା ଘଟଣାକୁ ନେଇ ଶନିବାରଠାରୁ ଉତ୍ତେଜନା ଲାଗି ରହିଛି। ରବିବାର ଗ୍ରାମର ବହୁ ବ୍ୟକ୍ତି କୋଚିନ୍ତା ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଗ୍ରାମର ଜନୈକ ବ୍ୟକ୍ତିଙ୍କ ପକ୍ଷରୁ ଏହି ପୋଖରିକୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଓ ଅଦ୍ୟାବଧି ଏହା ଗ୍ରାମ କୋଠ ନିୟନ୍ତ୍ରଣରେ ରହିଛି। ତଥାପି ପଞ୍ଚାୟତ ପକ୍ଷରୁ ଏହାକୁ ମାଛ ଚାଷ ଲାଗି ଦିଆଯାଇଛି। ଏହାଦ୍ୱାରା ଜନସାଧାରଣଙ୍କ ବହୁ ଅସୁବିଧା ହେବ ବୋଲି ଅଭିଯୋଗ କରାଯାଇଛି । ଅପରପକ୍ଷେ ରବିବାର ପୋଖରୀ ନିଲାମ ନେଇଥିବା ସ୍ୱୟଂସହାୟିକା ଗୋଷ୍ଠୀର ବହୁ ସଦସ୍ୟ ଫାଣ୍ଡିରେ ପହଞ୍ଚି ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ବିଧିବଦ୍ଧ ଭାବେ ନିଲାମ ଦିଆଯାଇଥିଲା ବେଳେ ଗ୍ରାମର କେତେକ ବ୍ୟକ୍ତି ବିରୋଧ କରୁଥିବା ନେଇ ଅଭିଯୋଗ କରଛନ୍ତି। ଫାଣ୍ଡି ପୋଲିସ ପୋଖରିର ମାଲିକାନା ନେଇ ରାଜସ୍ୱ ବିଭାଗକୁ ଜଣାଇଥିବା ଓ ଗ୍ରାମରେ ଶାନ୍ତି ରକ୍ଷା ଲାଗି ତୀକ୍ଷଣ ନଜର ରଖାଯାଇଥିବା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ହରିଡାପଦର ସରପଞ୍ଚ ସୁନିତା କୁମାରୀ ବିଶ୍ୱାଳଙ୍କୁ ପଚାରିବାରେ ପଞ୍ଚାୟତର ପୋଖରି ତାଲିକାରେ ସରବନ୍ଧ ରହିଥିବା ଓ ଏହାର ନିଲାମ ଲାଗି ପ୍ରଶାସନ ପକ୍ଷରୁ ୭ଶହ ଟଙ୍କା ସର୍ବନିମ୍ନ ମୂଲ୍ୟ ରଖାଯାଇଥିଲା।

## ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ଆଇନଜୀବୀ ସଂଘର ଦାବି

# ସଡ଼କ ପଥକୁ ମହମ୍ମଦ ବାଜୀଙ୍କ ନାମରେ ନାମିତ କରାଯାଉ

ନବରଙ୍ଗପୁର,୧।୭(ବି.ପ୍ର)

ନବରଙ୍ଗପୁର ଜିଲା ଆଇନଜୀବୀ ସମ୍ମିଳନୀ ଗୃହରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ବାଜୀ ବାବୁ ଥିଲେ ଜଣେ ନିଛକ ଗାନ୍ଧିବାଦୀ, ଭାରତୀୟ ମୁକ୍ତି ସଂଗ୍ରାମର ଅନିର୍ବାଣ ବହ୍ନିଶିଖା । ନିଜ ମୂଲ୍ୟବାନ ଯୁବ ସମୟକୁ ମାଟି ମା'ର ସେବାରେ ଉତ୍ସର୍ଗ କରିଥିଲେ । ସମସ୍ତଙ୍କ ନିକଟରେ ସେ ଚିର ଅମର ହୋଇରହିବେ ବୋଲି ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ। ମୁକ୍ତି ଆନ୍ଦୋଳନରେ ନିଜକୁ ଜଡିତ ରଖି ସେ ଅନେକ ବାର ବ୍ରିଟିଶ ବନ୍ଦୀ ଭାବେ କାରାବରଣ କରିଥିଲେ । ସର୍ବୋଦୟ ଆନ୍ଦୋଳନକୁ ଆଗେଇ ନେଇ ସେ ଭୂମିହୀନଙ୍କ ଆଲୋକ ବର୍ତ୍ତିକା ସାଜିଥିଲେ। ତାଙ୍କରି ଅବଦାନକୁ ସମ୍ମାନ ଜଣାଇ ତାଙ୍କ ବାସଭବନ ଥିବା ନବରଙ୍ଗପୁରର ସୁନାରି ସାହିର ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ପାଇଁ ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା ପ୍ରସ୍ତାବ ଦେଇଥିଲେ। ସର୍ବସମ୍ମତିକ୍ରମେ ଗୃହୀତ ଏହି ପ୍ରସ୍ତାବକୁ ଜିଲାପାଳଙ୍କ ନିକଟରେ ଉପସ୍ଥାପିତ କରି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇଛି । ସଂଘ ସଭାପତି ନରସିଂହ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ରାମପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ଅରବିନ୍ଦ ପ୍ରସାଦ ପଟ୍ଟନାୟକ, ସିଏଚ ବାବା ଯୁଗନ୍ଧର, ରବୀନ୍ଦ୍ର ପ୍ରସାଦ ପାଢି, ଉମାଶଙ୍କର ତ୍ରିପାଠୀ, ପ୍ରଶାନ୍ତ ପଟ୍ଟନାୟକ, ଦେବୀପ୍ରସାଦ ସିଂ, ମାନସ ତ୍ରିପାଠୀ, ଶ୍ୟାମପ୍ରସାଦ ଗନ୍ତାୟତ, ତପନ ପରିଚ୍ଛା, ସମରେଶ ଗନ୍ତାୟତ, ସୀମାଞ୍ଚଳ ପାତ୍ର, ସଞ୍ଜୟ ପ୍ରଦୀପ ସୁନା, ବାଜିବାବୁଙ୍କ ପୁତୁରା ତଥା ସରକାରୀ ଅଧିବକ୍ତା ଏନ. ଅହମ୍ମଦ, ଓକିଲ ଗୁମାସ୍ତା ସଭାପତି ମାଧବ ଗୌଡ, ସମ୍ପାଦକ ପ୍ରେମଚନ୍ଦ୍ର ସାଧୁ, ଯୋଗ ଦେଇଥିଲେ। ବାଜିବାବୁଙ୍କ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା ।

# ଜଗନ୍ନାଥ ମହାପାତ୍ରଙ୍କୁ ଉତ୍କଳ ବୀର ସମ୍ମାନରେ ସମ୍ମାନିତ

ନବରଙ୍ଗପୁର,୧।୭(ବି.ପ୍ର.)

ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଓଡିଶା ସମାଜସେବୀ ମହାସଂଘ ପକ୍ଷରୁ ନବରଙ୍ଗପୁରର ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ଉତ୍କଳ ବୀର ସମ୍ମାନରେ ସମ୍ମାନୀତ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଯୋଗ ଦେଇ ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଦୋଷ ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଖବରଦାତା ପ୍ରଦ୍ୟୁମ୍ନ ଶତପଥି, ବିଭୂତି ଭୁଷଣ କର, ସାମାଜିକ କର୍ମୀ ନମ୍ରତା ଚଢା, ଶୁଭଶ୍ରୀ ଦାଶ, ଡଃ. କିଶୋର ଚନ୍ଦ୍ର ପାଣିଗ୍ରାହୀ, ପ୍ରତିଚ୍ଛନ୍ଦା ଧଳ, ସୁଲତା ଦେଓ, ଲିଙ୍ଗରାଜ ସାହୁ, ବଦ୍ରୀନାଥ ପଟ୍ଟନାୟକ, ସାମାଜିକ କର୍ମୀ ସସ୍ମିତା ଦାଶ ପ୍ରମୂଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ନାରାୟଣ ଚନ୍ଦ୍ର ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷ ଫନୀ ମହାବାତ୍ୟାରେ ବିପନ୍ନଙ୍କୁ ସହାୟତାର ହାତ ବଢାଇଥିବା ବିଭିନ୍ନ ସାମାଜିକ ଅନୁଷ୍ଠାନ, ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିଲା ।



ଅତିଥିମାନଙ୍କଠାରୁ ଜଗନ୍ନାଥ ମହାପାତ୍ର ମାନପତ୍ର ଗ୍ରହଣ କରୁଛନ୍ତି।

# ନୂତନ ଏବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି,୧।୭(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୋମବାର ନୂତନ ଭାବେ ଯୋଗ ଦେଇଥିବା ୨ ଜଣ ଏବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦୁତିବାହନ ଖମାରୀ ଦଳବେଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ଏବିଇଓ ଭାବେ ପଦୋନ୍ନତି ପାଇଛନ୍ତି। ପ୍ରେମଚାନ୍ଦ ସିଂ ଧୁରୁଆ କୋକସରା ବ୍ଲକରେ ଏବିଇଓ ଭାବେ କାର୍ଯ୍ୟକରୁଥିବା ବେଳେ ତାଙ୍କର ଚନ୍ଦାହାଣ୍ଡିକୁ ବଦଳି ହୋଇଛି। ଦୁତିବାହନ ଓ ପ୍ରେମଚାନ୍ଦଙ୍କୁ ବିଇଓ ଭଜନ ଲାଲ ମାଝି ତାଙ୍କ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ସିଆରସିସି ହୃଷିକେଶ ସୁନାନୀ, ପର୍ଶୁରାମ ସୁନାନୀ, ବଳଭଦ୍ର ବିଶୋଇ, ବୃନ୍ଦାବନ ସାହୁ, ସୁବାଷ ଚନ୍ଦ୍ର ସାହୁ, କରେନ୍ଦ୍ର ମାଝି, ଅଭିରାମ ବଗର୍ତ୍ତି, ହୃଷିକେଶ ସାହୁ,ବିପ୍ଳବ ବିଶ୍ୱାସ, ଭାସ୍କର ବେହେରା, ଶିବୁ ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ।



ଏବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

# ଡିଜିଟାଲ ଡିସପେନସାରୀ କର୍ମଚାରୀ ଦରମାରୁ ବଞ୍ଚିତ

ନବରଙ୍ଗପୁର,୧।୭(ବି.ପ୍ର.)

ନବରଙ୍ଗପୁର ଜିଲାରେ ଦୁର୍ଗମ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ୨୫ଟି ଡିଜିଟାଲ ଡିସପେନସାରୀ ଖୋଲାଯାଇଛି । ସେଥିମଧ୍ୟରୁ ୨ଟି କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ଗ୍ଲୋବାଲ ହେଲଥ କେୟାର ପ୍ରାଇଭେଟ ଲିମିଟେଡ ଏହାର ପରିଚାଳନା ଦାୟିତ୍ୱ ପାଇଁ ସରକାରଙ୍କ ସହ ଚୁକ୍ତି କରିଛି । ତେବେ ୫ ମାସ ହେବ ଫର୍ମାସିଷ୍ଟ, ଷ୍ଟାଫ ନର୍ସ ମାନେ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି କର୍ମଚାରୀମାନେ ସେମାନଙ୍କ ସମସ୍ୟା ଜଣାଇଥିଲେ। ଏହା ପରେ ଜିଲାପାଳ ଆଇନଗତ କାର୍ଯ୍ୟ ନେବାକୁ ପରାମର୍ଶ ଦେଇଥିଲେ । ସଂସ୍ଥାର ମୁଖ୍ୟଙ୍କ ସହ କଥା ହୋଇଥିଲେ । ତେବେ ସଂସ୍ଥା ଗୋଟିଏ ମାସର ଦରମା ସପ୍ତାହକ ମଧ୍ୟରେ ଦେବ ବୋଲି କହିଥିଲା । ଏଥିରେ କର୍ମଚାରୀମାନେ ରାଜି ହୋଇ ନ ଥିଲେ। ଅନ୍ତତଃ ପକ୍ଷେ ୩ ମାସର ଦରମା ନଦେଲେ କାର୍ଯ୍ୟବନ୍ଦ କରିବା ସହ ପରବର୍ତ୍ତୀ କାର୍ଯ୍ୟନୁଷ୍ଠାନ ପାଇଁ ସମସ୍ତ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି । ତେବେ ସଂସ୍ଥାର ମୁଖ୍ୟ ଦରମା ନଦେଇ ଦୁଇ ଜଣ ଫର୍ମାସିଷ୍ଟଙ୍କୁ ଟାର୍ଗେଟ କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଏଭଳି କିଛି ମନ୍ଦ ଉଦ୍ଦେଶ୍ୟ ରଖି ସଂସ୍ଥା ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତେବେ ସମସ୍ତ କର୍ମଚାରୀ ଏକତ୍ରୀତ ହୋଇ ଲଢିବେ ବୋଲି କହିଛନ୍ତି । ଦୁର୍ଗମ ଅଞ୍ଚଳରେ ସ୍ୱଳ୍ପ ଦରମାରେ ପେଟ ପାଟଣା ପାଇଁ ଚାକିରି କରୁଥିବା କର୍ମଚାରୀଙ୍କ ପ୍ରତି ଏହା ଅନ୍ୟାୟ କରାଯାଉଛି ବୋଲି ଫର୍ମାସିଷ୍ଟମାନେ ଜଣାଇଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା କର୍ମଚାରୀମାନେ।

- ଜିଲାପାଳଙ୍କ ନିକଟରେ କଲେ ଅଭିଯୋଗ
- ୫ ମାସର ଦରମା ମିଳିନି
- ସଂସ୍ଥା କହିଲା ୫ ମାସ ପରିବର୍ତ୍ତେ ଏକ ମାସର ଦରମା ଦେବ

# ୨ ମାସ ହେଲା ନାହାନ୍ତି ଅସ୍ଥିଶଲ୍ୟ ଡାକ୍ତର

ଜୟପୁର,୧୭(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ଗତ ଅକ୍ଟୋବରରୁ ଆରମ୍ଭ ହୋଇଛି । ହେଲେ ବର୍ତ୍ତମାନ ସୁଦ୍ଧା ସ୍ଥାୟୀ ଅସ୍ଥିଶଲ୍ୟ (ଅର୍ଥୋପେଡିକ) ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହୋଇ ପାରି ନାହାନ୍ତି। ଅସ୍ଥାୟୀ ଭାବେ ଜଣେ ଅବସରପ୍ରାପ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ୨ ମାସ ହେଲାଣି ଉକ୍ତ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ପଟ୍ଟନାୟକ ଛୁଟିରେ ରହିଛନ୍ତି। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ଏହି ବିଭାଗରେ ନିଯୁକ୍ତ ହୋଇଥିବା ଜଣେ ସହାୟକଙ୍କ ସହାୟତାରେ ରୋଗୀ ସେବା ଚାଲିଛି । ଏଠାକୁ ଏହି ବିଭାଗରୁ ଦୈନିକ ୨୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ହେଲେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସେମାନେ ବହୁ ଅସୁବିଧା ଭୋଗୁଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଏହି ଚିକିତ୍ସାଳୟ ଉପରେ କୋରାପୁଟ ଜିଲାର ୫ଟି ବ୍ଲକ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାର କେତେକ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ଜୟପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ଯୋଗୁଁ ଆହତମାନଙ୍କୁ ସାମାନ୍ୟ ଚିକିତ୍ସା ମିଳୁ ନ ଥିବା ଯୋଗୁ ବାଧ୍ୟ ହୋଇ କୋରାପୁଟ ମେଡିକାଲ କଲେଜ ଏବଂ ବିଶାଖାପାଟଣା ଯିବାକୁ ପଡୁଛି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଦଧିବାମନ ତ୍ରିପାଠୀଙ୍କୁ ପଚାରିବାରୁ, ଅସ୍ଥାୟୀ ଭାବେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହୋଇଛନ୍ତି। ସେ ଅତିଶୀଘ୍ର କାର୍ଯ୍ୟରେ ଯୋଗ ଦେବେ । ସ୍ଥାୟୀ ଭାବେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ବୋଲି କହିଛନ୍ତି ।

## ବନ ମହୋତ୍ସବ ପାଳିତ

ସେମିଳିଗୁଡ଼ା,୧୭(ସ୍ୱ.ପ୍ର)

କୋରାପୁଟ ଜିଲା ସେମିଳିଗୁଡ଼ା ବନାଞ୍ଚଳ ତରଫରୁ ସେମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଆର.କେ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଆଲୋକ ପଣ୍ଡା ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ନିରଞ୍ଜନ ବେହେରା, ସରକାରୀ ବନ ସଂରକ୍ଷକ ଏ. ଉମା ମହେଶ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମଞ୍ଜୁଲତା ଜେନା ଓ ସେମିଳିଗୁଡ଼ା ବନ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଷୋୟୀ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଦେୱାନି ଅଦାଲତ ଶୁଭାରମ୍ଭ

ଦଶମନ୍ତପୁର, ୧୭(ଡି.ଏନ.ଏ.)



ଡାକବଙ୍ଗଳା ପରିସରରେ ଅତିଥିମାନେ ଚାରାରୋପଣ କରୁଛନ୍ତି ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ଡାକବଙ୍ଗଳାଠାରେ ଅସ୍ଥାୟୀ ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତଥା ଦେୱାନି ବିଚାରପତିଙ୍କ ଅଦାଲତ ସୋମବାର ଶୁଭାରମ୍ଭ କରାଯାଇଛି । ଏଥିରେ ହାଇକୋର୍ଟ ଜଷ୍ଟିସ କୃଷ୍ଣରାମ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡାକବଙ୍ଗଳାରେ ତାଙ୍କୁ ଏପିଆର ସେକ୍ସନ ୧୧ର ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଜିଲାଜଜ୍ ବିମଳ କୁମାର ଚାନ୍ଦ, ଏପିପି ଅଭିମନ୍ୟୁ ସାହୁ, ଜିଲା ବାର କାଉନସିଲର ସଭ୍ୟ ବିଷ୍ଣୁପ୍ରସାଦ ପାତ୍ର, ଟି.ଏନ. ମୂର୍ତ୍ତି, ବାର ସମ୍ପାଦକ ସୁନିଲ କୁମାର ଜେନା, ଡିଏସପି ଧୀରେନ କୁମାର ସ୍ୱାଇଁ, ଏସଡିପିଓ ପି. ଜନାର୍ଦ୍ଦନ ରେଡ୍ଡୀ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ନାୟକ, ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋଇ, ସିଡିପିଓ ନମିତା ପଣ୍ଡା, ରେଞ୍ଜର କୁମାର ଖରା, ଆଡଭୋକେଟ ତୁଷାର ବେହ୍ୟା, ସଞ୍ଜୟ କୁମାର ଡୁରୁକ, ମୀନକେତନ ନାୟକ, ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅତିଥିମାନେ ଡାକବଙ୍ଗଳାରେ ଚାରାରୋପଣ କରିଥିଲେ। କୋର୍ଟ ପାଇଁ ଗଉଡବାରିକିଷ୍ଟା ମୌଜାରେ ୩ ଏକର ଜମି ଚିହ୍ନଟ ହୋଇଥିବାରୁ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ଧନ୍ୟବାଦ ଦେଇଥିଲେ। ଡାକବଙ୍ଗଳାରେ କୋର୍ଟ ପାଇଁ ସହଯୋଗ କରିଥିବାରୁ ରଘୁପତି ବିଶୋଇଙ୍କୁ ମୁଖ୍ୟଅତିଥି ଧନ୍ୟବାଦ ଦେଇଥିଲେ। ସିଭିଲ ଜଜ୍ ତଥା ଜୁଡିସିଆଲ ମାଜିଷ୍ଟ୍ରେଟ ଜିତେନ୍ଦ୍ରିୟ ପାଣିଗ୍ରାହୀଙ୍କୁ ଆସନ ସମ୍ଭାଳିବା ପାଇଁ ମୁଖ୍ୟଅତିଥି ସ୍ୱାଗତ କରିଥିଲେ । ଏହାକୁ ବାର ସଭାପତି ସୁଦର୍ଶନ ଗୌଡ ପରିଚାଳନା କରିଥିଲେ।


## ଜିଲ୍ଲା କୃଷି କାର୍ଯ୍ୟାଳୟ, କାମାକ୍ଷାନଗର

### ନୀରୋଗ ଫସଲ ପାଇଁ ବିହନ ବିଶୋଧନ

ବିହନ ହେଉଛି ଯେକୌଣସି ଚାଷ ପାଇଁ ଏକ ମୁଖ୍ୟ ଉପାଦାନ ଓ ବିହନ ବିଶୋଧନ ରୋଗପୋକ ପରିଚାଳନାର ଏକ ବୈଶିଷ୍ଟ୍ୟ ଅଂଶ । ତେଣୁ ଓଡ଼ିଶା ସରକାର ଚାଷୀମାନଙ୍କୁ ସଚେତନ କରିବା ପାଇଁ ୨୦୧୯-୨୦ ଖରିଫ ଋତୁରେ ଥିବା ବିହନ ବିଶୋଧନ କାର୍ଯ୍ୟକ୍ରମକୁ ଚଳିତ ଖରିଫ ଋତୁ ୨୦୧୯-୨୦, ଧାନ ଫସଲ ପାଇଁ କାମାକ୍ଷାନଗର, ଭୁବନ, ପର୍ଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକ୍‌ରେ ମୋଟ ୩୨ଟି ଗ୍ରାମରେ ଏବଂ ପ୍ରତି ଗ୍ରାମରେ ୧୦୦ଜଣ ଚାଷୀଙ୍କର ୧୦୦ ହେକ୍ଟର ଜମି ପାଇଁ ଆବଶ୍ୟକ ହେଉଥିବା ବିହନକୁ ମାଗଣାରେ ବିଶୋଧନ କରିବା ପାଇଁ ତା୦୨।୦୭।୧୯ରୁ ୧୨।୦୭।୧୯ରିଖ ଭିତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ରାଜ୍ୟ ଯୋଜନା ମାଧ୍ୟମରେ ଗାଁ ଗାଁ ବୁଲି ପ୍ରଚାର, ପ୍ରସାର ଓ ପ୍ରଦର୍ଶନ କରିବା ପାଇଁ ଯୋଜନା କରାଯାଇଛି। ଚାଷୀଭାଇମାନେ ଏହି ସୁବିଧାର ଉପଯୋଗ କରିବା ପାଇଁ ଅନୁରୋଧ।

ଦେବୀ ପ୍ରସାଦ ସାହୁ, ଜିଲ୍ଲା କୃଷି ଅଧିକାରୀ, କାମାକ୍ଷାନଗର



## Odisha State Disaster Management Authority
**Rajiv Bhawan, Unit-V, Bhubaneswar, Odisha-751001**
**Tel: 0674-2395398, 2595531, Email: osdma@osdma.org**

**No.2594/OSDMA** **Date: 01.07.2019**

1st CORRIGENDUM

No.09-F:- The last date for submission of the proposal vide Notice No. 2311/ OSDMA dated 12.06.2019 for providing & fixing of signage/information boards in the 328 tsunami prone villages and ULBs covering 6 coastal districts of Odisha has been extended up to 15.07.2019 (till 5.00 PM). Certain points in the Tender Document have been modified and the details will be available in the OSDMA website (**www.osdma.org**) on **03.07.2019.**

24007/11/0006/1920 Sd./- General Manager (P)



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେରାବିଶ

Ph.06727-220267
E-mail:ori-derabasi@nic.in

ବିଜ୍ଞାପନ ସଂଖ୍ୟା.୨୨୨୧ ସା-ଉଦୟନଗର, ପୋ-ଠାକୁରପାଟଣା, ଜିଲ୍ଲା-କେନ୍ଦ୍ରାପଡ଼ା-୭୫୪୨୫୦ ତା.୨୮।୦୬।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮-୧୯ ଆର୍ଥିକ ବର୍ଷର (୧ ଅପ୍ରେଲ ୨୦୧୮ ରୁ ୩୧ ମାର୍ଚ୍ଚ ୨୦୧୯) ପର୍ଯ୍ୟନ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏବଂ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ମନେରଗା (ଏମ.ଜି.ଏନ.ଆର.ଇ.ଜି.ଏ) ପ୍ରକଳ୍ପଗୁଡିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷା ଜନିତ ଗ୍ରାମସଭା ପୂର୍ବାହ୍ନ ଘ.୧୧.୦୦ ସମୟରେ ଅନୁଷ୍ଠିତ ହେବ। କ୍ଷେତ୍ର ତଦନ୍ତ ସହଯୋଗ ପୂର୍ବକ ଗ୍ରାମ ସଭାରେ ବହୁଳ ସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣମାନଙ୍କୁ ଅନୁରୋଧ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମ ସଭା ତାରିଖ | ଜନ ଶୁଣାଣି ତାରିଖ (ବ୍ଲକ ସ୍ତରୀୟ) | ଗ୍ରାମ ସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|
| ପ୍ରଥମ | ପଲେଇ | ୧୫।୦୭।୨୦୧୯ | ୨୫।୦୭।୨୦୧୯ | ୨୫।୦୭।୨୦୧୯ | ୧୮।୧୦।୨୦୧୯ | ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ, ଜେ.ଇ/ ଏ.ଇ/ ଏ.ଇ.ଇ/ ବି.ପି.ଏମ./ ବି.ଏସ. ଏସ.ଓ/ ଜି.ପି.ଇ.ଓ/ ପିଏ/ ଏ.ଏଫ.ଓ/ ଏ.ପି.ଓ. |
| ପ୍ରଥମ | ବାରିମୂଳ, ବେଣୀପୁର, ଛୋଟି, ନହଙ୍ଗ, ରଘୁଦେଇପୁର, ମଙ୍ଗଳପୁର, କୁରୁଜଙ୍ଗା, ଗୁଆଳସିଂ | ୧୫।୦୭।୨୦୧୯ | ୨୯।୦୭।୨୦୧୯ | ୨୯।୦୭।୨୦୧୯ | | |
| ଦ୍ୱିତୀୟ | କୁଶିଆପାଳ, ଗୋଲରାହାଟ, ବାଲିଆ, ଏଣ୍ଡର, ଚାଟରାଚକଡା, ନରସିଂହପୁର, କାଉପଡା, ଲକ୍ଷ୍ମୀନାରାୟଣପୁର | ୦୫।୦୮।୨୦୧୯ | ୧୯।୦୮।୨୦୧୯ | ୧୯।୦୮।୨୦୧୯ | | ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ, ଜେ.ଇ/ ଏ.ଇ/ ଏ.ଇ.ଇ/ ବି.ପି.ଏମ./ ବି.ଏସ. ଏସ.ଓ/ ଜି.ପି.ଇ.ଓ/ ପିଏ/ ଏ.ଏଫ.ଓ/ ଏ.ପି.ଓ. |
| ତୃତୀୟ | ଇନ୍ଦାଳୋ, ହରିଅଙ୍କ, ଯଥାଁରାବାରିମୂଳ, ଦାନପୁର, ବସୁପୁର, ମୁକୁନ୍ଦପୁର, ଖମୋଳ, ରତାଦିଆଖଣ୍ଡସାହି, ଚାନ୍ଦୋଳ | ୨୮।୦୮।୨୦୧୯ | ୧୧।୦୯।୨୦୧୯ | ୧୧।୦୯।୨୦୧୯ | | ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ, ଜେ.ଇ/ ଏ.ଇ/ ଏ.ଇ.ଇ/ ବି.ପି.ଏମ./ ବି.ଏସ. ଏସ.ଓ/ ଜି.ପି.ଇ.ଓ/ ପିଏ/ ଏ.ଏଫ.ଓ/ ଏ.ପି.ଓ. |

ସ୍ୱା./- ଗୋଷ୍ଠି ଉନ୍ନୟନ, ଅଧିକାରୀ, ଡେରାବିଶ



## OFFICE OF THE CHAIRMAN, P.G. COUNCIL SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI-3

**No. 1355 /PGC** **Dt. 29.06.2019**

**CORRIGENDUM**

In partial modification in the Admission Notice bearing No. 1318/PGC dt.28.05.2019 published on dt. 29.05.2019, the last date of submission of application form for admission into Acharya Course 2019-20 is hereby extended upto 10.07.2019 and for the interest of the applicants. The Office of the Chairman, P.G. Council will receive the duly filled up application form through **POSTAL / RMS / BY HAND** on or before 10.07.2019 due to late publication of +3 results of other Universities. Besides, all other terms and conditions in the previous notification will remain unchanged.

**Sd./- Prof. H.H. Hota, Chairman, PGC**



## OFFICE OF THE PURI MUNICIPALITY, PURI

**No.4613** **Dt: 01.07.19**

**QUOTATION CALL NOTICE**

Puri Municipality invites sealed quotations from the experienced AMC providers for Annual Maintenance Contract of Air Conditioners installed in various wings of Puri Municipality Office, Puri, so as to reach the Executive Officer, Puri Municipality on or before dt: 11.07.2019 by 05.00 P.M through Registered Post / Speed Post only. The terms & condition technical specification & quotation paper will be available in the website **www.ulbodisha.gov.in** & **www.puri.nic.in** from dt: 02.07.2019 at 11.00 A.M. to dt: 11.07.2019 by 5 P.M. & the same will be opened on dt: 12.07.2019 at 11.00 A.M. in presence of bidders or their authorized representatives wish to attend.

The authority reserves the right to modify / reject any or all the quotation without as any reason thereof.

Category of A.M.C

1. For Comprehensive AMC of maintenance & service charges of each Split AC 1.5 & 2.00.
2. For Rate Contract service for charge of genuine spares of different companies, Samsung, Voltas, Hitachi, Godrej, Blue star, L.G, Panasonic.

**Sd./-Executive Officer**
**Puri Municipality, Puri**



## OFFICE OF THE REGULATED MARKET COMMITTEE, KANTABANJI

**At/Po-Kantabanji, Dist-Balangir-767039**
**E-mail.- rmckantabanji118@gmail.com**

E-PROCUREMENT (INVITATION FOR BIDS)

**RE-TENDER CALL NOTICE**

**NO.156 / R.M.C** **DATED:01.06.2019**

**BID IDENTIFICATION NO.RMC-1/2018-19**

The Sub-Collector, cum-Chairman, R.M.C., Kantabanji invited sealed tenders for the following works.

1. Construction of Onion Godown of 250mt Capacity at Bangomunda market yard under R.M.C, Kantabanji Rs.24,53,202.00.
2. Construction of Onion Godown of 250mt Capacity at Sindhekela market yard under R.M.C, Kantabanji Rs.24,23,570.00.
3. Construction of Onion Godown of 250mt Capacity at Muribahal market yard under R.M.C, Kantabanji Rs.24,73,780.00.

For details about tender please visit Website **www.tendersorissa.gov.in** and download the detail bid documents from dt: 03.07.19 upto 5.00 p.m of 11.07.2019 and date of opening will be on 12.07.2019. For details visit R.M.C. Office, Kantabanji at 10.00 a.m. to 5.30 P.M. during Office in working days of said period.

**Sd./- Sub Collector, Titilagarh**
**Cum-Chairman R.M.C., Kantabanji**



## ICMR-REGIONAL MEDICAL RESEARCH CENTRE
**(Indian Council of Medical Research)**
**Chandrasekharpur, Bhubaneswar - 751 023**

**No. CE-45/RMRC/Estt./2019** **Date : 01.07.2019**

**ADVERTISEMENT**

Applications are invited from the professionals having proven competency and publication in his / her area of work possessing Post Graduate degree in Science with Ph.D qualification in relevant discipline **Or** Retired Govt. Employees with relevant qualification having experience from Central / State Government / Autonomous Organisation / Public Sector Undertakings upto **15th July, 2019 at 05:00 PM** for filling up of 1 (one) position of **Consultant Scientific (Entomology)** purely on contractual basis for a period of one year (extendable as per requirement). For details of eligible criteria and application form, please visit to RMRC website - **www.rmrcbbsr.gov.in / www.icmr.nic.in**

**Sd/- Administrative Officer**
**For Director**



## ବିହନ ବିଶୋଧନ ସଚେତନ ଶିବିର ଓ ତାଲିମ କାର୍ଯ୍ୟକ୍ରମ

ଏତଦ୍ୱାରା ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ୍‌ର ଚାଷୀଭାଇ, ଭଉଣୀ ଓ ପାଣି ପଞ୍ଚାୟତର ସମସ୍ତ ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୩।୦୭।୧୯ରୁ ତା୧୫।୦୭।୧୯ରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ସଚେତନ ତଥା ତାଲିମ୍ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିରୀକୃତ ହୋଇଅଛି। ପ୍ରତି ତାଲିମ କାର୍ଯ୍ୟକ୍ରମରେ ୧୦୦ଜଣ (ଏକଶତ) ଲେଖାଏଁ ଚାଷୀ ଯୋଗଦାନ କରିବାର ବ୍ୟବସ୍ଥା ଅଛି। ଚାଷୀଭାଇମାନଙ୍କୁ ଅନୁରୋଧ, ସେମାନେ ଧାନ ବିହନକୁ ଶିବିରକୁ ନେଇ ମାଗଣାରେ ବିଶୋଧନ କରାଇ ଆଣିବା ପାଇଁ ଅନୁରୋଧ କରାଗଲା। ଅଧିକ ଜାଣିବା ପାଇଁ ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଧାମନଗର କୃଷି ଅଧିକାରୀ- ୭୦୦୮୭୫୮୭୭୯, ଭଣ୍ଡାରିପୋଖରୀ କୃଷି ଅଧିକାରୀ- ୯୪୩୭୨୯୦୪୦୯, ବନ୍ତ କୃଷି ଅଧିକାରୀ- ୮୨୪୯୬୪୬୩୭୧, ଆଗରପଡ଼ା କୃଷି ଅଧିକାରୀ- ୭୦୦୮୯୮୨୧୪୬।

ସୌଜନ୍ୟ: ଜିଲ୍ଲା କୃଷି ଅଧିକାରୀ, ଧାମନଗର, ଜିଲ୍ଲା- ଭଦ୍ରକ



## OFFICE OF THE DISTRICT JUDGE, KHURDA AT BHUBANESWAR

Advertisement No. __________ dt. __________

No. 09-W: Applications in the prescribed format are invited from interested candidates for recruitment to the following posts of Jr. Clerk-cum-Copyist, Jr. Typist, Stenographer Gr.-III in the Judgeship of Khurda in the pay scale as mentioned against each post with usual D.A. and other allowances, as admissible to the State Govt. Employees from time to time.

**Recruitment for the posts of Jr. Clerk-cum-Copyist/ Jr. Typist/ Stenographer Gr.-III in Khurda Judgeship**

| Sl. No. | Name of the Post | Scale of pay as per ORSP 2017 | General (UR) | SC | ST | SEBC | TOTAL | Physically Handicapped/Ex-Serviceman/Sports Person |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1. | Jr. Clerk and Copyist | Pay matrix Rs. 19,900/- - Rs. 62,200/- at level 4 | 10 | 4 | 5 | 2 | 21 | (The vacancy reserved for P.H./Ex- Serviceman/Sports Person is inclusive of vacancy of respective category to which they belong). |
| 2. | Stenographer G-III | Pay matrix Rs. 25,500/- - Rs. 81,100/- at level 7 | 4 | 1 | 2 | 1 | 8 | |
| 3. | Jr. Typist | Pay matrix Rs. 19,900/- - Rs. 62,200/- at level 4 | 4 | 1 | 1 | 1 | 7 | |

For details, please visit the District Court Website: http://ecourts.gov.in/india/odisha/khordha/recruitment. Last date for submission of application : 31.07.2019.

18030/11/0001/1920 **Sd./- District Judge, Khurda at Bhubaneswar**



## CENTRAL INSTITUTE OF PLASTICS ENGINEERING AND TECHNOLOGY(CIPET)
## CENTRE FOR SKILLING AND TECHNICAL SUPPORT (CSTS), BHUBANESWAR

B-3/79, Sector –A, Zone-B, Mancheswar Industrial Estate, Bhubaneswar-10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com/mcti@cipet.gov.in, , Website: www.cipet.gov.in

**CORRIGENDUM-I**

Tender No: CIPET: CSTS/BBSR/B+G+5/2019-20/01 Date: 19.06.2019

This is general information for all the concerned bidders that the below mentioned amendment is made to the Tender Published on dated 19.06.2019

| Sl. No. | Ref. Page | As published in the Tender Document | Read as |
|---|---|---|---|
| 1. | Eligibility criteria Item No-9 Page No-5 | Average Annual Financial Turnover during last 3 years ending the 31st March of the previous financial year should be at least 100% of estimated cost certified by a Chartered Accountant in Practice. | Average Annual Financial Turnover during last 3 years ending the 31st March of the previous financial year should be at least 50% of estimated cost certified by a Chartered Accountant in Practice. |

All other terms and conditions remain unchanged. Dy. Director & Head


See Career Appointment on every Wednesday & Saturday


## ବିଜ୍ଞାପନ

No. 09-RR:

### ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ୭ମ ରାଜ୍ୟ ଟେଲି ପୁରସ୍କାର-୨୦୧୮ ପାଇଁ ଦରଖାସ୍ତ ଆହ୍ୱାନ

ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତାସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପାଇଁ ୨୭ଗୋଟି ବିଭାଗରେ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ୨୦ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୩୧।୦୭।୨୦୧୯ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ନିର୍ମିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦାଖଲ କରାଯାଉଥିବା DVD ଗୁଡ଼ିକର (୧) କାହାଣୀ (୧୦କପି), (୨) ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), (୩) କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦କପି ଲେଖାଏଁ) ସଂଲଗ୍ନ କରାଯିବା ଆବଶ୍ୟକ। ଏତଦ୍‌ବ୍ୟତୀତ ପ୍ରତ୍ୟେକ DVD ପାଇଁ Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ। ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇନଥିବା DVD/Pendriveଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ। ଟେଲି ଧାରାବାହିକ ପୁରସ୍କାର ୨୦୧୮ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ ଅଭିନେତ୍ରୀ, ଖଳନାୟକ/ ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ। ଏଥିସହିତ ଧାରାବାହିକର ଟାଇଟଲକାର୍ଡ଼ ସମ୍ବଳିତ ଅନ୍ୟ ଏକ DVD ମଧ୍ୟ ଦାଖଲ କରିବା ଆବଶ୍ୟକ। ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ।

ଉପରୋକ୍ତ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ର, ସତ୍ୟପାଠର ନମୁନା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.inରେ ଉପଲବ୍ଧ ଅଛି।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ। ଟେଲି ଧାରାବାହିକଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ।

୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ଚଳଚ୍ଚିତ୍ର/ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ।

୩. ଅଧିକନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ।

୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କଡ୍ରାଫ୍ଟ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶାଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ।

୫. ଦରଖାସ୍ତ ପଠାଇବାର ଠିକଣା: ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୩୧।୦୭।୨୦୧୯।

୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ।

୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏ ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ।

ସ୍ୱା./- ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪

03001/11/0009/1920



# TENDER CALL NOTICE

**CSO-CUM-DISTRICT MANAGER,**
**ODISHA STATE CIVIL SUPPLIES CORPORATION LIMITED, SAMBALPUR**
**At/Po : Kacheri Road, Dist : Sambalpur, PIN : 768001**
**www.sambalpur.nic.in**

No. 2491/ Dt. 29.06.2019

CSO-cum-District Manager, OSCSC Ltd., Sambalpur invites sealed tenders from reputed firms/ companies / persons for appointment as Level-I Transport Contractor for transporation of food grains from FSD, FCI to Rice Receiving Centre-cum-Departmental Storage Centre (RRC-cum-DSCs).

Interested Firms / Companies / Persons may obtain Tender Documents from the Office of the CSO-cum-District Manager, Sambalpur from 01.07.2019 to 15.07.2019 (in Office Hour). The interested firms/ companies / persons may also download the Tender Documents from the district website www.sambalpur.nic.in

Interested firms/ companies / persons will have to submit the tender documents through registered post / speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The Corporation shall not be responsible for any postal / courier delay. Tender paper received after the schedule date & time shall not be considered.

**Address for submission of Tender document :**
**District Manager, OSCSC Ltd, Sambalpur**
**At/Po : Kacheri Road, Sambalpur**
**Dist. : Sambalpur**
**PIN : 768 001**

| | |
|---|---|
| Period of sale of tender Document | From dt. 01.07.2019 to dt. 15.07.2019 |
| Last date for receipt of Tender Document | Dt. 15.07.2019 upto 5.00 PM |
| Date of opening of Technical Bid | On dt. 16.07.2019 at 11.00 AM |
| Date of opening of Price Bid | On Dt. 16.07.2019 at 11.30 AM |

**Sd./- CSO-cum-District Manager**
**OSCSC Ltd., Sambalpur**



## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ ୨୦୧୯-୨୦)
### ଯାଜପୁର ଜିଲ୍ଲା

No.24-L:-

| [illegible] | [illegible] | [illegible] | [illegible] | [illegible] |
|---|---|---|---|---|
| ଧାନ | [illegible] | ୨ | [illegible] | [illegible] |
| [illegible] | [illegible] | ୦.୫ | [illegible] | [illegible] |
| [illegible] | [illegible] | ୨ | [illegible] | [illegible] |
| [illegible] | [illegible] | ୦.୫ | [illegible] | [illegible] |

01007/11/0002/1920 ସୌଜନ୍ୟ :- କୃଷି ଉପନିର୍ଦ୍ଦେଶକ, ଯାଜପୁର



## OFFICE OF THE MUNICIPAL COUNCIL, BHADRAK

**BHADRAK - 756100 (ODISHA)**
**Tel. No.: 06784-251519(O), Fax No.: 06784-251221**
**E-mail: eobdkmunicipality@gmail.com**

**No. 4758** **Date: 29.06.19**

**TENDER CALL NOTICE**

The Executive Officer, Bhadrak Municipality on behalf of Bhadrak Municipal Council, Bhadrak invites sealed tenders from only reputed manufactures companies/ authorized dealer for supply instalation & commissioning of 30 KVA, 3 phase with manual panel silent DG Set having liquid cool, 1500 rpm engine coupled to 30 KVA Crompton Greaves make 3 phase, 415 v 50 hz alternator along with other accessories i.e Fuel Task manual control panel, Battery with load and acoustic encloser. The tender schedule, terms and condtions specification & other necessary documents can be downloaded from the sight of official website of Bhadrak Municipality **www.bhadrakmunicipality.com** and District Website **"http://bhadrak.nic.in"** w.e.f. Dt.02.07.2019.

The downloading & receipt of the tender schedules shall start from date 02.07.2019 & close on date 10.07.2019 at 1 P.M. The tender shall be received in the Office of the Executive Officer, Bhadrak Municipality through Registered Post/Speed Post only. Addressed to the Executive Officer, Bhadrak Municipality, Bhadrak on or before Dt.10.07.2019 at 1 P.M. The authority will not be held responsible for the postal delay, if any in delivery of the documents & non-receipt of the same in time. The seal tenders will be opened on Dt.12.07.2019 at 4 P.M. in the Office of the Executive Officer, Bhadrak Municipality and Bhadrak in presence of the tenderers or their authorised representatives who may be present at the time of opening of the tender. The cost of tender paper Rs.4000/- (Rupees four thousands) in shape of DD in favour of Executive Officer, Bhadrak Municipality. The tender should be accompanied with Xerox copy of PAN Card, GST Certificate, authorized dealer Certificate valid firm registration Certificate failing which the tender should not be taken into the consideration. The tenderer should furnished EMD of Rs.10,000/- (Rupees ten thousand) only in shape of Demand Draft/Pay Order in favour of Executive Officer, Bhadrak Municipality. The authority reserves the right to reject any or all the tender without assigning any reason thereof.

**Sd./- Executive Officers**
**Bhadrak Municipality**

ଫ୍ୟାଶନ୍

## ହେୟାର ଷ୍ଟ୍ରେଟ୍‌ନିଂ

କେଶର ସୌନ୍ଦର୍ଯ୍ୟ ବଢ଼ାଇବା ଲାଗି ଅନେକ ମହିଳା ହେୟାର ଷ୍ଟ୍ରେଟ୍‌ନିଂ କରୁଛନ୍ତି। ତେବେ ଏହା କରିବା ପୂର୍ବରୁ ଜାଣିରଖନ୍ତୁ କିଛି ଟିପ୍ସ...



- ❖ ସବୁବେଳେ ଭଲ କ୍ୱାଲିଟିର ଷ୍ଟ୍ରେଟ୍‌ନର ବ୍ୟବହାର କରନ୍ତୁ। କିଣିବା ପୂର୍ବରୁ ଏହାର ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣନ୍ତୁ।
- ❖ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ପାନିଆକୁ ଠିକ୍ ଭାବେ ଧରି କେଶକୁ ଛୋଟ ଛୋଟ ଭାଗ କରି ଦିଅନ୍ତୁ। କେଶର ଗୋଟିଏ ଗୋଟିଏ ଭାଗକୁ ଷ୍ଟ୍ରେଟ୍‌ନିଂ କରନ୍ତୁ। ବଡ଼ ବଡ଼ ଭାଗକୁ ଷ୍ଟ୍ରେଟ୍‌ନିଂ କରିବା ଦ୍ୱାରା କେଶ ଖରାପ ହେବାର ସମ୍ଭାବନା ଥାଏ।
- ❖ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ଭଲଭାବେ ଶାମ୍ପୋ କରନ୍ତୁ। ଏପରି ନ କଲେ କେଶ ମୂଳରେ ଥିବା ଧୂଳି, ରୁପି ଆଦି ଷ୍ଟ୍ରେଟ୍‌ନର ସଂସ୍ପର୍ଶରେ ଆସି କେଶକୁ କ୍ଷତି ପହଞ୍ଚାଇପାରେ। ଶାମ୍ପୋ କରିବା ପୂର୍ବରୁ କେଶକୁ କେମିକାଲମୁକ୍ତ ରଖନ୍ତୁ।
- ❖ କେଶ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ଏହାର ତାପମାତ୍ରା ଜାଣିରଖନ୍ତୁ। ମେଶିନର ତାପମାତ୍ରା ଅଧିକ ରହିଲେ ତାହା କେଶ ପ୍ରତି କ୍ଷତିକାରକ ହୋଇଥାଏ। ତେଣୁ ଏହାକୁ ନର୍ମାଲ ମୋଡ୍‌ରେ ରଖନ୍ତୁ।

## ଗୃହିଣୀଙ୍କ ପାଇଁ...

- ମିକ୍ସର ଚଲାଇବା ପୂର୍ବରୁ ଏହାକୁ ଠିକ୍ ଭାବେ ଲକ୍ କରନ୍ତୁ। ଏପରି ନ କଲେ ବ୍ଲେଡ୍ ଭାଙ୍ଗିଯିବାର ସମ୍ଭାବନା ରହିଛି।
- ମିକ୍ସରରେ କୌଣସି ଗରମ ସାମଗ୍ରୀ ରଖି ଗ୍ରାଇଣ୍ଡିଂ କରନ୍ତୁ ନାହିଁ।
- ଏହାକୁ ହଠାତ୍ ଫୁଲ୍ ସ୍ପିଡ୍‌ରେ ଚଲାନ୍ତୁ ନାହିଁ କିମ୍ବା ବନ୍ଦ ବି କରନ୍ତୁ ନାହିଁ। କାରଣ ଏପରି କଲେ ମିକ୍ସର ଖରାପ ହୋଇପାରେ। ପ୍ରଥମେ ସ୍ଲୋ, ମିଡିୟମ୍ ଓ ପରେ ସ୍ପିଡ୍‌ରେ ଚଲାନ୍ତୁ।
- ମିକ୍ସରରେ ସବୁବେଳେ ଅଧା ସାମଗ୍ରୀ ରଖି ଗ୍ରାଇଣ୍ଡିଂ କରନ୍ତୁ। ଅଧିକ ସାମଗ୍ରୀ ରଖି ଗ୍ରାଇଣ୍ଡିଂ କଲେ ତାହା ଠିକ୍ ଭାବେ ପେଷ୍ଟ ହେବ ନାହିଁ ଓ ମେସିନ୍ ଖରାପ ହେବାର ସମ୍ଭାବନ ଥାଏ।
- ଗ୍ରାଇଣ୍ଡିଂ କରିସାରିବା ପରେ ମିକ୍ସରର ପ୍ଲଗ୍ ପଏଣ୍ଟକୁ କାଢି ଦିଅନ୍ତୁ। ପ୍ଲଗ୍ ଲଗାଇ ରଖିବା ଦ୍ୱାରା କରେଣ୍ଟ ପ୍ରବାହିତ ହୋଇଥାଏ ଏବଂ ଏହାର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥାଏ।
- ମିକ୍ସର ବ୍ୟବହାର ପରେ ଏହାକୁ ପୋଛି କରି ରଖନ୍ତୁ।

ସୌନ୍ଦର୍ଯ୍ୟ

## ତ୍ୱଚାରେ ଚମକ ଦେବ ଫ୍ରୁଟ୍ ମାସ୍କ



- ❖ କଦଳୀରେ ଭିଟାମିନ୍ 'ବି' ଏବଂ 'ସି' ଭରପୂର ମାତ୍ରାରେ ରହିଛି, ଯାହାକି ତ୍ୱଚାର ରଙ୍ଗ ସଫା କରିବା ସହ ତ୍ୱଚାକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଅଳ୍ପ ପାଚିଲା କଦଳୀ ଚକଟାରେ ଏକ ଚାମଚ ଲେମ୍ବୁରସ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ❖ ଦୁଇ ଚାମଚ ପାଚିଲା ଆମ୍ବ ରସ, ଏକ ଚାମଚ ଦହି ଏବଂ ଏକ ଚାମଚ ମହୁର ମିଶ୍ରଣକୁ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଆମ୍ବରେ ଥିବା ଭିଟାମିନ୍ 'ଏ', 'ଇ' ଏବଂ 'ସି' ତ୍ୱଚାରେ ଉଜ୍ଜ୍ୱଳତା ଆଣିଥାଏ।
- ❖ ଷ୍ଟ୍ରବେରୀରେ ଥିବା ପୋଷକ ତତ୍ତ୍ୱ ତ୍ୱଚାର ରଙ୍ଗ ପରିବର୍ତ୍ତନ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ କୁଞ୍ଚନ ହେବାରୁ ଦୂର କରିଥାଏ। ଷ୍ଟ୍ରବେରୀରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡ କରି ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ❖ ତ୍ୱଚା ପାଇଁ ଅମୃତଭଣ୍ଡା ପ୍ରାକୃତିକ କ୍ଲିଞ୍ଜର ଓ ଟୋନର ଭାବେ କାମ କରିଥାଏ। ଅମୃତଭଣ୍ଡାରୁ ମଞ୍ଜି ବାହାର କରି ଭଲଭାବେ ପେଷ୍ଟ କରି ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ।
- ❖ ଆପ୍ରିକଟ୍ (ଜେଉଟ)ରେ ରହିଛି ଭିଟାମିନ୍ 'ଏ', 'ବି' ଏବଂ 'ସି', ଯାହାକି ତ୍ୱଚାକୁ ନରମ ଓ କୋମଳ ରଖିଥାଏ। ଏଥିରୁ ମଞ୍ଜି ବାହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ❖ ପିଚ୍‌ରେ ଥିବା ହାଇଡ୍ରୋଅକ୍ସିକ୍ ଏସିଡ୍ ମୃତ କୋଷିକାକୁ ବାହାର କରି ତ୍ୱଚାକୁ ଟାଇଟ୍ ରଖିଥାଏ। ଏହାକୁ ଗ୍ରାଇଣ୍ଡିଂ କରି ଏଥିରେ ଏକ ଚାମଚ ଦହି ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରନ୍ତୁ ଫରକ୍ ଜାଣିପାରିବେ।

# ବର୍ଷାଦିନେ ଶିଶୁର ଯତ୍ନ

–ଡା ଜ୍ୟୋତିପ୍ରକାଶ ମିଶ୍ର



ରୋଗ ତ ସବୁ ଋତୁରେ ଆସିଥାଏ। କିନ୍ତୁ ବର୍ଷାଋତୁରେ ଅଧିକାଂଶ ରୋଗ ଅତ୍ୟନ୍ତ ସରଳ ଓ ବିନା ମୂଲ୍ୟରେ ପ୍ରତିରୋଧ କରିହୁଏ। ବିଶେଷ କରି ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ। ପରିଷ୍କାର ଓ ଫୁଟାପାଣି ବା ଆକ୍ୱାଗାର୍ଡ ପାଣି ପିଇବା, ବାହାର ଖାଦ୍ୟ, ଠେଲାଗାଡ଼ି ଖାଦ୍ୟ, ଆଖୁରସ, ଥଣ୍ଡା ଓ ବାସି ଖାଦ୍ୟ ନ ଖାଇବା ଏବଂ ପ୍ରତିଷେଧକ ଟିକା ନେବା ଦ୍ୱାରା ଏହି ଋତୁରେ ରୋଗକୁ ଅନେକାଂଶରେ କମ୍ କରିହେବ। ରୋଟା ଭାଇରସ୍ ଟିକା, କାମଳ 'କ' ଓ 'ଖ' ଟିକା, କଲେରା ଟିକା, ଫ୍ଲୁ ଟିକା, ମଶାରି ଟାଙ୍ଗିବା, ଫୁଲ୍ ପୋଷାକ ପିନ୍ଧିବା, ମଶା ମାଛିଠୁ ଦୂରରେ ରହିବା, ପାଣି ଜମିବାକୁ ନ ଦେବା, ଘର ଓ ବାହାର ପରିଷ୍କାର ରଖିବା, ଠିକ୍ ସମୟରେ ରୋଗର ଉପଚାର କରିବା ଓ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ। ଅଯଥା ଆଣ୍ଟିବାୟୋଟିକ୍ ବ୍ୟବହାର ନ କରିବା ସହ ତରଳଖାଦ୍ୟର ସରଳ ଚିକିତ୍ସା ଘରୁ ଆରମ୍ଭ କରିବା ଆବଶ୍ୟକ।





ଜ୍ୱର ଆମର ବନ୍ଧୁ, ଶତ୍ରୁ ନୁହଁ। ଜ୍ୱର ଦ୍ୱାରା ଆମର ଜୀବାଣୁ ସହିତ ଲଢ଼ିବା ଶକ୍ତି ବଢ଼ିଥାଏ। ବ୍ୟସ୍ତ ନ ହୋଇ ବାରମ୍ବାର ସମ୍ପୂର୍ଣ୍ଣ ଶରୀରକୁ ଓଦା ଗାମୁଛାରେ ନ ଚିପୁଡ଼ି ଗାଧୋଇବା ଭଳି ପୋଛିବା ଓ ତାପମାତ୍ରା ୧୦୦ଡିଗ୍ରୀ ଫାରେନ୍‌ହିଟ୍‌ରୁ ଅଧିକ ହେଲେ ପାରାସିଟାମଲ ଡୋଜ୍ ଅନୁସାରେ ଦେଲେ ଉପଶମ ମିଳେ। ଭୂତାଣୁଜନିତ ଜ୍ୱର, ଥଣ୍ଡାକାଶ, ଶର୍ଦ୍ଦି ଆପେ ଆପେ କମିଯାଏ। ମନଇଚ୍ଛା, OTC(ଓଭର ଦି କାଉଣ୍ଟର)ରୁ, ପୁରୁଣା ପ୍ରେସ୍କ୍ରିପଶନରୁ କିମ୍ବା ଇଣ୍ଟରନେଟ୍ ଦେଖି ଔଷଧ ବ୍ୟବହାର କରନ୍ତୁ ନାହିଁ।

**ଶିଶୁମାନଙ୍କଠାରେ ଦେଖାଦେଉଥିବା ପ୍ରମୁଖ ରୋଗ ଓ ତା'ର ନିରାକରଣ**

ସାଧାରଣତଃ ବର୍ଷା ଋତୁରେ ଶିଶୁମାନଙ୍କଠାରେ କେତେକ ରୋଗ ଦେଖାଦେଇଥାଏ। ଏଥିପ୍ରତି ଆରମ୍ଭରୁ ସଚେତନ ହୋଇ ଠିକ୍ ସମୟରେ ଚିକିତ୍ସା ନ କରାଇଲେ ପରିସ୍ଥିତି ଗୁରୁତର ହୁଏ, ଏପରି କି ପିଲାକୁ ହସ୍ପିଟାଲରେ ଆଡମିଶନ କରିବାକୁ ପଡିଥାଏ। ତେବେ ଏହି ଋତୁରେ ଶିଶୁମାନଙ୍କଠାରେ ଦେଖାଯାଉଥିବା କେତେକ ପ୍ରମୁଖ ରୋଗ ସମ୍ପର୍କରେ ଜାଣିବା ନିହାତି ଦରକାର।

**ଡେଙ୍ଗୁ ଜ୍ୱର :** ଏହି ରୋଗ ବାଘୁଆ ମଶା ଦ୍ୱାରା ବ୍ୟାପୀ ଥାଏ। ଏହାର ପ୍ରମୁଖ ଲକ୍ଷଣ ମଧ୍ୟରେ ରହିଛି– ଅତ୍ୟଧିକ ଜ୍ୱର, କମ୍ ପ୍ଲେଟ୍‌ଲେଟ୍ , ଚର୍ମରେ ଲାଲ୍ ଦାନା ଭଳି ଫଳିଯିବା ଇତ୍ୟାଦି। ମଶାରି ଓ ମଶା ଘଉଡ଼ାଇବା ସିଟ୍ରୋନେଲା ପ୍ଲାଣ୍ଟ ଲଗାଇଲେ ଏଥିରୁ ରକ୍ଷା ମିଳିଥାଏ। ଶିଶୁଟିକୁ ଶୁଆଇବା ସମୟରେ ତା' ଦେହରେ ଏପରି ବସ୍ତ୍ର ଘୋଡ଼ାଇ ଦିଅନ୍ତୁ ଯେମିତି ତାକୁ ମଶା କାମୁଡିବ ନାହିଁ। ଗୋଟିଏ କଥା ସବୁବେଳେ ମନେ ରଖିବା ଦରକାର ଯେ, ଡେଙ୍ଗୁ ମଶା କେବଳ ଦିନ ବେଳା ହିଁ କାମୁଡ଼ିଥାଏ।

**ଚିକୁନ୍‌ଗୁନିଆ :** ଚିକୁନଗୁନିଆ ମଶାଦ୍ୱାରା ବ୍ୟାପେ। ଏହି ମଶା ସ୍ଥିର ଜଳରେ ବଂଶବିସ୍ତାର କରିଥାଏ। ଗଣ୍ଠିବ୍ୟଥା ହେବା ଓ ଜ୍ୱର ହେବା ଏହାର ପ୍ରଧାନ ଲକ୍ଷଣ। ଘରେ ଓ ବାହାରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ। ମଶା ଘଉଡ଼ାଇବା ଔଷଧ ବ୍ୟବହାର କରନ୍ତୁ।

**ମ୍ୟାଲେରିଆ :** ମାଈ ଆନୋଫିଲିସ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ଏହି ମଶା ସ୍ଥିର ଜଳରେ ବଂଶବିସ୍ତାର କରିଥାଏ। ଜ୍ୱର ହେବା , ଦେହ ଥରିବା, ମାଂସପେଶୀରେ କଷ୍ଟ ଓ ଦୁର୍ବଳତା ଅନୁଭବ କରିବା ଏହାର ଲକ୍ଷଣ। ଫୁଲ କୁଣ୍ଡ, କାଚ ବୋତଲ, ଟାୟାର, ଶଢ଼େଇ ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଏହାସହ ପରିବେଶ ପରିଷ୍କାର ରଖିଲେ ଏଥିରୁ ରକ୍ଷା ମିଳେ।

**ଝାଡ଼ା :** ସଂକ୍ରମିତ ଖାଦ୍ୟ, ପାଣି ଓ ହାତ ସଫା ନ କରି ଖାଇବା ଦ୍ୱାରା ଏହା ହୋଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରତିଷେଧକ ରୋଗ। ସିଝା ପାଣି, ଘରେ ଖାଇବା ଓ ହାତ ପରିଷ୍କାର କରି ଧୋଇବା ଦ୍ୱାରା ଏହାକୁ ଏଡ଼ାଇ ଦେଇହେବ।

**ଟାଇଫଏଡ୍ :** ଏହା ଜଳବାହିତ ରୋଗ। ଅପରିଷ୍କାର ଓ ଅପରିଚ୍ଛନ୍ନତା ଏହାର କାରଣ। ଆଲମୋନେଲା ଟାଇଫି ଜୀବାଣୁ ଏହାର କାରଣ। ଅତ୍ୟଧିକ ଜ୍ୱର, ମୁଣ୍ଡବ୍ୟଥା, ଦୁର୍ବଳତା, ଓ ଗଣ୍ଠିବ୍ୟଥା ଏହାର ଲକ୍ଷଣ।

**ଭୂତାଣୁ ଜ୍ୱର :** ଯଦିଓ ଭୂତାଣୁ ଜ୍ୱର (ଭାଇରାଲ ଫିଭର) ବର୍ଷସାରା ଦେଖାଦିଏ, କିନ୍ତୁ ବର୍ଷାଋତୁରେ ଅଧିକ ଦେଖାଯାଏ। ଜ୍ୱର, ଥଣ୍ଡା ଏବଂ କାଶ ଏହାର ପ୍ରମୁଖ ଲକ୍ଷଣ। ଏହା ୩–୭ ଦିନ ପର୍ଯ୍ୟନ୍ତ ଲାଗିରହେ ଓ ଆପେ ଆପେ ଭଲ ହୋଇଯାଏ। ତଥାପି ଡାକ୍ତରଙ୍କ ପରାମର୍ଶ କରିବା ଭଲ।

**ଲେପ୍ଟୋସ୍ପାଇରୋସିସ୍ :** ଅପରିଷ୍କାର ପାଣି, ଡ୍ରେନ୍ ପାଣିର ସଂସ୍ପର୍ଶରେ ଆସିଲେ ଏହା ହୋଇଥାଏ। ଏହାର ଲକ୍ଷଣ ପୂରା ମ୍ୟାଲେରିଆ ଭଳି, କିନ୍ତୁ ଶରୀରରେ ଖଣ୍ଡିଆ ହେଲେ ଏହି ଜୀବାଣୁ ବ୍ୟାପିଥାଏ।

**କାମଳ ରୋଗ :** ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପିଥାଏ କାମଳ (ଜଣ୍ଡିସ୍) ରୋଗ। ଦୁର୍ବଳ ଲାଗିବା, ଭୋକ ନ ଲାଗିବା, ଶରୀରର ଅଧିକାଂଶ ବାହ୍ୟ ଅଂଶ ହଳଦିଆ ଦେଖାଯିବା, ହଳଦିଆ ପରିସ୍ରା ହେବା ଓ ବାନ୍ତି ହେବା ଏହାର ଲକ୍ଷଣ। ଏହି ରୋଗଠାରୁ ନିଜକୁ ଦୂରେଇ ରଖିବା ପାଇଁ ହାତକୁ ଭଲଭାବେ ଧୋଇ ପରିଷ୍କାର ପାଣି ପିଅନ୍ତୁ। ବାହାର ଖାଦ୍ୟ, ଅପରିଷ୍କାର ଫଳରସ ଓ ଆଖୁରସ ଆଦି ପିଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ଏହି ରୋଗ ବ୍ୟାପୀ ନ ଥାଏ।

**ଥଣ୍ଡା :** ବର୍ଷାରେ ଭିଜିବା ଦ୍ୱାରା ଓ ଜଳୀୟ ଆର୍ଦ୍ରତା ଅଧିକ ରହିବା ଦ୍ୱାରା ଭୂତାଣୁ ସଂକ୍ରମଣରୁ ହୋଇଥାଏ। ଏଥିରେ ଆଣ୍ଟିବାୟୋଟିକ୍ସର ପ୍ରୟୋଜନ ନାହିଁ।

**ଚର୍ମରୋଗ :** ସାଧାରଣତଃ ଫଙ୍ଗାଲ୍ ସ୍କିନ୍ ଡିଜିଜ, କାଛୁ, କୁଣ୍ଡିଆ, ଟିନିଆ ଇନ୍‌ଫେକଶନ ଏହିଦିନେ ଅଧିକ ହୋଇଥାଏ। ବ୍ରଣ ଓ ମୁଣ୍ଡରେ ରୁପି ହୁଏ। କେଶରେ ଅତ୍ୟଧିକ ତେଲ ନ ଲଗାଇ ନିୟମିତ ଶାମ୍ପୋ କଲେ, ଶୁଖିଲା ଓ ପରିଷ୍କାର ରହିଲେ ଏହା ହୁଏ ନାହିଁ। ଅନ୍ୟର ପାନିଆ, ପୋଷାକ, ଅନ୍ତଃବସ୍ତ୍ର ବ୍ୟବହାର କରନ୍ତୁ ନାହିଁ।

**ମା' ବାପାଙ୍କ ଦାୟିତ୍ୱ**

- ହାତ ଧୋଇବାର ୬ଟି ସ୍ତର ଅନୁସାରେ ନିଜର ଓ ପିଲାର ବାରମ୍ବାର ହାତ ଧୁଆଇବା, ପରିଷ୍କାର ପାଣି ପିଇବା।
- ଅପରିଷ୍କାର ରୁମାଲ ଓ ଅନ୍ୟର ବ୍ୟବହୃତ ପୋଷାକ ବ୍ୟବହାର କରନ୍ତୁ ନାହିଁ।
- ପୁଷ୍ଟିକର ଖାଦ୍ୟ, ଲେମ୍ବୁରସ, ଫଳ, ଅଧିକ ପାଣି ଓ ତରଳ ଝାଡ଼ା ହେଉଥିଲେ ଓଆର୍‌ଏସ୍ ପିଇବାକୁ ଦିଅନ୍ତୁ।
- ପିଲାକୁ ଶୌଚାଳୟ ବ୍ୟବହାର କରିବାକୁ କୁହନ୍ତୁ।
- ଜ୍ୱର ପାଇଁ ପୋଛାପୋଛି କରନ୍ତୁ।
- କେବଳ ମା'କ୍ଷୀର ଛ'ମାସ ଓ ଜନ୍ମର ୨ ସପ୍ତାହ ପରେ ଭିଟାମିନ D3 ଓ ଆଇରନ ଡ୍ରପ୍ ଦେଇ ଇମ୍ୟୁନିଟି ବଢ଼େଇବା।
- ବିନା ପ୍ରେସ୍କ୍ରିପଶନରେ ଆଣ୍ଟିବାୟୋଟିକ୍ ଦିଅନ୍ତୁ ନାହିଁ।
- ପାଣି ଜମିବାକୁ ନ ଦେବା ସହ ମଶାରି ଟାଣନ୍ତୁ। ୧୧ଟି ପ୍ରତିଷେଧକ ଟିକା ମାଗଣାରେ ସରକାରଙ୍କ ତରଫରୁ ଦିଆଯାଉଛି, ତାହାକୁ ଠିକ୍ ସମୟରେ ଦିଅନ୍ତୁ।

*– ଶିଶୁରୋଗ ବିଶେଷଜ୍ଞ, ଭୁବନେଶ୍ୱର*

ଖାଦ୍ୟରୁଚି

## ବ୍ରେଡ୍ ପିଜା

**ଆବଶ୍ୟକ ସାମଗ୍ରୀ**

ବ୍ରେଡ୍ – ୪ ପିସ୍, କଟାଯାଇଥିବା କ୍ୟାପ୍‌ସିକମ୍ – ୧/୨ କପ୍, ମକା – ୧/୨ କପ୍, ତେଲ – ୫ ଚାମଚ, ପିଜା ସସ୍ – ୨ ଚାମଚ, ଚିଜ୍ ପନିର – ୧୦୦ ଗ୍ରାମ୍, ଗରମ ମସଲା – ୧/୨ ଚାମଚ, ଆମ୍‌ଚୂର ପାଉଡର – ୧/୨ ଚାମଚ, ଓରେଗାନୋ ସସ୍ – ୧ ଚାମଚ, ଗୋଲମରୀଚ – ୧/୪ ଚାମଚ ଏବଂ ସ୍ୱାଦ ଅନୁଯାୟୀ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଗ୍ୟାସ୍ ଅନ୍ କରି କଡ଼େଇରେ ତେଲ ଗରମ କରନ୍ତୁ। ଏବେ କଟାଯାଇଥିବା କ୍ୟାପ୍‌ସିକମ୍ ଏବଂ ମକା ଦାନା ପକାଇ ୨ – ୩ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ସେଥିରେ ବଟରକୁ ସ୍ଲାଇସରରେ ଘଷି ପକାନ୍ତୁ। ପ୍ୟାନ୍‌ରେ ଅଳ୍ପ ଘିଅ ପକାଇ ବ୍ରେଡ୍‌କୁ ଗରମ କରନ୍ତୁ। ଏବେ ବ୍ରେଡ୍‌ରେ ପିଜା ସସ୍ ଲଗାଇ ଫ୍ରାଏ ହୋଇଥିବା ପନିପରିବା ଏହା ଉପରେ ରଖନ୍ତୁ। ପୁଣି ଏହା ଉପରେ ଛୋଟ ଛୋଟ ଖଣ୍ଡ କରି କଟାଯାଇଥିବା ବଟରକୁ ପକାନ୍ତୁ। ଏହାକୁ ୨ – ୩ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ମିଡିୟମ୍ ଫ୍ଲେମ୍‌ରେ ରଖନ୍ତୁ। ଏହା ଉପରେ ଗରମ ମସଲା, ଆମଚୂର୍ ପାଉଡର, ଓରେଗାନୋ ସସ୍ ଏବଂ ଅଳ୍ପ ଗୋଲମରୀଚ ପାଉଡର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ବ୍ରେଡ୍ ପିଜା।

# ନୂଆ ଅଫିସ୍‌କୁ ଯାଉଥିଲେ...

ନୂଆ ଅଫିସ୍‌ରେ ଯୋଗ ଦେଉଥିଲେ ସେଠାକାର ମାହୋଲ୍‌ରେ ଆଡ୍‌ଜଷ୍ଟ କରିବାକୁ ପଡିଥାଏ। ଯଦି ଆପଣ କୌଣସି ଅଫିସ୍‌ରେ ଯୋଗ ଦେଉଛନ୍ତି, ତେବେ ଜାଣି ରଖନ୍ତୁ କିଛି ଟିପ୍ସ...



- ❖ ଅଫିସ୍‌ରେ ପହଞ୍ଚିବା ପରେ ସହକର୍ମୀଙ୍କୁ ପ୍ରଥମେ ଗୁଡ୍ ମର୍ନିଂ କିମ୍ବା ହାଲୋ ବୋଲି ସମ୍ବୋଧନ କରନ୍ତୁ। ଯଦି ଏପରି ନ କହି ସିଧାସଳଖ ଆପଣଙ୍କ ସିଟ୍‌ରେ ବସି କାମ କରୁଛନ୍ତି ତେବେ ଅନ୍ୟ କର୍ମଚାରୀମାନେ ଭାବିବେ ଆପଣ ବ୍ୟବହାର ଜାଣିନାହାନ୍ତି।
- ❖ ଯୋଗ୍ୟତାକୁ ନେଇ ହୁଏତ ଆପଣଙ୍କୁ ଅଫିସ୍‌ରେ କୌଣସି ଏକ ଭଲ ପୋଷ୍ଟ ମିଳିଥାଇ ପାରେ କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣ ଅନ୍ୟ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିବେ ନାହିଁ। ଅନ୍ୟମାନେ ପ୍ରଥମେ କଥାବାର୍ତ୍ତା କରନ୍ତୁ ବା ନ କରନ୍ତୁ ଆପଣ ସେମାନଙ୍କ ସହ କଥାବାର୍ତ୍ତା କଲେ ଆପଣଙ୍କର ସମ୍ମାନ ବଢ଼ିବ।
- ❖ ଅଫିସ୍‌ର ନୀତି ନିୟମକୁ ମାନନ୍ତୁ। ସେଠାକାର ମାହୋଲ୍‌କୁ ଦେଖି ନିଜକୁ ଆଡ୍‌ଜଷ୍ଟ କରିବା ଶିଖନ୍ତୁ।
- ❖ ପୂର୍ବରୁ ଆପଣ ଥିବା ଅଫିସ୍ ଏବଂ ନୂଆ ଅଫିସ୍‌ର ସୁବିଧା ଅସୁବିଧାକୁ ତୁଳନା କରନ୍ତୁ ନାହିଁ। ଏପରି କଲେ ମ୍ୟାନେଜ୍‌ମେଣ୍ଟଙ୍କୁ ଲାଗିବ କି ଆପଣ କର୍ମଚାରୀମାନଙ୍କୁ କୁଶିକ୍ଷା ଦେଉଛନ୍ତି ଏବଂ ଆପଣଙ୍କ ଜବ୍ ପ୍ରତି ବି ସମସ୍ୟା ଆସିପାରେ।
- ❖ ଅଫିସ୍ ପ୍ରତି ବିଶ୍ୱସ୍ତ ରୁହନ୍ତୁ। ଥରେ ଯଦି ଆପଣ ମ୍ୟାନେଜ୍‌ମେଣ୍ଟଠାରୁ ବିଶ୍ୱାସ ହରାଇଲେ ତେବେ ଏହାକୁ ପୁନର୍ବାର ଫେରାଇପାରିବେ ନାହିଁ।
- ❖ ଅଫିସ୍‌ରେ ଅନ୍ୟମାନଙ୍କ କଥାରେ ପଡି କୌଣସି କର୍ମଚାରୀଙ୍କ ପ୍ରତି ଭୁଲ୍ ପଦକ୍ଷେପ ନିଅନ୍ତୁ ନାହିଁ। ଏପରି କଲେ ସେ ହୁଏତ ଆପଣଙ୍କ ପ୍ରତି କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।
- ❖ ଅଫିସ୍‌ରେ ଅଯଥା ଗପଠାରୁ ଦୂରେଇ ରଖି ନିଜ କାମରେ ମନୋନିବେଶ କରନ୍ତୁ। ଚୁଗୁଲି କିମ୍ବା ପର ଚର୍ଚ୍ଚା କରନ୍ତୁ ନାହିଁ।

## ସଂକ୍ଷେପରେ

### ସବ୍‌ସିଡିଯୁକ୍ତ ଏଲ୍‌ପିଜି ୩ ଟଙ୍କା କମିଲା

ନୂଆଦିଲ୍ଲୀ,୧-୭: ସୋମବାର ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ୩.୦୨ ଟଙ୍କା ହ୍ରାସ ଘଟିଛି। ଏହା ଫଳରେ ୧୪.୨ ଲିଟର ବିଶଷ୍ଟ ସିଲିଣ୍ଡର ଦାମ ୪୯୪.୩୫ ଟଙ୍କାକୁ ଖସିଛି। ଏହା ରବିବାର ମୁମ୍ବାଇରେ ସିଲିଣ୍ଡର ପିଛା ୪୯୫.୦୯ ଟଙ୍କା ଥିଲା ଯାହା ୪୯୨.୦୪ ଟଙ୍କାକୁ ଖସିଛି। ଗତ ମାର୍ଚ୍ଚଠାରୁ ଏଲ୍‌ପିଜି ଦର ଲଗାତର ଭାବେ ବୃଦ୍ଧି ଘଟୁଥିଲା। ୪ ମାସ ପରେ ପ୍ରଥମ ଥର ଲାଗି ଏଭଳି ଦର ହ୍ରାସ ହୋଇଛି। ମାର୍ଚ୍ଚ ପରଠାରୁ ଏଥିରେ



ସିଲିଣ୍ଡର ପିଛା ୩.୮୪ ଟଙ୍କା ବୃଦ୍ଧି ଘଟିଥିଲା। ସେହିଭଳି ଅଣ ସବସିଡି ଏଲ୍‌ପିଜି ଦରରେ ମଧ୍ୟ ୧୦୦ ଟଙ୍କା ହ୍ରାସ ଘଟିଛି। ବିମାନ ଇନ୍ଧନ ବା ଏଟିଏମ୍ ମୂଲ୍ୟରେ ୫.୮% ହ୍ରାସ ନେଇ ତୈଳ କମ୍ପାନୀଗୁଡିକ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ବଜାର ସ୍ଥିତି ଉନ୍ନତ ହେବାରି ଏଟିଏଫ୍ ମୂଲ୍ୟରେ ହ୍ରାସ ଘଟୁଥିବା ସୂଚନା ରହିଛି। ସୋମବାର ଏଟିଏଫ୍ କିଲୋଲିଟର ପିଛା ୩,୮୦୬.୪୪ ଟଙ୍କା ହ୍ରାସ ଘଟି ୬୧,୨୦୦.୩୬ ଟଙ୍କା ରହିଛି।

### ବ୍ୟାଙ୍କରେ ଦାବିହୀନ ଜମାରାଶି ୨୭% ବଢ଼ିଲା

ନୂଆଦିଲ୍ଲୀ,୧-୭: ଦେଶର ବ୍ୟାଙ୍କଗୁଡ଼ିକରେ ୨୦୧୮ରେ ଦାବିହୀନ ଜମା ରାଶି ପରିମାଣ ୨୬.୮% ବୃଦ୍ଧି ପାଇ ୧୪,୫୭୮ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଲୋକ ସଭାରେ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୧୬ରେ ଦାବିହୀନ ଜମାରାଶି ପରିମାଣ ୮,୯୨୮ କୋଟି ଟଙ୍କା ଥିବାବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୧୧,୪୯୪ କୋଟି ଟଙ୍କା ହୋଇଥିଲା। କେବଳ ଏସ୍‌ବିଆଇ ନିକଟରେ ସର୍ବାଧିକ ୨,୧୫୬.୩୩ କୋଟି ଟଙ୍କା ଦାବିହୀନ ଜମା ଭାବେ ପଡ଼ିରହିଛି। ସେହିପରି ଜୀବନ ବୀମା ସେକ୍ଟରରେ ୧୬,୮୮୭.୬୬ କୋଟି ଏବଂ ଅଣ ଜୀବନ ବୀମା କ୍ଷେତ୍ରରେ ୯୮୯.୬୨ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି। ୧୦ ବର୍ଷ ଧରି ପଡିରହିଥିବା ଜମା ଟଙ୍କା ଏବଂ ଏହା ଉପରେ ମିଳୁଥିବା ସୁଧକୁ ଡିପୋଜିଟର ଏଜୁକେଶନ ଆଣ୍ଡ ଆୱାରନେସ୍ ଫଣ୍ଡକୁ ପଠାଇ ଦିଆଯାଏ ବୋଲି ସୀତାରାମନ୍ କହିଛନ୍ତି।

### 'ଋଣ ଅସୁଲ ଲାଗି ବାଉନ୍ସର ପଠାଇପାରିବେନି ବ୍ୟାଙ୍କ'

ନୂଆଦିଲ୍ଲୀ,୧-୭: ଋଣ ଅସୁଲ ଲାଗି ବ୍ୟାଙ୍କଗୁଡ଼ିକ ବାଉନ୍ସର ଅଥବା ରିକଭରି ଏଜେଣ୍ଟ ନିଯୁକ୍ତ କରିପାରିବେ ନାହିଁ ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ପୋଲିସ ଦ୍ୱାରା ଯାଞ୍ଚ ପରେ ଏବଂ ଅନ୍ୟ ସମ୍ବନ୍ଧିତ ଔପଚାରିକତା ପୂରଣ ପରେ ହିଁ ଜଣେ ବ୍ୟକ୍ତିଙ୍କୁ ଏଜେଣ୍ଟ ଭାବେ ବ୍ୟାଙ୍କ ଋଣ ଅସୁଲ କରିବା ଲାଗି ପଠାଇପାରିବେ ବୋଲି ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ରହିଛି। ଜବରଦସ୍ତ ଋଣ ଅସୁଲ ଲାଗି କୌଣସି ବାଉନ୍ସରଙ୍କୁ ନିଯୁକ୍ତ କରିବା ଲାଗି ବ୍ୟାଙ୍କକୁ ଅଧିକାର ଦିଆଯାଇନାହିଁ। ଋଣ ଅସୁଲ ବେଳେ ବାଉନ୍ସରମାନଙ୍କ ଦ୍ୱାରା ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଥିବାର ବହୁ ଅଭିଯୋଗ ମିଳୁଥିବା ବେଳେ ଏହାକୁ ଦୃଢ଼ ହସ୍ତରେ ଦମନ ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆର୍‌ବିଆଇ ଚିନ୍ତା କରୁଛି। ସମ୍ପୃକ୍ତ ବ୍ୟାଙ୍କକୁ ବ୍ୟାନ କରିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଇପାରେ ବୋଲି ସେ କହିଛନ୍ତି।

### ବକେୟା ସେବା କର ୧.୬୬ ଲକ୍ଷ କୋଟିକୁ ବୃଦ୍ଧି: ସିଏଜି

ନୂଆଦିଲ୍ଲୀ,୧-୭: ସୋମବାର ସଂସଦରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ଉପସ୍ଥାପନ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ବକେୟା ସେବା କର ପରିମାଣ ୧.୧୮ ଲକ୍ଷ କୋଟିରୁ ୧.୬୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ବକେୟା ଉତ୍ପାଦ ଶୁଳ୍କ ପରିମାଣ ପୂର୍ବ ବର୍ଷର ୮୪,୨୦୦ କୋଟି ଟଙ୍କାରୁ ବଢ଼ି ଆଲୋଚ୍ୟ ବର୍ଷରେ ୯୬,୪୯୬ କୋଟି ଟଙ୍କା ହୋଇଛି। ୨୦୧୬-୧୭ରେ ବକେୟା ଆଦାୟ ପରିମାଣ ୧.୧୯ ପ୍ରତିଶତ ରହିଥିବା ବେଳେ ୨୦୧୭-୧୮ରେ ଏହା ୧.୦୨ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ୨୦୧୭-୧୮ ସୁଦ୍ଧା ୧,୦୪,୭୧୮ କୋଟି ଟଙ୍କାର କେନ୍ଦ୍ରୀୟ ଉତ୍ପାଦ ସମ୍ପର୍କିତ ୪୫,୭୪୯ ମାମଲା ବିଭିନ୍ନ ଅଦାଲତରେ ପଡିରହିଛି, ଯାହା କି, ପୂର୍ବବର୍ଷ ତୁଳନାରେ ୩.୫ ପ୍ରତିଶତକୁ ହ୍ରାସ ପାଇଛି। ଆଲୋଚ୍ୟ ବର୍ଷ ଶେଷ ସୁଦ୍ଧା ୧,୨୦,୯୦୭ କୋଟି ଟଙ୍କାର ୪୩,୭୧୮ ସେବା ଟିକସ ମାମଲାର ସମାଧାନ ହୋଇପାରିନାହିଁ।

---

> ନଗଦ ସଙ୍କଟ ଦୂର କରିବା ଲାଗି ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରୀ ଡୋମେଷ୍ଟିକ କାଉନସିଲ୍ ବଜେଟ ପରେ ଆଇବିଏକୁ ଭେଟିବ।
> – ଶଙ୍କର ସେନ୍, ଭାଇସ ଚେୟାରମ୍ୟାନ, ଜିଜେସି



> ମୋବାଇଲ ଫୋନ ଯନ୍ତ୍ରାଂଶ ଉପରେ ବଜେଟରେ ଜିଏସ୍‌ଟି ହ୍ରାସ ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନିକଟକୁ ପତ୍ର ଲେଖି ଦାବି କରାଯାଇଛି।
> – ପଙ୍କଜ ମହିନ୍ଦ୍ରୁ, ଅଧ୍ୟକ୍ଷ, ଆଇସିଇଏ




# ଜିଏସ୍‌ଟିକୁ ୨ ବର୍ଷ
# ଉପଲବ୍ଧି ଅନେକ, ବଦଳିନି ଆହ୍ୱାନ



**ଦୁଇବର୍ଷ ପୂର୍ବେ ଆଜିର ଦିନରେ ଦେଶରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହୋଇଥିଲା। ପରୋକ୍ଷ ଟିକସ କ୍ଷେତ୍ରରେ ଏକାଧିକ ନିୟମକୁ ପ୍ରତ୍ୟାହାର କରାଯାଇ ଦେଶରେ ଏକକ ଟିକସ ବ୍ୟବସ୍ଥା ଲାଗୁ କରାଗଲା। ଜିଏସ୍‌ଟି ଲାଗୁ ହେବାର ପ୍ରାରମ୍ଭିକ ପର୍ଯ୍ୟାୟ ଉଭୟ ସରକାର ଓ ବ୍ୟବସାୟୀଙ୍କ ପାଇଁ ଆହ୍ୱାନ ଥିଲା। ସମୟକ୍ରମେ ଏଥିରେ ସ୍ଥିରତା ଆସିବାରେ ଲାଗିଛି। ତଥାପି ଏଭଳି ବହୁ ପ୍ରସଙ୍ଗ ରହିଛି, ଯାହାର ସମାଧାନ ହେବା ଅପେକ୍ଷାରେ ରହିଛି ଉଦ୍ୟୋଗ ଜଗତ। ଜିଏସ୍‌ଟି ନିୟମରେ ସଂଶୋଧନ ପାଇଁ ଆଜି ସୁଦ୍ଧା ଜିଏସ୍‌ଟି କାଉନସିଲ୍‌ର ୩୫ଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ ବର୍ଷ ଭିତରେ ଦେଶରେ ଜିଏସ୍‌ଟି ଆଇନ ଲାଗୁ ହେବା ପରେ ଅନେକ ଉପଲବ୍ଧି ହାସଲ ହୋଇଛି ସତ, ତଥାପି ସରକାରଙ୍କ ସମ୍ମୁଖରେ ବହୁ ଆହ୍ୱାନ ରହିଛି, ଯାହାର ସମାଧାନ ନିହାତି ଜରୁରୀ।**

## ରାଜସ୍ୱ ବଢ଼ିଲେ ୧୨,୧୮% ସ୍ଲାବ୍ ମିଶିଯିବ: ଜେଟ୍‌ଲୀ



ନୂଆଦିଲ୍ଲୀ,୧-୭

ଜିଏସ୍‌ଟି ପ୍ରଚଳନର ମୁଖ୍ୟ ସୂତ୍ରଧର ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଜିଏସ୍‌ଟି ଆଇନ ଲାଗୁ ହେବାର ୨ ବର୍ଷ ପୂର୍ତ୍ତି ଅବସରରେ କହିଛନ୍ତି ଯେ, ରାଜସ୍ୱ ଆଦାୟ ବଢ଼ିଲେ ୧୨ ଓ ୧୮ ପ୍ରତିଶତ ସ୍ଲାବ୍‌କୁ ମିଶାଇ ଦିଆଯିବ। ଏଭଳି ଭାବେ ଦେଶରେ ଜିଏସ୍‌ଟିକୁ ଦ୍ୱିସ୍ତରୀୟ କରାଯିବ। ତାଙ୍କ ମତରେ ଲକ୍‌ଜୁରୀ ଓ ହାନିକାରକ ସାମଗ୍ରୀକୁ ଛାଡ଼ି ଦେଲେ ପ୍ରାୟ ସମସ୍ତ ସାମଗ୍ରୀ ୨୮% ସ୍ଲାବ୍‌ରୁ ବାଦ୍ ପଡିଛନ୍ତି। ନିଜର ଫେସ୍‌ବୁକ୍ ପେଜ୍‌ରେ ଜେଟ୍‌ଲୀ ସୋମବାର ଲେଖିଛନ୍ତି ଯେ, ୨୦ ରାଜ୍ୟର ରାଜସ୍ୱ ପୂର୍ବାପେକ୍ଷା ୧୪% ବଢ଼ିଛି। ଜିଏସ୍‌ଟି ଲାଗୁ ହେବା ପରେ କ୍ଷତିପୂରଣ ବାବଦରେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଉ କ୍ଷତିପୂରଣ ଦେବାକୁ ପଡିବ ନାହିଁ। ଅଧିକାଂଶ ସାମଗ୍ରୀକୁ ଏବେ ୫,୧୨ ଓ ୧୮ ପ୍ରତିଶତ ସ୍ଲାବ୍‌ରେ ଅଣାଯାଇସାରିଛି। ଜିଏସ୍‌ଟି କାଉନସିଲ୍ ଗତ ୨ ବର୍ଷରେ ଅନେକଥର ଟିକସ ହାର ହ୍ରାସ କରିଛନ୍ତି। ଫଳରେ ସରକାରଙ୍କୁ ୯୦ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ହରାଇବାକୁ ପଡିଛି। 'ଏକ ରାଷ୍ଟ୍ର, ଏକ ଟିକସ' ବ୍ୟବସ୍ଥା ଉପରେ ଜେଟ୍‌ଲୀ ନିଜର ମତ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ଯେ, ଭାରତ ଭଳି ଦେଶରେ ବହୁ ସଂଖ୍ୟାରେ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ଲାଗୁ କରିବା ନ୍ୟାୟସଙ୍ଗତ ନୁହେଁ। ଚପଲ ଓ ମର୍ସିଡିଜ କାର୍ ଉପରେ ଏକପ୍ରକାର ଟିକସ ଆଦାୟ କରାଯାଇପାରିବ ନାହିଁ। ଜିଏସ୍‌ଟି କାରଣରୁ ଆଜି ଟୋଲଗେଟ୍‌ରେ ଟ୍ରକ୍‌ଗୁଡ଼ିକୁ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁନାହିଁ।

### 'ବେଷ୍ଟ ଅଫ୍ ଜିଏସ୍‌ଟି'କୁ ଅପେକ୍ଷା



> ଜିଏସ୍‌ଟି ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରିଛି। ବ୍ୟବସ୍ଥାରେ ରହିଥିବା ଅସୁବିଧାକୁ ସରକାର ଧୀରେ ଧୀରେ ସରଳୀକରଣ କରୁଛନ୍ତି। ଏକ ଦେଶ ଏକ ଟିକସ ଲକ୍ଷ୍ୟ ଏବେ ମଧ୍ୟ ପୂରଣ ହୋଇ ନାହିଁ। ଦେଶ ମଧ୍ୟରେ ବିଭିନ୍ନ ରାଜ୍ୟକୁ ନେଇ ଏକ ସାଥିରେ ଯିବା ଆଉ ଏକକ ଟିକସ ଲାଗୁ କରିବା ନିଶ୍ଚିତ ପକ୍ଷେ ଏକ କଷ୍ଟକର କାର୍ଯ୍ୟ। ଏଥିଲାଗି ଜିଏସ୍‌ଟି ପରିଷଦ କାର୍ଯ୍ୟ କରୁଥିବା ବେଳେ ଏହାର ସଂସ୍କାରଧାରା ଜାରି ରହିବ। ଦେଶରେ ଟିକସ ସଂଗ୍ରହ ଧାରା ଉନ୍ନତ ହୋଇଛି। ଟିକସ ଫାଙ୍କି ଉପରେ ଏବେ କାର୍ଯ୍ୟାନୁଷ୍ଠାନ ବଢ଼ିଛି। ଅନୁପାଳନ ଧାରାରେ ମଧ୍ୟ ଉନ୍ନତି ଆସିଛି। ବେଷ୍ଟ ଅଫ୍ ଜିଏସ୍‌ଟିକୁ ଏବେ ଅପେକ୍ଷା।
> - ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ରିଫଣ୍ଡ ପ୍ରୋସେସିଂ ତ୍ୱରାନ୍ୱିତ ହେଉ



> ଜିଏସ୍‌ଟିର ଗତ ୨ ବର୍ଷ ବେଶ ଘଟଣା ବହୁଳ। ପ୍ରଥମେ ଏହି ଟିକସ ବ୍ୟବସ୍ଥାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହୁଥିଲା। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରଳୀକରଣ ପଦକ୍ଷେପ ସରକାର ନେବା ଯୋଗୁ ଏହାକୁ ଭଲ ରେସପନ୍ସ ମିଳିଛି। ଇନ୍‌ପୁଟ ଟାକ୍ସ କ୍ରେଡିଟ ଉନ୍ନତ ହୋଇଛି। ପୂର୍ବରୁ ରହିଥିବା ସିଏସ୍‌ଟି,ଏଣ୍ଟ୍ରି ଟିକସ ଉଠିବା ଦ୍ୱାରା ଶିଳ୍ପ ଜଗତ ଲାଭ ପାଇଛି। ଗୋଟିଏ ସଫ୍‌ଟୱେରରେ ରିଟର୍ନର ସବୁ କାମ ଚାଲୁଛି। ପୂର୍ବରୁ ଅନେକ ଖାତାପତ୍ର ମେଣ୍ଟେନ କରିବାକୁ ପଡୁଥିବା ବେଳେ ଏହାକୁ ନେଇ ଆଉ ମୁଣ୍ଡ ବିନ୍ଧା ନାହିଁ। ଏଠାରେ ସରକାର ଗୋଟିଏ ପ୍ରସଙ୍ଗକୁ ଗୁରୁତର ସହ ନେଲେ ଶିଳ୍ପଗୁଡିକ ଆହୁରି ସୁବିଧା ପାଇ ପାରିବେ। ସରକାର ରିଫଣ୍ଡ ପ୍ରୋସେସିଂ ଧାରାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ରିଫଣ୍ଡ ସରଳୀକରଣ ହେଲେ ଶିଳ୍ପଗୁଡିକର ଅପେକ୍ଷା କମିବ। ଅପରପକ୍ଷରେ ରାଜ୍ୟ ସ୍ତରରେ ଆଦାୟ ହେଉଥିବା ପ୍ରଫେଶନାଲ ଟିକସ ବାଦ ଦିଆଗଲେ ଭଲ ହୁଅନ୍ତା। ଶିଳ୍ପ ଉଦ୍ୟୋଗ ଜଗତ ପରୋକ୍ଷ ଟିକସ ଲାଗି ଜିଏସ୍‌ଟି, ଆୟକର ପ୍ରଦାନ କରୁଛି। ଏଣୁ ଏଭଳି ଟିକସକୁ ବାଦ ଦିଆଯିବା ଆବଶ୍ୟକ। ଏହାବାଦ ଅନେକ ଡିଲର ରହିଛନ୍ତି ଯେଉଁମାନେ ମାସମାସ ଧରି ଜିଏସ୍‌ଟି ରିଟର୍ନ ଫାଇଲ କରୁନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।
> - ସ୍ୱାତ୍ତ୍ୱିକ ସ୍ୱାଇଁ, ମହାନିର୍ଦ୍ଦେଶକ, ଓସ୍‌ମେ

### ଦ୍ୱନ୍ଦ୍ୱ ଦୂରୀକରଣ ଲାଗି ପଦକ୍ଷେପ ନିଆଯାଉ



> ଜିଏସ୍‌ଟି ଆସିବା ପରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଆସିଥିବା ବିଭିନ୍ନ ଦ୍ୱନ୍ଦ୍ୱ ଉପୁଜୁଛି। ସରକାର ବିଭିନ୍ନ ସମୟରେ ନିୟମରେ ପରିବର୍ତ୍ତନ କରୁଛନ୍ତି। ଅନେକ ନିୟମ ପରିବର୍ତ୍ତନ ହେଲାଣି। ଏହା ସତ୍ତ୍ୱେ ଶିଳ୍ପରେ ସ୍ଥିତାବସ୍ଥା ଏବେ ମଧ୍ୟ ଫେରି ନାହିଁ। ଶିଳ୍ପରେ ବର୍ତ୍ତମାନ ଆଉ ଏକ ଦ୍ୱନ୍ଦ୍ୱ ରହିଛି। କମ୍ପୋଜିଶନ ସ୍କିମରେ ବିଲଡରମାନେ ଇନପୁଟ ନେବା ବନ୍ଦ ହୋଇଛି। ଗ୍ରାହକଙ୍କଠାରୁ ୧% ଏବଂ ୫% ସିଧାସଳଖ ଟିକସ ସଂଗ୍ରହ କରି ସରକାରଙ୍କୁ ଦେବାକୁ ନିୟମ ରହିଛି। ଏପ୍ରିଲ ପହିଲାରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ନିର୍ମାଣାଧୀନ ଏବଂ ଟ୍ରାଞ୍ଜିଶନରେ ଥିବା ପ୍ରକଳ୍ପଗୁଡିକ ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ରହିଛନ୍ତି। ଜଏଣ୍ଟ ଡେଭଲପମେଣ୍ଟରେ ହେଉଥିବା ପ୍ରକଳ୍ପଗୁଡିକ କ୍ଷେତ୍ରରେ ଜମି ମାଲିକମାନଙ୍କ ଅଂଶରେ ପଡୁଥିବା ଜିଏସ୍‌ଟି କିଭଳି ଭାବେ ଦିଆଯିବ, କେବେ ଲାଗୁ ହେବା ଭଳି ପ୍ରସଙ୍ଗ ସ୍ପଷ୍ଟ ହୋଇ ନାହିଁ। ଏହି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣର ଅଭାବ ରହୁଛି। ଏନେଇ ରାଜ୍ୟ ସ୍ତରରୁ ଏକ ହେଲପଲାଇନ କରାଗଲେ ଶିଳ୍ପକୁ ଲାଭ ମିଳନ୍ତା। ବିଭିନ୍ନ ପ୍ରସଙ୍ଗରେ ଶିଳ୍ପ ଅବଗତ ହେଲେ କୌଣସି ଅସୁବିଧା ଦେଖାଯିବ ନାହିଁ।
> - ନିଶୀଥ ନନ୍ଦ, ସଭାପତି, ଆଫୋର୍ଡ

### ରିଟର୍ନ ଦାଖଲ

ପ୍ରାରମ୍ଭରେ ମାସିକ ରିଟର୍ନ ଦାଖଲ କରିବାରେ ଅସୁବିଧା ହେଉଥିଲା। ତେବେ ବର୍ତ୍ତମାନ ଏହି ସମସ୍ୟାର ସମାଧାନ ହୋଇପାରିଛି ଏବଂ ଏବେ ଏହା ସ୍ଥିର ହୋଇଛି। ତେବେ ନୂଆ ଦାଖଲ ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ ବୋଲି ଘୋଷଣା କରାଯାଇଛି। ବ୍ୟବସାୟୀ, ଉଦ୍ୟୋଗ ଜଗତ ଏହି ବ୍ୟବସ୍ଥା ପ୍ରତି ସମ୍ପୂର୍ଣ୍ଣ ସଚେତନ ନ ହେବା ପର୍ଯ୍ୟନ୍ତ ଏହାକୁ ତରବରିଆ ଭାବେ ଲାଗୁ କରାଯିବା ଅନୁଚିତ ହେବ। ଆର୍ଥିକ ବର୍ଷର ମଧ୍ୟଭାଗରେ ବ୍ୟବସ୍ଥାରେ ପରିବର୍ତ୍ତନ ଅସୁବିଧାର କାରଣ ହୋଇପାରେ। କାରଣ ଆକାଉଣ୍ଟିଂ ବ୍ୟବସ୍ଥାରେ ସଂଶୋଧନର ଆବଶ୍ୟକତା ରହିଛି। ଏକ ଆକଳନରୁ ଜଣାପଡିଛି ଯେ, ଜିଏସ୍‌ଟି ଲାଗୁ ହେବାର ୨ ବର୍ଷ ପରେ ମଧ୍ୟ ରିଟର୍ନ ଦାଖଲ ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନାହିଁ। ହାରାହାରି ୬୦ ପ୍ରତିଶତ ହାରରେ ନିର୍ଦ୍ଧାରିତ ସମୟ ପରେ ଜିଏସ୍‌ଟିଆର-୩ବି ଦାଖଲ କରାଯାଉଛି।

### ଇ-ଇନ୍‌ଭଏସ୍ ବ୍ୟବସ୍ଥା

ଇ-ଇନ୍‌ଭଏସ୍ ବ୍ୟବସ୍ଥା ଲାଗୁ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ଲାଗୁ କରିବା ଦ୍ୱାରା ଅସୁବିଧା ଦ୍ୱିଗୁଣିତ ହେବ। ତେବେ ଜିଏସ୍‌ଟିଏନ୍ ନେଟ୍‌ୱର୍କ ବ୍ରେକ୍ ଡାଉନ ଅର୍ଥାତ ଖରାପ ହେବା ସ୍ଥିତିରେ ଇନ୍‌ଭଏସ୍ କିପରି ଜାରି କରାଯିବ ସେ ନେଇ ସରକାରଙ୍କ ପକ୍ଷରୁ ସ୍ଥିତି ସ୍ପଷ୍ଟ ହେବା ଉଚିତ୍। ଜିଏସ୍‌ଟିଏନ୍ ଖରାପ ହେବା ସ୍ଥିତିରେ ବ୍ୟବସାୟୀମାନେ ଇନ୍‌ଭଏସ୍ ଜାରି କରିବା ବନ୍ଦ କରିଦେବେ କି?

### ରିଫଣ୍ଡ୍

ରିଫଣ୍ଡ ପ୍ରକ୍ରିୟା ଅନେକାଂଶରେ ସରଳ ହେଲାଣି ଓ ଧାରାରେ ପଡିଲାଣି। ରପ୍ତାନିକାରୀମାନେ ସୀମାଶୁଳ୍କ ବିଭାଗରୁ ସିଧାସଳଖ ସେମାନଙ୍କ ରିଫଣ୍ଡ ପାଇବା ଆରମ୍ଭ କଲେଣି। ସେମାନଙ୍କୁ ୯୦% ପର୍ଯ୍ୟନ୍ତ ରିଫଣ୍ଡ ତୁରନ୍ତ ମିଳିଯାଉଛି। ଜିଏସ୍‌ଟି ରିଫଣ୍ଡରେ ବିଳମ୍ବ କାରଣରୁ କାର୍ଯ୍ୟକାରୀ ଅର୍ଥକୁ ନେଇ ଥିବା ବିବାଦ ଅନେକାଂଶରେ ସମାଧାନ ହୋଇଗଲାଣି। ତେବେ ସମସ୍ତ ରିଫଣ୍ଡର ଯାଞ୍ଚ କରାଯିବ ବୋଲି ନିକଟରେ ସରକାରଙ୍କ ପକ୍ଷରୁ ଏକ ବିବୃତି ଜାରି କରାଯିବା ପରେ ରପ୍ତାନିକାରୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି।

### ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଯାଞ୍ଚ

ବ୍ୟବସାୟୀମାନେ ଦାବି କରିଥିବା ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟକୁ ପର୍ଯ୍ୟାୟକ୍ରମେ ଜିଏସ୍‌ଟିଏନ୍ ସହ ଯାଞ୍ଚ କରିବା ଲାଗି ସରକାରଙ୍କ ନିଷ୍ପତ୍ତି ଯୋଗୁ ବ୍ୟବସାୟୀ ଓ ଉଦ୍ୟୋଗ ଜଗତରେ ଅସନ୍ତୋଷ ଭରି ରହିଛି। ତେବେ ଜିଏସ୍‌ଟିଏନ୍‌ରେ ଦର୍ଶାଯାଇଥିବା ଜିଏସ୍‌ଟି ରିଟର୍ନ, ଜିଏସ୍‌ଟିଆର୍୨ଏର ତଥ୍ୟ ଦିଆଯାଉଥିବା ନୋଟିସ ସହ ମେଳ ଖାଉ ନ ଥିବାରୁ ଉଦ୍ୟୋଗ ଜଗତ ସର୍ବଦା ଦ୍ୱନ୍ଦ୍ୱରେ ରହୁଛି। କେଉଁ ତଥ୍ୟ ଆଧାରରେ ନୋଟିସ ଦିଆଯାଉଛି, ତାହା ମଧ୍ୟ ଆୟକର ଅଧିକାରୀ ସ୍ପଷ୍ଟ କରୁନାହାନ୍ତି।

### ବାରମ୍ବାର ନିୟମ ପରିବର୍ତ୍ତନ

ଜିଏସ୍‌ଟି ଆଦାୟ ବୃଦ୍ଧି ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସହଜ ତଥା ସରଳ କରିବା ଲାଗି ଜିଏସ୍‌ଟି କାଉନସିଲ୍ ପକ୍ଷରୁ ବାରମ୍ବାର ନିଷ୍ପତ୍ତି ନିଆଯାଉଛି। ଫଳରେ ନିୟମରେ ଏକାଧିକ ଥର ପରିବର୍ତ୍ତନ ହେଉଛି। ତେବେ ସ୍ପଷ୍ଟତା ପାଇଁ ନିୟମରେ ସଂଶୋଧନ ହେବା ଜରୁରୀ। କିନ୍ତୁ ଏହାଦ୍ୱାରା ନିଷ୍ପତ୍ତି ନେବା ପ୍ରଭାବିତ ହେଉଛି।

#### ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଲା

ଜୁନ୍‌ରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଆସିଛି। ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଏହି ମାସରେ ୯୯,୯୩୯ କୋଟି ଟଙ୍କା ଆଦାୟ ହୋଇଛି। ଗତବର୍ଷର ଏହି ଅବଧିରେ ଜିଏସ୍‌ଟି ଆଦାୟ ୯୫,୬୧୦ କୋଟି ଟଙ୍କା ଥିଲା। ଚଳିତବର୍ଷ ମେ'ରେ ୧ ଲକ୍ଷ ୨୮୯କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ଏଥିରେ ୧୮,୩୬୬ କୋଟି ଟଙ୍କା ସିଜିଏସ୍‌ଟି, ୨୫,୩୪୩ କୋଟି ଟଙ୍କା ଏସ୍‌ଜିଏସ୍‌ଟି, ଆଇଜିଏସ୍‌ଟି ୪୭,୭୭୨ କୋଟି ଟଙ୍କା ଏବଂ ସେସ୍ ବାବଦରେ ୮,୪୫୭ କୋଟି ଟଙ୍କା ସାମିଲ ହୋଇଛି।

ରିଏଲ ଇଷ୍ଟେଟ ସେକ୍ଟରରେ ନୂଆ ସ୍କିମ୍ ଲାଗୁ କରାଯାଇଥିବା ବେଳେ ଏଥିରେ କେତେକ ସର୍ତ୍ତାରୋପ କରାଯାଇଛି। ବିଲ୍ଡର ଓ ରିଏଲ ଇଷ୍ଟେଟ୍ ଡେଭଲପ୍‌ର କେଉଁ ନିୟମକୁ ଆପଣାଇବେ, ସେନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି।

### ସେସ୍ ଲାଗୁ କରିବା

ଜିଏସ୍‌ଟି କାଉନସିଲ୍ ପ୍ରଥମଥର କେରଳ ପ୍ରାକୃତିକ ବିପର୍ଯ୍ୟୟ ସେସ୍ ଲାଗୁ କରିଛି। ଏହାକୁ ନେଇ ଚିନ୍ତା ବଢ଼ିଯାଇଛି। କାରଣ ଜନକଲ୍ୟାଣ ଲାଗି ଅନ୍ୟ ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଏଭଳି ସେସ୍ ଲାଗୁ କରିବାକୁ ପଛାଇବେ ନାହିଁ।

### ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ

ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଜିଏସ୍‌ଟି ଯୁଗ ଆରମ୍ଭ ପୂର୍ବରୁ ବ୍ୟବସାୟୀ ଓ ଟିକସ ଅଧିକାରୀଙ୍କ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ହୋଇଛି। ସାମାନ୍ୟ ତ୍ରୁଟି, ନିୟମର ଦ୍ୱାହି ଦେଇ ଟିକସ ଅଧିକାରୀମାନେ ବ୍ୟବସାୟୀଙ୍କଠାରୁ ଟିକସ ଆଦାୟ କରୁଛନ୍ତି, ଯାହାକୁ ସେମାନେ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ବିଭିନ୍ନ ଅଦାଲତ ପକ୍ଷରୁ ମଧ୍ୟ ପ୍ରକାଶିତ ରାୟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଛୋଟ ଭୁଲ୍ ପାଇଁ ବ୍ୟବସାୟୀଙ୍କଠାରୁ ଜବରଦସ୍ତ ଟିକସ ଆଦାୟ ନ କରିବା ଲାଗି ଅଦାଲତଗୁଡ଼ିକ ରାୟ ଦେଇଥିଲେ ମଧ୍ୟ ଏଭଳି ପ୍ରକ୍ରିୟା ଜାରି ରହିଛି।

### ସରକାରଙ୍କ ସମ୍ମୁଖରେ ଆହ୍ୱାନ

ଜିଏସ୍‌ଟି ବିବାଦ ବିଶେଷଜ୍ଞ ଅଶୋକ ବତ୍ରାଙ୍କ କହିବାନୁଯାୟୀ, ବିଗତ ୨ ବର୍ଷ ମଧ୍ୟରେ ଟିକସଦାତା ଏବଂ ରାଜସ୍ୱ ଆଦାୟ ମଧ୍ୟରେ ସନ୍ତୁଳନ କାଏମ ରଖିବାରେ ସରକାର ଅନେକାଂଶରେ ସଫଳ ହୋଇଛନ୍ତି। ସମସ୍ୟା ସୃଷ୍ଟି ହେବା ମାତ୍ରେ ଏହା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ମଧ୍ୟ ଟିକସ ଆଦାୟ ଏବେ ସୁଦ୍ଧା ଏକ ବଡ଼ ଆହ୍ୱାନ ହୋଇଛି। ଏଥିଲାଗି ଜାଲ୍ ବିଲ୍ ପ୍ରଦାନକୁ କାବୁ କରିବାକୁ ହେବ। ବ୍ୟବସାୟୀ ଓ ଅଧିକାରୀଙ୍କ ମଧ୍ୟରେ ମାନସିକତାରେ ପରିବର୍ତ୍ତନ କରିବା ଲାଗି ଟ୍ରେନିଂର ଆବଶ୍ୟକତା ରହିଛି। ଜିଏସ୍‌ଟି କନସଲଟାଣ୍ଟ ସୁଧୀର ହାଲାଖଣ୍ଡି କହିଛନ୍ତି ଯେ, ଅଦ୍ୟାବଧି ଅଧିକାଂଶ ବିବାଦ କ୍ଷେତ୍ରରେ ସରକାର ଟାଳିବା ମନୋବୃତ୍ତି ଆପଣାଉଛନ୍ତି। ମାସିକ ରିଟର୍ନରୁ ଆରମ୍ଭ କରି ବାର୍ଷିକ ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବା ଏହାର ପ୍ରମାଣ ଦିଏ। ଆର୍‌ସିଏମ୍ ମଧ୍ୟ ଏଭଳି ଏକ ସମସ୍ୟା, ଯାହାର ସମାଧାନ ସରକାରଙ୍କୁ ଶୀଘ୍ର କରିବାକୁ ହେବ। ଏବେ ସରକାରଙ୍କୁ ଟାଳିବା ଛାଡ଼ି ସମାଧାନ ପନ୍ଥା ଆପଣାଇବାକୁ ହେବ।

ଭାରତ ଭଳି ବିଶାଳ ଦେଶରେ ଜିଏସ୍‌ଟିକୁ ଲାଗୁ କରିବା ଏକ ବଡ଼ ଉପଲବ୍ଧି କୁହାଯାଇପାରେ। ପ୍ରତ୍ୟେକ ବ୍ୟବସ୍ଥାରେ ଆହ୍ୱାନ ଆସିଥାଏ। ଟିକସ ଫାଙ୍କି ବଦଳରେ କେବଳ ସାମାନ୍ୟ ତ୍ରୁଟି ପାଇଁ ଟିକସଦାତାଙ୍କୁ ଦଣ୍ଡିତ କରାଯିବା ବନ୍ଦ ହେବା ଦରକାର। ପରୋକ୍ଷ ବ୍ୟବସ୍ଥା ଅଧିକ ଶକ୍ତିଶାଳୀ କରାଯିବା ସହ ଆଇନରେ ସ୍ୱଳ୍ପ ପରିବର୍ତ୍ତନ ଓ ଜିଏସ୍‌ଟିଏନ୍‌କୁ ଅଧିକ କାର୍ଯ୍ୟକାରୀ କରାଗଲେ ଏହା ସଫଳତାର ଯାତ୍ରା ଆଗକୁ ବଢ଼ିବ ଏଥିରେ ସନ୍ଦେହ ନାହିଁ।

---

## ମୁଦ୍ରାଲୋନ୍ ଆକାଉଣ୍ଟରେ ୨୩୧୩ ଠକେଇ

ନୂଆଦିଲ୍ଲୀ, ୧-୭

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆକାଉଣ୍ଟ (ପିଏମ୍‌ଏମ୍‌ୱାଇ) ଆକାଉଣ୍ଟରେ ୨୩୧୩ ଠକେଇ ସାମ୍ନାକୁ ଆସିଛି। ୨୦୧୬-୧୭ ଆର୍ଥିକ ବର୍ଷ ପରଠାରୁ ଏହି ମାମଲାଗୁଡିକ ସାମ୍ନାକୁ ଆସିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକସଭାକୁ ଏକ ଲିଖିତ ଉତ୍ତରରେ ସୋମବାର ସୂଚନା ଦେଇଛନ୍ତି। ମୁଦ୍ରା ଋଣ ଯୋଜନା ଆରମ୍ଭ ହେବା ପରଠାରୁ ଚଳିତ ବର୍ଷ ଜୁନ ୨୧ ପର୍ଯ୍ୟନ୍ତ ବ୍ୟାଙ୍କଗୁଡିକ ୧୯ କୋଟିରୁ ଊର୍ଦ୍ଧ୍ୱ ଋଣ ମଞ୍ଜୁର କରିଛନ୍ତି। ଏହି ମାମଲାଗୁଡିକରେ ତଦନ୍ତ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ମାମଲାଗୁଡିକରେ ବ୍ୟାଙ୍କର ୧୦୩ କର୍ମଚାରୀ ଜଡ଼ିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୬୮ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତାମିଲନାଡୁରେ ସର୍ବାଧିକ ୩୪୪ ଠକେଇ ମାମଲା ସାମ୍ନାକୁ ଆସିଛି। ଦ୍ୱିତୀୟ ସ୍ଥାନରେ ଛତିଶଗଡ ରହିଛି। ଏଠାରେ ୨୭୫ ଠକେଇ ହୋଇଥିବା ବେଳେ ତୃତୀୟ ସ୍ଥାନରେ ଥିବା ଆନ୍ଧ୍ରପ୍ରଦେଶରେ ୨୪୧ ମାମଲା ଆସିଛି।

ସେହିଭଳି ଏକ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ମୋଟ ଋଣ ମଧ୍ୟରୁ ୨୦୧୭-୧୮ରେ ୨.୫୨% ଏନ୍‌ପିଏ ଥିବା ବେଳେ ଏହା ୨୦୧୮-୧୯ରେ ୨.୬୮% ରହିଛି। ସୂଚନା ମୁତାବକ ମୁଦ୍ରା ଋଣର ଶିଶୁ ଶୃଙ୍ଖଳାରେ ଏନ୍‌ପିଏ ହ୍ରାସ ଘଟୁଛି। ଏହା ୨୦୧୬-୧୭ରେ ୪.୧୪% ରହିଥିଲା ବେଳେ ୨୦୧୭-୧୮ରେ ୧.୯୩% ଏବଂ ୨୦୧୮-୧୯ରେ ୧.୨୯%କୁ ଖସିଛି। ପ୍ରଦାନ କରାଯାଇଥିବା ଋଣର ଅସୁଲ ଲାଗି ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କର ନିୟମକୁ ପାଳନ କରୁଥିମା ସୀତାରାମନ କହିଛନ୍ତି। ମୁଦ୍ରା ଋଣ ଯୋଜନାରେ ବର୍ତ୍ତମାନ ଶିଶୁ, କିଶୋର ଏବଂ ତରୁଣ ବର୍ଗରେ ଋଣ ପ୍ରଦାନ କରାଯାଉଛି।

## ବନ୍ଦ ହୋଇଛି ୬.୮ ଲକ୍ଷ କମ୍ପାନୀ

ନୂଆଦିଲ୍ଲୀ, ୧-୭

ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ମୋଟ ୬.୮ ଲକ୍ଷ କମ୍ପାନୀ ବନ୍ଦ ହୋଇଛି। ଦେଶ ମଧ୍ୟରେ ୧୮.୯୪ ଲକ୍ଷ କମ୍ପାନୀ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ ଅଧୀନରେ ପଞ୍ଜୀକୃତ ଥିବାବେଳେ ଏଗୁଡିକ ମଧ୍ୟରୁ ୩୬.୦୭% କମ୍ପାନୀ ବନ୍ଦ ହୋଇଛି। ବନ୍ଦ କମ୍ପାନୀଗୁଡିକ ମଧ୍ୟରେ ମହାରାଷ୍ଟ୍ରର ୧.୪୨ ଲକ୍ଷ କମ୍ପାନୀ ରହିଛି। ସେହିଭଳି ଦିଲ୍ଲୀର ୧.୨୫ ଲକ୍ଷ, ପଶ୍ଚିମବଙ୍ଗର ୬୭,୦୦୦ କମ୍ପାନୀ ରହିଛି। ସିକିମର କୌଣସି କମ୍ପାନୀ ବନ୍ଦ ହୋଇ ନାହିଁ। ଲଗାତର ଭାବେ ଦୁଇ ଆର୍ଥିକ ବର୍ଷଧରି ରିଟର୍ନ ଫାଇଲ ଏବଂ ଆର୍ଥିକ ପ୍ରମାଣପତ୍ର ଦାଖଲ କରି ନ ଥିବା କମ୍ପାନୀଗୁଠିକର ପଞ୍ଜୀକରଣ ବାଦ ଦେବା ଲାଗି ସରକାର ସ୍ୱତନ୍ତ୍ର ପଦକ୍ଷେପ ମାନ ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହାବାଦ ଭୂତ କମ୍ପାନୀଗୁଡିକର ପଞ୍ଜୀକରଣ ବାତିଲ ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, କମ୍ପାନୀ ଆଇନରେ ଭୂତ କମ୍ପାନୀ ଶବ୍ଦ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇ ନାହିଁ। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ୨୪୪୮ କମ୍ପାନୀ ପଞ୍ଜୀକରଣ କରିଥିବା ସେ କହିଛନ୍ତି।

## ଡେପୁଟି ଗଭର୍ନର ଭାବେ ବିଶ୍ୱନାଥନଙ୍କୁ ପୁନଃନିଯୁକ୍ତି



ମୁମ୍ବାଇ, ୧-୭

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ଏନ୍.ଏସ୍.ବିଶ୍ୱନାଥନଙ୍କୁ ଆହୁରି ଏକ ବର୍ଷ ପାଇଁ ପୁନଃନିଯୁକ୍ତ କରାଯାଇଛି। ଦ୍ୱିତୀୟଥର ପାଇଁ ସେ ଏହି ଦାୟିତ୍ୱରେ ରହିଛନ୍ତି। ଏଥିପୂର୍ବରୁ ତାଙ୍କୁ ୪ ଜୁଲାଇ ୨୦୧୬ରେ କେନ୍ଦ୍ରୀୟ ବ୍ୟାଙ୍କର ଡେପୁଟି ଗଭର୍ନର ଭାବେ ୩ ବର୍ଷ ପାଇଁ ନିଯୁକ୍ତ କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ଜୁଲାଇ ୩ରେ ଶେଷ ହୋଇଥାନ୍ତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ ନିଯୁକ୍ତି କମିଟି ବିଶ୍ୱନାଥନଙ୍କ ନିଯୁକ୍ତିକୁ ମୋହର ମାରିଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ବିଶ୍ୱନାଥନ ଜୁଲାଇ ୪ରୁ ପୁନର୍ବାର ନୂଆ ଦାୟିତ୍ୱରେ ରହିବେ। ଆର୍‌ବିଆଇ ଗଭର୍ନରଙ୍କ ଅଧୀନରେ ୪ ଜଣ ଡେପୁଟି ଗଭର୍ନର ରହିଥାନ୍ତି। ବିରଲ ଆଚାର୍ଯ୍ୟଙ୍କ ଇସ୍ତଫା ପରେ ବିଶ୍ୱନାଥନ, ବି.ପି. କାନୁନଗୋ ଓ ଏମ୍.କେ. ଜୈନ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ ତୁଲାଉଛନ୍ତି। ଏମାନଙ୍କ ମଧ୍ୟରେ ବିଶ୍ୱନାଥନ ସର୍ବବରିଷ୍ଠ ରହିଛନ୍ତି।

# ଭାରତ ପାଇଁ ମିଡ୍ଲ ଅର୍ଡର ଚିନ୍ତା

**ବର୍ମିଂହାମ, ୧୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଗୋଟିଏ ଦିନର ବିଶ୍ରାମ ପରେ ପୁଣି ଏକ ମ୍ୟାଚ୍ ଖେଳିବ ବିରାଟ ବାହିନୀ। ରବିବାର ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଥିବା ବିରାଟ ବାହାନୀ ମଙ୍ଗଳବାର ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶକୁ ଭେଟିବାକୁ ଯାଉଛି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଏହି ମୁକାବିଲା ଅନୁଷ୍ଠିତ ହେବ। ସେମିଫାଇନାଲକୁ ନଜର ପକାଇଲେ ଉଭୟ ଭାରତ ଓ ବାଂଲାଦେଶ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ଭାରତ ଏହି ମ୍ୟାଚ୍ ଜିତିଲେ ସେମିଫାଇନାଲରେ ଏହାର ସ୍ଥାନ ସୁନିଶ୍ଚିତ କରିବ। ଅପରପକ୍ଷରେ ଏବେବି ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିବା ବାଂଲାଦେଶ ଏହି ମ୍ୟାଚ୍ ଜିତି ଆଉପାଦେ ଆଗେଇବା ଲକ୍ଷ୍ୟରେ ରହିଛି। ତେଣୁ ମଙ୍ଗଳବାର କ୍ରିକେଟ୍‌ପ୍ରେମୀ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ପାଇବେ।

ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଭାରତ ପାଇଁ ମିଡ୍ଲ ଅର୍ଡର ଚିନ୍ତାଜନକ ବିଷୟ ହୋଇଛି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କେଦାର ଯାଦବ ଓ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନେଇ ସନ୍ଦେହ ପ୍ରକାଶ ପାଇଛି। ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ତଥା ମ୍ୟାନ୍ ଇନ୍ ଫର୍ମ ଭୁବନେଶ୍ୱର କୁମାର ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ସୁଯୋଗ ଦେବାର ଯଥେଷ୍ଟ ସମ୍ଭାବନା ରହିଛି।



ଅଭ୍ୟାସ୍ ଅବସରରେ ଶାକିବ ଅଲ୍ ହାସନ।

**ଆଜି ବାଂଲା ଟେଷ୍ଟ**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୫ ବିଜୟ ସହ ୧୧ ପଏଣ୍ଟ ପାଇ ଟେବୁଲ ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ବିପକ୍ଷରେ ବିଜୟ ହାସଲ କଲେ ଦଳ ସହଜରେ ଅନ୍ତିମ-୪ରେ ସ୍ଥାନ ପକ୍କା କରିବ। କିନ୍ତୁ ଇଂଲଣ୍ଡ ବିପକ୍ଷ ପରାଜୟର ଗୋଟିଏ ଦିନ ପରେ ଏହି ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଭାରତ ସାମାନ୍ୟ ଚାପରେ ରହିବ। ମଧ୍ୟକ୍ରମରେ କେଦାରଙ୍କ ସମେତ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମଧ୍ୟ ଫିନିଶର୍ ଭାବେ ପ୍ରଭାବୀ ପ୍ରଦର୍ଶନ ଛାଡ଼ିବାରେ ବିଫଳ ହୋଇଛନ୍ତି। ଆୟୋଜକ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ର ଉଭୟ ଧୋନୀ ଓ ଯାଦବ କ୍ରିଜରେ ରହିଥିବାବେଳେ ଭାରତ ଶେଷ ୫ ଓଭରରେ ମାତ୍ର ୩୯ ରନ କରିବାକୁ ସମର୍ଥ ହୋଇଥିଲା। ଉଭୟ ବ୍ୟାଟ୍ସମ୍ୟାନ ବଡ଼ ଶଟ୍ ଖେଳିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ କେଦାରଙ୍କ ସ୍ଥାନ ଏବେ ଅସୁରକ୍ଷିତ ହୋଇଛି। ଟିମ୍ ମ୍ୟାନେଜମେଣ୍ଟ ପ୍ରଥମଥର ଲାଗି ଚଳିତ ବିଶ୍ୱକପ୍‌ରେ ଜାଡେଜାଙ୍କୁ ଦଳରେ ସାମିଲ କରିପାରନ୍ତି। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ତୁଳନା କଲେ କେଦାରଙ୍କ ବିପକ୍ଷରେ ଜାଡେଜାଙ୍କ ପଲା ଭାରି ରହିବ। କେଦାରଙ୍କ ଅପେକ୍ଷା ଜାଡେଜା ନିମ୍ନକ୍ରମରେ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖୁଛନ୍ତି। ସେହିଭଳି ତାଙ୍କର ଉଇକେଟ୍ ଟୁ ଉଇକେଟ୍ ସ୍ପିନ ବୋଲିଂ ଏବଂ ଫିଲ୍ଡର ଯେ କୌଣସି ସ୍ଥାନରେ କ୍ଷେତ୍ରରକ୍ଷଣ କରିବାର ସାମର୍ଥ୍ୟ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଚୟନ କରିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏକ ଭଲ ବିକଳ୍ପ। ସେହିଭଳି ତାମିମ ଇକବାଲ, ଶାକିବ ଅଲ୍ ହାସନ, ମୁସଫିକର ରହିମ, ଲିଟନ ଦାସ ଓ ମହମ୍ମଦୁଲ୍ଲାଙ୍କ ପରି ଦକ୍ଷ ବ୍ୟାଟ୍ସମ୍ୟାଙ୍କ ସାମ୍ନାରେ ୨ ରିଷ୍ଟ ସ୍ପିନରଙ୍କ ମଧ୍ୟରୁ ଜଣଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇପାରେ। ପୂର୍ବ ମ୍ୟାଚରେ ୮୮ ରନ୍ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିବା ଚହଲଙ୍କୁ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷରେ ଭୁବନେଶ୍ୱର ଫିଟ୍ ହୋଇଯାଇଥିବାରୁ ଭାରତ ପ୍ରଥମଥର ଲାଗି ଟୁର୍ନାମେଣ୍ଟରେ ୩ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାର ମଧ୍ୟ ଆଶା କରାଯାଉଛି।

ଅପରପକ୍ଷରେ ମାଶ୍ରାଫି ମୋର୍ତ୍ତାଜାଙ୍କ ନେତୃତ୍ୱାଧୀନ ବାଂଲାଦେଶ ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୩ ବିଜୟ ଓ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ୬ ନମ୍ବର ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ପାଇଁ ଦଳକୁ ଏହାର ଅନ୍ତିମ ୨ ମ୍ୟାଚ୍‌ରେ ବିଜୟ ଆବଶ୍ୟକ ହେଉଛି। ଯଦି ବାଂଲାଦେଶ ଭାରତ ନିକଟରୁ ପରାସ୍ତ ହୁଏ ତେବେ ସେମିଫାଇନାଲରୁ ବାଦ୍ ପଡ଼ିବା ଏକପ୍ରକାର ନିଶ୍ଚିତ। ଶାକିବ ଟୁର୍ନାମେଣ୍ଟରେ ୪୭୬ ରନ ସହ ୧୦ ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ଫର୍ମରେ ରହିଥିବାରୁ ସେ ଭାରତ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରନ୍ତି।

## ଦୁଇଦେଶ ମଧ୍ୟରେ ଦିନିକିଆ ରେକର୍ଡ

ମୋଟ୍ ମ୍ୟାଚ୍- ୩୫
ଭାରତ ଜିତିଛି- ୨୯
ବାଂଲାଦେଶ ଜିତିଛି- ୫
ବିନା ଫଳାଫଳ- ୧
ସର୍ବାଧିକ ଦଳଗତ ସ୍କୋର- ୩୭୦/୪ (ଭାରତ, ୨୦୧୧)
ସର୍ବନିମ୍ନ ଦଳଗତ ସ୍କୋର- ୫୮/୧୦ (ବାଂଲାଦେଶ, ୨୦୧୪)
ସର୍ବାଧିକ ରନ୍ ସଂଗ୍ରହକାରୀ- ବିରାଟ କୋହଲି (୬୫୪ ରନ)
ବ୍ୟକ୍ତିଗତ ସର୍ବାଧିକ ସ୍କୋରର- ବୀରେନ୍ଦ୍ର ସେହ୍ୱାଗ (୧୭୫ ରନ, ୨୦୧୧)
ଦୁଇଦେଶ ମଧ୍ୟରେ ମୋଟ୍ ଶତକ- ୧୭
ସର୍ବାଧିକ ଶତକ- ବିରାଟ କୋହଲି (୩)

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ରବୀନ୍ଦ୍ର ଜାଡେଜା, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲ।
- **ବାଂଲାଦେଶ:** ମାଶ୍ରାଫି ମୋର୍ତ୍ତାଜା (ଅଧିନାୟକ), ତାମିମ ଇକବାଲ, ସୌମ୍ୟ ସରକାର, ଶାକିବ ଅଲ୍ ହାସନ, ମୁସଫିକର ରହିମ (ଉଇକେଟ୍‌କିପର), ମହମ୍ମଦୁଲା ରିୟାଦ, ଶବିର ରହମାନ, ମେହିଦୀ ହାସନ ମିରାଜ, ମୋସାଡେକ ହୋସେନ, ମହମ୍ମଦ ସୈଫଉଦ୍ଦିନ, ମୁସ୍ତାଫିଜୁର ରେହମାନ, ରୁବେଲ ହୋସେନ, ଲିଟନ ଦାସ, ଆବୁ ଜାୟଦ ଓ ମହମ୍ମଦ ମିଥୁନ

## ବିଶ୍ୱକପ୍‌ରେ ଭାରତ-ବାଂଲାଦେଶ

| ସମୟ | ଫଳାଫଳ | ବ୍ୟବଧାନ | ସ୍ଥାନ | ମ୍ୟାନ୍ ଅଫ୍ ଦି ମ୍ୟାଚ୍ |
|---|---|---|---|---|
| ୧୭ ମାର୍ଚ୍ଚ ୨୦୦୭ | ବାଂଲାଦେଶ ବିଜୟୀ | ୫ ଉଇକେଟରେ | ପୋର୍ଟ ଅଫ୍ ସ୍ପେନ | ମାଶ୍ରାଫି ମୋର୍ତ୍ତାଜା |
| ୧୯ ଫେବୃୟାରୀ ୨୦୧୧ | ଭାରତ ବିଜୟୀ | ୮୭ ରନ | ମିରପୁର | ବୀରେନ୍ଦ୍ର ସେହ୍ୱାଗ |
| ୧୯ ମାର୍ଚ୍ଚ ୨୦୧୫ | ଭାରତ ବିଜୟୀ | ୧୦୯ ରନ | ମେଲବୋର୍ନ | ରୋହିତ୍ ଶର୍ମା |

## ବିଜୟ ଆଉଟ୍, ମୟଙ୍କଙ୍କୁ ଡାକରା



ମୟଙ୍କ ଅଗ୍ରୱାଲ

**ବର୍ମିଂହାମ, ୧୭(ପି.ଟି.)**

ଆଘାତଜନିତ ସମସ୍ୟା ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ପିଛା ଛାଡୁନାହିଁ। ସଦ୍ୟତମ ଖେଳାଳିଭାବେ ଅଲ୍‌ରାଉଣ୍ଡର ବିଜୟ ଶଙ୍କର ଆହତ ହୋଇ ବିଶ୍ୱକପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ବିଜୟଙ୍କ ସ୍ଥାନରେ ବଦଳ ଖେଳାଳିଭାବେ କର୍ନାଟକ ଷ୍ଟାଇଲିସ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲଙ୍କୁ ଦଳ ସହ ଯୋଗଦେବା ପାଇଁ ଡାକରା ମିଳିଛି। ଫଳରେ ମୟଙ୍କ ଦିନିକିଆ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଆଘାତଜନିତ ସମସ୍ୟା ଲାଗି ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡ଼ିବାରେ ଶଙ୍କର ୨ୟ ଭାରତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଇନ୍‌ଫର୍ମ ଓପନର୍ ଶିଖର ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଅବସରରେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇ ବିଶ୍ୱକପ୍‌ରୁ ବିଦା ହୋଇଥିଲେ। ତାଙ୍କ ସ୍ଥାନରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଦଳ ସହ ଯୋଗଦେଇଥିଲେ।

'ଜୁନ୍ ୧୯ରେ ସାଉଥାମ୍ପଟନରେ ନେଟ୍ସରେ ବ୍ୟାଟିଂ କରୁଥିବାବେଳେ ବିଜୟ ଶଙ୍କରଙ୍କ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ବଲ୍ ବାଜିଥିଲା। ଏହାସତ୍ତ୍ୱେ ପରେ ସେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଜୁନ୍ ୨୭ ମ୍ୟାଚ୍ ପରେ ତାଙ୍କର ଆଘାତଜନିତ ସମସ୍ୟା ଆହୁରି ଗୁରୁତର ହୋଇଥିଲା। ସିଟି ସ୍କାନ ପରେ ତାଙ୍କ ଆଙ୍ଗୁଠିରେ ଗୁରୁତର ସମସ୍ୟା ଥିବା ସ୍ପଷ୍ଟ ହୋଇଥିଲା। ଫଳରେ ତାଙ୍କୁ ଅତିକମ୍‌ରେ ୩ ସପ୍ତାହ ବିଶ୍ରାମ ଆବଶ୍ୟକ ହୋଇଛି ଏବଂ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଛି' ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଶଙ୍କରଙ୍କ ସ୍ଥାନରେ ଅଗ୍ରୱାଲଙ୍କୁ ବଦଳ ଖେଳାଳିଭାବେ ଦଳରେ ନେବା ପାଇଁ ବିସିସିଆଇ ପକ୍ଷରୁ ଯେଉଁ ଅନୁରୋଧ କରାଯାଇଥିଲା ତାହାକୁ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ଅନୁମୋଦନ କରିଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

କର୍ନାଟକ ଡାହାଣହାରତୀ ବ୍ୟାଟ୍ସମ୍ୟାନ ମୟଙ୍କ ଗତ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ ମଧ୍ୟ ଦିନିକିଆରେ ଖେଳିବାର ସୁଯୋଗ ପାଇ ନାହାନ୍ତି। ନିକଟରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଭାରତ-ଏ'କୁ ଚାମ୍ପିୟନ କରାଇବାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୋଗୁ ୨୮ ବର୍ଷୀୟ ମୟଙ୍କ ନାମକୁ ଚୟନକର୍ତ୍ତାମାନେ ମୋହର ମାରିଛନ୍ତି। ଫଳରେ ମୟଙ୍କ ଏବେ ରୋହିତ୍‌ଙ୍କ ସହ ଇନିଂସ ଓପନ୍ କରିବା ସମ୍ଭାବଦା ସୃଷ୍ଟି ହୋଇଛି। ଯଦି ରିଷଭ ପନ୍ତ ଆଗାମୀ ୨ ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି ତେବେ ବର୍ତ୍ତମାନ ଇନିଂସ ଓପନ୍ କରୁଥିବା ଲୋକେଶ ରାହୁଲଙ୍କୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ଏବଂ ମୟଙ୍କଙ୍କୁ ରୋହିତ୍‌ଙ୍କ ସହ ଇନିଂସ ଆରମ୍ଭ ପାଇଁ ସୁଯୋଗ ଦିଆଯାଇପାରେ।

## ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ନ ଥିଲା

**କରାଚୀ, ୧୭ (ପି.ଟି.):** ରବିବାର ଇଂଲଣ୍ଡ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ଭାରତର ପ୍ରଦର୍ଶନକୁ ନେଇ କେତେଜଣ ପ୍ରଶ୍ନ ଉଠାଇଛନ୍ତି। ମ୍ୟାଚରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ନ ଥିବା ସେମାନେ କହିଛନ୍ତି। ଇଂଲଣ୍ଡ ଯଦି ଏହି ମ୍ୟାଚରେ ପରାଜିତ ହୋଇଥାନ୍ତା ତେବେ ଦଳ ପାଇଁ ସେମିଫାଇନାଲକୁ ଉନ୍ନୀତ ହେବା କଷ୍ଟକର ହୋଇ ପଡ଼ିଥାନ୍ତା। ମାତ୍ର ଭାରତ ଚେଷ୍ଟା କରିନ ଥିଲା ବୋଲି ପାକିସ୍ତାନର ପୂର୍ବତନ ଖେଳାଳି ଦ୍ୱୟ ସିକନ୍ଦର ବଖତ ଏବଂ ବସିତ୍ ଅଲି ପ୍ରକାଶ କରିଛନ୍ତି। ବସିତ କହିଛନ୍ତି, ବିନା ପ୍ରମାଣରେ ଅବଶ୍ୟ କାହାରି ବିରୋଧରେ ଆମେ ଅଭିଯୋଗ ଆଣିବା ଉଚିତ୍ ହେବନାହିଁ। କିନ୍ତୁ ଖେଳ ପଡ଼ିଆରେ ମୁଁ ଯାହା ଦେଖିଲି, ତାହା ଉପରେ ମତାମତ ରଖୁଛି। ଅନ୍ତିମ ୧୦ ଓଭରରେ ଏମ୍.ଏସ୍. ଧୋନୀ ଯେପରି ବ୍ୟାଟିଂ କଲେ ସେଥିରୁ ଅନେକ କିଛି ଠଉରେଇ ହୋଇଯାଉଛି। କ୍ଲିନ ହିଟର ଭାବେ ପରିଚିତ ଏହି ଖେଳାଳି ଅନ୍ତିମ ଓଭରରେ ମାତ୍ର ଗୋଟିଏ ଛକା ଲଗାଇଥିଲେ। ବୋଧ ହୁଏ ପାକିସ୍ତାନ ସେମିଫାଇନାଲ ଯାଉ ବୋଲି ସେମାନେ ଚାହାନ୍ତି ନାହିଁ। ପୂର୍ବତନ କ୍ରିକେଟର ରଶିଦ ଲତିଫ ମଧ୍ୟ ସମାନ କଥା କହିଛନ୍ତି। ୩୩୮ର କଷ୍ଟସାଧ ବିଜୟ ଲକ୍ଷ୍ୟକୁ ଚେଜ୍ କରିବା ଲାଗି ଭାରତ ପ୍ରୟାସ କରି ନ ଥିଲା ବୋଲି ସେ କହିଛନ୍ତି।

## ଭାରତର ଖେଲୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଲେ ୟୁନିସ

**ଲଣ୍ଡନ,୧୭(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳ ୩୧ ରନ୍‌ରେ ଇଂଲଣ୍ଡଠାରୁ ପରାଜୟବରଣ କରିଛି। ଏଥିନେଇ ପୂର୍ବତନ ପାକିସ୍ତାନ ଅଧିନାୟକ ୱାକର ୟୁନିସ ଟିମ୍ ଇଣ୍ଡିଆର ଖେଲୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି। ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିବା ପାଇଁ ଭାରତୀୟ ଦଳ ଉପରେ ନିର୍ଭର କରୁଥିଲା। ଯଦି ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ର ଫଳାଫଳ ଭାରତୀୟ ଦଳ ସପକ୍ଷରେ ରହିଥାନ୍ତା, ତେବେ ସର୍ଫରାଜ ଅହମ୍ମଦଙ୍କ ଦଳ ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ଥାନ ପାଇବା ସମ୍ଭାବନା ବୃଦ୍ଧି ପାଇଥାନ୍ତା। ୩୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ସମ୍ପୂର୍ଣ୍ଣ ୫୦ ଓଭର ଖେଳି ୫ ଉଇକେଟ ହରାଇ ୩୦୬ ରନ୍ କରିପାରିଥିଲା। ଭାଷ୍ୟକାର ତଥା ପୂର୍ବତନ କୋଚ୍ ୟୁନିସ ଟୁଇଟ୍ କରିଛନ୍ତି, ତୁମେ କିଏ ଗୁରୁତ୍ୱପୂର୍ଣ୍ଣ ନୁହେଁ। କାର୍ଯ୍ୟ ତୁମକୁ ପରିଚୟ ଦିଏ। ପାକିସ୍ତାନ ଦଳ ସେମିଫାଇନାଲରେ ପ୍ରବେଶ କରିବ କି ନାହିଁ, ତାହା ମୋ ପାଇଁ ଚିନ୍ତାର କାରଣ ନୁହେଁ। କିନ୍ତୁ ମୁଁ ନିଶ୍ଚିତ ଯେ, କେତେଜଣ ଚାମ୍ପିୟନ ଖେଳାଳିଙ୍କ ଖେଲୁଆଡ଼ ମନୋଭାବ ପରୀକ୍ଷା ହୋଇଥିଲା। ଆଉ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମ୍ୟାଚ୍ ପୂର୍ବରୁ ପାକିସ୍ତାନକୁ ବିଶ୍ୱକପ୍‌ରୁ ବିଦାକରିବା ଲାଗି ଭାରତୀୟ ଦଳ ଜାଣିଶୁଣି ଇଂଲଣ୍ଡଠାରୁ ପରାଜିତ ହେବ ବୋଲି ପ୍ରାକ୍ତନ ପାକିସ୍ତାନ କ୍ରିକେଟରେ ବାସିତ ଅଲି ଓ ସିକନ୍ଦର ବଖତ ଅଭିଯୋଗ କରିଥିଲେ।



# ଅଭିଷ୍କାଙ୍କ ଶତକ, ଶ୍ରୀଲଙ୍କାର ବିଶାଳ ସ୍କୋର

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୧୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ଶ୍ରୀଲଙ୍କା ଅଭିଷ୍କା ଫର୍ନାଣ୍ଡୋଙ୍କ ଶତକ ସହାୟତାରେ ୬ ଉଇକେଟ ବିନିମୟରେ ୩୩୮ ରନ ସଂଗ୍ରହ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କାର ଆରମ୍ଭ ଉତ୍ସାହଜନକ ଥିଲା। ଫର୍ନାଣ୍ଡୋ ୯ ଚୌକା ଓ ୨ ଛକା ସହ ୧୦୪ ବଲ୍‌ରେ ୧୦୩ ରନ ସଂଗ୍ରହ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଥମ ଖେଳାଳି ହିସାବରେ ସେ ଶତକ ହାସଲ କରିଥିଲେ। ଓପନର କୁସାଲ ପେରେରା ୫୧ ବଲ୍‌ରୁ ୬୪ରନ କରିଥିଲେ। ଏଥିରେ ତାଙ୍କର ୮ଟି ଚୌକା ସାମିଲ ଥିଲା। ଶ୍ରୀଲଙ୍କା ଇନିଂସ ଗଢି ତୋଳିବାରେ ଫର୍ନାଣ୍ଡୋଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ପ୍ରଥମେ କୁଶାଲ ମେଣ୍ଡିସଙ୍କ ସହିତ ପାର୍ଟନରଶିପ୍‌ରେ ୮୫ ରନ ଯୋଗ କରିବାରେ ସହାୟକ ହୋଇଥିଲେ। ପରେ ସେ ଯଥାକ୍ରମେ ଆଞ୍ଜେଲୋ ମାଥ୍ୟୁସ (୨୬) ଏବଂ ଲାହିରୁ ଥିରିମାନେ ( ୩୩ ବଲ୍‌ରୁ ୪୫*ରନ)ଙ୍କ ସହିତ ୫୮ ଓ ୬୭ ରନ ଯୋଗ କରିଥିଲେ। ଯାହା ଫଳରେ ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ପ୍ରଥମ ଥର ୨୫୦ ସ୍କୋର ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛନ୍ତି। ତେଣୁ ଶ୍ରୀଲଙ୍କା ବିନା ଚାପରେ ଏହି ମ୍ୟାଚ ଖେଳିଥିଲା। ଦଳର ଓପନର ଦ୍ୱୟ କରୁଣାରତ୍ନେ ଏବଂ କୁଶାଲ ପେରେରା ହାତଖୋଲା ବ୍ୟାଟିଂ କରି ପ୍ରଥମ ୧୫ ଓଭରରେ ବିନା କୌଣସି ଉଇକେଟରେ ୯୨ ରନ ଯୋଗ କରିଥିଲେ। କରୁଣାରତ୍ନେ (୩୨)ଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା କୁଶାଲ ରନ ଆଉଟ ହୋଇଥିଲେ। ପରେ କୁଶାଲ ମେଣ୍ଡିସ ଏବଂ ଫର୍ନାଣ୍ଡୋ ଶ୍ରୀଲଙ୍କା ସ୍କୋରକୁ ୨୦୦ ପାଖାପାଖି ନେଇ ଯାଇଥିଲେ। ମାତ୍ର ୩୨ତମ ଓଭରରେ ମେଣ୍ଡିସ ଫାବିଏନ ଆଲେନ୍‌ଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ୪୦ତମ ଓଭରରେ ଜାସନ ହୋଲ୍‌ଡରଙ୍କ ଦ୍ୱାରା ବୋଲ୍ଡ ହେବା ପୂର୍ବରୁ ଆଞ୍ଜେଲୋ ମାଥ୍ୟୁସ ୨୦ ବଲ୍‌ରୁ ୨୬ ରନ କରିଥିଲେ। ଫର୍ନାଣ୍ଡୋ ଓ ଥିରିମାନେ ମିଳିତଭାବେ ଶ୍ରୀଲଙ୍କା ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ୪୮ତମ ଓଭରରେ ଫର୍ନାଣ୍ଡୋ କାର୍ଲୋସ ବ୍ରାଥୱେଟ୍‌ଙ୍କ ବୋଲିଂରେ ୨ ରନ ସଂଗ୍ରହ କରି ତାଙ୍କ ଶତକ ପୂରଣ କରିଥିଲେ। କିନ୍ତୁ ଏହା ପରେ ସେ ଶେଲଡନ କୋଟ୍ରେଲଙ୍କ ବୋଲିଂରେ ଆଲେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ୍ ହୋଇଯାଇଥିଲେ।

**ଆଜିର ମ୍ୟାଚ୍**
**ଭାରତ ବନାମ ବାଂଲାଦେଶ**
ସ୍ଥାନ ବର୍ମିଂହାମ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶତକ ହାସଲକାରୀ ଶ୍ରୀଲଙ୍କାର ଅଭିଷ୍କା ଫର୍ନାଣ୍ଡୋ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| ଭାରତ | ୭ | ୫ | ୧ | ୦ | ୧ | ୧୧ | +୦.୮୫୪ |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

### ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା: ୫୦ ଓଭରରେ ୩୩୮/୬ (ଅଭିଷ୍କା ଫର୍ନାଣ୍ଡୋ-୧୦୪, କୁଶାଲ ପେରେରା-୬୪, ଲାହିରୁ ଥିରିମାନେ-୪୫*,କୁଶାଲ ମେଣ୍ଡିସ-୩୯, ଜାସନ ହୋଲ୍‌ଡର-୨/୫୯, ଫାବିଏନ ଆଲେନ୍-୧/୪୪)।

# ଧିମା ବ୍ୟାଟିଂ: ଧୋନୀଙ୍କ ସପକ୍ଷରେ କୋହଲି

**ବର୍ମିଂହାମ, ୧୭:** ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ୩୧ ରନ୍‌ରେ ପରାଜିତ ହୋଇଛି। ଅନ୍ତିମ ଓଭରଗୁଡ଼ିକରେ ମହେନ୍ଦ୍ର ସିଂ ଧୋନୀଙ୍କ ଧିମା ବ୍ୟାଟିଂ ଏହି ପରାଜୟର ମୁଖ୍ୟ କାରଣ ବୋଲି ପୂର୍ବତନ କ୍ରିକେଟର ଓ ପ୍ରଶଂସକ ସମାଲୋଚନା କରୁଛନ୍ତି। ହେଲେ ଭାରତୀୟ ଅଧିନାୟକ ବିରାଟ କୋହଲି ଧୋନୀଙ୍କୁ ସମର୍ଥନ ଦେଇଛନ୍ତି। ଧୋନୀ ବଡ଼ ଶଟ୍ ପାଇଁ ପ୍ରୟାସ କରିଥିଲେ, କିନ୍ତୁ ତାହା ହୋଇ ନ ଥିଲା। ଇଂଲଣ୍ଡ ବୋଲରମାନେ ମାପିଚୁପି ବୋଲିଂ କରିଥିଲେ। ଏଣୁ ଇନିଂସର ଅନ୍ତିମ ଭାଗରେ ବ୍ୟାଟିଂ କରିବା କଷ୍ଟକର ଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଆମେ ଉନ୍ନତ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବୁ ବୋଲି ମ୍ୟାଚ୍ ପରେ କୋହଲି କହିଛନ୍ତି। ସେ ଏଜ୍‌ବାଷ୍ଟନ ଗ୍ରାଉଣ୍ଡକୁ ସମାଲୋଚନା କରି କହିଛନ୍ତି, ଏଭଳି ଫ୍ଲାଟ ପିଚ୍‌ରେ ଟସ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଗ୍ରାଉଣ୍ଡର ଗୋଟିଏ ପକ୍ଷର ସୀମା ବହୁତ ଛୋଟ। ଫଳରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାରତୀୟ ସ୍ପିନରଙ୍କୁ କ୍ରମାଗତ ସୁଇପ ଶଟ୍ ଲଗାଇଥିଲେ। ମାତ୍ର ମିଟର ୫୯ ବାଉଣ୍ଡ୍ରି ଥିବାରୁ ଏଥିରେ ଫିଲ୍ଡର କିମ୍ବା ବୋଲର କିଛି ପାରି ନ ଥିଲେ।



"ପ୍ରଥମଥର ପାଇଁ ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ଭଳି ଉପମହାଦେଶର କ୍ରିକେଟ ସମର୍ଥକମାନେ ଭାରତ ବିଜୟ ଲାଗି ପ୍ରାର୍ଥନା କରିଥିଲେ। ମାତ୍ର ଏହା ହୋଇପାରିଲାନି।
–ସୋଏବ ଅଖତର, ପୂର୍ବତନ ପାକିସ୍ତାନ ଫାଷ୍ଟବୋଲର



"ଆଇସିସି ବିଶ୍ୱକପର ଅବଶିଷ୍ଟ ମ୍ୟାଚ ଗୁଡ଼ିକରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ଉପଯୁକ୍ତ ସହାୟତା କରିବା ଜରୁରୀ।
–କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଅଧିନାୟକ

## ସଂକ୍ଷେପରେ

### କୋହଲି ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ,୧।୭:** ବିଶ୍ୱର କୌଣସି ବୋଲିଂ ଲାଇନ ଅପ୍ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ରୋକିପାରିବ ନାହିଁ। ବହୁ ରେକର୍ଡ ଅଧିକାରୀ କୋହଲି ରବିବାର ନିଜ କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷରେ ବର୍ମିଂହାମଠାରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ସେ ୬୬ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ଥିଲା ଚଳିତ ବିଶ୍ୱକପ୍‌ରେ କୋହଲିଙ୍କ କ୍ୟାରିୟରର କ୍ରମାଗତ ୫ମ ଅର୍ଦ୍ଧଶତକ। ସେ ପ୍ରଥମ ଅଧିନାୟକ ଭାବେ ବିଶ୍ୱକପ୍‌ରେ କ୍ରମାଗତ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ସେ ପ୍ରଥମ ଭାରତୀୟ ଓ ବିଶ୍ୱର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ କ୍ରମାଗତ ୫ ଅର୍ଦ୍ଧଶତକ ଲଗାଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ୨୦୧୫ ବିଶ୍ୱକପ୍‌ରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍ ପୂର୍ବରୁ କୋହଲି ଅଷ୍ଟ୍ରେଲିଆ, ପାକିସ୍ତାନ, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ଯଥାକ୍ରମେ ୮୨, ୭୭, ୬୭ ଓ ୭୨ ରନ୍ କରିଥିଲେ।

### ଗୁଜରାଟ ରଣଜୀ ଦଳର କୋଚ୍ ବାହୁତୁଲେ

**ବଡୋଦରା,୧।୭(ପି.ଟି.):** ପୂର୍ବତନ ଭାରତୀୟ ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଗୁଜରାଟ ଦଳର କୋଚ୍ ଭାବେ ସୋମବାର ନିଯୁକ୍ତ କରାଯାଇଛି। ଏ ନେଇ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ଉପସଭାପତି ପରିମଲ ନାଥୱାନୀ କହିଛନ୍ତି। ୪୬ ବର୍ଷୀୟ ବାହୁତୁଲେ ପୂର୍ବରୁ ବେଙ୍ଗଲ ଭଳି ଦଳକୁ କୋଚିଂ ଦେଇ ସାରିଛନ୍ତି। ମୁମ୍ବାଇରେ ଜନ୍ମିତ ପୂର୍ବତନ କ୍ରିକେଟର ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨ ଟେଷ୍ଟ ଓ ୮ ଦିନିକିଆ ଖେଳିଥିଲେ। ସେ ପ୍ରାୟତଃ ଘରୋଇ କ୍ରିକେଟରେ ସକ୍ରିୟ ଥିଲେ। ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୬୩୦ ଉଇକେଟ ନେଇଥିଲେ। ପୂର୍ବରୁ ସେ ମୁମ୍ବାଇ ଦଳର କୋଚ୍ ପଦବୀ ଲାଗି ଆବେଦନ କରିଥିଲେ। କିନ୍ତୁ ମୁମ୍ବାଇ କ୍ରିକେଟ ଆସୋସିଏଶନ ଏ ନେଇ କିଛି ନିଷ୍ପତ୍ତି ନେଇନାହିଁ।

### ବୈଭବ ଯାଦବଙ୍କୁ ଡବ୍ଲ୍ୟୁବିସି ଏସିଆ ଟାଇଟଲ

**ନୂଆଦିଲ୍ଲୀ,୧।୭(ପି.ଟି.):** ଭାରତୀୟ ପେଶାଦାର ବକ୍ସର ବୈଭବ ଯାଦବ ଡବ୍ଲ୍ୟୁବିସି ଏସିଆ ସିଲଭର ୱେଲ୍ଟରୱେଟ ଟାଇଟଲ ହାତେଇଛନ୍ତି। ଥାଇଲାଣ୍ଡର ପାଟାୟାଠାରେ ଅନୁଷ୍ଠିତ ମୁକାବିଲାରେ ଘରୋଇ ବକ୍ସର ଫାପେଚ୍ଚ ସିଙ୍ଗମାନାସାକଙ୍କୁ ହରାଇ ବୈଭବ ଏହି ସଫଳତା ପାଇଛନ୍ତି। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ ବିକାଶ କ୍ରିଷ୍ଣନଙ୍କ ସମ୍ପର୍କୀୟ ଭାଇ। ସେ ଏବେ ପେସାଦର ବକ୍ସିଂରେ ଅଂଶଗ୍ରହଣ କରୁଛନ୍ତି। ଉକ୍ତ ଫାଇଟ୍ ଏସିଆନ ବକ୍ସିଂ କଉନ୍ସିଲ ଦ୍ୱାରା ପରିଚାଳନା ହୋଇଥିବାବେଳେ ବିଶ୍ୱ ବକ୍ସିଂ ପରିଷଦ (ଡବ୍ଲୁବିସି) ଏହାକୁ ସ୍ୱୀକୃତି ଦେଇଥିଲା।

## ■ କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍ ୧୭ରୁ

# ଓଡ଼ିଶା ସରକାର-ଟିଟିଏଫ୍ଆଇ ବୁଝାମଣାପତ୍ର ସ୍ୱାକ୍ଷରିତ


**ଭୁବନେଶ୍ୱର, ୧।୭ (ସ୍ପୋର୍ଟ୍ସ ବ୍ୟୁରୋ)**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ।

କଟକର ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମରେ ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍। ଏଥିଲାଗି ସୋମବାର ଓଡ଼ିଶା ସରକାର ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ(ଟିଟିଏଫ୍ଆଇ) ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ କ୍ରୀଡ଼ା ଯୁବସେବା ସଚିବ ତଥା କମିଶନର ବିଶାଲ ଦେବ ଟିଟିଏଫ୍ଆଇର ସିନିୟର ଉପସଭାପତି ଏସ୍.ଏନ୍. ସୁଲତାନ ଓ ଓଏସଟିଟିଏ ସଭାପତି ଏଲ. ଏନ୍. ଗୁପ୍ତା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ସମସ୍ତ ୩ ପକ୍ଷର ଅଫିସିଆଲମାନେ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାରଙ୍କ ସହିତ ପାର୍ଟନରଶିପ୍‌ରେ ଏହି ସମ୍ମାନଜନକ ଚାମ୍ପିୟନଶିପ୍‌ର ଆୟୋଜନ କରୁଥିବାରୁ ମୁଁ ଭାରତୀୟ ଟେବୁଲ ଟେନିସ ମହାସଂଘ ଏବଂ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନକୁ ଶୁଭେଚ୍ଛା ଜଣାଉଛି। ଟେବୁଲ ଟେନିସ୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। କଟକରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ ରାଜ୍ୟରେ ଏହି ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସହାୟକ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ଲାଗି ମୁଁ ଶୁଭକାମନା ଜଣାଉଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ କହିଥିଲେ, ଏହି ଚାମ୍ପିୟନଶିପ୍‌ରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ଟିଟି ଖେଳାଳିମାନେ ଏସିଆଡ୍ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଆସନ୍ତା ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଦର୍ଶନକୁ ନେଇ ଆମର ଉତ୍କଣ୍ଠା ରହିବ। ଆଇଟିଟିଏଫ୍‌ର ନିର୍ଦ୍ଦେଶକ ତଥା ଟିଟିଏଫ୍ଆଇର ପରାମର୍ଶଦାତା ଧନରାଜ ଚୌଧାରୀ କହିଥିଲେ ଓଡ଼ିଶା ଇତିମଧ୍ୟରେ ଅନେକ ଅନ୍ତର୍ଜାତୀୟ ଇଭେଣ୍ଟ ସଫଳତାର ସହିତ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୬ ଦିନିଆ ପ୍ରତିଯୋଗିତାର ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। ଅଂଶଗ୍ରହଣକାରୀ ଏବଂ ଦର୍ଶକମାନେ ସକାରାତ୍ମକ ଅଭିଜ୍ଞତା ନେଇ ଫେରିବେ ବୋଲି ଆମର ଦୃଢ ବିଶ୍ୱାସ। ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସଭାପତି ଗୁପ୍ତା କହିଛନ୍ତି, ଦେଶର ର‌୍ୟାଙ୍କିଙ୍ଗ ତାଲିକାରେ ଓଡ଼ିଶା ଟେବୁଲ ଟେନିସ୍ ଦଳ ୧୦ମ ସ୍ଥାନରେ ରହିଛି। ରାଜ୍ୟରେ ଏକ ଅନ୍ତର୍ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାର ଆୟୋଜନ ହେବାକୁ ଯାଉଥିବାରୁ ଏହା ଆମ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ରାଜ୍ୟଗୋଷ୍ଠୀ ଅନ୍ତର୍ଗତ ୧୪ଟି ଦେଶର ଦଳ ଭାଗ ନେବେ। ଭାଗ ନେଉଥିବା ଦେଶଗୁଡ଼ିକ ହେଲେ ଭାରତ, ସିଙ୍ଗାପୁର, ମାଲେସିଆ, ବାଂଲାଦେଶ, ଶ୍ରୀଲଙ୍କା, ଇଂଲଣ୍ଡ, ସ୍କଟଲାଣ୍ଡ, ୱେଲ୍ସ, ଜର୍ସି, ଅଷ୍ଟ୍ରେଲିଆ, ସାଇପ୍ରସ, ଦକ୍ଷିଣ ଆଫ୍ରିକା, ନାଇଜେରିଆ ଓ ପାକିସ୍ତାନ। ଏହି ଚାମ୍ପିୟନଶିପ୍‌ରେ ପୁରୁଷ ଟିମ୍ ଓ ମହିଳା ଟିମ୍ ଇଭେଣ୍ଟ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଇଭେଣ୍ଟ ହେବ।

### ସ୍ୱତନ୍ତ୍ର କ୍ଲବ୍‌ରେ ସାମି



**ନୂଆଦିଲ୍ଲୀ,୧।୭:** ଭାରତୀୟ ପେସର ମହମ୍ମଦ ସାମି ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ୫ ଉଇକେଟ ନେଇଛନ୍ତି। ଏଥିସହିତ ସେ ବିଶ୍ୱକପ୍‌ରେ କ୍ରମାଗତ ୩ଥର ୪ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ଉଇକେଟ ନେଇଥିବା ବୋଲରଙ୍କ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ସାମିଙ୍କ ବ୍ୟତୀତ ପାକିସ୍ତାନର ପୂର୍ବତନ ସ୍ପିନର ଶାହିଦ ଆଫ୍ରିଦୀ ଏହି କ୍ଲବ୍‌ରେ ରହିଛନ୍ତି। ଆଫ୍ରିଦୀ ୨୦୧୧ ବିଶ୍ୱକପ୍‌ରେ କ୍ରମାଗତ ୩ ମ୍ୟାଚ୍‌ରେ ୪ ଉଇକେଟ ନେଇଥିଲେ। ସାମି ଇଂଲଣ୍ଡ ବିପକ୍ଷରେ ୬୯ ରନ୍ ବ୍ୟୟକରି ଜନି ବେୟାରଷ୍ଟୋ, ଜୋ ରୁଟ୍, ଇଆନ ମୋର୍ଗାନ, ଜୋସ୍ ବଟଲର ଓ କ୍ରିସ୍ ୱୋକ୍ସଙ୍କ ଉଇକେଟ ହାସଲ କରିଥିଲେ। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ପେଲ୍। ଏହି ମ୍ୟାଚ୍ ପୂର୍ବରୁ ୨୮ ବର୍ଷୀୟ ବୋଲର ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ବିପକ୍ଷରେ ୪ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଭର୍ଷ୍ଟାପେନ ଚାମ୍ପିୟନ



**ସ୍ପିଏଲ୍‌ବର୍ଗ (ଅଷ୍ଟ୍ରିଆ), ୧।୭ (ଏଏଫ୍‌ପି)**

ରବିବାର ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ ଅଷ୍ଟ୍ରିଆନ ଗ୍ରାଁ ପ୍ରି ପ୍ରତିଯୋଗିତାରେ ରେଡ୍ ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଚାମ୍ପିୟନ ହୋଇଛନ୍ତି। ରେସ୍ ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତିମ ୨ ଲ୍ୟାପ୍‌ରେ ଫେରାରିର ଚାର୍ଲସ ଲେକ୍‌ଲର୍କଙ୍କୁ ପଛରେ ପକାଇ ଭର୍ଷ୍ଟାପେନ ବାଜିମାତ୍ କରିନେଇଥିଲେ। ୨୧ ବର୍ଷୀୟ ବେଲଜିଆନ ଡ୍ରାଇଭର ଭର୍ଷ୍ଟାପେନଙ୍କ କ୍ୟାରିୟରର ଏହା ୬ଷ୍ଠ ବିଜୟ ଥିଲା। ୭୧ ଲ୍ୟାପ୍ ବିଶିଷ୍ଟ (ପ୍ରତି ଲ୍ୟାପ୍= ୪.୩୧୮ କି.ମି.) ଏହି ରେସ୍‌କୁ ସେ ମୋଟ୍ ଏକ ଘଣ୍ଟା ୨୨ ମିନିଟ୍ ୧.୮୨୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫେରାରୀର ଚାର୍ଲସ ଲେକ୍‌ଲର୍କ +୨.୭୨୪ ସେକେଣ୍ଡ ଅଧିକ ସମୟ ନେଇ ୨ୟ ଓ ମର୍ସିଡିଜ ଡ୍ରାଇଭର ଭାଲଟେରି ବୋଟ୍ଟାସ (+୧୮.୯୬୦) ୩ୟ ସ୍ଥାନରେ ରହିଥିଲେ। ଏହି ବିଜୟ ସହ ଭର୍ଷ୍ଟାପେନ ମର୍ସିଡିଜର ଅପରାଜେୟ ଧାରାରେ ରୋକ୍ ଲଗାଇବାରେ ସଫଳ ହୋଇଛନ୍ତି। ଅନ୍ୟତମ ମର୍ସିଡିଜ ଡ୍ରାଇଭର ତଥା ପାଞ୍ଚଥରର ଚାମ୍ପିୟନ ଲୁଇସ ହାମିଲଟନ ତାଲିକାର ୫ମ ସ୍ଥାନରେ ରହି ରେସ୍ ଶେଷ କରିଥିଲେ।

## ଜୋକୋଭିଚ୍, ଆଣ୍ଡରସନ ଦ୍ୱିତୀୟ ରାଉଣ୍ଡରେ

**ଲଣ୍ଡନ, ୧।୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବେଲଡନ ଓପନ ସୋମବାରଠାରୁ ଆରମ୍ଭ ହୋଇଛି। ଏହାର ପୁରୁଷ ସିଙ୍ଗଲ୍ସରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଦକ୍ଷିଣଆଫ୍ରିକାର କେଭିନ ଆଣ୍ଡରସନ




ପ୍ରମୁଖ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଜର୍ମାନୀର କୋଲଶ୍ରେବରଙ୍କୁ ୬-୩, ୭-୫ ୬-୩ ସେଟରେ ପରାସ୍ତ କରିଛନ୍ତି। ସେହିପରି ଆଣ୍ଡରସନ ୬-୩, ୬-୪, ୬-୨ ସେଟରେ ପିଏରେ-ହ୍ୟୁଗ୍ସ ହର୍ବର୍ଟଙ୍କୁ ହରାଇ ଦେଇଛନ୍ତି। ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କା ୬୩, ୬-୨ ୬-୨ ସେଟରେ ରୁବେନ ବେମେଲମାନ୍ସଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆମେରିକାର ମାଡିସନ କିଜ୍ ୬-୩, ୬-୨ ସେଟ୍‌ରେ ଥାଇଲାଣ୍ଡର ଲୁକସିକା କୁମଖୁମ୍‌ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଲିନା ସ୍ୱିତୋଲିନା ୭-୫, ୬-୦ରେ ଡାରିଆ ଗାଭ୍ରିଲୋଭାଙ୍କୁ, ସିମୋନା ହାଲେପ ୬-୪, ୭-୫ ସେଟ୍‌ରେ ଆଲେକସାଣ୍ଡ୍ରା ସାସ୍‌ନୋଭିଚ୍, ଆନାସ୍ତାସିଜା ସେବାସୋଭା ୬-୩, ୬-୪ରେ କ୍ରିଷ୍ଟି ଆହନ, କାରୋଲିନା ପ୍ଲିସକୋଭା ୬-୨, ୭-୬(୭/୪) ସେଟ୍‌ରେ ଝୁ ଲିନ୍‌ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।



ମାଡିସନ କିଜ୍ ରିଟର୍ନ ଶଟ୍ ଖେଳୁଛନ୍ତି।



ବିଜୟ ହାସଲ ପରେ କେଭିନ ଆଣ୍ଡରସନ।



ଟ୍ରଫି ସହ ଚାମ୍ପିୟନ ସ୍ପେନ୍ ଖେଳାଳିଙ୍କ ସେଲିବ୍ରେଶନ୍।

## ସ୍ପେନ୍ ୫ମ ଥର ୟୁରୋପ ଚାମ୍ପିୟନ

**ଉଡିନେ (ଇଟାଲି), ୧।୭ (ଏଏଫ୍‌ପି):** ଗତଥରର ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଏନ ରୁଇଜ୍ (୭ମ ମିନିଟ) ଓ ଡାନି ଓଲ୍‌ମୋ (୬୯ତମ ମିନିଟ) ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ପକ୍ଷରୁ ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ ସମୟ ବାକି ଥିବାବେଳେ ନାଦିମ ଆମ୍ରି ଏକ ଗୋଲ ସ୍କୋର କରିଥିଲେ।

**୨୧ ବର୍ଷରୁ କମ୍ ଫୁଟ୍‌ବଲ**

ଏହି ବିଜୟ ଦ୍ୱାରା ଦୁଇ ବର୍ଷ ପୂର୍ବେ ଫାଇନାଲରେ ଜର୍ମାନୀ ନିକଟରୁ ୧-୦ ଗୋଲରେ ପରାଜୟର ପ୍ରତିଶୋଧ ନେଇ ପାରିଛି ସ୍ପେନ୍। ୨୦୧୩ ପରେ ସ୍ପେନ୍ ପୁଣି ଚାମ୍ପିୟନ ହୋଇପାରିଛି। ଏଥିସହିତ ୫ଥର ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ଜିତିବାରେ ଇଟାଲୀ ସହିତ ସମକକ୍ଷ ହୋଇ ପାରିଛି। ଜର୍ମାନୀ କୋଚ୍ ଷ୍ଟିଫାନ୍ କୁଣ୍ଟ୍ଜ୍ କହିଛନ୍ତି ମ୍ୟାଚ ଜିତିପାରି ନ ଥିବାରୁ ଆମେ ଦୁଃଖିତ, କିନ୍ତୁ ସ୍ପେନ ଆମଠାରୁ ଭଲ ଖେଳିଥିଲା।

## ପରାଜୟରୁ ଭାରତ ଶିଖିବା ଉଚିତ

**ସୌରଭ ଗାଙ୍ଗୁଲି**

ବିଶ୍ୱକପରେ କୌଣସି ଦଳ ଅପରାଜେୟ ଭାବେ ଆଗକୁ ବଢ଼ିବା କ୍ୱଚିତ ଦେଖିବାକୁ ମିଳିଥାଏ। ଚଳିତ ଥର ମଧ୍ୟ ତାହା ଦେଖିବାକୁ ମିଳିଲା। ଅପରାଜେୟଭାବେ ଆଗଉଥିବା ଭାରତ ଇଂଲଣ୍ଡଠାରୁ ପରାଜିତ ହେଲା। ତେବେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରି ସଫଳ ପ୍ରତ୍ୟାବର୍ତ୍ତନ କରିବାନେଇ ମୁଁ ଆଶାବାଦୀ। ଭାରତର ସେମିଫାଇନାଲ ପ୍ରବେଶ କେବଳ ସମୟ ଉପରେ ନିର୍ଭର କରୁଛି। ବର୍ତ୍ତମାନର ଫର୍ମାଟ ଅନୁସାରେ ପଏଣ୍ଟ ଅପେକ୍ଷା ଶୀର୍ଷ ୪ ଦଳ ନିର୍ଦ୍ଧିଷ୍ଟ ଦିବସରେ କିପରି ପ୍ରଦର୍ଶନ କରୁଛନ୍ତି ତା' ଉପରେ ଅନେକ କିଛି ନିର୍ଭର କରିବ। ୨୦୧୧ ବିଶ୍ୱକପ ଅଭିଜ୍ଞତା ଦୃଷ୍ଟିରୁ ଭାରତୀୟ ଦଳ ନିଜ ଉପରେ ଭରସା ରଖିବା ଉଚିତ। ଗ୍ରୁପ ପର୍ଯ୍ୟାୟରେ ଦଳ ଦକ୍ଷିଣ ଆଫ୍ରିକାଠାରୁ ହାରିଥିଲେ ହେଁ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଶ୍ୱକପ ଚାମ୍ପିୟନ ହୋଇଥିଲା। ଇଂଲଣ୍ଡ ପାଇଁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ଏକଦିବସୀୟ କ୍ରିକେଟରେ ଏଭଳି ପ୍ରଦର୍ଶନ ପାଇଁ ସେମାନେ ଗତ କିଛିବର୍ଷଧରି ନିଜକୁ ପ୍ରସ୍ତୁତ କରି ଆସୁଥିଲେ। ଜାସନ ରୟଙ୍କ ପ୍ରତ୍ୟାବର୍ତ୍ତନ ଦଳପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେଲା। ଜାସନ ଓ ଜନି ବେୟାରଷ୍ଟୋ ବଢ଼ିଆ ଖେଳି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ଏହି ପରାଜୟରୁ ଶିକ୍ଷାଲାଭ କରିବା ଉଚିତ। ଚଳିତ ବିଶ୍ୱକପରେ କୌଣସି ଦଳ ପ୍ରଥମଥରପାଇଁ ଟସ ଜିତି ଭାରତକୁ ପ୍ରଥମେ ପ୍ରଥମେ ବୋଲିଂ କରିବାକୁ ନିମନ୍ତ୍ରଣ କଲା। ଏପରି ଚ୍ୟାଲେଞ୍ଜ ଭାରତୀୟ ଦଳ ପୂର୍ବରୁ କେବେ ପାଇ ନଥିଲା। ଏଥିରେ ଦଳ ଅସଫଳ ହୋଇଥିବାରୁ ଭବିଷ୍ୟତରେ ରନ ଚେଜ

SEAGRAM'S
ROYAL STAG
MEGA MUSIC CDs

ଅନ୍ୟ ଦଳର ଖେଳାଳିମାନେ ଯାହା କରିପାରି ନ ଥିଲେ ତାହା ସେମାନେ କରି ଦେଖାଇଲେ। ସେମାନେ ବୁମ୍‌ରା ଓ ସାମିଙ୍କ ବିପକ୍ଷରେ ସକାରାତ୍ମକ ଖେଳି ସ୍ପିନରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ପ୍ରଥମ ୧୦ ଓଭର ସେମାନେ ଉଇକେଟ ହରାଇବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ଭାରତ ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ।

ରୋହିତ ଶର୍ମା ଓ ବିରାଟ କୋହଲି ପୁଣି ଚମତ୍କାର ଖେଳିଲେ। ରୋହିତଙ୍କ ପାଇଁ ଏହି ବିଶ୍ୱକପ ସ୍ମରଣୀୟ ହୋଇଛି। ସେ ଓ କୋହଲି ସହଜରେ ଖେଳିଥିଲେ ସତ, ମାତ୍ର ପ୍ରଥମ ୧୦ ଓଭର ସଂଘର୍ଷ କରିଥିଲେ ବୋଲି ନିଶ୍ଚିତ ସ୍ୱୀକାର କରିବେ। ମିଡଲ ଅର୍ଡରକୁ ନେଇ ଅନେକ ଆଲୋଚନା ହେଉଛି। ମାତ୍ର ସବୁକିଛି ଠିକ୍ ଅଛି ବୋଲି ମୋର ଅନୁଭବ ହେଉଛି। ରିଷଭ ପନ୍ତ ପ୍ରଥମ ମ୍ୟାଚରେ ଭଲ ଖେଳିଛନ୍ତି। ତାଙ୍କ ଉପସ୍ଥିତିରେ ବୃହତ୍ ରନ ଚେଜ୍ କ୍ଷେତ୍ରରେ କୋହଲି ଓ ରୋହିତ ଅଧିକ ଆକ୍ରମଣାତ୍ମକ ଖେଳି ପାରିବେ।

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଭାରତ ଆଉଟିକେ ଆଗରୁ ବିଶେଷ କରି ଶେଷ ୭ ଓଭରରେ ଉଦ୍ୟମକୁ ଜୋରଦାର କରିବାର ଥିଲା। ସେମାନଙ୍କୁ ରନର ପାହାଡ ଚଢ଼ିବାକୁ ଥିବାବେଳେ ଉଭୟ ପ୍ଲଙ୍କେଟ ଓ ଆର୍ଚେର ତାହା ହେବାକୁ ଦେଇ ନ ଥିଲେ। ଏପରି ସ୍ଥିତିରେ ଧୋନୀ ଓ ଯାଦବ ପ୍ରତି ଓଭରରେ ଗୋଟିଏ ଲେଖାଏ ଚୌକା ମାରିବାର ଥିଲା। ମାତ୍ର ଦୁର୍ଭାଗ୍ୟଜନକଭାବେ ତାହା ହୋଇପାରି ନ ଥିଲା। ଏହାର ପ୍ରତିଫଳନ ଖବରଦାତା ସମ୍ମିଳନୀରେ ଦେଖିବାକୁ ମିଳିଥିଲା। କୋହଲି ନିରାଶବ୍ୟକ୍ତ କରିଥିଲେ। ଏହା କରିବାର ସମ୍ପୂର୍ଣ୍ଣ ଅଧିକାର କୋହଲିଙ୍କର ରହିଛି।

–(ଗେମ୍‌ପ୍ଲାନ)

# ସମସ୍ତଙ୍କୁ ବାଡ଼ିରେ ଗଛ ଲଗାଇବାକୁ ପରାମର୍ଶ




ମାଲକାନଗିରି ଜିଲାରେ ପାଣ୍ଡ୍ରିପାଣି ଓ କୁଡୁମୁଲୁଗୁମ୍ମାରେ ପାଳିତ ବନମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ୭୦ତମ ବନ ମହୋତ୍ସବ

**ପାଣ୍ଡ୍ରିପାଣି/ କୁଡୁମୁଲୁଗୁମ୍ମା,୧୭ (ଡି.ଏନ.ଏ.)**

ମାଲକାନଗିରି ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ପଞ୍ଚାୟତରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନପାଳ ମୋହନ ଗୁଡିଆଙ୍କ ନେତୃତ୍ୱରେ ବନବିଭାଗ ପକ୍ଷରୁ ପୁଜାରୀମୁଣ୍ଡାସ୍ଥିତ ଏସ.ଏସ.ଡି. ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଉତ୍ସବ ପାଳନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଜଙ୍ଗଲ ସୁରକ୍ଷା ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ମାଲକାନଗିରି ଡିଏଫଓ ପ୍ରଦୀପ ମିରାସେ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦହନା ଟାଙ୍ଗୁଲ, ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁ, ଏସିଏଫ ଜଗଦୀଶ ପଟ୍ଟନାୟକ, ରେଞ୍ଜର ବାସୁଦେବ ନାୟକ, ସିଓ୍ୱାଇଏସଡିର ପ୍ରକଳ୍ପ ପରିଚାଳକ ପ୍ରଫୁଲ କୁମାର ମହାରଣା, ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ପଣ୍ଡା,ପ୍ରଧାନ ଶିକ୍ଷୟିତ୍ରୀ ଗଙ୍ଗା ପୂଜାରୀ, ପ୍ରକଳ୍ପ ପରିଚାଳକ ପ୍ରଫୁଲ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗଛ ସତ ଆଉ ସବୁ ମିଛ, ବନ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ନିଜ ମତ ରଖିଥିଲେ। ମୁଖ୍ୟଅତିଥି ଡିଏଫଓ ଏହି ଅବସରରେ ସମସ୍ତଙ୍କୁ ବାଡିରେ ଗଛ ଲଗାଇବା ପାଇଁ ଶପଥପାଠ କରାଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଏକ ନାଟ ପରିବେଷଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୋହନ ପାଙ୍ଗି ଧନ୍ୟବାଦ ଦେଇଥିଲେ। ସରୋଜ କୁମାର ଅଗସ୍ତି ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଓ ଅତିଥିମାନେ ମିଳିତ ଭାବେ ବିଦ୍ୟାଳୟ ପରିସରରେ ବାହାଡା, ଅଁଳା, ଶିଶୁ, ଗମ୍ଭାରୀ ଓ ଚାକୁଣ୍ଡାଗଛ ଲଗାଇଥିଲେ।

କୁଡୁମୁଲୁଗୁମ୍ମା ଆଦର୍ଶ ବିଦ୍ୟାଳୟଠାରେ ସୋମବାର ବନପାଳ ରାଜେନ୍ଦ୍ର କୁମାର ଶବରଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବାଳକଅଣେ ପ୍ରଧାନ, ମୁଖ୍ୟବକ୍ତା ଡାକ୍ତର ସନ୍ତୋଷ କୁମାର ଷଡଙ୍ଗୀ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ଅଧକ୍ଷ ସୌମ୍ୟରଞ୍ଜନ ନାୟକ, ସମାଜସେବୀ ଭଗବାନ ସାହୁ, ଖବରଦାତା ହିମାଂଶୁ ଶେଖର ସ୍ୱାଇଁ, ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିଜୟ କୁମାର ଶବର ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ଉପରେ ମତ ରଖିଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ ଗୋଟିଏ ଗଛ ଲଗାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସଞ୍ଜିବନୀ ଅନ୍ତିଆ ଧନ୍ୟବାଦ ଦେଇଥିଲେ।

## ଗ୍ୟାସ୍ ଲିକ୍‌ରୁ ଶିକ୍ଷକ ଦମ୍ପତି ପୋଡ଼ିଯିବା ଘଟଣା:ସ୍ତ୍ରୀ ପରେ ସ୍ୱାମୀ ମୃତ

**ମୋହନା,୧୭(ଡି.ଏନ୍.ଏ.)** ଗତ ୧୯ ତାରିଖରେ ଗ୍ୟାସ୍ ଚୁଲି ପାଇପ୍ ଲିକେଜ୍ ଯୋଗୁ ନିଆଁ ଲାଗି ମୋହନା ଥାନା ପିଣ୍ଡିକି ଗାଁ ସ୍କୁଲର ଶିକ୍ଷକ ଲିଙ୍ଗରାଜ ଦଳବେହେରା ଓ ତାଙ୍କ ସ୍ତ୍ରୀ ପୋଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଗତ ୩ ଦିନ ଚିକିତ୍ସାଧୀନ ଥିବା ବେଳେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା। ରବିବାର ବିଳମ୍ବିତ ରାତିରେ ଶିକ୍ଷକ ଲିଙ୍ଗରାଜ ମଧ୍ୟ ମୃତ୍ୟୁ ଘଟିଛି।






# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି ନେଇ ଜିଲାପାଳଙ୍କୁ ଦାବିପତ୍ର

**ମାଲକାନଗିରି,୧୭(ଡି.ଏନ.ଏ.)**



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

ମାଲକାନଗିରି ଜିଲା ତଣ୍ଡାପାଲି ପଞ୍ଚାୟତର ନନ୍ଦଗୁଡା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରିବା ଲାଗି ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ପ୍ରଧାନଶିକ୍ଷୟିତୀ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଅଭିଭାବକମାନଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇଯାଉଛନ୍ତି। ମଳ ତ୍ୟାଗ ପାଇଁ ବିଦ୍ୟାଳୟରେ ଥିବା ପାଇଖାନାକୁ ବ୍ୟବହାର ନ କରି ବାହାରକୁ ଯିବାକୁ ବାଧ କରୁଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କ ଏହିପରି ମନୋଭାବ ଅସନ୍ତୋଷ ସୃଷ୍ଟି କରୁଛି। ଏ ସମ୍ପର୍କରେ ଅଭିଭାବକମାନେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇନାହାନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ଦେବାନନ୍ଦ କବାସି, ୱାର୍ଡ ମେମ୍ବର ଆଡମା ଭୂମିଆ, ତଣ୍ଡାପାଲି ସରପଞ୍ଚ ନନ୍ଦ କୁମାର ଆଜ୍‌ମିରା, ମୁକୁନ୍ଦ ସୋଡିଙ୍କ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ଜୟପୁର-ହାଇଦ୍ରାବାଦ ବସ୍ ଦୁର୍ଘଟଣାଗ୍ରସ୍ତ,୧୦ ଆହତ

**ମାଲକାନଗିରି,୧୭(ଡି.ଏନ୍.ଏ.)**

ଜୟପୁରରୁ ମାଲକାନଗିରି, କାଳିମେଳା, ପଡିଆ ଦେଇ ହାଇଦ୍ରାବାଦକୁ ଯାଉଥିବା ଏକ ଘରୋଇ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ରବିବାର ବସ୍‌ଟି ୪୦ ଯାତ୍ରୀଙ୍କୁ ଧରି ହାଇଦ୍ରାବାଦରୁ ଜୟପୁର ଅଭିମୁଖେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଓଡିଶା ସୀମାନ୍ତ ଆନ୍ଧ୍ରର ନାଲଗୁମଣ୍ଡି ଠାରେ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ୧୦ ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତଙ୍କୁ ନିକଟସ୍ଥ କୋଣ୍ଟା ଓ ଚିନ୍ତୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ଅବସ୍ଥା ଭଲ ଥିବା ଜଣାପଡିଛି।






# ୩୩ ଅଭିଯୋଗ ଶୁଣିଲେ ଜିଲାପାଳ

**ଖଇରପୁଟ,୧୭(ଡି.ଏନ୍.ଏ.)**



ଅଭିଯୋଗ ଶୁଣିବା ପରେ ଅଧିକାରୀମାନେ ସମସ୍ୟା ଅନୁଧ୍ୟାନ କରୁଛନ୍ତି।

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟସ୍ଥିତ ସଭା ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲାପାଳ ମନୀଷ ଅଗ୍ରଓ୍ୱାଲ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ମୋଟ ୩୩ଟି ଅଭିଯୋଗ ଆସିଥିଲା। ସେଥିରୁ ୧୪ଟି ସାମୂହିକ ଅଭିଯୋଗ ଥିବା ବେଳେ ୧୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ସାମୂହିକ ଅଭିଯୋଗଗୁଡିକ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରି ମଧ୍ୟ ପ୍ରାପ୍ୟ ପାଇ ନ ଥିବା, ମାଡକାପଦର ଗ୍ରାମଠାରୁ ଛୋଟାଗୁଡା ଗ୍ରାମ ଏବଂ ମୁଦୁଲିପଡା-କିଚାପଡା ରାସ୍ତା ନିର୍ମାଣ, କପମଗୁଡା ପଞ୍ଚାୟତର କୋକାବାଲ ଗ୍ରାମରେ ହୋଇଥିବା ରାସ୍ତାରେ ୱିଙ୍ଗ୍ ୱାଲ, ଖଇରପୁଟ-କାପଗୁଡା ରାସ୍ତାରେ ପୋଲ ନିର୍ମାଣ ଏବଂ ଖଇରପୁଟ ସଦର ମହକୁମା ବଜାରରେ ଡ୍ରେନ୍ ଅଧପନ୍ତରିଆ ଅବସ୍ଥାରେ ଥିବା ନେଇ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗ ମୋହନ ମୀନା, ଉପଜିଲାପାଳ ରମେଶ ଚନ୍ଦ୍ର ପ୍ରଧାନ, ପିଏ ଆଇଟିଏ ରାମକୃଷ୍ଣ ଗଣ୍ଡ, ଆରଡବ୍ଲୁଏସ୍‌ଏସ୍‌ର ବସନ୍ତ ରାଉତ, ବିଡିଓ ବିଶ୍ୱଜିତ ବର୍ମନଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କାର ଛାଡ଼ି ପଳାଇଲେ ଦୁର୍ବୃତ୍ତ, ତଦନ୍ତ ଆରମ୍ଭ

**ଦାରିଙ୍ଗବାଡ଼ି,୧୭(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସୋମବାର ପାଟ୍ରୋଲିଂ କରୁଥିବା ପୋଲିସକୁ ଦେଖି ଏକ କାରରେ ଆସୁଥିବା କେତେଜଣ ଦୁର୍ବୃତ୍ତ କାର ଛାଡ଼ି ଦୌଡ଼ି ପଳାଇଛନ୍ତି। ପୋଲିସ ସେମାନଙ୍କ ପିଛା କରଥିଲେ ମଧ୍ୟ ଧରି ପାରିନାହିଁ। କାର ଭିତରେ କିଛି ଅବକାରୀ ସାମଗ୍ରୀ ଥିବା ପୋଲିସ ସନ୍ଦେହ କରି ତାହାକୁ ଥାନାକୁ ଆଣିଛି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାହାକୁ ଯାଞ୍ଚ କରାଯିବ। କାର୍‌ର ରେଜିଷ୍ଟ୍ରର ନମ୍ବର ସହ ଚେସିସ୍, ଇଞ୍ଜିନ ନମ୍ବର ଆଦି ଯାଞ୍ଚ କରାଯିବ ବୋଲି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି।

## ନାଳ ସଫା କରି ପରିବେଶ ସଫା ରଖିବା ନେଇ ବାର୍ତ୍ତା ଦେଲେ ଅଧ୍ୟାପକ



ଡ୍ରେନ ସଫା କରୁଛନ୍ତି ଅଧ୍ୟାପକ ।

**ମାଲକାନଗିରି,୧୭(ଡି.ଏନ.ଏ.)–** ମାଲକାନଗିରି ଜିଲାରେ ଲୋକଙ୍କୁ ସ୍ୱଚ୍ଛତା ନେଇ ସଚେତନ କରାଇବା ପାଇଁ ଜିଲା ପ୍ରଶାସନ ଅନେକ ପଦକ୍ଷେପ ନେଉଛି । ବାଲିମେଳା ମହାବିଦ୍ୟାଳୟର ଅଧ୍ୟାପକ ପୁରୁଷୋତ୍ତମ ସମରଥ ଲୋକଙ୍କୁ ପରିବେଶ ଉପରେ ସଚେତନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ନିଜେ ଏନ.ଏ.ସି. ଅଞ୍ଚଳରେ ଥିବା ବିଭିନ୍ନ ନାଳନର୍ଦ୍ଦମା ସଫା କରି ଲୋକଙ୍କୁ ସ୍ୱଚ୍ଛ ରହିବା ପାଇଁ ପ୍ରେରଣା ଦେଉଛନ୍ତି। ଅଧ୍ୟାପକ ସମରଥଙ୍କ କାର୍ଯ୍ୟକୁ ଏବେ ସାଧାରଣରେ ପ୍ରଶଂସା କରାଯାଇଛି। ଯେଉଁ କାମ ଏନ.ଏ.ସି. କର୍ମଚାରୀ କରିବା କଥା ସେହି କାମକୁ ଜଣେ ଅଧ୍ୟାପକ ନିଜ ଅବସର ସମୟରେ କରିବା ଚର୍ଚ୍ଚାର ବିଷୟ ହୋଇଛି।

## ସଦସ୍ୟ ସଂଗ୍ରହ ଅଭିଯାନ ପାଇଁ ଭାଜପାର ବୈଠକ

**ମାଲକାନଗିରି,୧୭(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜିଲା ଭାଜପା ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ପାଇଁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମିଙ୍କ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଜୁଲାଇ ୬ରୁ ସଦସ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୧ ପର୍ଯ୍ୟନ୍ତ ଚାଲିବ। ଜିଲାର ୭ଟି ମୋର୍ଚ୍ଚା ୧୭ଟି ଶକ୍ତିକେନ୍ଦ୍ରରେ ଏହି ସଦସ୍ୟତା କାର୍ଯ୍ୟକ୍ରମ ଚାଲିବ। ପ୍ରତ୍ୟେକ ସଦସ୍ୟ ୨୫ ଜଣ ନୂତନ ସଦସ୍ୟଙ୍କୁ ପଞ୍ଜିକୃତ କରାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ନଗର ସଭାପତି ବାଲାରାଜୁ ପୋଡାଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ମୋର୍ଚ୍ଚା ସଭାପତି ଭବାନୀ ମୁଖାର୍ଜୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମଲ ସୁନାନୀ, ମହିଳା ସଭାପତି ପୂର୍ଣ୍ଣିମା ଶାହା, ମାଣିକ ଚକ୍ରବର୍ତ୍ତି, ମିଡିଆ ପ୍ରମୁଖ ଶ୍ରୀନିବାସ ପାତ୍ରଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଏବଂ କର୍ମୀ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ବସ୍ ମାଲିକଙ୍କ ୨୮ଲକ୍ଷ ବକେୟା ରଖିଛି ପ୍ରଶାସନ

## ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଟଙ୍କା ପ୍ରଦାନ ଦାବି କଲା ଘରୋଇ ବସ୍ ମାଲିକ ସଂଘ

ରାୟଗଡା ଅଫିସ୍, ୧୭–

ରାୟଗଡା ଜିଲାରେ ୭୦ଜଣ ବସ୍ ମାଲିକଙ୍କ ୨୮ଲକ୍ଷ ଟଙ୍କା ପ୍ରଶାସନ ପାଖରେ ବକେୟା ପଡିଛି। ପ୍ରଶାସନ ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟରେ ସେମାନଙ୍କ ବସ୍‌ଗୁଡିକ ଲାଗି ଥିବାବେଳେ ଏଯାଏ ବସ୍ ମାଲିକମାନଙ୍କୁ ସେ ସବୁର ପାଉଣା ମିଳିନି। ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ବସ୍ ମାଲିକ ସଂଘ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ବକେୟା ଅର୍ଥ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ଫେବୃୟାରୀ ୨୭ରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ରାୟଗଡ଼ା ଯାଇଥିଲେ। ସେଥିରେ ଜିଲାର ସମସ୍ତ ଅଞ୍ଚଳରୁ ବସ୍‌ଗୁଡିକ ନିୟୋଜିତ ହୋଇଥିଲା। ଏପ୍ରିଲ ମାସ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନୀ କାର୍ଯ୍ୟରେ ମଧ୍ୟ ବସ୍‌ଗୁଡ଼ିକ ଯାଇଥିଲା। ନିର୍ବାଚନ ପରେ ବସ୍‌ଗୁଡିକୁ ବଲାଙ୍ଗୀର ଓ ବରଗଡ ଜିଲାକୁ ପଠାଯାଇଥିଲା। ସେହିଭଳି ଡିସେମ୍ବର ମାସରେ ଅନୁଷ୍ଠିତ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ମଧ୍ୟ ଲୋକ ଆଣିବା ନିମନ୍ତେ ଅନେକ ବସ୍ ନିୟୋଜିତ ହୋଇଥିଲା। ଏହିସବୁ ବାବଦ ଅର୍ଥ ଅଦ୍ୟାବଧି ବସ୍ ମାଲିକଙ୍କୁ ପ୍ରଦାନ କରାଯାଇନି ବୋଲି ସଂଘ ସଦସ୍ୟମାନେ କହିଛନ୍ତି। ଗୋଟିଏ ବସ୍ ପିଛା ୪୦ହଜାର ଟଙ୍କା ବକେୟା ରହିଛି। ବାରମ୍ବାର ନିବେଦନ କରିବା ପରେ ମଧ୍ୟ ଅର୍ଥ ରାଶି ପ୍ରଦାନ କରାଯାଉ ନାହିଁ ବୋଲି ଘରୋଇ ବସ୍ ମାଲିକ ସଂଘ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେମାନଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରିବାକୁ ଦାବି କରିଥିଲେ। ଅଭିଯୋଗ ପାଇବାପରେ ଜିଲାପାଳ ପ୍ରମୋଦ କୁମାର ବେହେରା ଏନେଇ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବସ୍ ମାଲିକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବସ୍ ମାଲିକ ସଂଘ ପକ୍ଷରୁ ପି.ସୋମେଶ୍ୱର ରାଓ, ଜିତୁ ପାଢ଼ୀ, କେ.ପୀତାମ୍ବର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଘରୋଇ ବସ୍ ମାଲିକ ସଂଘ ସଦସ୍ୟମାନେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବାଳକ ମୃତ

ଜେକେପୁର, ୧୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା କୋଲନରା ବ୍ଲକ ଦୁନ୍ଦୁଲ ପଞ୍ଚାୟତ ଚାନ୍ଦିଲି ଥାନା ଅଧୀନ ପାତ୍ରପୁଟ ଗ୍ରାମର ଜଣେ ବାଳକ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ କେଶବ ହିମିରିକାଙ୍କ ପୁଅ କୁନାଲ। ପ୍ରକାଶ ଯେ, ରବିବାର ଅପରାହ୍ନ ୪ଟାରେ କୁନାଲ ଘର ବାରିପଟେ ଖେଳୁଥିବାବେଳେ ଏକ ବିଷଧର ସାପ ତାଙ୍କୁ ଚୋଟ ମାରିଥିଲା। ଏହା ଜାଣି ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର କୁନାଲଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଚାନ୍ଦିଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଶ୍ୱକର୍ମା ମନ୍ଦିର ପ୍ରତିଷ୍ଠା ଉତ୍ସବ



ପଦ୍ମପୁର, ୧୭(ଡି.ଏନ୍.ଏ.)- ପଦ୍ମପୁର ନୀଳକଣ୍ଠେଶ୍ୱର ମନ୍ଦିର ନିକଟସ୍ଥ ବିଶ୍ୱକର୍ମା ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ପ୍ରାତଃରୁ ପୁରୋହିତମାନଙ୍କ ଦ୍ୱାରା ମନ୍ଦିର ସଂସ୍କାର, ଦେବନୀତି, ସୂର୍ଯ୍ୟପୂଜା, ଗ୍ରହପୂଜା ସହ କଳସ ସ୍ଥାପନ ଓ ହରିନାମ ସଂକୀର୍ତ୍ତନ କରାଯାଇଥିଲା। ରାଜମିସ୍ତ୍ରି ସଂଘ ସଭାପତି ଲବ ସାହୁ ଓ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀଙ୍କ ସହ ଅଞ୍ଚଳବାସୀଙ୍କ ସହଯୋଗରେ ରତ୍ନମୁଦ ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା। ପୁରୋହିତ ନରସିଂହ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ପଣ୍ଡିତମାନଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦନ ସହ ହୋମ ଯଜ୍ଞାଦି କରାଯାଇଥିଲା। ଏଥିରେ ଅଞ୍ଚଳର ସମସ୍ତ ନିର୍ମାଣ ଶ୍ରମିକ ଓ ରାଜମିସ୍ତ୍ରି ସହଯୋଗ କରିଥିଲେ।

### ମଇଁଷି ଚୋରି ଅଭିଯୋଗରେ ୩ ଗିରଫ

ଜେକେପୁର, ୧୭(ଡି.ଏନ୍.ଏ.)- ପଡିଆରେ ଚରୁଥିବା ୨୦ ମଇଁଷିଙ୍କୁ ଚୋରି କରିଥିବା ଅଭିଯୋଗରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ପୋଲିସ ସୋମବାର ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶଙ୍କର ଜେନା, ପବିତ୍ର ନାୟକ ଓ ଦେବେନ୍ଦ୍ର ମହାନନ୍ଦିଆ।

ପ୍ରକାଶ ଯେ, ଗତ ୨୪ତାରିଖ ସୋମବାର ଅପରାହ୍ନ ୨ଟାରେ ସିଲିଟିଗୁଡା ଗାଁର ହିମିରିକା କାମିନୀ ନିଜର ୨୦ଟି ମଇଁଷିକୁ ଗ୍ରାମ ନିକଟ ନୀଳଗିରି ବଗିଚାରେ ଚରାଇବାକୁ ନେଇଥିଲେ। ଖରା ଅଧିକ ଥିବାରୁ କାମିନୀ ଗୋଟିଏ ଗଛମୂଳେ ବିଶ୍ରାମ ନେଇଥିଲେ। କିଛି ସମୟ ପରେ ଉଠିଲାବେଳକୁ ମଇଁଷିମାନଙ୍କୁ ପାଇ ନ ଥିଲେ। କାମିନୀ ପରିବାର ଲୋକଙ୍କ ସହ ମିଶି ବହୁ ଖୋଜାଖୋଜି କରିବା ପରେ ମଧ ମଇଁଷିମାନଙ୍କୁ ପାଇ ନ ଥିଲେ। ପରେ ଏ ନେଇ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ଚାନ୍ଦିଲି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା।

## ■ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇ ନ ପାରିବା ଘଟଣା

# ତଦନ୍ତ ଆରମ୍ଭ କଲା ପ୍ରଶାସନ

ରାମନାଗୁଡ଼ା, ୧୭(ଡି.ଏନ୍.ଏ.)

ଫର୍ମ ପୂରଣ କରିବା ସତ୍ତ୍ୱେ ଗୁଡାରୀ ହାଇସ୍କୁଲର ସ୍ନିଗ୍ଧା ସାହୁ ନାମ୍ନୀ ଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ପାରି ନ ଥିବା ଘଟଣାର ତଦନ୍ତ ଆରମ୍ଭ କରିଛି ଜିଲା ପ୍ରଶାସନ। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ବିଇଓ ବେଣୁଧର ଜାଲି ଏବଂ ପଦ୍ମପୁର ବିଇଓ ପ୍ରଶାନ୍ତ କୁମାର ନାୟକ ସୋମବାର ସ୍କୁଲକୁ ଯାଇ ଏହି ଘଟଣାର ତଦନ୍ତ କରିଛନ୍ତି। ପୂର୍ବରୁ ନିଲମ୍ବିତ ହୋଇଥିବା ଜଣେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଅନ୍ୟ ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ମଧ୍ୟ ସେମାନେ ଆଲୋଚନା କରିଥିଲେ। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ସ୍ନିଗ୍ଧାଙ୍କ ମା'ଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ତଦନ୍ତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପଠାଯିବ । ପ୍ରକାଶ ଯେ, ସ୍ନିଗ୍ଧା ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। କିନ୍ତୁ ଆଡମିଟ୍ କାର୍ଡ ଆସି ନ ଥିଲା। ତାଙ୍କ ଅଭିଭାବକ ଜିଲାପାଳଙ୍କୁ ଭେଟି ଦୋଷୀଙ୍କୁ ଦଣ୍ଡ ଦେବା ସହ ଝିଅ କିପରି ସପ୍ଲିମେଣ୍ଟାରୀ ପରୀକ୍ଷା ଦେବ ସେ ନେଇ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହି ଘଟଣାରେ ପ୍ରଶାସନ ପୂର୍ବରୁ ଦୁଇଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଲମ୍ବିତ କରିଥିଲା।

## ■ କିନ୍ନରଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରଶାସନର ପ୍ରୟାସ

# ୩ ଗୋଷ୍ଠୀକୁ ୧ଲକ୍ଷ ୫୦ ହଜାର ଟଙ୍କା ସହାୟତା


ସହାୟତା ରାଶି ପ୍ରଦାନ ଅବସରରେ କିନ୍ନରଙ୍କ ସହ ଅଧିକାରୀମାନେ।

ରାୟଗଡା ଅଫିସ୍, ୧୭–

କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସ୍ୱାବଲମ୍ବୀ କରିବା ପାଇଁ ସୋମବାର ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ମା' ହୀରାନିକା, ମା' ତାରିଣୀ ଏବଂ ଟି.କେ ବାଙ୍ଗାରାମ କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀକୁ ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶର୍ବଣା ବିବେକ ଏମ୍, ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜ ଏହି ଅର୍ଥ ରାଶି ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଗୋଷ୍ଠୀକୁ ୫୦ହଜାର ଟଙ୍କା ଲେଖାଏ ଦିଆଯାଇଛି। ମା' ହୀରାନିକା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ସାମନ୍ତ ଟାକିରି, ମା' ତାରିଣୀ ସଭାପତି ନୀଳାଞ୍ଚଳ ନାଗ ଏବଂ ବାଙ୍ଗାରାମ ସଭାପତି କନକ ହିମିରିକା ଉପସ୍ଥିତରହି ଏହି ସହାୟତା ରାଶି ଗ୍ରହଣ କରିଥିଲେ। ଏହି ଟଙ୍କାରେ ପନିପରିବା, ଛତୁଚାଷ, ଖଲି, ବ୍ୟାଗ ନିର୍ମାଣ ବ୍ୟବସାୟ କରିବେ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ କହିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ମଧ୍ୟ ଏହି ସମୟରେ ଉପସ୍ଥିତ ଥିଲେ।

### ସାଢେ ୭ଭରି ସୁନା, ୮୨ ହଜାର ଟଙ୍କା ଚୋରି

ଜେକେପୁର, ୧୭(ଡି.ଏନ୍.ଏ.)

ରାୟଗଡା ଜିଲା କୋଲନରା ବ୍ଲକ ଚାନ୍ଦିଲି ଥାନା ଅଧୀନ ରେଙ୍ଗାଲୁପାଡୁ ଗ୍ରାମର ନାଗବଂଶ ଜଗନ୍‌ଙ୍କ ଘରୁ ରବିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଛନ୍ତି। ସୋମବାର ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରକାଶ ଯେ, ଗତ ରବିବାର ବିଳମ୍ବିତ ରାତିରେ ଜଗନ୍ ଓ ତାଙ୍କ ପରିବାର ଶୋଇଥିବା ସୁଯୋଗ ନେଇ କେତେକ ଦୁର୍ବୃତ୍ତ ଘରେ ପଶିଥିଲେ। ଆଲମାରି ଭାଙ୍ଗି ସେଥିରେ ଥିବା ସାଢେ ୩ଭରି ସୁନା, ୫୦ହଜାର ସହ ଏକ ପେଡିରୁ ତାଲା ଭାଙ୍ଗି ୪ ଭରି ସୁନା ଓ ୧୨ହଜାର ଟଙ୍କା ଏବଂ ସୁଟ୍‌କେଶ ଭାଙ୍ଗି ସେଥିରେ ଥିବା ୨୦,୫୦୦ ଟଙ୍କା ଚୋରି କରି ନେଇଛନ୍ତି। ପରିବାର ଲୋକେ ଭୋରରୁ ଉଠି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଚାଷ କରିବାକୁ ଜଗନ୍ ବ୍ୟାଙ୍କରୁ ଋଣ ଆଣି ଟଙ୍କା ରଖିଥିଲେ। ଏ ନେଇ ଜଗନ୍ ସୋମବାର ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ।

## ■ ରେଳ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

# ଦୁଇ ଅଭିଯୁକ୍ତ ଗିରଫ


ଗିରଫ ଅଭିଯୁକ୍ତମାନେ।

ମୁନିଗୁଡା, ୧୭(ଡି.ଏନ୍.ଏ.)–

ରେଳ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ରାୟଗଡା ଜିଲା ମୁନିଗୁଡା ଆରପିଏଫ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅମ୍ବାଦଳା ଅଞ୍ଚଳର ଅକ୍ଷୟ କୁମାର ମେହେର ଓ ବସନ୍ତ କୁମାର। ଏ ନେଇ ସୋମବାର ଆରପିଏଫ ଆଇଆଇସି ଏମ୍.ଏମ୍. ଜଗତାପ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ଅମ୍ବାଦଳା ରେଳ ଫାଟକଠାରେ ଫାଟକ ଜଗୁଆଳିଙ୍କୁ ଦୁଇଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ଟଙ୍କା, ମୋବାଇଲ ଛଡାଇ ନେଇଥିଲେ। ଏହି ଘଟଣାରେ ମୁନିଗୁଡା ଆରପିଏଫ ଆଇଆଇସି ଜଗତାପଙ୍କ ନେତୃତ୍ୱରେ ଏକ ଟିମ ତଦନ୍ତ ଚଳାଇଥିଲା। ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ଟାଙ୍ଗିଆ, କାତି ଓ ମୋବାଇଲ ଜବତ କରାଯାଇଛି। କେସ୍ ନମ୍ବର ୨୭/୧୯ରେ ମାମଲା ରୁଜୁ କରି ଜିଆରପି ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଛି।

# ବନ ମହୋତ୍ସବ ପାଇଁ ସାମୂହିକ ଚାରା ରୋପଣ


ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବନ କର୍ମଚାରୀ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ।

ମୁନିଗୁଡ଼ା, ୧୭(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅଧୀନ କୁମୁଡାବାଲି ବାଲୁଙ୍କେଶ୍ୱର ଶୈବପୀଠ ପରିସରରେ ସୋମବାର ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସହକାରୀ ବନ ସଂରକ୍ଷକ ତଥା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନିଲ କୁମାର ରାୟଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜିଲା ଉନ୍ନୟନ ପରିଷଦ ଅଧକ୍ଷ ଜଗନ୍ନାଥ ନୁଣ୍ଡ୍ରକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ଆଦିତ୍ୟ ବାହିନୀ ବ୍ଲକ ସଭାପତି ଟଙ୍କଧର ଗାଜିବାଲି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥି ଓ ସ୍ଥାନୀୟ ଗ୍ରାମବାସୀ, କୁମୁଡ଼ାବାଲି ହାଇସ୍କୁଲ ଛାତ୍ରୀଛାତ୍ର, ଗଣମାଧ୍ୟମ ପ୍ରତିନିଧି, ବିଭାଗୀୟ କର୍ମଚାରୀମାନେ ମନ୍ଦିର ସଂଲଗ୍ନ ଜଙ୍ଗଲ ଜମିରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ମୁନିଗୁଡ଼ା ସମେତ ଆମ୍ବାଦଳା, ଚନ୍ଦ୍ରପୁର, ବିଷମକଟକ, ଡାଙ୍ଗସୋରଡ଼ା, ଦୁର୍ଗୀ ଅଞ୍ଚଳରେ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବ। ଚଳିତ ବର୍ଷ ୧ଲକ୍ଷ ଚାରା ବଣ୍ଟନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସେ କହିଛନ୍ତି। ବନପାଳ ହରିଶ୍ଚନ୍ଦ୍ର ମାର୍ଥା, ଚନ୍ଦ୍ରଶେଖର ସାହୁ, ଡମ୍ବରୁଧର ସେନାପତି, ପ୍ରଦ୍ୟୁମ୍ନ ବେହେରା, ଜୟଦେବ ନାୟକ ବେହେରା, ଅଦ୍ୱୈତ ପ୍ରଧାନ, ଗୌତମ ପଣ୍ଡା, ବନରକ୍ଷୀ ଅହଲ୍ୟା ପଣ୍ଡା, ଶକୁନ୍ତଳା ବେହେରା, ପୁଷ୍ପାଞ୍ଜଳି ନାୟକ, ରାମଚନ୍ଦ୍ର ସାମଲ, ପ୍ରଦୀପ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଲେଜ ଛାତ୍ରୀଙ୍କୁ ଅପହରଣ ମାମଲା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି, ୧୭(ଡି.ଏନ.ଏ.)– ଦିଗପହଣ୍ଡି ଥାନା ଇଲାକାର ଏକ କଲେଜରେ ଯୁକ୍ତ ୨ରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଟିମ୍ ଗିରଫ କରିଛି । ସୋମବାର ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମୁନ୍ନା ସେଠୀଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ଛାତ୍ରୀ ଜଣକ ଗତ ଏପ୍ରିଲ ୨୫ ତାରିଖ ଅପରାହ୍ନରେ ତାଙ୍କ ଗାଁ ନିକଟ ଏକ ବଜାରକୁ ଗିଫ୍ଟ କିଣିବା ପାଇଁ ଯାଇଥିଲେ । କିନ୍ତୁ ରାତି ଯାଏ ଘରକୁ ଫେରି ନ ଥିଲେ । ନିଖୋଜ ଘଟଣାର ୪ ଦିନ ପରେ ଛାତ୍ରୀଙ୍କ ବାପା ଏପ୍ରିଲ ୨୮ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ନଂ. ୮୭/୧୯ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିଲା ।

## ■ ଗୁଣପୁରରେ ବନ ମହୋତ୍ସବ

# ଗଛ ଲଗାଇବା ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଗୁଣପୁର, ୧୭(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାଲେରି ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜେକେ କାଗଜ କଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରତିନିଧି ଅଚ୍ୟୁତାନନ୍ଦ ମିଶ୍ର ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ କରାଯାଇଥିବା ବ୍ୟାପକ ବନୀକରଣ ନେଇ ସେ ସୂଚନା ଦେଇଥିଲେ। ଜଙ୍ଗଲ କ୍ଷୟ ଦ୍ୱାରା ପରିବେଶ ପ୍ରତି ବିପଦ ବଢୁଛି। ତେଣୁ ବୃକ୍ଷ ଲଗାଇବା ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଗୁଣପୁର, ଗୁଡାରୀ, ପଦ୍ମପୁର, ରାମନାଗୁଡା ଅଞ୍ଚଳରେ ବନୀକରଣ ପାଇଁ ୨୭ଲକ୍ଷ ଚାରା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ କେ.ରଜନୀକୁମାର ବୃକ୍ଷର ଉପକାରିତା ଉପରେ କହିଥିଲେ। ଶିକ୍ଷକ ଗୋପାଳକୃଷ୍ଣ ମହାପାତ୍ର, ,ଭାରତି ସାହୁ, ପ୍ରତିମା ପାଣିଗ୍ରାହୀ ଏବଂ କମ୍ପାନୀର ପି.ରାଜେଶ୍ୱରୀ, ସତ୍ୟ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭୂତକୋଠି ପାଲଟିଛି ବ୍ରିଟିଶ ଅମଳ ଡାକବଙ୍ଗଳା

ଚନ୍ଦ୍ରପୁର, ୧୭(ଡି.ଏନ୍.ଏ.)


ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରାଜସ୍ୱ ଡାକ ବଙ୍ଗଳା।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ସଦର ମହକୁମାସ୍ଥିତ ୧୦୦ ବର୍ଷର ପୁରୁଣା ରାଜସ୍ୱ ଡାକବଙ୍ଗଳା ଦୀର୍ଘ ଦିନ ହେଲାଣି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉ ଥିଲେ ମଧ ରକ୍ଷଣାବେକ୍ଷଣା ଅଭାବରୁ ତାହା ଏବେ ଭୂତକୋଠି ପାଲଟିଛି। ଇଂରେଜ ଶାସନ ସମୟରୁ ବ୍ୟବହୃତ ହୋଇ ଆସୁଥିବା ରାଜସ୍ୱ ବଙ୍ଗଳାରେ ଜୟପୁର ରାଜା ତଥା ରାଜ ପରିଷଦ ସଭ୍ୟମାନେ ଆସି ରାତ୍ର ଯାପନ କରି ପ୍ରଜାଙ୍କ ଠାରୁ କର ଆଦାୟ କରୁଥିଲେ। କାଳକ୍ରମେ ସରକାରଙ୍କ ରାଜସ୍ୱ ବିଭାଗ ଅଧୀନକୁ ଏହା ଯାଇଥିଲା। ବିଷମକଟକ ତହସିଲ କାର୍ଯ୍ୟାଳୟ ଅଧୀନରେ ଥିବା ସମୟରେ ତହସିଲଦାରଙ୍କ କ୍ୟାମ୍ପ କୋର୍ଟ ପ୍ରତି ୨ମାସକୁ ଥରେ ହେଉଥିଲା। ରାଜସ୍ୱ ନିରୀକ୍ଷକମାନେ ତାଙ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସହ ଏହି ବଙ୍ଗଳାରେ ମାସ ମାସ ଧରି ରାତି ଯାପନ କରି ରହୁଥିଲେ। ଜିଲାପାଳ, ଉପଜିଲାପାଳ ଚନ୍ଦ୍ରପୁର ଗସ୍ତ କରିବା ସମୟରେ ଏଠାରେ ରହି ଅଞ୍ଚଳବାସୀଙ୍କ ଗୁହାରୀ ଶୁଣୁଥିଲେ। କିନ୍ତୁ ରକ୍ଷଣାବେକ୍ଷଣା ଅଭାବରୁ ଏବେ ଏହା ଭୂତକୋଠି ପାଲଟିଛି। ବଙ୍ଗଳାକୁ ଲାଗି ଡାଙ୍ଗସୋରଡା ପୋଲିସ ଫାଣ୍ଡି ରହିଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର ଅସାମାଜିକ ବ୍ୟକ୍ତିମାନେ ଏଠାରେ ଆଡ୍ଡା ଜମାଉଛନ୍ତି। ସେମାନେ ବଙ୍ଗଳାର କବାଟ, ଝରକା, ଲୁହା ଗେଟକୁ ଭାଙ୍ଗି ଚୋରି କରି ନେଇଯାଇଛନ୍ତି। ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଏପରି ଅବସ୍ଥା ହେଉଛି ବୋଲି ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରଟୀକା ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମୁନା ନାୟକଙ୍କୁ ପଚାରିବାରୁ ମରାମତି, ରକ୍ଷଣାବେକ୍ଷଣ ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ ବୋଲି କହିଛନ୍ତି।

# ୫ ମାସ ହେଲା ମିଳୁନି ମୃତ୍ୟୁ ପ୍ରମାଣପତ୍ର

ରାୟଗଡା ଅଫିସ୍, ୧୭


ଅଭିଯୋଗ ଜଣାଇବାକୁ ଆସିଥିବା ମୃତକଙ୍କ ସମ୍ପର୍କୀୟ।

■ ବିଭିନ୍ନ ସରକାରୀ କାମରେ ଅସୁବିଧା ଭୋଗୁଛନ୍ତି ମୃତକଙ୍କ ପରିବାର

■ ଜିଲାପାଳଙ୍କୁ ଭେଟି ଦାବି ଜଣାଇଲେ ସମ୍ପର୍କୀୟ

ମୃତ୍ୟୁ ହେବାର ୫ମାସ ବିତିଗଲାଣି। କିନ୍ତୁ ଏଯାଏ ସେମାନଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳୁନି। ପ୍ରମାଣପତ୍ର ପାଇଁ ଦୌଡ ଦୌଡି ପରିବାରବର୍ଗ ନୟାନ୍ତ ହେଲେଣି। କିନ୍ତୁ ବିଭାଗୀୟ ଅଧିକାରୀମାନେ ଭୁଆଁ ବୁଲାଇ ଚାଲିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ନଥିବାରୁ ବୀମା ଟଙ୍କା, ବ୍ୟାଙ୍କ ଜମା ଓ ଅନ୍ୟ କାମରେ ଅସୁବିଧା ହେଉଛି ବୋଲି ମୃତକଙ୍କ ପରିବାର ସୋମବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ସହରର ରୟତ କଲୋନୀସ୍ଥିତ ପାର୍ବତୀ ଗୌଡ(୭୫)ଙ୍କ ମାର୍ଚ୍ଚ ୯ରେ ମୃତ୍ୟୁ ହୋଇଥିଲା। ସେହିଭଳି ମାର୍ଚ୍ଚ ୨୭ରେ ଏଲ୍.ରାମୁଲୁଆମ୍ମା(୮୦) ଏବଂ ବି.ସାବିତ୍ରୀ ଆମ୍ମା(୭୫)ଙ୍କ ମୃତ୍ୟୁ ହୋଇଥିଲା। ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତ୍ୟୁ ପ୍ରମାଣପତ୍ର ଆଣିବା ନିମନ୍ତେ ପରିବାର ଲୋକେ ଆବେଦନ କରିଲେ। ଆବେଦନ କରିବା ପରେ ହାଲୁଆ ସରପଞ୍ଚ ମୃତ୍ୟୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଏନ୍‌ଏମ୍ ମଧ୍ୟ ନିଜ ରିପୋର୍ଟ ଦାଖଲ କଲେ। ଏଭଳିକି ପୁରୀ ପୌର ପରିଷଦ ପକ୍ଷରୁ ପ୍ରଦାନ କରାଯାଉଥିବା ସ୍ୱର୍ଗଦ୍ୱାର ରସିଦ ମଧ୍ୟ ପାର୍ବତୀଙ୍କ ପରିବାର ପକ୍ଷରୁ ପ୍ରଦାନ କରାଯାଇଥିଲା। ତେବେ ବିଭାଗୀୟ ଅଧିକାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରି ଅଦ୍ୟାବଧି ମୃତକଙ୍କ ପରିବାରକୁ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି। ଫଳରେ ମୃତକଙ୍କ ଜୀବନ ବୀମା, ବ୍ୟାଙ୍କ ଜମା ଓ ଅନ୍ୟ ଆଇନଗତ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳିକି ମେ ୧୩ତାରିଖରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶକ୍ତିବ୍ରତ ମହାନ୍ତିଙ୍କୁ ସାକ୍ଷାତ୍‌କରି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିବା ସେମାନେ ସୂଚନା ଦେଇଛନ୍ତି। ତଥାପି ମଧ୍ୟ କେହି କର୍ଣ୍ଣପାତ କରିନଥିବା ସେମାନେ କହିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରିବାକୁ ସେମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗ ପାଇବାପରେ ଜିଲାପାଳ ପ୍ରମୋଦ କୁମାର ବେହେରା ତୁରନ୍ତ ଏ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।